# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଜୁଲାଇ ୧୧/୨୦୧୯ (୧୬ ପୃଷ୍ଠା) | Balasore, Thursday, July 11/2019 | ★★★★

୪୫ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ରିମା ଦାସଙ୍କ ଫିଲ୍ମ**

ରିମା ଦାସଙ୍କ ନିର୍ମିତ ଅହମିୟା ଫିଲ୍ମ 'ବୁଲ୍‌ବୁଲ୍ କ୍ୟାନ୍ ସିଙ୍ଗ୍' ଭାରତୀୟ ଫିଲ୍ମ ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶିତ ହେବ।

୦୨

୧୫

**ରାକ୍ଷୀଙ୍କୁ ସ୍ୱର୍ଣ୍ଣ**

ଅଷ୍ଟ୍ରେଲିଆର ଆପିଆଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପର ମହିଳା ୬୪ କିଗ୍ରା ବର୍ଗରେ ରାକ୍ଷୀ ହାଲଦର ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



# ରେଲଓ୍ୱେ ପାଇଁ ଓଡ଼ିଶାକୁ ୫୯୯୩ କୋଟି

- ଯାତ୍ରୀ ସୁବିଧା ପାଇଁ ୧୮୦ କୋଟି
- ୫ ନୂଆ ସର୍ଭେ କାର୍ଯ୍ୟ ଘୋଷଣା
- ଜୋନାଲ ରେଲଓ୍ୱେଗୁଡ଼ିକୁ ମିଳିବ ସ୍ୱତନ୍ତ୍ର କ୍ଷମତା
- ଲେଭଲ କ୍ରସିଂଗୁଡ଼ିକୁ ବାଦ ଦେବାକୁ ଗୁରୁତ୍ୱ
- ଅନ୍ତରୀଣ ବଜେଟରେ ଘୋଷଣା ହୋଇଥିଲା ୫୯୪୦ କୋଟି
- ଗତବର୍ଷ ମିଳିଥିଲା ୫୨୫୨ କୋଟି

ଭୁବନେଶ୍ୱର,୧୦।୭(ବ୍ୟୁରୋ)

ଚଳିତବର୍ଷ କେନ୍ଦ୍ର ବଜେଟରେ ଓଡ଼ିଶାରେ ରେଲଓ୍ୱେ ଭିତ୍ତିଭୂମି ବିକାଶ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ମୋଟ ୫୯୯୩ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ୫୯୪୦ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ। ଏଥିରେ ସାମାନ୍ୟ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

ଓଡ଼ିଶା ଲାଗି ଗତବର୍ଷ ବଜେଟରେ ୫୨୫୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ତୁଳନାରେ ଚଳିତ ବର୍ଷର ବ୍ୟୟ ବରାଦ ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବାଧିକ ବୋଲି ରେଲଓ୍ୱେ ପକ୍ଷରୁ କୁହାଯାଇଛି। ବିଭିନ୍ନ ପ୍ରକଳ୍ପର ଉନ୍ନତୀକରଣ, ଯାତ୍ରୀ ସୁବିଧାରେ ବୃଦ୍ଧି, ରେଳ ଟ୍ରାକ ମରାମତି, ଉନ୍ନତୀକରଣ, ରୋଡ୍ ଓଭରବ୍ରିଜ, ରୋଡ୍ ଅଣ୍ଡରବ୍ରିଜ, ବିଦ୍ୟୁତୀକରଣ ଭଳି ବିଭିନ୍ନ କ୍ଷେତ୍ରରେ ଏହି ପୁଞ୍ଜି ବିନିଯୋଗ କରାଯିବ। ଯାତ୍ରୀ ସୁବିଧାର ଉନ୍ନତୀକରଣ ଲାଗି ସର୍ବାଧିକ ୧୮୦ କୋଟି ଟଙ୍କା ଚଳିତ ବର୍ଷ ପ୍ରଦାନ କରାଯାଇଛି।

ଓଡ଼ିଶାରେ ୫ ନୂଆ ସର୍ଭେ ଲାଗି ରେଲଓ୍ୱେ ଘୋଷଣା କରିଛି। ଭୁବନେଶ୍ୱର କୋଚିଂ ଡିପୋରେ ୨ ଅଟୋମେଟିକ ଓ୍ୱାଶିଂ ପ୍ଲାଣ୍ଟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି କୋଚ୍ ମେଣ୍ଟେନାନ୍ସ ଫାସିଲିଟି ଉନ୍ନତୀକରଣ ଲାଗି ଜୋନାଲ ରେଲଓ୍ୱେଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ ପ୍ରସ୍ତାବ ରହିଛି। ପୂର୍ବତଟ ରେଳପଥ ପରିସରରେ ଥିବା ଲେଭଲ କ୍ରସିଂଗୁଡ଼ିକୁ ହଟାଇ ରୋଡ୍ ଓଭରବ୍ରିଜ ଏବଂ ରୋଡ୍ ଅଣ୍ଡରବ୍ରିଜ ନିର୍ମାଣ କରିବାକୁ ଗୁରୁତ୍ୱ ଦିଆଯାଇଛି। ୮୨ କିମି ବିଶିଷ୍ଟ ହରିଦାସପୁର-ପାରାଦୀପ ଲାଇନ ଲାଗି ଚଳିତ ବଜେଟରେ ୪୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହାବାଦ୍ ନୂଆ ଲାଇନ ବିଛାଇବା, ଲାଇନ ଦୋହରୀକରଣ, ଓ୍ୱାର୍କଶପ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଲାଗି ଅର୍ଥବ୍ୟୟ ବରାଦ କରାଯାଇ ଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

### ନୂଆ ପ୍ରକଳ୍ପ ଓ ବ୍ୟବସ୍ଥା

- ବାଘୁଆପାଲଠାରେ ଫ୍ଲାଏଓଭର
- କୋଚ୍ ପରିଚାଳନା ଓ ମରାମତି ଲାଗି ଅର୍ଥ ବ୍ୟବସ୍ଥା
- ଭୁବନେଶ୍ୱରରେ ୨ ଅଟୋମେଟିକ କୋଚ୍ ଓ୍ୱାଶିଂ ପ୍ଲାଣ୍ଟ
- ମଞ୍ଚେଶ୍ୱର ଓ୍ୱାର୍କଶପ ଲାଗି ନୂଆ ହ୍ୱିଲ ଲେଦ୍
- ଅନୁଗୋଳରେ ଇଲେକ୍‌ଟ୍ରିକ ଲୋକୋ ଶେଡ୍, ବଣ୍ଡାମୁଣ୍ଡାରେ ନୂଆ ବ୍ୟବସ୍ଥା

### ନୂଆ ସର୍ଭେ କାର୍ଯ୍ୟ

- ରାଜାଆଠଗଡଠାରୁ କାଇପଦର ରୋଡ୍
- ୧୦ ଫ୍ଲାଏ ଓଭର (ଟିଟଲାଗଡ,ସିଙ୍ଗାପୁରରୋଡ, ହରିଦାସପୁର, କୋରାପୁଟ, ସମ୍ବଲପୁର, ମାଛପୁର, ଯାଜପୁରରୋଡ, ସମ୍ବଲପୁରସିଟି, ସର୍ଲା, ଗୋପାଳପୁର ପୋର୍ଟ)
- ତାଳଚେରଠାରୁ ଅନୁଗୋଳ କର୍ଡ ଲାଇନ
- ଟିଟଲାଗଡ-ରେହେନବତାଠାରୁ ସିକିରି ବାଏପାସ୍
- ମାଲବାହୀ ଟ୍ରେନ ପାଇଁ କଟକରେ ଫ୍ଲାଏଓଭର

ଓଡ଼ିଶାର କେଉଁ ରେଳ ପ୍ରକଳ୍ପ ପାଇଁ କେତେ ଅର୍ଥ ▶ ପୃଷ୍ଠା ୭

## କର୍ଣ୍ଣାଟକ ବାଚସ୍ପତିଙ୍କ ବିରୋଧରେ ସୁପ୍ରିମକୋର୍ଟ ଗଲେ ୧୦ ବିଧାୟକ

ନୂଆଦିଲ୍ଲୀ,୧୦।୭(ପି.ଟି.): କର୍ଣ୍ଣାଟକରେ ଦେଖାଦେଇଥିବା ରାଜନୈତିକ ସଙ୍କଟ କ୍ରମଶଃ ବଢ଼ିବାରେ ଲାଗିଛି। ବିଧାନସଭା ବାଚସ୍ପତି କେ.ଆର୍. ରମେଶ କୁମାର ସାମ୍ବିଧାନିକ କର୍ତ୍ତବ୍ୟ ନିର୍ବାହ କରୁନାହାନ୍ତି ଏବଂ ଜାଣିଶୁଣି ସେମାନଙ୍କ ଇସ୍ତଫା ଗ୍ରହଣ କରାଯାଉ ନ ଥିବା ଦର୍ଶାଇ କଂଗ୍ରେସ ଓ ଜେଡିଏସ୍‌ର ୧୦ ବିଦ୍ରୋହୀ ବିଧାୟକ ବୁଧବାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଧାୟକମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କୋର୍ଟରେ ହାଜର ହୋଇ ମାମଲାର ତ୍ୱରିତ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣି କରିପାରନ୍ତି ବୋଲି ଜଣାପଡ଼ିଛି। ରୋହତଗୀ କୋର୍ଟଙ୍କୁ କହିଥିଲେ, ବିଧାୟକମାନେ ବିଧାନସଭା ସଦସ୍ୟ ପଦରୁ ଇସ୍ତଫା ଦେଇସାରିଛନ୍ତି ଓ ସେମାନେ ସାନି ନିର୍ବାଚନ ଲଢ଼ିବା ପାଇଁ ଚାହୁଁଛନ୍ତି। ବାଚସ୍ପତି ପକ୍ଷପାତିତା କରିବା ସହ ଜାଣିଶୁଣି ଇସ୍ତଫାପତ୍ର ଗ୍ରହଣ କରୁନାହାନ୍ତି। ସଂଖ୍ୟାଲଘୁରେ ପରିଣତ ହୋଇଥିବା ସରକାରଙ୍କୁ ବାଚସ୍ପତି ସୁରକ୍ଷା ଦେଉଛନ୍ତି ବୋଲି ବିଦ୍ରୋହୀ ବିଧାୟକମାନେ ଅଭିଯୋଗ ଆଣିଛନ୍ତି। ମାମଲାର ଶୁଣାଣି ବୁଧବାର କିମ୍ବା ଗୁରୁବାର କରିବା ଲାଗି ରୋହତଗୀ ଚାପ ପକାଇବା ପରେ ଖଣ୍ଡପୀଠ ଅନୁଧ୍ୟାନ କରିବେ ବୋଲି କହିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ ଅଛନ୍ତି। ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ଲାଗି ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ବିଦ୍ରୋହୀ ବିଧାୟକମାନେ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ୧୨ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବ। ସେହିଦିନ ବିଧାୟକମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ବିଚାର ପୂର୍ବରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଉଦ୍ୟମ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଇସ୍ତଫା ଦେଇଥିବା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି କଂଗ୍ରେସ ମଧ୍ୟ ବାଚସ୍ପତିଙ୍କ ନିକଟରେ ଆବେଦନ କରିଛି।

**ଆଜିର ସମ୍ପାଦକୀୟ**

କବକମାରୀ ବ୍ୟବହାରର ବିପଦ

**ଆଜିର ମନ୍ତବ୍ୟ**

"କର୍ଣ୍ଣାଟକରେ ଦଳର ଆଭ୍ୟନ୍ତରୀଣ ସମସ୍ୟା ନେଇ ରାଜ୍ୟ ସଭାରେ ବ୍ୟାଘାତ ସୃଷ୍ଟି କରୁଛି କଂଗ୍ରେସ।

-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 10.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 88 | 142 | 152 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 85 | 139 | 149 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


# ବିଶ୍ୱକପ୍‌ରୁ ଭାରତ ବିଦା





ସେମିଫାଇନାଲରେ ଭାରତ ହାରିବା ପରେ ନିରାଶ ଭାରତୀୟ କ୍ରିକେଟ୍‌ପ୍ରେମୀ

**ସେମିଫାଇନାଲରେ ୧୮ ରନରେ ହରାଇଲା ନ୍ୟୁଜିଲାଣ୍ଡ**

ମାଞ୍ଚେଷ୍ଟର, ୧୦।୭


ଭାଗ୍ୟ ସାଥ୍ ଦେଲାନି। ଲିଗ୍ ପର୍ଯ୍ୟାୟରେ ଚମକପ୍ରଦ ପ୍ରଦର୍ଶନ କରି ଆଇସିସି ବିଶ୍ୱକପ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିବା ଟିମ୍ ଇଣ୍ଡିଆର ଅଭିଯାନ ସେମିଫାଇନାଲରୁ ଶେଷ ହେଲା। ଟପ୍ ଅର୍ଡରର ପ୍ରଥମ ୩ ଖେଳାଳିଙ୍କୁ ନେଇ ଚର୍ଚ୍ଚାରେ ରହିଥିବା ଭାରତ ଶେଷରେ ସେହି ୩ ଖେଳାଳିଙ୍କ ବିଫଳତା ଯୋଗୁ ପରାଜୟ ଭୋଗିଲା। ବର୍ଷା ଯୋଗୁ ୨ ଦିନରେ ଶେଷ ହୋଇଥିବା ସେମିଫାଇନାଲରେ ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୪୦ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ୪୯.୩ ଓଭରରେ ୨୨୧ ରନକରି ଅଲଆଉଟ ହେଲା। ଫଳରେ ନ୍ୟୁଜିଲାଣ୍ଡଠାରୁ ୧୮ ରନରେ ହାରିଲା ବିରାଟ କୋହଲିଙ୍କ ଟିମ୍ ଇଣ୍ଡିଆ। ରୋହିତ ଶର୍ମା ୧, ଲୋକେଶ ରାହୁଲ ୧ ଓ ଅଧିନାୟକ ବିରାଟ କୋହଲି ୧ ରନରେ ଆଉଟ ହେବାରୁ ଭାରତ ଲଜ୍ଜାଜନକ ସ୍ଥିତିରେ ପହଞ୍ଚି ଯାଇଥିଲା। ମଧ୍ୟଭାଗରେ ରିଷଭ ପନ୍ତ(୩୨), ହାର୍ଦ୍ଦିକ ପାଣ୍ଡ୍ୟା(୩୨) ଏବଂ ଶେଷଭାଗରେ ମହେନ୍ଦ୍ର ସିଂ ଧୋନୀ(୫୦) ଓ ରବୀନ୍ଦ୍ର ଜାଡେଜା(୭୭) ଲଢ଼େଇ କଲେ, ମାତ୍ର ତାହା ପର୍ଯ୍ୟାପ୍ତ ହେଲାନି। ୨ ଥର ଚାମ୍ପିୟନ ଭାରତର ଆଶା ଏଥର ଆଶାରେ ହିଁ ରହିଗଲା। ବିଜୟ ପାଇଁ ୧୪ ବଲରୁ ୩୨ ରନ ଆବଶ୍ୟକ ହେଉଥିବାବେଳେ ରବୀନ୍ଦ୍ର ଜାଡେଜାଙ୍କ ଆଉଟ ମ୍ୟାଚର ଟର୍ନିଂ ପଏଣ୍ଟ ଥିଲା। ଶେଷ ଆଶା ଧୋନୀ ରନଆଉଟ ହେବାସହ ମ୍ୟାଚ ନ୍ୟୁଜିଲାଣ୍ଡ ହାତକୁ ଚାଲି ଯାଇଥିଲା।

# 'ଓଡ଼ିଶା ହେବ ୧ ଟ୍ରିଲିୟନ ଡଲାରର ଅର୍ଥନୀତି'

ଭୁବନେଶ୍ୱର,୧୦।୭(ବ୍ୟୁରୋ)

୨୦୫୦ ସୁଦ୍ଧା ଓଡ଼ିଶା ୧ ଟ୍ରିଲିୟନ(୧ ଲକ୍ଷ କୋଟି) ଡଲାର ଅର୍ଥନୀତି ହେବ। ଭିଜନ୍ ଡକ୍ୟୁମେଣ୍ଟରେ ରାଜ୍ୟବାସୀଙ୍କୁ ରାଜ୍ୟ ସରକାର ଏମିତି ସ୍ୱପ୍ନ ଦେଖାଇଛନ୍ତି। ଜେଏସଡବ୍ଲ୍ୟୁ ଓ ପିଡବ୍ଲ୍ୟୁସି ଇଣ୍ଡିଆ ପକ୍ଷରୁ ଏମିତି ଏକ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟଠାରେ ଭିଜନ୍ ରିପୋର୍ଟ 'ଇକୋନୋମିକ ପସିବିଲିଟି ଫର ଓଡ଼ିଶା ଟୁଓ୍ୱାର୍ଡସ ଓ୍ୱାନ ଟ୍ରିଲିୟନ ଡଲାର ଇକୋନୋମି-୨୦୫୦'ର ଉନ୍ମୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଛି। ଏହାକୁ ଆଧାର କରି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବ। ରାଜ୍ୟ ୧ ଟ୍ରିଲିୟନ ଡଲାର ଅର୍ଥନୀତି ମଧ୍ୟ ହୋଇପାରିବ। ଅନୁକୂଳ ପୁଞ୍ଜିନିବେଶ ନୀତି, ଉନ୍ନତ ଭିତ୍ତିଭୂମି ଏବଂ ଦକ୍ଷ ମାନବସମ୍ବଳ ଯୋଗୁ ଓଡ଼ିଶା ଏହି ଲକ୍ଷ୍ୟ ହାସଲ କରିପାରିବ। ମାନୁଫାକ୍ଚରିଂ ହବ୍ ଭାବେ ଓଡ଼ିଶା ଜାତୀୟ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି। ବିଶ୍ୱ ଅର୍ଥନୀତି ଗତ ୩ ଦଶନ୍ଧି ମଧ୍ୟରେ ୩ ଥର ବୃଦ୍ଧି ହୋଇଛି। ଆସନ୍ତା ୨୦୫୦ ବେଳକୁ ଏହା ଦୁଇଗୁଣ ହେବାର ସମ୍ଭାବନା ରହିଛି। ରାଜ୍ୟର ଖଣିଜ ସମ୍ପଦ, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମହିଳା ଉଦ୍ୟୋଗୀ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

**ଭିଜନ୍ ରିପୋର୍ଟ-୨୦୫୦ ଉନ୍ମୋଚିତ**



ଜେଏସଡବ୍ଲ୍ୟୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଗଣମାଧ୍ୟମକୁ କହିଛନ୍ତି ଓଡ଼ିଶା ହେଉଛି ଭାରତର ଲୁକ୍କାୟିତ ରତ୍ନ। ଓଡ଼ିଶା ପାଖରେ ଯାହା କିଛି ଖଣିଜ ସମ୍ପଦ ରହିଛି ତାହାକୁ ଠିକ୍ ଭାବେ ପରିଚାଳନା କରାଗଲେ ମୁଖ୍ୟମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ହୋଇପାରିବ ବୋଲି ସେ କହିଛନ୍ତି।

ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଅସାଧାରଣ ପ୍ରତିଯୋଗିତା ଦକ୍ଷତା ରହିଛି। ବିଶ୍ୱରେ ଏହି ରାଜ୍ୟ ଖଣିଜ ସମ୍ପଦ ରପ୍ତାନିରେ ଏକ ନମ୍ବର ହବ୍‌ରେ ପରିଣତ ହେବ ବୋଲି ଭିଜନ୍ ରିପୋର୍ଟରେ କୁହାଯାଇଛି। ଏହି ଅବସରରେ ପିଡବ୍ଲ୍ୟୁସିର ଅଂଶୀଦାର ରାନିନ ବାନାର୍ଜୀ ଭିଜନ୍ ରିପୋର୍ଟରେ ପ୍ରମୁଖ ବିଷୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାର, ଜେଏସ୍‌ଡବ୍ଲ୍ୟୁ, ପିଡବ୍ଲ୍ୟୁସି ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଗେଷ୍ଟ ହାଉସ୍‌ରେ ୨ ଯୁବତୀଙ୍କୁ ଗଣବଳାତ୍କାର

ଭୋଗରାଇ,୧୦।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାବର୍ତ୍ତୀ କିଆଗଡ଼ିଆ ମଠ ସମ୍ମୁଖରେ ଥିବା ସୁଭଦ୍ରା ଗେଷ୍ଟ ହାଉସ୍‌ରେ ୨ଜଣ ବଙ୍ଗୀୟ ଯୁବତୀ (୧୯ ଓ ୨୫ ବର୍ଷ)ଙ୍କୁ ମଙ୍ଗଳବାର ରାତିରେ ଗଣବଳାତ୍କାର କରାଯାଇଛି। ବଳାତ୍କାରର ଶିକାର ହୋଇଥିବା ଦୁଇ ଯୁବତୀ ବୁଧବାର ସକାଳେ କୌଣସି ପ୍ରକାରେ ଗେଷ୍ଟ ହାଉସ୍‌ରୁ ଖସି ବାହାରକୁ ପଳାଇ ଆସିଥିଲେ। ଜଣେ ଯୁବତୀ ଦୌଡ଼ିଦୌଡ଼ି ନିକଟସ୍ଥ ଗାଁକୁ ଚାଲିଆସିଥିଲେ। ଅନ୍ୟ ଜଣେ ଯୁବତୀ ଚାଲି ଚାଲି ୩ କି.ମି. ଦୂର ସୀମାବର୍ତ୍ତୀ ଦୀଘାକୁ ପଳାଇ ଯାଇଥିଲେ। ଗେଷ୍ଟ ହାଉସ୍ ନିକଟସ୍ଥ ଗାଁକୁ ପଳାଇଯାଇଥିବା ଯୁବତୀ ଜଣକ ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ସମସ୍ତ ଘଟଣା ଜଣାଇଥିଲେ। ସ୍ଥାନୀୟ ଯୁବକମାନେ ଏକଥା ଶୁଣି ପୀଡ଼ିତାଙ୍କୁ ତାଳସାରୀ ମେରାଇନ୍ ଥାନା ପୋଲିସ ଜିମା ଦେଇଥିଲେ । ଅନ୍ୟ ଯୁବତୀ ଜଣକ ଦୀଘା ନିକଟକୁ ଚାଲିଯିବା ପରେ ସେଠାରେ କେତେକ ଯୁବକ ତାଙ୍କୁ ଉଦ୍ଧାର କରି ଏକ ଅଟୋ ରିକ୍ସା ଯୋଗେ ଗେଷ୍ଟ ହାଉସକୁ ଆଣିଥିଲେ। ଯୁବତୀଙ୍କ ମୋବାଇଲ୍ ଫୋନ ଓ ଜିନିଷପତ୍ର ଫେରାଅ ବୋଲି ସେମାନେ ଦାବି କରି ଗେଷ୍ଟ ହାଉସ କର୍ମଚାରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏଭଳି ଗଣ୍ଡଗୋଳ ଘଟିବାରୁ ସ୍ଥାନୀୟ ଯୁବକ ଏନେଇ ତାଳସାରୀ ମେରାଇନ୍ ଥାନାକୁ ଜଣାଇଥିଲେ। ପୋଲିସ ସେଠାରେ ପହଞ୍ଚି ସେହି ଯୁବତୀଙ୍କୁ ଥାନାକୁ ନେଇ ଆସିଥିଲା। ପରେ ପୋଲିସ ଉଭୟ ପୀଡ଼ିତାଙ୍କୁ ଥାନାରେ ପଚରାଉଚରା କରିଥିଲା। କେତେଜଣ ଦଲାଲ ସେମାନଙ୍କୁ ପଶ୍ଚିମବଙ୍ଗରୁ ଆଣି ମଙ୍ଗଳବାର ଭୋଗରାଇସ୍ଥିତ ଉକ୍ତ ଗେଷ୍ଟ ହାଉସ୍‌ରେ ରଖିଥିଲେ। ରାତିରେ ଗେଷ୍ଟ ହାଉସ୍ କର୍ମଚାରୀ ସେମାନଙ୍କୁ ବଳାତ୍କାର କରିଥିବା ସେମାନେ ପୋଲିସକୁ କହିଥିଲେ। ଦେହ ଦଲାଲଙ୍କ ହାବୁଡ଼ରେ ପଡ଼ି ଏହି ଯୁବତୀ ଦ୍ୱୟ ଶାରୀରିକ ନିର୍ଯାତନାର ଶିକାର ହୋଇଥିବା ସନ୍ଦେହ କରି ପୋଲିସ ସେମାନଙ୍କ ପରିବାର ସହ ଯୋଗାଯୋଗ କରିଥିଲା। ଅପରପକ୍ଷେ ଗେଷ୍ଟ ହାଉସ୍‌ର ମ୍ୟାନେଜରଙ୍କ ସମେତ ସମସ୍ତ କର୍ମଚାରୀ ଫେରାର ହୋଇ ଯାଇଥିବାରୁ ତଦନ୍ତ କାର୍ଯ୍ୟ ଆଗେଇ ପାରି ନ ଥିଲା। ପରେ ପୀଡ଼ିତା ଦ୍ୱୟଙ୍କ କେତେଜଣ ସମ୍ପର୍କୀୟ ପଶ୍ଚିମବଙ୍ଗରୁ ଆସି ମେରାଇନ ଥାନାରେ ପହଞ୍ଚିଥିଲେ। ମେରାଇନ ଥାନା ଅଧିକାରୀ ତୁଶୀଲ ମାଝି ଏହି ସୂଚନା ଦେଇ କହିଛନ୍ତି, ପୀଡ଼ିତାମାନେ ବାରମ୍ବାର ବୟାନ ବଦଳାଉଛନ୍ତି। ମାମଲା ରୁଜୁ ହେବା ପରେ ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରାଯିବ । ଜଳେଶ୍ୱର ଏସଡିପିଓ ସୁଦର୍ଶନ ଦାଶ ଅପରାହ୍ନରେ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିବା ପରେ ସୁଭଦ୍ରା ଗେଷ୍ଟ ହାଉସକୁ ସିଲ୍ କରାଯାଇଛି।

ପଶ୍ଚିମବଙ୍ଗର ଦେହ ଦଲାଲମାନେ ସେମାନଙ୍କ ବ୍ୟବସାୟ ଭୋଗରାଇ ଅଞ୍ଚଳକୁ ବିସ୍ତାର କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି। ୨ ବର୍ଷ ତଳେ ଏହି ଗେଷ୍ଟ ହାଉସ୍‌ରୁ ୨ ଜଣ ଯୁବତୀଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରିଥିବା କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଗରିବ ଝିଅଙ୍କୁ କିଭଳି ପ୍ରଲୋଭିତ କରି ଦେହ ବ୍ୟବସାୟରେ ଲିପ୍ତ କରାଯାଉଛି ତାହାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।






"ଦେଶରେ ସକାରାତ୍ମକ ବାତାବରଣ ସୃଷ୍ଟି ଲାଗି ସମାଜର ପ୍ରତ୍ୟେକ ସଦସ୍ୟଙ୍କ ଅବଦାନ ଆବଶ୍ୟକ।
- ମୁଖ୍‌ତାର ଆବାସ ନକ୍‌ଭି, କେନ୍ଦ୍ରମନ୍ତ୍ରୀ

# ହୋଟେଲରେ ହାଇଡ୍ରାମା: ୧୪୪ ଧାରା

## ମୁମ୍ବାଇରେ ଶିବକୁମାର, ବେଙ୍ଗାଲୁରୁରେ ଆଜାଦ ଅଟକ

ବେଙ୍ଗାଲୁରୁ/ମୁମ୍ବାଇ,୧୦।୭(ପି.ଟି.)

କର୍ଣ୍ଣାଟକର ବିଦ୍ରୋହୀ ବିଧାୟକମାନେ ରହିଥିବା ମୁମ୍ବାଇର ଏକ ବିଳାସପୂର୍ଣ୍ଣ ହୋଟେଲ ବାହାରେ ବୁଧବାର ହାଇଡ୍ରାମା ଦେଖିବାକୁ ମିଳିଛି। ମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ବିଧାୟକଙ୍କ ସହ ସାକ୍ଷାତ କରାଇ ଦିଆ ନ ଯାଇ ଅଟକ ରଖାଯାଇଛି। ସେହିପରି ବେଙ୍ଗାଲୁରୁରେ ରାଜଭବନ ବାହାରେ ବିକ୍ଷୋଭ ବେଳେ କଂଗ୍ରେସ-ଜେଡିଏସ୍ ନେତାମାନଙ୍କୁ ଅଟକ ରଖାଯାଇଛି। ଏସବୁ ଭିତରେ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ତାଙ୍କ ନିକଟରେ ସଂଖ୍ୟାଗରିଷ୍ଠତା ଥିବା ଦାବିକରି ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଇସ୍ତଫା ଦାବି କରିଛନ୍ତି। କର୍ଣ୍ଣାଟକରେ କ୍ଷମତାଯୁଦ୍ଧ ପାଇଁ ଚାଲିଥିବା ଏହି କସରତ ମହାରାଷ୍ଟ୍ର ଓ ଦିଲ୍ଲୀକୁ ମଧ୍ୟ ସରଗରମ କରିଛି।


କଂଗ୍ରେସର ୭, ଜେଡିଏସ୍‌ର ୩ ଓ ଦୁଇ ସ୍ୱାଧୀନ ବିଧାୟକ ଶନିବାର ଇସ୍ତଫା ଦେବା ପରଠୁ ପୋଓ୍ୱାଇ ଅଞ୍ଚଳର ହୋଟେଲ ରିନେସାଁରେ ଅଛନ୍ତି। କର୍ଣ୍ଣାଟକର ମନ୍ତ୍ରୀ ଡି.କେ. ଶିବକୁମାର, କଂଗ୍ରେସ ନେତା ମିଲିନ୍ଦ ଦେଓରା ଓ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ନସମ୍ ଖାନ୍ ଉକ୍ତ ହୋଟେଲକୁ ବିଧାୟକମାନଙ୍କୁ ଭେଟିବା ପାଇଁ ସକାଳ ୮ଟା ୨୦ରେ ଯାଇଥିବାବେଳେ ବାହାରେ ସେମାନଙ୍କୁ ରୋକାଯାଇଥିଲା। ଶିବକୁମାର ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଉଥିବାବେଳେ ପୋଲିସ ତାଙ୍କୁ ଜବରଦସ୍ତ ଟାଣିନେଇ ଏକ ଭ୍ୟାନ୍‌ରେ ବସାଇଥିଲା। ପରେ ଏହି ୩ ନେତାଙ୍କୁ ବିକେସି ପୋଲିସ ଗେଷ୍ଟ ହାଉସ୍‌କୁ ନିଆଯାଇଥିଲା। ଅସନ୍ତୁଷ୍ଟ ବିଧାୟକମାନେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ମୁମ୍ବାଇ ପୋଲିସକୁ ଚିଠି ଲେଖି ସୁରକ୍ଷା ମାଗିଛନ୍ତି। ସେମାନେ 'ଶିବକୁମାର ଗୋ ବ୍ୟାକ୍' ବୋଲି ସ୍ଲୋଗାନ ଦେବା ପରେ ହୋଟେଲ ବାହାରେ ୧୪୪ ଧାରା ଜାରି କରାଯାଇଛି।

ଇତିମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ ଓ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ବେଙ୍ଗାଲୁରୁସ୍ଥିତ ରାଜଭବନ ବାହାରେ ବିକ୍ଷୋଭ କରୁଥିବାବେଳେ ସେମାନଙ୍କୁ ଅଟକ ରଖାଯାଇଥିଲା। ଜେଡିଏସ୍ ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡ଼ା ମଧ୍ୟ ସେଠାକୁ ଯାଇ ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇ କହିଥିଲେ, ମୁମ୍ବାଇ ହୋଟେଲରେ ୧୨ ବିଦ୍ରୋହୀ ବିଧାୟକଙ୍କୁ ଶିବକୁମାର ଭେଟିବାକୁ ଯାଇଥିବାବେଳେ ତାଙ୍କୁ ରୁମ୍ ବୁକ୍ କରିବାକୁ ନ ଦେଇ ଅଟକ ରଖିବା ଦୁର୍ଭାଗ୍ୟଜନକ। ଦେଶରେ ଏବେ ଜରୁରିକାଳୀନ ପରିସ୍ଥିତିଠାରୁ ମଧ୍ୟ ଖରାପ ସ୍ଥିତି ସୃଷ୍ଟି ହୋଇଛି, ଯାହାକି ସେ ତାଙ୍କର ୬୦ ବର୍ଷର ରାଜନୈତିକ ଜୀବନରେ କେବେ ଦେଖି ନ ଥିଲେ। ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି। ଗଣତନ୍ତ୍ରର ସୁରକ୍ଷା ପାଇଁ ରାଜନୈତିକ ଦଳଗୁଡ଼ିକ ଭେଦଭାବ ଭୁଲି ଏକାଠି ହେବା ଜରୁରୀ। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିଛନ୍ତି, ଅସନ୍ତୁଷ୍ଟ ବିଧାୟକମାନେ ଇସ୍ତଫା ଦେବା ପୂର୍ବରୁ ଜନମତ ଲୋଡ଼ିନାହାନ୍ତି। ସେମାନେ ଟଙ୍କା ଓ କ୍ଷମତା ଲୋଭରେ ମୁମ୍ବାଇ ଯାଇଛନ୍ତି। ସେମାନଙ୍କୁ କଂଗ୍ରେସ ଏବଂ ଜେଡିଏସ୍ କର୍ମୀମାନେ ରାଜ୍ୟରେ ଯାତ୍ରା କରିବାକୁ ଦେବେନାହିଁ। ଏଭଳି ସ୍ଥିତି ସୃଷ୍ଟି କରାଯିବ ସେପରିକି ବିଧାୟକମାନେ ଲୋକଙ୍କୁ ଭେଟିପାରିବେ ନାହିଁ। ପ୍ରକାଶ ଯେ, ଇସ୍ତଫା ଦେଇଥିବା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ବାଚସ୍ପତିଙ୍କ ନିକଟରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଦାବି କରାଯାଇଛି।

**ଜରୁରୀ ପରିସ୍ଥିତିଠାରୁ ବି ଜଟିଳ: ଦେବେଗୌଡ଼ା**



ମୁମ୍ବାଇ ହୋଟେଲ ବାହାରେ କଂଗ୍ରେସ ନେତା ମିଲିନ୍ଦ ଦେଓରା, ଡି.କେ. ଶିବକୁମାର ଓ ନସିମ୍ ଖାନ୍‌ଙ୍କୁ ଭ୍ୟାନ୍‌ରେ ବସାଇ ନେଉଛି ପୋଲିସ।



ଭାଜପା ବିରୋଧରେ ଘୋଡ଼ାବେପାର ଅଭିଯୋଗ ଆଣି ଗୁଲାମନବୀ ଆଜାଦ ଓ ଅନ୍ୟ କଂଗ୍ରେସ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଆଉ ୨ କଂଗ୍ରେସ ବିଧାୟକଙ୍କ ଇସ୍ତଫା

ବେଙ୍ଗାଲୁରୁ,୧୦।୭(ପି.ଟି.)

କର୍ଣ୍ଣାଟକର ଆଉ ଦୁଇଜଣ କଂଗ୍ରେସ ବିଧାୟକ ବୁଧବାର ଇସ୍ତଫା ଦେଇଛନ୍ତି। ଗୃହ ନିର୍ମାଣ ମନ୍ତ୍ରୀ ଏମ୍.ଟି.ବି. ନାଗରାଜ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ କେ. ସୁଧାକର ବିଧାନସଭାରେ ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ଅପରାହ୍ନ ୪ଟାରେ ସେମାନଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଫଳରେ ଇସ୍ତଫା ଦେଇଥିବା ଅସନ୍ତୁଷ୍ଟ ବିଧାୟକଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରାଗଲେ ୨୨୪ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଶାସକ କଂଗ୍ରେସ-ଜେଡିଏସ୍ ବିଧାୟକଙ୍କ ସଂଖ୍ୟା ୧୦୦କୁ ଖସିଆସିବ।

■ ମୁଜାହିଦିନମାନଙ୍କୁ ଅଲ୍-କାଏଦା ମୁଖ୍ୟଙ୍କ ପରାମର୍ଶ

# ଭାରତ ବିରୋଧରେ ଜେହାଦ କର

ନୂଆଦିଲ୍ଲୀ,୧୦।୭(ପି.ଟି.)



ଅୟମନ୍ ଅଲ୍-ଜଓ୍ୱାହିରି

କଶ୍ମୀର ପ୍ରସଙ୍ଗକୁ ନେଇ ଅଲ୍-କାଏଦା ଆତଙ୍କବାଦୀ ସଂଗଠନର ମୁଖ୍ୟ ଅୟମନ୍ ଅଲ୍-ଜଓ୍ୱାହିରି ଭାରତକୁ ଧମକ ଦେଇଛନ୍ତି। ଭାରତୀୟ ସେନା ଓ ଜମ୍ମୁ-କଶ୍ମୀର ସରକାର ଉପରେ ନିର୍ମମ ଆକ୍ରମଣ ପାଇଁ ଜଓ୍ୱାହିରି କଶ୍ମୀରର ମୁଜାହିଦିନମାନଙ୍କୁ ପରାମର୍ଶ ଦେଇଛି। ଅଲ୍‌କାଏଦାର ଗଣମାଧ୍ୟମ ଶାଖା ପକ୍ଷରୁ ଏହି ବାର୍ତ୍ତା ପ୍ରସାରଣ କରାଯାଇଥିବା ଫାଉଣ୍ଡେଶନ ଫର ଡିଫେନ୍ସ ଅଫ ଡେମୋକ୍ରାସିଜ୍ (ଏଫ୍‌ଡିଡି) ଲଙ୍ଗ୍ ଓ୍ୱାର ଜର୍ନାଲରେ ଉଲ୍ଲେଖ କରାଯାଇଛି। କଶ୍ମୀରରେ ସୀମାପାର ଆତଙ୍କବାଦକୁ ଇନ୍ଧନ ଯୋଗାଇବାରେ ପାକିସ୍ତାନର ସମ୍ପୃକ୍ତି ସମ୍ପର୍କରେ ମଧ୍ୟ ଜଓ୍ୱାହିରି ସୂଚନା ଦେଇଛନ୍ତି। 'କଶ୍ମୀରକୁ ଭୁଲନାହିଁ' ନାମରେ ଏହି ବାର୍ତ୍ତା ପ୍ରକାଶ ପାଇଛି। କଶ୍ମୀରରେ ଭାରତୀୟ ସେନା ବିରୋଧରେ ଜେହାଦ ପାଇଁ ଅଲ୍-କାଏଦା ଏକ ଦୃଢ଼ ସଂଗଠନ ପ୍ରସ୍ତୁତ କରୁଥିବା ଥୋମାସ ଜୋସେଲିନ୍ ତାଙ୍କ ପତ୍ରିକାରେ ଉଲ୍ଲେଖ କରିଛନ୍ତି। କଶ୍ମୀର ମୁଜାହିଦ୍ଦିନ୍ ଏହି କାମ ଲାଗି ନିୟୋଜିତ ହୋଇଥିବା ସେ କହିଛନ୍ତି। ମୃତ ଆତଙ୍କବାଦୀ ଜାକିର ମୁସା ସମ୍ପର୍କରେ ଜଓ୍ୱାହିରି କିଛି କହିନାହାନ୍ତି। ମୁସା ଓ ତାଙ୍କ ଉତ୍ତରାଧିକାରୀ ଅବଦୁଲ ହମିଦ ଲେଲହାରି କଶ୍ମୀରୀ ଜେହାଦୀଙ୍କୁ ତାଲିମ ଦେବାରେ ପାକିସ୍ତାନର ଭୂମିକାକୁ ସ୍ୱୀକାର କରିଥିଲେ ଏବଂ ପାକିସ୍ତାନୀମାନେ ବିଶ୍ୱାସଯୋଗ୍ୟ ନୁହନ୍ତି ବୋଲି କହିଥିଲେ। ପାକିସ୍ତାନୀ ସେନା ଓ ସରକାର ଆମେରିକାର ଚାଟୁକାର ବୋଲି ଜଓ୍ୱାହାରି ତାଙ୍କ ବାର୍ତ୍ତାରେ କହିଛନ୍ତି। କଶ୍ମୀର ଅଭିମୁଖେ ଯାଉଥିବା ଆରବ ମୁଜାହିଦ୍ଦିନକୁ ପାକିସ୍ତାନ ବାଧାଦେଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

# ପ୍ରଜାପତି, ୪ ଆଇଏଏସ୍ ଅଧିକାରୀଙ୍କ ନାଁରେ ସିବିଆଇ ମାମଲା ରୁଜୁ

ନୂଆଦିଲ୍ଲୀ,୧୦।୭(ପି.ଟି.)



**ୟୁପି ଖଣି ଦୁର୍ନୀତି**

ଉତ୍ତରପ୍ରଦେଶ (ୟୁପି) ଖଣି ଦୁର୍ନୀତି ଘଟଣାରେ ସିବିଆଇ ପୂର୍ବତନ ମନ୍ତ୍ରୀ ଗାୟତ୍ରୀ ପ୍ରଜାପତି ଏବଂ ୪ ଜଣ ଆଇଏଏସ୍ ଅଫିସରଙ୍କ ବିରୋଧରେ ମାମଲା ରୁଜୁ କରିଛି। ରାଜ୍ୟର ୧୨ଟି ସ୍ଥାନରେ ସିବିଆଇ ଚଢ଼ାଉ କରିଥିଲା। ଯେଉଁମାନଙ୍କୁ ଏତଲାରେ ଅଭିଯୁକ୍ତ ଦର୍ଶାଯାଇଛି, ସେମାନେ ହେଲେ ସମାଜବାଦୀ ପାର୍ଟି ସରକାରରେ ମନ୍ତ୍ରୀ ଥିବା ପ୍ରଜାପତି, ତତ୍କାଳୀନ ପ୍ରମୁଖ ସଚିବ ଜିଓ୍ୱେଶ ନନ୍ଦନ, ସ୍ୱତନ୍ତ୍ର ସଚିବ ସନ୍ତୋଷ କୁମାର, ତତ୍କାଳୀନ ଜିଲାପାଳ ଅଭୟ ଏବଂ ବିବେକ।

ରାଜ୍ୟରେ ବାଲି ଉତ୍ତୋଳନ ପାଇଁ ଲିଜ୍ ନବୀକରଣ କିମ୍ବା ସାନି ଲିଜ୍ ନିମନ୍ତେ ସରକାର ୨୦୧୨ ମେ ୩୧ରେ ଇ-ଟେଣ୍ଡରିଂକୁ ବାଧ୍ୟତାମୂଳକ କରିଥିଲେ, ଯାହାକୁ ଆଲ୍ଲାହାବାଦ ହାଇକୋର୍ଟ ୨୦୧୩ ଜାନୁୟାରୀ ୨୯ରେ କାଏମ ରଖିଥିଲେ। ମନ୍ତ୍ରୀ ପ୍ରଜାପତିଙ୍କ ପ୍ରଭାବ ବଳରେ ଶିବ ସିଂ ଏବଂ ସୁଖରାଜ୍ ସେମାନଙ୍କ ଲିଜ୍ ନବୀକରଣ କରିବାରେ ସଫଳ ହୋଇଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ଏଥିରେ ନନ୍ଦନ କୁମାର ଏବଂ ତତ୍କାଳୀନ ଫତେପୁର ଜିଲାପାଳ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ। ସରକାରଙ୍କ ଇ-ଟେଣ୍ଡରିଂ ନୀତି ବିରୋଧରେ ଲିଜ୍‌ର ନବୀକରଣ କରାଯାଇଥିଲା। ଦ୍ୱିତୀୟ ମାମଲାରେ ସିବିଆଇ ଅଭିଯୋଗ କରିଛି, ବିବେକ ଦେଓରିଆ ଜିଲାପାଳ ଥିବାବେଳେ ଶାର୍‌ଦା ଯାଦବଙ୍କ ଲିଜ୍ ନବୀକରଣ ଲାଗି ଅନୁମତି ଦେଇଥିଲେ। ଆଲ୍ଲାହାବାଦ ହାଇକୋର୍ଟ ଲିଜ୍ ନବୀକରଣ ଆବେଦନକୁ ଖାରଜ କରିବା ସତ୍ତ୍ୱେ ବିବେକ ଓ ଅନ୍ୟ ଅଧିକାରୀମାନଙ୍କ ଷଡ଼ଯନ୍ତ୍ର କ୍ରମେ ଯାଦବ ତା ପରଦିନ ଏହା ହାସଲ କରିପାରିଥିଲେ ବୋଲି ସିବିଆଇ ଏତଲାରେ ଉଲ୍ଲେଖ କରିଛି। ସିବିଆଇ ଆଇଏଏସ୍ ଅଧିକାରୀ ଅଭୟ, ବିବେକଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ୧୨ଟି ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରିଥିଲା। ଅଭୟଙ୍କ ଘରୁ ୪୭ ଲକ୍ଷ ଏବଂ ଦେଓରିଆର ତତ୍କାଳୀନ ଏଡିଏମ୍ ଦେବୀ ଶରଣ ଉପାଧ୍ୟାୟଙ୍କ ଘରୁ ୧୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ବିବେକଙ୍କ ବାସଭବନରୁ ସମ୍ପତ୍ତି ସମ୍ପର୍କିତ କେତେକ ଦସ୍ତାବିଜ୍‌କୁ ସିବିଆଇ ଜବତ କରିଥିଲା।

■ ପାର୍ଲାମେଣ୍ଟ ସରଗରମ

# ବିରୋଧୀଙ୍କ କକ୍ଷତ୍ୟାଗ

ନୂଆଦିଲ୍ଲୀ,୧୦।୭(ପି.ଟି.)


କର୍ଣ୍ଣାଟକର ରାଜନୈତିକ ଘଟଣାକ୍ରମକୁ ନେଇ କ୍ରମାଗତ ତୃତୀୟ ଦିନ ଧରି ପାର୍ଲାମେଣ୍ଟର ଉଭୟ ଗୃହ ସରଗରମ ହୋଇଛି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଶୂନ୍ୟକାଳରେ କହିଥିଲେ, କର୍ଣ୍ଣାଟକରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ଏହାସହ ସରକାରର ପତନ ପାଇଁ ଷଡ଼ଯନ୍ତ୍ର ରଚାଯାଉଛି ବୋଲି ଅଭିଯୋଗ ଆଣିଥିଲେ। ବାଚସ୍ପତି ଓମ୍ ବିର୍ଲା ଏହି ପ୍ରସଙ୍ଗ ଉଠାଇବାକୁ ତାଙ୍କୁ ଅନୁମତି ନ ଦେବାରୁ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ



ଯାଇ ସ୍ଲୋଗାନ ଦେଇଥିଲେ। ପରେ ସେମାନେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଭାଙ୍ଗିବା ପାଇଁ ଭାଜପା ଉଦ୍ୟମ ଚଳାଇଛି ବୋଲି ଅଭିଯୋଗ ଆଣି କକ୍ଷତ୍ୟାଗ କରିଥିଲେ। ଟିଏମ୍‌ସି, ଡିଏମ୍‌କେ ଏବଂ ଏନ୍‌ସିପି ସଦସ୍ୟମାନେ ମଧ୍ୟ କଂଗ୍ରେସ ସପକ୍ଷରେ ବାହାରି କକ୍ଷତ୍ୟାଗ କରିଥିଲେ। ମୁମ୍ବାଇର ହୋଟେଲରେ ଥିବା ବିଧାୟକମାନେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ପୋଲିସକୁ ସୁରକ୍ଷା ମାଗିବା ପରେ ସେଠାରୁ କର୍ଣ୍ଣାଟକ ମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ହଟାଯାଇଛି ବୋଲି ଗୃହରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୂଚନା ଦେଇଥିଲେ।
ଏହି ପ୍ରସଙ୍ଗରେ ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଉଚ୍ଚ ସଦନରେ ବଜେଟ ନେଇ ବିତର୍କ ଚାଲିଥିବାବେଳେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ୩ ଥର ଗୃହକାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ 'ଗଣତନ୍ତ୍ରକୁ ହତ୍ୟା ବନ୍ଦ କର' ଓ 'ପ୍ରଧାନମନ୍ତ୍ରୀ ଜବାବ ଦିଅ' ବୋଲି ସ୍ଲୋଗାନ ଦେଇଥିଲେ। ଶେଷରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, କର୍ଣ୍ଣାଟକରେ କଂଗ୍ରେସ ତା'ର ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ କରି ନ ପାରି ରାଜ୍ୟ ସଭାକୁ ଚଳାଇ ଦେଉନାହିଁ। ସେହିପରି କେନ୍ଦ୍ରମନ୍ତ୍ରୀ ସଦାନନ୍ଦ ଗୌଡ଼ା କହିଛନ୍ତି, ରାଜ୍ୟପାଳଙ୍କ କୌଣସି ସାମ୍ବିଧାନିକ ନିର୍ଦ୍ଦେଶକୁ ଭାଜପା ମାନିନେବ।

■ ବିଧାନସଭା ବାହାରେ ଭାଜପାର ବିକ୍ଷୋଭ

# କୁମାରସ୍ୱାମୀ ଗାଦି ଛାଡ଼



ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ନେତୃତ୍ୱରେ ବିଧାନସଭାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ବିକ୍ଷୋଭ।

ବେଙ୍ଗାଲୁରୁ,୧୦।୭(ପି.ଟି.)

କର୍ଣ୍ଣାଟକର ଭାଜପା ସଭାପତି ବି.ଏସ୍. ୟେଦୁରପ୍ପାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ରାଜଭବନରେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ସାକ୍ଷାତ୍ କରିଛି। ରାଜ୍ୟପାଳଙ୍କ ପରେ ଭାଜପା ନେତାମାନେ ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ବିଧାନସଭାରେ ଭେଟିଛନ୍ତି। ଏହା ପୂର୍ବରୁ ବିଧାନସଭା ପରିସରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୟେଦୁରପ୍ପା କହିଛନ୍ତି, ଶାସକ ମେଣ୍ଟ ବିଧାୟକଙ୍କ ସଂଖ୍ୟା ୧୦୩କୁ ଖସିଆସିଛି। ଭାଜପାକୁ ୧୦୭ରୁ ୧୦୮ ବିଧାୟକ ସମର୍ଥନ କରୁଛନ୍ତି। ତେଣୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେବା ଲାଗି ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। କୁମାରସ୍ୱାମୀଙ୍କର ମୁଖ୍ୟମନ୍ତ୍ରୀ ପଦରେ ରହିବାର କୌଣସି ନୈତିକ ଅଧିକାର ନାହିଁ। ୧୨ ତାରିଖରେ ବିଧାନସଭା ଅଧିବେଶନ ଆରମ୍ଭ ହେବ। ସଂଖ୍ୟାଗରିଷ୍ଠତା ନ ଥିବାରୁ କୁମାରସ୍ୱାମୀ ସ୍ୱେଚ୍ଛାକୃତ ଭାବେ ତୁରନ୍ତ ଇସ୍ତଫା ଦେଇ ଭାଜପାକୁ ସରକାର ଗଠନ କରିବା ଲାଗି ପଥ ପରିଷ୍କାର କରନ୍ତୁ।

# ବନ୍ଧୁକ ଧରି ନାଚିଲେ ନିଲମ୍ବିତ ବିଧାୟକ

ଡେରାଡୁନ୍,୧୦।୭(ପି.ଟି.)


ଉତ୍ତରାଖଣ୍ଡର ନିଲମ୍ବିତ ଭାଜପା ବିଧାୟକ କୁଁଓ୍ୱର ପ୍ରଣବ ସିଂ ଚାମ୍ପିୟନ୍ ବୁଧବାର ଦୁଇହାତରେ ଦୁଇଟି ବନ୍ଧୁକ ଧରି ନାଚିବାର ଭିଡିଓ ଭାଇରାଲ ହେବା ପରେ ତାଙ୍କୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଛି। ଖାନପୁର ବିଧାୟକ ବଲିଉଡ୍‌ର ଲୋକପ୍ରିୟ ଗୀତର ତାଳେ ତାଳେ ଦୁଇଟି ରିଭଲ୍‌ଭର ଧରି ନାଚୁଛନ୍ତି ଏବଂ ଗୋଟିଏ କାର୍ବାଇନ୍ ତାଙ୍କ କାନ୍ଧରେ ଝୁଲି ରହିଛି। ଏଥିସହିତ ସେ ସାଙ୍ଗସାଥୀଙ୍କ ସହିତ ଚିୟର କରି ମଦ୍ୟପାନ କରୁଥିବାର ଦେଖାଯାଉଛି। ବିଧାୟକଙ୍କ ପାଇଁ ଏହି ବିବାଦ ନୂଆ ନୁହେଁ। କାରଣ ଭାଜପା ଗତମାସରେ ବିଶୃଙ୍ଖଳାପୂର୍ଣ୍ଣ ଆଚରଣ ପାଇଁ ତାଙ୍କୁ ଦଳରୁ ୩ମାସ ଲାଗି ନିଲମ୍ବିତ କରିଛି। ନୂଆଦିଲ୍ଲୀସ୍ଥିତ ଉତ୍ତରାଖଣ୍ଡ ନିବାସରେ ଜଣେ ଖବରଦାତାଙ୍କୁ ସେ ଧମକେଇବା ଅଭିଯୋଗ ହୋଇଥିଲା।

ଇତିହାସର ଆଇନାରେ

## ଜୁଲାଇ ୧୧ର ପ୍ରମୁଖ ଘଟଣା

୧୯୭୯ ଜୁଲାଇ ୧୧ରେ ଆମେରିକାର ପ୍ରଥମ ସ୍ପେସ୍ ଷ୍ଟେଶନ୍, ସ୍କାଏଲାବ୍ ପୃଥିବୀର ପରିବେଶରେ ପ୍ରବେଶ କରିବା ମାତ୍ରେ ଏହାକୁ ଭାରତ ମହାସାଗରରେ ପକାଇ ନଷ୍ଟ କରିଦିଆଯାଇଥିଲା। ସ୍କାଏଲାବ୍‌ରେ ତ୍ରୁଟି ଦେଖାଯିବା ପରେ ଏହା ପୃଥିବୀ ଆଡକୁ ଖସିବା ଆରମ୍ଭ କରିଥିଲା। ପୃଥିବୀ ପ୍ରତି ଏହାର ବିପଦ ଥିବା ଆଶଙ୍କା କରି ସମଗ୍ର ବିଶ୍ୱର ଗଣମାଧ୍ୟମ ଏହା ଉପରେ ନଜର ରଖିଥିଲେ।

୨୦୧୦ ଜୁଲାଇ ୧୧ରେ ଉଗାଣ୍ଡାର କାମ୍ପାଲାରେ ଦୁଇଟି ଆତ୍ମଘାତୀ ବିସ୍ଫୋରଣ ଯୋଗୁ ୭୪ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା କାମ୍ପାଲାର ଦୁଇଟି ସ୍ଥାନରେ ସମବେତ ଜନତା ୨୦୧୦ ଫିଫା ବିଶ୍ୱ କପ୍‌ର ଫାଇନାଲ୍ ମ୍ୟାଚ୍ ଦେଖୁଥିବାବେଳେ ବିସ୍ଫୋରଣ ଘଟାଯାଇଥିଲା। ଆତଙ୍କବାଦୀ ଗୋଷ୍ଠୀ ଅଲ୍-ଶାବାବ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା।





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।
**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।


| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୨ | ୨୪.୮ |
| ଚାନ୍ଦବାଲି | ୩୪.୨ | ୨୫.୨ |
| କଟକ | --- | ୨୫.୦ |
| ପାରାଦ୍ୱୀପ | ୩୧.୦ | ୨୭.୬ |
| ଭୁବନେଶ୍ୱର | ୩୧.୩ | ୨୭.୬ |
| ଗୋପାଳପୁର | ୩୧.୫ | ୨୫.୮ |
| ପୁରୀ | ୩୧.୦ | ୨୬.୪ |
| ଅନୁଗୋଳ | ୩୨.୦ | ୨୦.୬ |
| ବାରିପଦା | ୩୩.୪ | ୨୭.୦ |
| ଝାରସୁଗୁଡ଼ା | ୩୧.୪ | ୨୬.୪ |
| କେନ୍ଦୁଝର | ୨୮.୬ | ୨୪.୫ |
| ସମ୍ବଲପୁର | ୩୦.୭ | ୨୫.୫ |
| ସୁନ୍ଦରଗଡ଼ | ୨୯.୦ | ୧୯.୦ |
| ହୀରାକୁଦ | ୩୧.୭ | ୨୬.୧ |
| ତାଳଚେର | ୩୨.୫ | ୨୪.୫ |
| ଭବାନୀପାଟଣା | ୩୦.୦ | ୨୪.୫ |
| ବଲାଙ୍ଗୀର | ୩୦.୫ | ୨୫.୭ |
| କୋରାପୁଟ | ୨୬.୦ | ୧୯.୦ |
| ଫୁଲବାଣୀ | --- | ୨୪.୮ |
| ଟିଟିଲାଗଡ଼ | ୩୦.୦ | ୨୨.୫ |
| ମାଲକାନଗିରି | ୩୨.୮ | ୨୩.୦ |
| ସୋନପୁର | ୩୦.୦ | ୨୦.୦ |
| ଦାରିଙ୍ଗିବାଡ଼ି | ୨୫.୫ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

# ଆଇଏଫ୍‌ଏଫ୍‌ଏମ୍‌ରେ ପ୍ରଦର୍ଶିତ ହେବ 'ବୁଲ୍‌ବୁଲ୍ କ୍ୟାନ୍ ସିଙ୍ଗ୍'

**ମେଲବୋର୍ନ:** ଅଗଷ୍ଟ ୮ରେ ହେବାକୁ ଥିବା ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ ମେଲ୍‌ବୋର୍ନ (ଆଇଏଫ୍‌ଏଫ୍‌ଏମ୍)ର ଉଦ୍‌ଘାଟନୀ ମହୋତ୍ସବରେ ରିମା ଦାସଙ୍କ ଦ୍ୱାରା ନିର୍ମିତ ଅହମିୟା ଫିଲ୍ମ 'ବୁଲ୍‌ବୁଲ୍ କ୍ୟାନ୍ ସିଙ୍ଗ୍' ପ୍ରଦର୍ଶିତ ହେବ। ୨୦୧୯ରେ ଉକ୍ତ ଫିଲ୍ମ ଫେଷ୍ଟିଭାଲ୍‌ର ୧୦ବର୍ଷ ପୂର୍ତ୍ତି ପାଳିତ ହେବାକୁ ଯାଉଛି। ଏ ସମ୍ପର୍କରେ ରିମା ଏକ ବିବୃତିରେ କହନ୍ତି, 'ବୁଲ୍‌ବୁଲ୍ କ୍ୟାନ୍ ସିଙ୍ଗ୍' ଭାରତୀୟ ଫିଲ୍ମ ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ ସଂଧ୍ୟାରେ ପ୍ରଦର୍ଶିତ ହେବାକୁ ଯାଉଥିବାରୁ ଅତ୍ୟନ୍ତ ଉତ୍ସାହିତ। ଜଣେ ନିର୍ମାତା ହିସାବରେ ଏହି ଫିଲ୍ମ ମୋ ପାଇଁ ସ୍ୱତନ୍ତ୍ରତା ବହନ କରେ। ଯେଉଁଠାରେ ଏହି ଫିଲ୍ମ ପ୍ରଦର୍ଶିତ ହୋଇଛି ସବୁଠି ଦର୍ଶକଙ୍କ ପ୍ରଶଂସା ମିଳିଛି। ଅଷ୍ଟ୍ରେଲିଆରେ ଉକ୍ତ ଫିଲ୍ମର ପ୍ରଦର୍ଶନକୁ ଅପେକ୍ଷା କରାଯାଉଛି। ଫିଲ୍ମ ପ୍ରଦର୍ଶନ ପରେ ସେଠିକା ଦର୍ଶକଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କ ମତାମତ ସଂଗ୍ରହ କରିବୁ। ରିମା ଦାସ 'ଭିଲେଜ ରକ୍‌ଷ୍ଟାର୍ସ' ଫିଲ୍ମ ନିର୍ମାଣ ପାଇଁ ବେଶ୍ ଚର୍ଚ୍ଚିତ। ଏହା ଏକ ଅହମିୟା ଭାଷାର ଫିଲ୍ମ। ୨୦୧୮ରେ ଏହା ବେଷ୍ଟ ଫିଚର ଫିଲ୍ମ ଭାବରେ ଜାତୀୟ ପୁରସ୍କାର ପାଇଥିଲା। ଓସ୍କାର୍ସ ପାଇଁ ମଧ୍ୟ ଏହାକୁ ଚୟନ କରାଯାଇଥିଲା।












# ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

**ଓଡ଼ିଶାକୁ ପୂର୍ବାପେକ୍ଷା କେନ୍ଦ୍ରର ଅଧିକ ଅର୍ଥ ପ୍ରଦାନ ପ୍ରସଙ୍ଗ**

**ଭୁବନେଶ୍ୱର, ୧୦।୭ (ବ୍ୟୁରୋ):** ୨୦୧୯-୨୦ ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ରେଳ ବଜେଟରେ ରାଜ୍ୟକୁ ପୂର୍ବାପେକ୍ଷା ଅଧିକ ଅର୍ଥ ମିଳିବାକୁ ଯାଉଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଆସିବା ପରେ କ୍ରମାଗତ ଭାବେ ରେଳ ବଜେଟରେ ଓଡ଼ିଶାକୁ ଅଧିକରୁ ଅଧିକ ଅର୍ଥ ମିଳୁଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପକ୍ଷରୁ କୁହାଯାଇଛି। ରେଳ ବଜେଟ ବ୍ୟୟବରାଦକୁ ସ୍ୱାଗତ କରିବା ସହ ଧର୍ମେନ୍ଦ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ପୂର୍ବବର୍ଷ ଭଳି ଓଡ଼ିଶା ପାଇଁ ଚଳିତ ରେଳ ବଜେଟରେ ରେକର୍ଡ ଅର୍ଥ ୫,୯୯୩ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ରେଳ



ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଧନ୍ୟବାଦ । ଯାତ୍ରୀଙ୍କ ଯାତାୟାତ ସୁବିଧା ପାଇଁ ୧୮୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ରେଳ ଓଭରବ୍ରିଜ୍ ଏବଂ ରେଳପଥ ଅତିକ୍ରମ କରିବା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ୫ଟି ନୂଆ ରେଳପଥର ସର୍ଭେ ପାଇଁ ଆର୍ଥିକ ବ୍ୟବସ୍ଥା କରାଯାଇଛି। ବିଶେଷ କରି ସେ ଅନୁରୋଧ କରିଥିବା ରାଜଆଠଗଡ-କାଇପଦର ରୋଡ ଏବଂ ତାଳଚେର -ଅନୁଗୋଳ କର୍ଡ ଲାଇନ ପାଇଁ ସର୍ଭେ ବ୍ୟବସ୍ଥା କରାଯାଇଥିବା ଧର୍ମେନ୍ଦ୍ର କହିଛନ୍ତି। ସେହିପରି ଦୀର୍ଘଦିନର ପ୍ରକଳ୍ପ ଯଥା ଅନୁଗୋଳ-ସୁକିନ୍ଦା ରୋଡ, ହରିଦାସପୁର-ପାରାଦୀପ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର, ତାଳଚେର-ବିମଳାଗଡ, ଜୟପୁର-ମାଲକାନଗିରି, ନୂଆପଡା-ଗୁଣୁପୁର ଏବଂ ସମ୍ବଲପୁର-ଟିଟିଲାଗଡ ରେଳ ପ୍ରକଳ୍ପ ପାଇଁ ରେକର୍ଡ ପରିମାଣର ବ୍ୟୟବରାଦ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୧୫ ଯାଏ ହାଲୁକା ବର୍ଷା

**ଭୁବନେଶ୍ୱର,୧୦।୭ (ବ୍ୟୁରୋ):** ରାଜ୍ୟରେ ମୌସୁମୀ ବାୟୁ ଦୁର୍ବଳ ରହିଛି। କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଆଦୌ ବର୍ଷା ହେଉ ନାହିଁ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏପରି କି ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଏହି ସମୟରେ ଝାରସୁଗୁଡା, ସମ୍ବଲପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ, କଟକ, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, କନ୍ଧମାଳ, କେନ୍ଦୁଝର, ପୁରୀ, ନୟାଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ଝଡ ତୋଫାନ ହେବ ବୋଲି ସତର୍କ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଭବାନୀପାଟଣାରେ ସର୍ବାଧିକ ୪୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୧୩.୨, ବାଲେଶ୍ୱର ୪.୪, କଟକ ୬.୨, ଅନୁଗୋଳ ୧୧.୬, କୋରାପୁଟ ୩.୬, ସୋନପୁର ୧୭.୪, ଦାରିଙ୍ଗିବାଡିରେ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ୍ୟୁ ଘଟଣା, ସେସୁ ନାଁରେ ମାମଲା

**କଟକ ସଦର, ୧୦।୭ (ଡି.ଏନ୍.ଏ.):** ବିଦ୍ୟୁତ୍ ଆଘାତରେ ମଙ୍ଗଳବାର କଟକ ସଦର ଥାନା ବ୍ରହ୍ମପୁର ପଞ୍ଚାୟତ ଶ୍ରୀରାମ ଗ୍ରାମର ପଞ୍ଚମ ଶ୍ରେଣୀ ଛାତ୍ର ସୁବ୍ରାଜ ଆଚାର୍ଯ୍ୟ(ମିକୁ)ଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବୁଧବାର ମିକୁଙ୍କ ପରିବାର ଲୋକେ ସେସୁ ବିରୋଧରେ ୪୨ମୌଜା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୨୯୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉକି, ମିକୁ ଟ୍ୟୁଶନରୁ ଘରକୁ ଫେରୁଥିବା ବେଳେ ଏକ ବିଦ୍ୟୁତ୍ ଖୁଣ୍ଟର ଷ୍ଟେ କୁ ଛୁଇଁଦେଇଥିଲେ। ଏହି ଷ୍ଟେ ରେ ବିଦ୍ୟୁତ୍ ଚାର୍ଜ ଥିବାରୁ ସେଠାରେ ସେ ତଳେ ପଡିଯାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଶୋକାକୁଳ ପରିବେଶରେ ଶ୍ରୀରାମ ଗ୍ରାମରେ ମିକୁଙ୍କ ଅନ୍ତିମ ସତ୍କାର କରାଯାଇଥିଲା।









## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ପ୍ରାଚୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୦ କୃଷି ପାଣିପାଗ ଅଞ୍ଚଳ ପାଇଁ ଆପତ୍‌କାଳୀନ ଯୋଜନା ପ୍ରସ୍ତୁତ



କୃଷି ଆପତ୍‌କାଳୀନ ପ୍ରସ୍ତୁତି ବୈଠକରେ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ

- ବାତ୍ୟାଞ୍ଚଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିଛି ଆର୍ଥିକ ସହାୟତା
- ୫୦ ପ୍ରତିଶତ ରିହାତିରେ ପମ୍ପସେଟ୍, କୃଷି ଯନ୍ତ୍ରପାତି
- ବାକି ଥିବା ସମସ୍ତ ଚାଷୀଙ୍କୁ ମିଳିବ କାଳିଆ ଟଙ୍କା

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ରାଜ୍ୟର କୃଷି ଅଭିବୃଦ୍ଧିରେ ଜଳବାୟୁର ଯଥେଷ୍ଟ ଭୂମିକା ରହିଛି। ବନ୍ୟା, ବାତ୍ୟା, ମରୁଡ଼ି, ବିଳମ୍ବିତ ମୌସୁମୀ, ଅସମୟ ବର୍ଷା ଏବଂ ରୋଗପୋକ ଯୋଗୁ ରାଜ୍ୟରେ ବ୍ୟାପକ ଫସଲ ହାନି ଘଟୁଛି। କୃଷକ କ୍ଷତିଗ୍ରସ୍ତ ହେଉଛନ୍ତି। ଏପରି ଦୁର୍ବିପାକରୁ କୃଷି କ୍ଷେତ୍ରକୁ ରକ୍ଷା କରି ଅଭିବୃଦ୍ଧି ଜାରି ରଖିବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। କୃଷି ନିର୍ଦ୍ଦେଶାଳୟ, ଓୟୁଏଟି ଓ କେନ୍ଦ୍ରୀୟ ଶୁଷ୍କାଞ୍ଚଳ ଗବେଷଣା ପ୍ରତିଷ୍ଠାନ ହାଇଦ୍ରାବାଦ ସହଯୋଗରେ ରାଜ୍ୟର ୧୦ଟି କୃଷି ପାଣିପାଗ ଅଞ୍ଚଳ ପାଇଁ ଆପତ୍‌କାଳୀନ ଯୋଜନା ପ୍ରସ୍ତୁତ କରାଯାଇଛି। ଆପତ୍‌କାଳୀନ ପରିସ୍ଥିତିର ସଫଳ ମୁକାବିଲା କରିବା ନିମନ୍ତେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରସ୍ତୁତ ରହିଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

ବୁଧବାର କୃଷି ଭବନଠାରେ ଆୟୋଜିତ କୃଷି ଆପତ୍‌କାଳୀନ ପ୍ରସ୍ତୁତି ବୈଠକ 'ଖରିଫ୍-୨୦୧୯'ରେ ଯୋଗଦେଇ ମନ୍ତ୍ରୀ ସାହୁ କହିଲେ, ରାଜ୍ୟରେ ସିଡ୍ ରିଜର୍ଭ ପଲିସି କାର୍ଯ୍ୟକାରୀ ହେଉଛି। ଏଥିରେ ରାଜ୍ୟ ବିହନ ନିଗମ ୨୦ ହଜାର କୁଇଣ୍ଟାଲ ଛୋଟ ଓ ମଧ୍ୟମ କିସମ ଧାନ ବିହନ ସହିତ ଦରକାର ଥିବା ଅଣଧାନ ବିହନ ଯଥା ମୁଗ, ବିରି, ସୋରିଷ, ରାଶିର ୫ ଭାଗ ମହଜୁଦ୍ ରଖିବାର ବ୍ୟବସ୍ଥା କରିଛି। ବାତ୍ୟାରେ କ୍ଷତିଗ୍ରସ୍ତ ୧୪ଟି ଜିଲାରେ ପୁନରୁଦ୍ଧାର କାର୍ଯ୍ୟ କରାଯାଇ କୃଷିକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଜଳସେଚିତ ଜମି ପାଇଁ ହେକ୍ଟର ପ୍ରତି ୧୩,୫୦୦ ଓ ଅଣଜଳସେଚିତ ଜମି ପାଇଁ ୬,୮୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୨୦ ହଜାର ହେକ୍ଟର ଜମିରେ ବିଜିଆର୍‌ଇଆଇ କ୍ଷେତ୍ର ପ୍ରଦର୍ଶନ ଓ ୫ ହଜାର ହେକ୍ଟର ଜମିରେ ଆଖୁ କ୍ଷେତ୍ର ପ୍ରଦର୍ଶନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ୫ହଜାର ପାଣି ପମ୍ପ ସେଟ୍ ଓ ୧୦ହଜାର ସ୍ପ୍ରେୟର ୫୦ ଭାଗ ରିହାତିରେ ଯୋଗାଇଦେବା ପାଇଁ ସ୍ଥିର କରାଯାଇଛି। କାଳିଆ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପୂରଣ କରାଯାଉଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦ଲକ୍ଷ କୃଷକ କାଳିଆ ଯୋଜନା ଟଙ୍କା ପାଇସାରିଲେଣି। ଶୀଘ୍ର ସମସ୍ତ ଯୋଗ୍ୟ ଚାଷୀଙ୍କୁ କାଳିଆ ଟଙ୍କା ମିଳିଯିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଏବଂ ହାଇଦ୍ରାବାଦର କେନ୍ଦ୍ରୀୟ ଶୁଷ୍କାଞ୍ଚଳ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜି. ରବୀନ୍ଦ୍ର ଚାରୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଓଡ଼ିଶାରେ ଆଗାମୀ ମୌସୁମୀ ବର୍ଷା, ବିଭିନ୍ନ କୃଷି ସାମଗ୍ରୀର ଆୟୋଜନ, ମଧ୍ୟବର୍ତ୍ତୀ ଆପତ୍‌କାଳୀନ ଯୋଜନା ପାଇଁ ପ୍ରସ୍ତୁତି ଓ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ବିଷୟରେ ବିଶଦ ଆଲୋଚନା କରିଥିଲେ। ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଆପତ୍‌କାଳୀନ ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ମକ୍କା ଯିବେ ରାଜ୍ୟର ୬୫୩ ହଜ୍‌ଯାତ୍ରୀ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**



- ମାଗଣା ହଜ୍ ଟ୍ରାଭେଲ କିଟ୍ ବାଣ୍ଟିଲେ ମୁଖ୍ୟମନ୍ତ୍ରୀ
- ନୂତନ ହଜ୍ ହାଉସ୍ ଉଦ୍‌ଘାଟିତ

ଓଡ଼ିଶା ହଜ୍ କମିଟି ଜରିଆରେ ଚଳିତବର୍ଷ ରାଜ୍ୟରୁ ୬୫୩ଜଣ ହଜ୍ ଯାତ୍ରୀ ତୀର୍ଥ ନିମନ୍ତେ ସୌଦି ଆରବର ମକ୍କା ମଦିନା ଯାତ୍ରା କରିବେ। ଏମାନଙ୍କ ମଧ୍ୟରେ ୩୮୬ ଜଣ ପୁରୁଷ ଓ ୨୬୭ ମହିଳା ଯାତ୍ରୀ ରହିଛନ୍ତି। ଚଳିତବର୍ଷ ଯାତ୍ରୀମାନଙ୍କ ସୁବିଧା ଲାଗି ପ୍ରଥମଥର ଲାଗି ରାଜ୍ୟର ପ୍ରଥମ ହଜ୍ ହାଉସ୍ ଭୁବନେଶ୍ୱର ପୋଖରୀପୁଟଠାରେ ପ୍ରତିଷ୍ଠା କରାଯାଇଛି। ବୁଧବାର ରାଜ୍ୟ ହଜ୍ କମିଟି ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ହଜ୍ ହାଉସ୍‌କୁ ଉଦ୍‌ଘାଟନ କରିବା ସହ ଚଳିତବର୍ଷ ଯାତ୍ରା କରିବାକୁ ଥିବା ହଜ୍ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ, ହଜ୍ ହାଉସ୍ ପ୍ରତିଷ୍ଠା ଦ୍ୱାରା ହଜ୍ ଯାତ୍ରୀଙ୍କ ଯାତ୍ରା ଆହୁରି ସୁଗମ ହେବ। ସଂଖ୍ୟାଲଘୁ ସମ୍ପ୍ରଦାୟର ବିକାଶ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ପିଲାଙ୍କ ଶିକ୍ଷାର ବିକାଶ ପାଇଁ ଉଦ୍ଦିଷ୍ଟ ଶିକ୍ଷାନୁଷ୍ଠାନଗୁଡ଼ିକର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଅର୍ବାନ୍ ହଷ୍ଟେଲ୍ ଓ ଶିକ୍ଷାବୃତ୍ତି ଦେବାର ବ୍ୟବସ୍ଥା କରାଯାଇଛି। ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ସଂଖ୍ୟାଲଘୁ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୪୦ଟି ହଷ୍ଟେଲ ନିର୍ମାଣ କରାଯାଉଛି। ଶିକ୍ଷାନୁଷ୍ଠାନରେ ଲାଇବ୍ରେରି, ଅତିରିକ୍ତ ଶ୍ରେଣୀଗୃହ, ଲାବୋରୋଟୋରି ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ୧୦୦ଟି ବହୁମୁଖୀ ଗୋଷ୍ଠୀ ଅନୁମୋଦନ କେନ୍ଦ୍ର ସ୍ଥାପନ କରିଛନ୍ତି। ସଂଖ୍ୟାଲଘୁ ବର୍ଗର କଲ୍ୟାଣ ସହିତ ରାଜ୍ୟର ସବୁବର୍ଗର ଲୋକଙ୍କ କଲ୍ୟାଣ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହଜ୍ ଯାତ୍ରୀମାନଙ୍କୁ ହଜ୍ ସାମଗ୍ରୀ ବା ଟ୍ରାଭେଲ କିଟ୍ ବଣ୍ଟନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ହଜ୍ ଯାତ୍ରୀଙ୍କୁ ବିନା ମୂଲ୍ୟରେ ଏହି କିଟ୍ ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ବିଭାଗୀୟ ସଚିବ କେ. ରଘୁ ଉପସ୍ଥିତ ଥିଲେ।

### ବସ୍‌ରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା

# ଡ୍ରାଇଭର, ହେଲ୍‌ପରଙ୍କ ଲାଇସେନ୍ସ ରଦ୍ଦ

**ପୁରୀ ଅଫିସ/କଟକ ଅଫିସ, ୧୦।୭**

ପୁରୀ ବସ୍‌ଷ୍ଟାଣ୍ଡ ପରିସରସ୍ଥ ଏକ ଘରୋଇ ବସ୍ ଭିତରେ ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯାଇଛି। ପୁରୀ ଘରୋଇ ବସ୍ ମାଲିକ ସଂଘ ମଧ୍ୟ ଏହି ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛି। ଜିଲା ପ୍ରଶାସନ ଓ ପୋଲିସର ଅପାରଗତାକୁ ସୋସିଆଲ ମିଡିଆରେ ଜନସାଧାରଣ ଦାୟୀ କରିଛନ୍ତି। ଏହି ଘଟଣାରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ସମ୍ପୃକ୍ତ ବସ୍ (ନଂ. ଓଡ଼ି୧୩ ଏଚ୍-୯୪୭୭)ର ସମସ୍ତ ରୁଟ୍ ପରମିଟ୍‌କୁ ସାମୟିକ ସ୍ଥଗିତ ରଖାଯାଇଛି। ବସ୍ ଡ୍ରାଇଭର ରମେଶ ପଲାଇ ଓ ହେଲପର ନାରାୟଣ ମଲିକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିଦିଆଯାଇଛି।

ବିରୋଧୀଙ୍କ ସମାଲୋଚନା ପରେ ଘଟଣାର ତଦନ୍ତ ରିପୋର୍ଟ ୨୪ଘଣ୍ଟା ମଧ୍ୟରେ ଦାଖଲ କରିବା ଲାଗି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ମହାନ୍ତି ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ସମ୍ପୃକ୍ତ ବସ୍‌ର ପରମିଟ୍‌କୁ ସାମୟିକ ସ୍ଥଗିତ ରଖିବା ଏବଂ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଲାଇସେନ୍ସ ରଦ୍ଦ କରିବାକୁ ପରିବହନ କମିଶନର ଅନିଲ କୁମାର ସାମଲ ପୁରୀ ଆର୍‌ଟିଓକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବସ୍ ମାଲିକ ବିଭୂତି ଭୂଷଣ ଛୋଟରାୟଙ୍କୁ କାହିଁକି ଉକ୍ତ ବସ୍‌ର ସ୍ଥାୟୀ ପରମିଟ୍‌କୁ ରଦ୍ଦ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୧୫ ଦିନ ମଧ୍ୟରେ ଉକ୍ତ ନୋଟିସର ଉତ୍ତର ରଖିବାକୁ କୁହାଯାଇଛି। ଅନ୍ୟପଟେ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଡା. ଉମାଶଙ୍କର ଦାଶ କହିଛନ୍ତି ଯେ, ସମ୍ପୃକ୍ତ ବସ୍ ହେଲ୍‌ପରଙ୍କ ଉପରେ ବିଶ୍ୱାସ କରି ପୀଡ଼ିତା ବଳାତ୍କାରର ଶିକାର ହୋଇଛନ୍ତି। ଏହି ଘଟଣାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ସହ ଅଭିଯୁକ୍ତ ନାରାୟଣ ମଲିକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାର ଚାର୍ଜସିଟ୍ ୪ଦିନ ମଧ୍ୟରେ କୋର୍ଟକୁ ପଠାଯିବ। ଅଭିଯୁକ୍ତ ହେଲ୍‌ପର ଯେପରି କୌଣସି ବସ୍‌ରେ କାମ କରିପାରିବେ ନାହିଁ, ସେଥିଲାଗି ଆର୍‌ଟିଓ ଏବଂ ବସ୍ ମାଲିକ ସଂଘକୁ ନିର୍ଦ୍ଦେଶ ଦିଆଯିବ। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ପାର୍କିଂସ୍ଥାନ ଓ ବସ୍‌ଷ୍ଟାଣ୍ଡରେ ପ୍ରତି ୨ରୁ ୩ଘଣ୍ଟାରେ ଚେକିଂ କରାଯିବ। କୌଣସି ସ୍ଥାନରୁ ଏଭଳି ଅଭିଯୋଗ ଆସିଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ କ୍ଷତିପୂରଣ ଆଇନ ୨୦୧୮ ଅନୁଯାୟୀ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ତୁରନ୍ତ ୭ଲକ୍ଷ ଟଙ୍କା ପ୍ରଦାନ, ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଦାବି କରିଛନ୍ତି। ଏ ନେଇ ସେ ବୁଧବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିଆର୍‌ପିସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଯେପରି ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବ, ସେଥିଲାଗି ପଦକ୍ଷେପ ନେବାକୁ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆୟୋଗଙ୍କୁ ଦାଶ ନିବେଦନ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାହୁଙ୍କ ନକ୍ଷତ୍ରରେ ଚନ୍ଦ୍ର ଥିବାରୁ ପାରିପାର୍ଶ୍ୱିକ ପରିସ୍ଥିତି ଭିନ୍ନ ପ୍ରକାର ହେତୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଆଶା ଅନୁଯାୟୀ ସଫଳତା ମିଳିବ। ଦୀର୍ଘଦିନରୁ ରହିଯାଇଥିବା କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗଣା ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିପାରନ୍ତି।

**ବୃଷ** ଅଷ୍ଟମାଧିପତି ବୃହସ୍ପତି ନକ୍ଷତ୍ରସ୍ଥ ରବି ପ୍ରଭାବରେ ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ଲାଗି ମୋଟା ଅଙ୍କର ଅର୍ଥ ଆବଶ୍ୟକ ପଡ଼ିପାରେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଅଫିସରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ମିଥୁନ** ମଙ୍ଗଳ ଶନି ନକ୍ଷତ୍ରସ୍ଥ ହୋଇ ଧନସ୍ଥାନରେ ଥିବାରୁ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ପରସ୍ପର ଗୋଡ଼ ଟଣାଟଣି ହେତୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। ପରିବାରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନି।

**କର୍କଟ** ବୁଧ ଷଡ଼ାଷ୍ଟକ ସ୍ଥିତିରେ ଥିବା ଶନିଙ୍କ ନକ୍ଷତ୍ରରେ ରହିଥିବାରୁ ଚେଷ୍ଟା କରୁଥିବା କାମଗୁଡ଼ିକ ସହଜରେ ହୋଇପାରିବନାହିଁ। ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇବେ, କିନ୍ତୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବିଭିନ୍ନ ପ୍ରକାର ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ।

**ସିଂହ** ବୃହସ୍ପତି ଧନ ଏକାଦଶାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ଆଜି ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ସହ ଆର୍ଥିକ ଅଭିବୃଦ୍ଧି ଘଟିବ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ। ପରୋକ୍ଷ ଶତ୍ରୁତା ସାମୟିକ କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ।

**କନ୍ୟା** ଧନାଧିପ ଶୁକ୍ର ପାପଗ୍ରହ ରାହୁ ନକ୍ଷତ୍ରସ୍ଥ ହେତୁ ଅର୍ଥ ସମ୍ପର୍କିତ ବିବାଦ ବୃଦ୍ଧିର ଆଶଙ୍କା ରହିଛି। ଶାରୀରିକ ସୁସ୍ଥତା ଥିଲେ ମଧ୍ୟ ମାନସିକସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଫେରନ୍ତା ବାଟରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ତୁଳା** ରାହୁ ଅଷ୍ଟମରେ ରହି ବୃହସ୍ପତି ନକ୍ଷତ୍ରସ୍ଥ ଯୋଗୁ ଅର୍ଥକୁ ନେଇ ଆତ୍ମୀୟଙ୍କ ମଧ୍ୟରେ ବିବାଦ ଉପୁଜିବ। ପରିବାରରେ ଅଶାନ୍ତି ବାତାବରଣରୁ ଦୁଃଖୀ ହୋଇପାରନ୍ତି। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବା ସହ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ବିଛା** କେତୁ ଧନସ୍ଥାନରେ ରହି ଅନାବଶ୍ୟକ ଖର୍ଚ୍ଚର ଦିଗ ଖୋଲି ଦେଇପାରନ୍ତି। ସବୁ କାମ ଠିକ୍ ଠିକ୍ ହେବ, କିନ୍ତୁ ସୁବିଧାରେ ନୁହେଁ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ ମାତ୍ର ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** ମଙ୍ଗଳ ଭାଗ୍ୟସ୍ଥାନରେ ରହିଥିବାରୁ କୌଣସି ନୂତନ ଯୋଜନାରମ୍ଭ କରିବା ସକାଶେ ମନ ବଳାଇପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ୟା ପୂର୍ବପରି ରହିବା ଦୁଶ୍ଚିନ୍ତାର କାରଣ ହେବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଏଣୁ ସତର୍କରେ ଚଳିବା ଭଲ ହେବ। ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

**ମକର** ଏକାଦଶ ବୃହସ୍ପତି ପ୍ରଭାବରେ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ, କିନ୍ତୁ ପ୍ରିୟବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ପାରିବାରିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ।

**କୁମ୍ଭ** ଆଜି ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ପ୍ରଥମେ ପ୍ରଥମେ କଷ୍ଟକର ମନେ ହୋଇପାରେ। ପରିବାର, ବ୍ୟବସାୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ର ପ୍ରତ୍ୟେକଥିରେ ସୁଫଳ ପାଇବେ। ଆଶା କରୁଥିବା ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ** କର୍ମକ୍ଷେତ୍ରରେ ଶନି ଓ କେତୁଜନିତ ଭୁଲ୍ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଅବନତି ଘଟିପାରେ। ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେବାର ଆଶଙ୍କା ରହିଛି। ପରିବାରର ବରାଦ ଅନୁଯାୟୀ ଇଚ୍ଛା ନ ଥିଲେ ମଧ୍ୟ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବ୍ୟସ୍ତ ନ ହୋଇ ଅପେକ୍ଷା କରନ୍ତୁ।

ଆଷାଢ଼ ଶୁକ୍ଳ ଦଶମୀ ଗୁରୁବାର, ଆଜି ଶ୍ରୀଗୁଣ୍ଡିଚା ମନ୍ଦିରରେ ଶେଷ ସନ୍ଧ୍ୟା ଦର୍ଶନ, ସୁଦଶା ବ୍ରତ, ଜୁଲାଇ ୧୧ ତାରିଖ, ଅଦ୍ୟ ବିଶ୍ୱ ଜନସଂଖ୍ୟା ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ପ୍ରତିଷ୍ଠାଦି ଶୁଭକର୍ମ ପାଇଁ ଶୁଭପ୍ରଦ। ଦିବା ଘ୧୧।୦୭ମି. ଗତେ ଘ୧୨।୪୬ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ମଧ୍ୟେ ଘ୨।୨୫ମି. ଗତେ, ଘ୩।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।

# ଗୁଳି କରି ଅହିରାଜ ଶିକାର



**ବନ୍ତଲା, ୧୦।୭(ଡି.ଏନ୍.ଏ.)**

ଅନୁଗୋଳ ଜିଲା ବନ୍ତଲା ରେଞ୍ଜ ବାରଗୌଣିଆ ପାଣ୍ଡୁରିଶୁଣି ପାହାଡ଼ରେ ବୁଧବାର ସକାଳେ ଏକ ବିରଳ ପ୍ରଜାତିର ଅହିରାଜକୁ କେହି ଗୁଳି କରି ଶିକାର କରିଛି। ଖବରପାଇ ବନ୍ତଲା ଫରେଷ୍ଟର ଜୟନ୍ତ କୁମାର ଦାସ ସେଠାରେ ପହଞ୍ଚି ମୃତ ଅହିରାଜକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରିଛନ୍ତି। ସାତକୋଶିଆ ପ୍ରାଣୀ ଡାକ୍ତର ଡା. କିଶୋର କୁମାର ସାହୁ ବ୍ୟବଚ୍ଛେଦ କରିଛନ୍ତି। ଅହିରାଜର ଲମ୍ବ ୧୨ ଫୁଟ, ୪ ଇଞ୍ଚ ଚଉଡା ଓ ୨୦ ସେମି ଗୋଲେଇ ରହିଛି। ବିରଳ ଅହିରାଜକୁ ଦେଖିବାକୁ ସେଠାରେ ଲୋକଙ୍କ ଭିଡ଼ ଲାଗିଥିଲା। ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ, ଗ୍ରାମର ୪ରୁ ୫ ଜଣ ଶିକାରୀ ଦେଶୀ ବନ୍ଧୁକ ଧରି ପାଣ୍ଡୁରିଶୁଣି ପାହାଡ଼କୁ ଯାଇଥିଲେ। ଅହିରାଜଟି ଏକ ଗୋଧିକୁ ଗିଳୁ ଥିବା ସମୟରେ ଶିକାରୀମାନେ ଏହାର ଫଣାକୁ ଗୁଳି କରିଥିଲେ। ଖବରଲେଖା ହେବା ସୁଦ୍ଧା କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ।

### କିଛି ତଥ୍ୟ

ଏପ୍ରିଲରେ ଦେଶ ମଧ୍ୟକୁ ଏଫ୍‌ଡିଆଇ ୩% ବୃଦ୍ଧି ଘଟି ୬.୯୫ ବିଲିୟନ ଡଲାର ରହିଛି।
-ଅର୍ଥ ମନ୍ତ୍ରଣାଳୟ

## classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି **Kurang Sasan sqft. 450/-, Hanspal NH-5 ରୁ 4k.m.** ଦୂରରେ ଘରଉପଯୋଗୀ ଜମି **Balianta**ରେ **sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

**LEASE**

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




9000sqft building for rent at IRC, Bhubaneswar office/ guesthouse for reputed firms & company. Contact: 9337044222, 7894567221. D-63217




Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Summer special mesmerizing offer expert therapeutic refreshing massage appointment: 9668374480. D-66593

Ayurvedic full body massage ladies/gents smart experts therapist. 9114697517. D-66917

Monsoon dhamaka/ full body massage with hiprofile smart lady therapist. Hurry up ! 9708545108. D-13319

Ayurvedic full body massage ladies & gents smart therapist. 9040900385. D-66923




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13361

**AFFIDAVIT**

By virtue of an affidavit before Notary, Bhubaneswar that my name which was Sucheta Pattanayak has been changed to Sucheta Pattnaik for all purposes. D-13356

By virtue of the affidavit No. 1236 Dt. 06.07.2019, sworn before the Executive Magistrate, Khurda, my name which was wrongly mentioned as Mrutyunjay Das in the H.S.C Exam Certificate bearing Sl.No. M0072197, Roll No. 6788034, Certificate No. A197072119 of my son Debasish Das shall be Mrutyunjaya Kumar Das henceforth and also for all pupose. D-13360

By virtue of an affidavit before Executive Magistrate, Bhubaneswar I declare that my name in Board Certificate, Aadhaarcard Pabitra Ranjan Rout and Santosh Rout in LIC Policy No. 574639553 is one and same person. D-66924

## ଆଜି କ'ଣ କେଉଁଠି

ଭଦ୍ରକ

▸କମ୍ପ୍ୟୁଟର ଶିକ୍ଷକମାନଙ୍କ ମିଳିତ ବୈଠକ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ରାମଗାହାଣ ନଦୀରେ କୁମ୍ଭୀର ଆତଙ୍କ

**ବାସୁଦେବପୁର, ୧୦।୭ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ମନ୍ଦାରୀ ପୋଲ ନିକଟସ୍ଥ ରାମଗାହାଣ ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ବୁଧବାର ଅପରାହ୍ନରେ ଏହି ନଦୀରେ ୩ଟି କୁମ୍ଭୀର ଭାସୁଥିବା ସ୍ଥାନୀୟ କେତେକ ପିଲା ଦେଖିବାକୁ ପାଇଥିଲେ। ଗୋଟିଏ ବଡ଼କୁମ୍ଭୀର ଓ ୨ଟି ଛୋଟ କୁମ୍ଭୀର ପାଣିରେ ଭାସୁଥିବା ସହ ନଦୀପଠାରେ ଶୋଇଥିବା ଲୋକେ ଦେଖିଥିଲେ। ଏହି ନଦୀ ମନ୍ତେଇ ସହ ସିଧାସଳଖ ସଂଯୋଗ ଥିବାରୁ କୁମ୍ଭୀର ପଳାଇ ଆସିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏ ଦିଗରେ ବନ୍ୟପ୍ରାଣୀ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

### କଲେଜ ପରିସରରେ ବୃକ୍ଷରୋପଣ

**ଭଣ୍ଡାରିପୋଖରୀ, ୧୦।୭ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁରସ୍ଥିତ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ରମେଶ ଚନ୍ଦ୍ର ବେହୁରିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଲେଜ ଜାତୀୟ ସେବା ଯୋଜନା ଛାତ୍ରୀଛାତ୍ର, କଲେଜର ସମସ୍ତ ଛାତ୍ରୀଛାତ୍ର ଗୋଟିଏ ଗୋଟିଏ ଗଛ ଲଗାଇଥିଲେ। ପରେ କଲେଜ ପରିସରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ବେହୁରିଆ ଗଛ ଲଗାଇବା ଦ୍ୱାରା ପରିବେଶ କିପରି ସନ୍ତୁଳିତ ହୋଇ ରହେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମସ୍ତ ଛାତ୍ରୀଛାତ୍ର ନିଜ ବାଡ଼ି ବଗିଚାରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ସେ ଆହ୍ୱାନ ଦେଇଥିଲେ। ଜାତୀୟ ଶିବିର ସଂଯୋଜକ ଅନୁପମା ତ୍ରିପାଠୀ ଓ ନାରାୟଣ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସାତଦିନ ଗାଁ ଦାଣ୍ଡ ହୁଏ ଆନନ୍ଦବଜାର

**ଆରଡ଼ି, ୧୦।୭ (ଡି.ଏନ.ଏ.)**

ରଥଯାତ୍ରାରୁ ବାହୁଡ଼ା ପର୍ଯ୍ୟନ୍ତ ଦୁଇ ଗାଁ ଚଳଚଞ୍ଚଳ ହୋଇଉଠେ। ଭକ୍ତମାନେ ଜଗନ୍ନାଥ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଆଧ୍ୟାତ୍ମିକତାରେ ନିଜକୁ ହଜେଇ ଦିଅନ୍ତି। ଏହି ଦୁଇ ଗାଁ ହେଉଛି ଧାମନଗର ବ୍ଲକର ରଇପୁର ଓ ବେତାଳିଗାଁ। ପ୍ରତିବର୍ଷ ପରି ଚଳିତବର୍ଷ ରଥଯାତ୍ରା ଦିନ ରଇପୁର ଗାଁରୁ ଏକ ସୁସଜ୍ଜିତ ରଥକୁ ହଜାର ହଜାର ଶ୍ରଦ୍ଧାଳୁ ୩ କି.ମି. ପର୍ଯ୍ୟନ୍ତ ଟାଣି ଟାଣି ଆଣିଥିଲେ। ଆଉ ରଥ ଅଟକିଥିଲା ବେତାଳିଗାଁରେ ଥିବା ମାଉସୀମା' ମନ୍ଦିରରେ। ରଥଯାତ୍ରା ପରଦିନଠାରୁ ବାହୁଡ଼ାର ପୂର୍ବଦିନ ପର୍ଯ୍ୟନ୍ତ ୭ ଦିନ ଧରି ଗାଁ ହୋଇଯାଏ ଶ୍ରୀକ୍ଷେତ୍ର। ଆଉ ଗାଁ ଦାଣ୍ଡ ଆନନ୍ଦବଜାର। ପିଲାଠାରୁ ବୃଦ୍ଧାବୃଦ୍ଧ ସମସ୍ତେ ଏହି ୭ ଦିନ ଜଗନ୍ନାଥ ଚେତନାରେ ନିଜକୁ ସାମିଲ କରନ୍ତି।



ଗାଁ ଦାଣ୍ଡରେ ଲୋକେ ପ୍ରସାଦ ସେବନ କରୁଛନ୍ତି।

ଗାଁରେ ବସବାସ କରୁଥିବା ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ସମସ୍ତେ ଏକାକାର ହୋଇଯାଆନ୍ତି। ସକାଳଠାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଆଖପାଖ ଗାଁରୁ ହଜାର ହଜାର ଭକ୍ତ ବେତାଳିଗାଁକୁ ଆସି ପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଏହି ଅବସରରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭାଗବତ ପଠନ, ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଉଛି। ଏହି ଗାଁରେ ସାତ ଦିନ କାଳ ୨୦୦୦ରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ଦ୍ୱିପ୍ରହର ଓ ରାତିରେ ଗାଁରେ ସବୁ ଜାତି, ସବୁ ବର୍ଗର ଲୋକେ ଗୋଟିଏ ସ୍ଥାନରେ ବସି ପ୍ରସାଦ ସେବନ କରୁଛନ୍ତି। ବର୍ଷେ କି ଦୁଇବର୍ଷ ନୁହେଁ ଦୀର୍ଘ ୨୯ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ବେତାଳିଗାଁ ଶ୍ରୀଜଗନ୍ନାଥ କମିଟି ସଭାପତି ଅଧ୍ୟାପକ ବିଭୂତି ଭୂଷଣ ବାରିକ କହିଛନ୍ତି, ଏହି ଅନୁଷ୍ଠାନ ଆଜି ଆଉ ଗାଁରେ ସୀମିତ ହୋଇ ରହିନାହିଁ। ଏହା ଦୁଇ ପଞ୍ଚାୟତକୁ ବ୍ୟାପି ଗଲାଣି। ବିଷ୍ଣୁ ପ୍ରେମ ଓ ଭଗବତ ଚେତନା ସୃଷ୍ଟି କରି ସମାଜ କଲ୍ୟାଣ ସାଧନ କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ।

### ■ ପୋତି ହୋଇପଡ଼ିଛି ଡ୍ରେନ୍

# ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ମହିଳା

**ବାସୁଦେବପୁର, ୧୦।୭ (ଡି.ଏନ.ଏ.)**

ବାସୁଦେବପୁର ପୌରପାଳିକାର ବିଭିନ୍ନ ଡ୍ରେନ ପୋତି ହୋଇପଡ଼ିଛି। ବର୍ଷାଦିନ ପୂର୍ବରୁ ଏହି ଡ୍ରେନ୍‌ଗୁଡ଼ିକ ସଫା କରାଯାଇ ନ ଥିବାରୁ ଚଳିତବର୍ଷ ସହରାଞ୍ଚଳବାସୀ ନାନା ଅସୁବିଧାରେ ପଡ଼ିବାର ଆଶଙ୍କା ରହିଛି। ପୌରପାଳିକାର ୧୨ ନମ୍ବର ୱାର୍ଡ ଇଣ୍ଡିଆସାହି ନିକଟ ଅଞ୍ଚଳ ଓ ଗ୍ରାମରେ ଥିବା ଡ୍ରେନ୍‌କୁ ସଫା କରାଯାଇ ନ ଥିବାବେଳେ ମଇଁଷାପଦା ନିକଟସ୍ଥ ମହାଦେବ ମନ୍ଦିରଠାରେ ଜଣେ ବ୍ୟକ୍ତି ନୟନଯୋରି ମୁହଁକୁ ଜବରଦଖଲ କରି ପୋତି ପକାଇଛନ୍ତି। ଫଳରେ ଜଳ ନିଷ୍କାସନରେ ଏହା ପ୍ରମୁଖ ପ୍ରତିବନ୍ଧକ ସାଜିଛି। ଗାଁର ଉପରମୁଣ୍ଡ ପାଣି ଗଡ଼ି ଆସି ଏଠାରେ ନିଷ୍କାସିତ ହୋଇପାରୁ ନାହିଁ। ଡ୍ରେନର ଅପରିଷ୍କାର ପାଣି ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏହି ଡ୍ରେନ୍‌କୁ ସଫା କରାଯିବା ସହ ଜବରଦଖଲ ଉଚ୍ଛେଦ କରି ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉ ବୋଲି ଦାବି ହୋଇଛି। ଏ ସମ୍ପର୍କରେ ପୂର୍ବରୁ ପୌରନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରି ଗ୍ରାମର ରୀନା ଦାସ, କୁନୁ ଦାସ, ବେବୀଲତା ଦାସ, ସସ୍ମିତା ଦାସ, ଚିନା ଦାସ ପ୍ରମୁଖ ବୁଧବାର ପୌରନିର୍ବାହୀ ଅଧିକାରୀଙ୍କୁ ଭେଟି ପୁଣିଥରେ ସେମାନଙ୍କ ଦାବି ଜଣାଇଛନ୍ତି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପୌରନିର୍ବାହୀ ଅଧିକାରୀ କହିଛନ୍ତି।



ପୌର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ମହିଳା।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକଙ୍କ ବିକ୍ଷୋଭ



ଶ୍ରମିକମାନଙ୍କ ଶୋଭାଯାତ୍ରା।

**ଭଦ୍ରକ ଅଫିସ, ୧୦।୭**

କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମଜୀବୀ, ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବିକୁ ବାରମ୍ବାର ଉପେକ୍ଷିତ କରିଆସିଛନ୍ତି। ଶ୍ରମିକମାନେ ସେମାନଙ୍କର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରୀ ସ୍ତରରେ ଶ୍ରମିକମାନଙ୍କୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ କରି ବୁଧବାର ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମିକନେତା ସମର ବଳଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ବନ୍ତ ଛକରୁ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲା ଶ୍ରମ କାର୍ଯ୍ୟାଳୟର ଶ୍ରମିକମାରଣ ନୀତି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଜିଲା ଶ୍ରମିକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ କରାଯାଇଥିବା ଏହି ଆନ୍ଦୋଳନ ଯୋଗୁ ପ୍ରାୟ ୨ ଘଣ୍ଟା ଜିଲାପାଳଙ୍କ କାର୍ଯ୍ୟାଳୟ ଅଚଳ ହୋଇଯାଇଥିଲା। ଶେଷରେ ଉପଜିଲାପାଳ ପୀତାମ୍ବର ସାମଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ଓପେପା ଅତିରିକ୍ତ ନିର୍ଦ୍ଦେଶକଙ୍କ ଭଦ୍ରକ ଗସ୍ତ

**ଭଦ୍ରକ ଅଫିସ, ୧୦।୭ –** ଓପେପା(ଓଡ଼ିଶା ପ୍ରାଇମେରୀ ଏଜୁକେଶନ ପ୍ରୋଗ୍ରାମ ଅଥରିଟି)ର ଅତିରିକ୍ତ ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ଦାଶ ଭଦ୍ରକ ଗସ୍ତରେ ଆସି ଶିକ୍ଷା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝି ଫେରିଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଶିକ୍ଷକମାନେ ଓପେପା ନିର୍ଦ୍ଦେଶକ ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ଦରମା ମିଳୁ ନ ଥିବା, ବକେୟା ପ୍ରାପ୍ୟ, ଛୁଟି ଦରମା ଆଦି ନ ମିଳିବା, ଶିକ୍ଷକମାନଙ୍କର ସର୍ଭିସ୍ ବୁକ୍ ଅପଡେଟ୍ ନ ହେବା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପେନ୍‌ସନ ବର୍ଷ ବର୍ଷ ଧରି ନ ମିଳିବା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ର, ଜିଲା ଉପଦେଷ୍ଟା ସୁରେନ୍ଦ୍ର କୁମାର ମଲ୍ଲିକ, ବାବୁଲା ରାଉତ, ଭାସ୍କର ଚନ୍ଦ୍ର ନାୟକ, ବ୍ଲକ ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ, ଶିକ୍ଷକନେତା ତବରାଜ ଖାଁ ଓ ଶେଖ୍ ଅବଦୁଲ ରବ ପ୍ରମୁଖ ଉପସ୍ଥିତ ଥିଲେ।

RASHMI GROUP
A house of infrastructure solutions



CIVIL
MECHANICAL
ELECTRICAL
CONTRACTORS
REQUIRED
(PROJECTS)
FOR AN INTEGRATED STEEL PLANT AT KHARAGPUR AREA

DRI | POWER | PELLET | SMS | HOT ROLLING MILLS | COLD ROLLING MILLS | BLAST FURNACE
SINTER | COKE OVEN | FERRO | SLAB CASTER
PLATE MILL | WAGON TIPPLER | STACKER & RECLAIMER | RAILWAY SIDING

Interested Vendors may mail at projects2799@gmail.com
or call us 74777 87998 / 74777 83817

**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 67 of 2019**

**Syndicate Bank, Pokhariput Branch,**
Bhubaneswar, Dist.: Khurda ...Applicant

**Versus**

**Mohammed Shakill** ...Defendant

To
1. **Mohammed Shakill,** S/o: Mohammed Samsheer, C/o: M. Krushna Rao, HIG/115, Phase-I, Anant Vihar, Pokhariput, Bhubaneswar, Dist.: Khurda-751020

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 67/2019** in the Court of Debts Recovery Tribunal at Cuttack for a recovery of **Rs.21,25,142.72** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Aug, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **29th day of June 2019.**

Sd/- Registrar
Debts Recovery Tribunal

# ଫେସ୍‌ବୁକ୍‌ରୁ ପ୍ରେମ, ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

**ପଦ୍ମପୁର, ୧୦।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ନାୟକାଣିଡିହୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଫେସ୍‌ବୁକ୍ ଜରିଆରେ ପ୍ରେମ କରି ଅପହରଣ ପରେ ବଳାତ୍କାର କରାଯାଇଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ୩୬୩, ୩୭୬ ପୋକ୍ସୋ ଆକ୍ଟ ୪ ଦଫାରେ ଏକ ମାମଲା(ନଂ.୧୦୦/୧୯) ରୁଜୁ କରି ତନାଘନା ଚଳାଇଛି।

ନାବାଳିକାଙ୍କ ବାପା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଧୂଷୁରୀ ଥାନା ଅନ୍ତର୍ଗତ ତୋରବିନ୍ଧା ଅଞ୍ଚଳର ଜଣେ ଯୁବକ ଫେସ୍‌ବୁକ୍‌ରୁ ପରିଚିତ ହୋଇ ତାଙ୍କ ଝିଅ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ଗତ ୪ ତାରିଖ ରଥଯାତ୍ରା ଦିନ ଯୁବକ ଜଣଙ୍କ ହତାଶିଆଠାରୁ ତାଙ୍କ ଝିଅଙ୍କୁ ଅପହରଣ କରି ନେଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ତାଙ୍କ ଝିଅ ଯୁବକଙ୍କ ମାଉସୀ ଘରେ ଥିବା ଜଣାପଡ଼ିଥିଲା। ଗତ ୫ ତାରିଖରେ ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରାଯାଇଥିବା ବେଳେ ଯୁବକ ଜଣଙ୍କ ଫେରାର ହୋଇଯାଇଛନ୍ତି। ନାୟକାଣିଡିହୀ ଥାନା ଏସ୍‌ଆଇ ନିରୋଦ କୁମାର ମଲ୍ଲିକ ଘଟଣାର ତଦନ୍ତ କରୁଛନ୍ତି।

**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014.**
**O.A. No. 72 of 2019**

**Syndicate Bank, Paradeep Port Branch,**
Paradeep, Dist.: Jagatsinghpur ...Applicant

**Versus**

**Bichitrananda Mohapatra and others** ...Defendants

To
1. **Mr. Bichitrananda Mohapatra,** S/o: Late Brundaban Mohapatra, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
2. **Mr. Ramesh Nayak,** S/o: Late Raghunath Nayak, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141
3. **Mr. Bhanja Sekhar Mohapatra,** S/o: Bichitrananda Mohapatra, At: Chunabelari, P.O.: Paradeepgarh, P.S.: Paradeep Lock, Dist.: Jagatsinghpur-754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED.**

Take notice that the applicant has instituted a suit in **O.A. No. 72/2019** in the Court of Debts Recovery Tribunal at Cuttack for a recovery of **Rs.44,69,518.79** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **27th day of Aug, 2019** at **10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **8th day of July 2019.**

Sd/- Registrar
Debts Recovery Tribunal

### 'ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବନ୍ତ, ୧୦।୭ (ଡି.ଏନ.ଏ.)**

ପରିବେଶ ସୁରକ୍ଷାରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବନ୍ତ ବ୍ଲକ କେନ୍ଦୁଆପଦା ହାଇସ୍କୁଲ ପରିସରରେ ୭୦ତମ ବନ ମହୋତ୍ସବ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଣ୍ଡାରିପୋଖରୀ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ତଥା ବନପାଳ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଅଧୀର କୁମାର ତରେଇ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ତଥା ଏନ୍‌ସିସି ଫାଷ୍ଟ ଅଫିସର ଶଶିଶେଖର କରଶର୍ମା, ଉତ୍ତମ କୁମାର ଦତ୍ତ, କ୍ରୀଡ଼ା ଶିକ୍ଷକ କିଶୋର ଚନ୍ଦ୍ର ଦାସ, ଗଦାଧର ସେନାପତି, ମଣିଭଦ୍ର ମିଶ୍ର, ତରଣୀସେନ ଜେନା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।


## ମନେ ପଡ଼ନ୍ତି

**ଶ୍ରାଦ୍ଧ ଉପଲକ୍ଷେ**




**ସ୍ୱର୍ଗତା ହେମଲତା ରଥ**
ବୀରରାମଚନ୍ଦ୍ରପୁର, ପୁରୀ
ଚାହୁଁ ଚାହୁଁ ତିନି ବର୍ଷ ହୋଇଗଲା, ତୁମର ଅନୁପସ୍ଥିତି ସର୍ବଦା ଅନୁଭବ କରୁଛୁ।
ଆମମାନଙ୍କ ପ୍ରତି ତୁମର ଆଶୀର୍ବାଦ ଅତୁଟ ରହିଥାଉ।
**ଶୋକସନ୍ତପ୍ତ:**
**ପରିବାରବର୍ଗ**
ଧ-୧୩୩୫୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଉର୍ମିଳା ଦେବୀ**
(ମାଗୁଣୀ)
ତିରୋଧାନ: ୦୨।୦୭।୨୦୧୭
(ଆଷାଢ଼ ଶୁକ୍ଳ ନବମୀ)
ମାମା, ତୁ ଯେଉଁଠି ଅଛୁ ଭଲରେ ରହ। ତୋ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ସହ:**
ଝିଅ, ଜ୍ୱାଇଁ, ବୋହୂ, ନାତି ଓ ନାତୁଣୀ।
ଧ-୧୩୩୫୮

**ଏକାଦଶାହ ଅବସରରେ**



**ସ୍ୱର୍ଗତ ଭୁବନାନନ୍ଦ ଜେନା**
ଆବିର୍ଭାବ: ୦୮।୧୦।୧୯୬୧
ତିରୋଧାନ: ୦୨।୦୭।୨୦୧୯
ଆଜି ଏକାଦଶାହ ଅବସରରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ଯେଉଁଠି ଥାଅ, ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସୋମନାଥ ଜେନା (ପୁତ୍ର)
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୩୫୯

DSPL-44
ବିଶ୍ୱ ଜନସଂଖ୍ୟା ଦିବସ -୨୦୧୯
୧୧ ଜୁଲାଇ ୨୦୧୯
ସେହି ଦମ୍ପତି ଅଟନ୍ତି ଦାୟିତ୍ୱବାନ୍ ଯିଏ କରନ୍ତି ପରିବାର ପ୍ଲାନ୍
ପରିବାର ନିୟୋଜନ କରି ତୁଲାନ୍ତୁ ଦାୟିତ୍ୱ
ମା' ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ରୁହନ୍ତୁ ସମ୍ପୂର୍ଣ୍ଣ ପ୍ରସ୍ତୁତ



ହିତାଧିକାରୀଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ
ପ୍ରୋତ୍ସାହନ ରାଶି
ଗର୍ଭପାତ/ପ୍ରସବ ପରବର୍ତ୍ତୀ ଆଇ.ୟୁ.ସି.ଡି. - ଟ.୩୦୦/-
ମହିଳା ବନ୍ଧ୍ୟାକରଣ - ଟ.୧୪୦୦/-
ପ୍ରସବ ପରବର୍ତ୍ତୀ ବନ୍ଧ୍ୟାକରଣ - ଟ.୨୨୦୦/-
ପୁରୁଷ ବନ୍ଧ୍ୟାକରଣ - ଟ.୨୦୦୦/-
"ଅସ୍ଥାୟୀ ଏବଂ ସ୍ଥାୟୀ ପଦ୍ଧତି, ପରିବାରରେ ଆଣେ ଉନ୍ନତି।"
ଅସ୍ଥାୟୀ ଗର୍ଭନିରୋଧକ ପଦ୍ଧତି
ଗର୍ଭନିରୋଧକ ବଟିକା
କଣ୍ଡୋମ୍
ଅନ୍ତରା
ଆ.ୟୁ.ସି.ଡି.
ସ୍ଥାୟୀ ଗର୍ଭନିରୋଧକ ପଦ୍ଧତି
ମହିଳା ବନ୍ଧ୍ୟାକରଣ
ପୁରୁଷ ବନ୍ଧ୍ୟାକରଣ
ମନେରଖନ୍ତୁ
■ ସର୍ବନିମ୍ନ ୧୮ ବର୍ଷ ବୟସ ପରେ ଝିଅଙ୍କ ବିବାହ
■ ବିବାହର ୨ ବର୍ଷ ପରେ ପ୍ରଥମ ସନ୍ତାନ
■ ସନ୍ତାନ ଜନ୍ମ ମଧ୍ୟରେ ୩ ବର୍ଷର ବ୍ୟବଧାନ
10003/13/0031/1920
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

❝ ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# କବକମାରୀ ବ୍ୟବହାରର ବିପଦ

କ୍ୟାଣ୍ଡିଡା ଅରିସ୍ (ସି.ଅରିସ୍) ହେଉଛି ଏକ ମାରାତ୍ମକ କବକୀୟ ସଂକ୍ରମଣ, ଯାହା ପ୍ରଥମେ ୨୦୦୯ରେ ଜାପାନରେ ଦେଖାଯାଇଥିଲା ଏବଂ ଅଳ୍ପ କେଇବର୍ଷ ଭିତରେ ଏହା ସାରା ବିଶ୍ୱରେ ବ୍ୟାପିଗଲାଣି। ଏହା ହେଉଛି ଏକ ସୁପରବଗ୍: ଏକ ଜୀବାଣୁ ଯାହା ଉପରେ କୌଣସି ଔଷଧ କାମ କରେ ନାହିଁ। କବକୀୟ ସଂକ୍ରମଣ ପାଇଁ ବର୍ତ୍ତମାନ ଯେଉଁସବୁ ଔଷଧ ଉପଲବ୍ଧ, ସେଗୁଡ଼ିକ ବି କିଛି କାମ ଦିଅନ୍ତି ନାହିଁ। ଏହି ଔଷଧଗୁଡ଼ିକ ଭିତରେ ଅଛି ଫ୍ଲୁକୋନାଜୋଲ୍ ଓ ଏକିନୋକ୍ୟାଣ୍ଡିନ୍ ପ୍ରଭୃତି ଔଷଧ, ଯାହା ପୃଥିବୀର ଅଧିକାଂଶ ଦେଶରେ ବ୍ୟବହୃତ ହେଉଛି।

ଯଦି ଥରେ କୌଣସିଠାରେ ଏହି ଜୀବାଣୁ ପଶିଗଲା, ତାକୁ ସେଠୁ ନିକାଲିବା ବା ନିପାତ କରିବା କଷ୍ଟକର। କେତେକ ହସ୍ପିଟାଲ ଏକ ସ୍ୱତନ୍ତ୍ର ସଫା କରିବା ଯନ୍ତ୍ର ଆଣିବାକୁ ବାଧ୍ୟ ହୋଇଛନ୍ତି ଏବଂ ଏପରି କି ଏହି ଜୀବାଣୁ କବଳରୁ ମୁକ୍ତିପାଇବା ଲାଗି ତାଙ୍କୁ ପୂରା ଚଟାଣ ଓ ସିଲିଂର ଟାଇଲ ତାଡ଼ି ବାହାର କରି ନୂଆ ଲଗାଇବାକୁ ପଡ଼ିଛି। ଏହା ଏକ ଜୀବନଘାତୀ କବକ, ଯେଉଁଥିରେ ସଂକ୍ରମିତ ହେଲେ ମୃତ୍ୟୁହାର ଅଧିକ ହୋଇଥାଏ। ଏହା ଜାପାନ, ଦକ୍ଷିଣ କୋରିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, କେନିଆ, କୁଏଟ, ଇସ୍ରାଏଲ, ଭେନିଜୁଏଲା, କଲମ୍ବିଆ, ଇଂଲଣ୍ଡ, କାନାଡ଼ା ଓ ଆମେରିକାରେ ଚିହ୍ନଟ ହୋଇଛି। ଅନ୍ୟ ଦେଶଗୁଡ଼ିକରେ ବି ଏହା ଥାଇପାରେ, କିନ୍ତୁ ଏହାକୁ ଚିହ୍ନଟ କରିବା ପାଇଁ ଆବଶ୍ୟକ ସ୍ୱତନ୍ତ୍ର ବିଜ୍ଞାନାଗାର ପଦ୍ଧତି ଅଭାବରୁ ଚିହ୍ନଟ ହୋଇପାରି ନାହିଁ।

ଦୁର୍ବଳ ରୋଗପ୍ରତିରୋଧକ କ୍ଷମତାବିଶିଷ୍ଟ ଲୋକମାନେ ଏହାର ସହଜ ଶିକାର ହୋଇଥାନ୍ତି, ବିଶେଷତଃ ନବଜାତ ଶିଶୁ, ବୃଦ୍ଧ, ଅନ୍ୟ ସଂକ୍ରମଣ ଦ୍ୱାରା ପୀଡ଼ିତ ଲୋକ, ମଧୁମେହ ରୋଗୀ ଏବଂ ଯେଉଁମାନେ ବ୍ରୋଡ୍ ସ୍ପେକ୍ଟ୍ରମ ଆଣ୍ଟିବାୟୋଟିକ୍ ବା ଆଣ୍ଟିଫଙ୍ଗାଲ ଚିକିତ୍ସା କରାଇଛନ୍ତି, ସେମାନେ ଏଥିରେ ସଂକ୍ରମିତ ହୋଇଥାନ୍ତି। ଏହା ନୂଆ ହୋଇଥିବାରୁ ଏହା ଉପରେ ବିଶେଷ ପ୍ରଚାର ପ୍ରସାର ହୋଇନାହିଁ। କୌଣସି ହସ୍ପିଟାଲରେ ଏହାର ସଂକ୍ରମଣ ହେଲେ ଏହାକୁ ସମ୍ପୃକ୍ତ ହସ୍ପିଟାଲ ଦ୍ୱାରା ଏପରି କି ସରକାରଙ୍କ ଦ୍ୱାରା ଲୁଚେଇ ଦିଆଯାଏ, କାରଣ ଲୋକମାନେ ଭୟଭୀତ ହୋଇ ଆଉ ହସ୍ପିଟାଲକୁ ଆସିବେ ନାହିଁ। ଏପରି କି ଆମେରିକାରେ କୌଣସି ହସ୍ପିଟାଲରେ ସଂକ୍ରମଣ ହେଲେ ତାହା ପ୍ରକାଶ କରିବା ପାଇଁ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ସଂସ୍ଥାକୁ ବାରଣ କରାଯାଇଥାଏ।

ସି. ଅରିସ୍ ସଂକ୍ରମଣ ହେଲେ ରୋଗୀଠାରେ ଜ୍ୱର, ବିନ୍ଧା, କ୍ଳାନ୍ତି ପ୍ରଭୃତି ପ୍ରାଥମିକ ଲକ୍ଷଣ ଦେଖାଯାଏ। ଏହିସବୁ ଲକ୍ଷଣ ଅନ୍ୟ ରୋଗରେ ମଧ୍ୟ ଦେଖାଯାଉଥିବାରୁ ସ୍ୱତନ୍ତ୍ର ପରୀକ୍ଷା ବିନା ଏହାକୁ ଚିହ୍ନଟ କରାଯାଇପାରେ ନାହିଁ। ଏହାର ପରବର୍ତ୍ତୀ ଲକ୍ଷଣଗୁଡ଼ିକ ମଧ୍ୟରେ ଅଛି ରକ୍ତ ବିଷାୟନ ବା ସେପ୍ସିସ୍, କୋମା, ଅଙ୍ଗ ଅଚଳ ଓ ମୃତ୍ୟୁ। ଏହି କବକ ମଣିଷର ଚର୍ମରେ ବସତି ସ୍ଥାପନ କରିବା ସହ ଶରୀରରେ ଦୀର୍ଘଦିନ ଧରି ରହନ୍ତି ଏବଂ ଅନ୍ୟ ମଣିଷ ଦେହକୁ ସଂକ୍ରମିତ ହୁଅନ୍ତି।

ଏହି କବକ ସଂକ୍ରମଣର ଗୋଟିଏ କାରଣ ହେଲା ଡାକ୍ତରମାନେ ରୋଗୀକୁ ଅବିଚାରିତ ଭାବେ ଆଣ୍ଟିଫଙ୍ଗାଲ ଔଷଧ ଦେବା ଏବଂ କୃଷି ଓ ପଶୁପାଳନ କ୍ଷେତ୍ରରେ ମଧ୍ୟ ବ୍ୟାପକ ଆଣ୍ଟିଫଙ୍ଗାଲ୍ (କବକମାରୀ)ର ଉପଯୋଗ କରିବା। ଫଳରେ ସି. ଅରିସ୍ କବକ ଏହିସବୁ ଔଷଧର ପ୍ରତିରୋଧୀ ହୋଇଯାନ୍ତି। ଗହମ, କଦଳୀ, ବାର୍ଲି, ସେଓ, ଆଳୁ, ସୋୟାବିନ୍, ଅଙ୍ଗୁର, ଷ୍ଟୋନ୍ ଫ୍ରୁଟ୍ ପ୍ରଭୃତି ଫସଲରେ ଫଙ୍ଗିସାଇଡ୍‌ର ବହୁଳ ବ୍ୟବହାର ହେଉଛି। ୨୦୦୭ ପୂର୍ବରୁ ଛଅଟି ମୁଖ୍ୟ ଫଙ୍ଗିସାଇଡ୍ କ୍ୱଚିତ୍ ବ୍ୟବହାର ହେଉଥିଲା। ସେଗୁଡ଼ିକ ହେଉଛି ଆଜୋଲ, ମର୍ଫୋଲିନ୍, ବେନ୍‌ଜିମିଡାଜୋଲ୍, ଷ୍ଟ୍ରୋବିଲୁରିନ୍, ସସିନେଟ୍ ଡିହାଇଡ୍ରୋଜେନେଜ୍ ଇନ୍‌ହିବିଟର ଏବଂ ଆନିଲିନୋପାଇରିମିଡିନ୍। ବର୍ତ୍ତମାନ ସେଗୁଡ଼ିକର ବହୁଳ ବ୍ୟବହାର ହେଉଛି ଏବଂ ସବୁଠୁ ଅଧିକ ବ୍ୟବହାର ହେଉଛି ଆଜୋଲ୍‌ର। ଅନେକ ପ୍ରକାର କବକକୁ ମାରିଦେଉଥିବା ଆଜୋଲ୍‌କୁ ଉଭୟ ଶସ୍ୟକ୍ଷେତ୍ରରେ ଓ ଔଷଧରେ ବ୍ୟବହାର କରାଯାଉଛି। କିନ୍ତୁ କ୍ୟାଣ୍ଡିଡା ଅରିସ୍ କବକ ଏହାର ପ୍ରତିରୋଧୀ ହୋଇଯାଇଥିବାରୁ ଏହି ଔଷଧ ଦ୍ୱାରା ସି.ଅରିସ୍ ମରେନାହିଁ। ଅନ୍ୟ ଆଣ୍ଟିଫଙ୍ଗାଲ ଯଥା ଫ୍ଲୁକୋନାଜୋଲ୍, ଆମ୍ଫୋଟେରିସିସନ୍ ବି ଓ ଏକିନୋକ୍ୟାଣ୍ଡିନ୍ ମଧ୍ୟ ସି.ଅରିସ୍‌ର କିଛି କ୍ଷତି କରିପାରନ୍ତି ନାହିଁ।

ସମ୍ଭବତଃ ସି.ଅରିସ୍ ବିରୋଧରେ ମଣିଷ ଅନେକ ଶତାବ୍ଦୀ ଧରି ଲଢ଼େଇ କରିଆସୁଛି, ଯାହା ଏବେ ପ୍ରତିରୋଧୀ ହୋଇ ମଣିଷର ନିୟନ୍ତ୍ରଣରୁ ଊର୍ଦ୍ଧ୍ୱକୁ ଉଠିଯାଇଛି। ଏହା ମଣିଷର ଚର୍ମ ଓ ରକ୍ତସ୍ରୋତରେ ପ୍ରବେଶ କରି ମଣିଷକୁ ରୋଗଗ୍ରସ୍ତ କରୁଛି। ଏହି ସଂକ୍ରମଣର ମୂଳ ଉତ୍ସ କ'ଣ ତାହା ଜାଣିବା ପାଇଁ ଏକ ଅନ୍ତର୍ଜାତୀୟ ଦଳ ୨୦୧୨ରୁ ୨୦୧୫ ମଧ୍ୟରେ ପାକିସ୍ତାନ, ଭାରତ, ଦକ୍ଷିଣ ଆଫ୍ରିକା ଓ ଭେନିଜୁଏଲାର ହସ୍ପିଟାଲଗୁଡ଼ିକରୁ ଅନେକ କବକୀୟ ଜୀବାଣୁ ସଂଗ୍ରହ କରିଥିଲା। ସେମାନେ ଦେଖିଲେ ଯେ ସବୁ ଜୀବାଣୁ ଆଜୋଲ ପ୍ରତିରୋଧୀ, ମାତ୍ର ସେଗୁଡ଼ିକର ଉପଭେଦରେ ଫରକ ଥିଲା, ଯାହାର ସମ୍ପୃକ୍ତ ଦେଶରେ ବ୍ୟବହୃତ ଫଙ୍ଗିସାଇଡ୍ ସହ ସମ୍ବନ୍ଧ ଥିଲା। ଏହି କବକ ବିସ୍ତାରିତ ଓ ବିବିଧୀକୃତ ହୋଇଥିଲା କାରଣ ରୋଗୀ ଓ ଶସ୍ୟଗୁଡ଼ିକ କୃଷି ବାଣିଜ୍ୟ ମାଧ୍ୟମରେ ବିଭିନ୍ନ ସ୍ଥାନକୁ ଯାଉଥିଲେ।

୨୦୧୫ରେ ବୈଜ୍ଞାନିକମାନେ ଆବିଷ୍କାର କଲେ ଯେ ସି.ଅରିସ୍ ଜିନୋମ୍ ଭିତରେ ଏକ ସୁପରଫ୍ୟାମିଲି (ଏମ୍ଏଫ୍ଏସ୍)ର ଅନେକ ଜିନ୍ ରହିଛି। ଏମ୍ଏଫ୍ଏସ୍ ସଫଳ ଭାବେ ଅନେକ ଔଷଧର ପ୍ରଭାବକୁ ପ୍ରତିହତ କରିପାରୁଛି। ଏହା ଆଣ୍ଟିଫଙ୍ଗାଲ ବିରୋଧରେ ଲଢ଼ି ବଞ୍ଚିରହିବା ପାଇଁ ସି.ଅରିସ୍‌କୁ ସହାଯ୍ୟ କରୁଛି। ସି.ଅରିସ୍ ଏକମାତ୍ର କବକ ନୁହେଁ ଯାହା ଔଷଧ ପ୍ରତିରୋଧୀ। ଏହିପରି ଅନେକ ଜୀବାଣୁ ଅଛନ୍ତି ଯେଉଁମାନେ ଔଷଧ ପ୍ରତିରୋଧୀ ହୋଇ ଉଭୟ ମଣିଷ ଓ ଉଦ୍ଭିଦଠାରେ ରୋଗ ସୃଷ୍ଟି କରନ୍ତି। ଆସ୍‌ପରଗିଲସ୍ ଫ୍ୟୁମିଗେଟସ୍ ହେଉଛି ଗୋଟିଏ ପ୍ରକାର କବକ ଯାହା ମଣିଷର ଫୁସ୍‌ଫୁସ୍‌କୁ ସଂକ୍ରମଣ କରି ମୃତ୍ୟୁର କାରଣ ହୋଇଥାଏ। ପଲ୍‌ମୋନାରୀ ଆସ୍‌ପରିଲୋଗୋସିସ୍ ରୋଗର ଚିକିତ୍ସା ପାଇଁ ବହୁଦିନ ହେଲା ଆଜୋଲ ଆଣ୍ଟିଫଙ୍ଗାଲ, ଇଟ୍ରାକୋନାଜୋଲ୍, ଭୋରିକୋନାଜୋଲ୍ ଓ ପୋସାକୋନାଜୋଲ୍‌ର ବ୍ୟବହାର କରାଯାଇ ଆସୁଛି। କିନ୍ତୁ ଗତ ଶତାବ୍ଦୀରେ ଏହା ଉକ୍ତ ଔଷଧଗୁଡ଼ିକର ପ୍ରତିରୋଧୀ ହୋଇଯିବା ଫଳରେ ଏହି ରୋଗରେ ପ୍ରତିବର୍ଷ ପୃଥିବୀରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି।

ଅନେକ କ୍ଷେତ୍ର ଅନୁସନ୍ଧାନରୁ ବୈଜ୍ଞାନିକମାନେ ସାରା ବିଶ୍ୱରେ ବିଭିନ୍ନ ସ୍ଥାନରେ ମାଟି ଓ ଶସ୍ୟରେ ଫଙ୍ଗିସାଇଡ୍ ପ୍ରତିରୋଧୀ ଏ.ଫ୍ୟୁମିଗେଟସ୍ ପାଇଛନ୍ତି। ସହଜ ଭାଷାରେ କହିଲେ କୃଷିକ୍ଷେତ୍ରରେ ବ୍ୟାପକ କବକମାରୀ ବ୍ୟବହାର କରାଯାଉଥିବାରୁ ଉକ୍ତ ଜୀବାଣୁ ପ୍ରତିରୋଧୀ ହୋଇ ମଣିଷ ପାଇଁ ବିପଦର କାରଣ ହୋଇଛି। ତେଣୁ କୃଷି କ୍ଷେତ୍ରରୁ ସମସ୍ତ ପ୍ରକାର ଫଙ୍ଗିସାଇଡ୍‌ର ବ୍ୟବହାରକୁ ଧୀରେ ଧୀରେ ବନ୍ଦ କରି ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଆବଶ୍ୟକ। କିନ୍ତୁ ସରକାର ତାହା କରୁନାହାନ୍ତି ବରଂ ଫଙ୍ଗିସାଇଡ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ସୋୟାବିନ୍ ଚାଷରେ ୨୦୦୨ରୁ ୨୦୦୬ ମଧ୍ୟରେ ଫଙ୍ଗିସାଇଡ୍‌ର ବ୍ୟବହାର ଚାରିଗୁଣ ବୃଦ୍ଧି ପାଇଛି। ଅନ୍ୟ କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର ବୃଦ୍ଧି ପାଇଛି। ଆଳୁରେ ୩୩ ପ୍ରକାର ଫଙ୍ଗିସାଇଡ୍ ବ୍ୟବହାର କରାଯାଉଛି। ଫଳରେ କୃଷି କ୍ଷେତ୍ରରେ ବ୍ୟବହୃତ ଫଙ୍ଗିସାଇଡ୍ ଭୂପୃଷ୍ଠ ଓ ଭୂତଳ ଜଳଭାଗରେ ମିଶି ତାହାକୁ ପ୍ରଦୂଷିତ କରୁଛି। କୂଅ, ନଳକୂଅ ପ୍ରଭୃତିରୁ ଆପଣ ସେହି ପାଣି ପିଉଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ବାୟୁମଣ୍ଡଳର ତାପାମାତ୍ରା ବୃଦ୍ଧିପାଇବା ସହ ଅନିୟମିତ ବର୍ଷା ହେଉଛି ଏବଂ ତାହାଦ୍ୱାରା କବକ ବଂଶ ବୃଦ୍ଧିପାଉଛି। ତେଣୁ ଫଙ୍ଗିସାଇଡ୍‌ର ବ୍ୟବହାର ବଢ଼ୁଛି। ସଂକ୍ରମଣ ପାଇଁ ହସ୍ପିଟାଲଗୁଡ଼ିକୁ ଦୋଷ ଦେବା ଅପେକ୍ଷା ଆମେ କୃଷିକ୍ଷେତ୍ରରେ ଆଣ୍ଟିବାୟୋଟିକ୍ ଓ ଫଙ୍ଗିସାଇଡ୍‌ର ବ୍ୟବହାରକୁ ନିଷିଦ୍ଧ କରିବାକୁ ପଦକ୍ଷେପ ନେବ ଉଚିତ। ଅନେକ କୃଷିମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଏହାକୁ ନିଷିଦ୍ଧ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କାର୍ଯ୍ୟରେ ଠିକ୍ ତା'ର ଓଲଟା ହିଁ କରିଛନ୍ତି।

ପରୀକ୍ଷାରୁ ଜଣାପଡ଼ିଛି ଯେ ପର୍ଯ୍ୟାୟ କୃଷି (ନଳିତା ପରେ ଧାନ, ଧାନ ପରେ ମୁଗ ଇତ୍ୟାଦି) ଓ ମିଶ୍ରିତ କୃଷି (ମୁଗ+ଫେଶୀ, ସୋୟାବିନ୍+ଅଳସୀ ଇତ୍ୟାଦି) ଦ୍ୱାରା କବକ ସଂକ୍ରମଣକୁ ଅନେକାଂଶରେ ଦୂରେଇ ଦିଆଯାଇପାରିବ। ପୁଣି ବୈଜ୍ଞାନିକମାନେ ଦେଖିଛନ୍ତି ଯେ ଆଳୁରେ କବକମାରୀ ବ୍ୟବହାର କରିବା ବଦଳରେ ସିଲିକା ବ୍ୟବହାର କଲେ ତାହା ଭଲ କାମ ଦିଏ। ଜୈବିକ କୃଷି ଭଲ କବକକୁ ଆମନ୍ତ୍ରଣ କରେ ଏବଂ ଖରାପ କବକକୁ ଦୂରେଇଦିଏ। ତେଣୁ ରାସାୟନିକ ସାର ବଦଳରେ କମ୍ପୋଷ୍ଟ, ଖତ ଓ ସବୁଜ ସାର ଅଧିକ ବ୍ୟବହାର କରିବା ଉଚିତ। ଆମ କୃଷି ବିଭାଗ କୃଷକମାନଙ୍କୁ ଫଙ୍ଗିସାଇଡ୍ ବ୍ୟବହାର କରିବା ପରି ଭୁଲ୍ ପରାମର୍ଶ ଦେବା ଦୁର୍ଭାଗ୍ୟଜନକ।

Email: gandhim@nic.in

# ଜନସଂଖ୍ୟା ବିସ୍ଫୋରଣର ମୁକାବିଲା



ଶେଖ୍ ଫରିଦ୍‌ଉଦ୍ଦିନ

ସମଗ୍ର ବିଶ୍ୱକୁ ଜନସଂଖ୍ୟାର ଗଣିତ ଓଲଟପାଲଟ କରିଦେବାର କ୍ଷମତା ରଖିଥାଏ। ନିକଟରେ ମିଳିତ ଜାତିସଂଘର ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ଆସନ୍ତା ୩୦ବର୍ଷ ଭିତରେ ଭାରତର ଜନସଂଖ୍ୟା ବର୍ତ୍ତମାନର ୧୩୫କୋଟିରୁ ବୃଦ୍ଧି ପାଇ ୨୭୦କୋଟି ଛୁଇଁବ। ସମଗ୍ର ବିଶ୍ୱରେ ବିଶାଳ ଜନସଂଖ୍ୟା ଦୃଷ୍ଟିରୁ ଆସନ୍ତା ୮ବର୍ଷରେ ଭାରତ ଶୀର୍ଷରେ ରହିବ। ଏହା ସୁଲକ୍ଷଣ ନା କୁଲକ୍ଷଣ? ଏଇ ବିଶାଳ ଜନସଂଖ୍ୟା ଏକ ଚିନ୍ତାର କାରଣ ନିଶ୍ଚୟ। ତେବେ ବିଭିନ୍ନ ଶପିଙ୍ଗ୍ ମଲ୍‌ର ଅଫର ଏବଂ ବିଭିନ୍ନ ଖାଦ୍ୟ ଗୋଦାମରେ ମହଜୁଦ ଥାଇ ନଷ୍ଟ ହେଉଥିବା ଖାଦ୍ୟଶସ୍ୟର ପରିମାଣକୁ ବିଚାରକୁ ନେଲେ ଏହି ସଂଖ୍ୟା କ'ଣ ସତରେ ଏତେ ବେଶି? ଏପରି ଏକ ପ୍ରଶ୍ନ ମନକୁ ଆସେ। ଆଜିର ଦିନରେ ବିଭିନ୍ନ ସହର ବଜାରର ବଡ଼ ବଡ଼ ଶପିଙ୍ଗ୍ ମଲ୍‌ରେ ବିକ୍ରି ହେଉଥିବା ଅନେକ ସାମଗ୍ରୀର ଅଫର ଏପରି ଚିନ୍ତାର ମୂଳ କାରଣ। ଏଠି ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣା ଦିଆଯାଏ। ଅର୍ଥାତ୍ ଯେଉଁ ପରିମାଣର ସାମଗ୍ରୀ ତିଆରି ହୋଇଛି ସେଇ ସଂଖ୍ୟକ ଲୋକ ନ ଥିବାରୁ ଆଉ ଗୋଟିଏ ମାଗଣାରେ ଦିଆଯାଉଛି। ଦେଶର ବିଭିନ୍ନ ଖାଦ୍ୟ ଗୋଦାମରେ ମହଜୁଦ ଥିବା ଧାନ, ଚାଉଳ, ଗହମ ଯେଉଁ ପରିମାଣରେ ନଷ୍ଟ ହେଉଛି ତାକୁ ଦେଖିଲେ କିଏ କହିବ ଏ ଦେଶରେ ଜନସଂଖ୍ୟା ବିସ୍ଫୋରଣ ଏକ ସମସ୍ୟା? ଯେକୌଣସି ପଦାର୍ଥ ଆବଶ୍ୟକତାଠାରୁ ଅଧିକ ଥିଲେ ତାହା ନଷ୍ଟ ହୁଏ। କମ୍ ଥିଲେ ସେଥିପ୍ରତି ମଣିଷ ଯତ୍ନବାନ ହୁଏ। ହାଉଯାଉ ହେଲେ ପଦାରେ ପଡ଼ି ଖତ ଖାଏ। ତା'ହେଲେ କେଉଁଟା ସତ୍ୟ? ସରକାର ସବୁବେଳେ କହୁଛନ୍ତି– 'ଦେଶରେ ଗଚ୍ଛିତ ବିଦେଶୀ ମୁଦ୍ରାର ସିଂହଭାଗ ତୈଳ ଆମଦାନିରେ ଖର୍ଚ୍ଚ ହେଉଛି। ଗାଡ଼ିମୋଟରର ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ତେଲ ଚାହିଦା ତା'ସହ ତାଳଦେଇ ବଢୁଛି। ତେଣୁ ସେଇ ପରିମାଣର ଅଶୋଧିତ ତୈଳ ବିଦେଶରୁ ଆମଦାନି କରାଯାଉଥିବାରୁ ଏଥିପାଇଁ ଅଧିକ ବିଦେଶୀ ମୁଦ୍ରା ଆବଶ୍ୟକ ହେଉଛି।

ଏହି ଯୁକ୍ତି କ'ଣ ପ୍ରକୃତରେ ସତ୍ୟ? ବୋଧହୁଏ ନା। ଏହା ଯେ ସତ୍ୟ ନୁହେଁ ତାହା ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ତେଲ ଟାଙ୍କିରେ ମରାହୋଇଥିବା ବିଜ୍ଞାପନରୁ ବେଶ୍ ବୁଝିହୁଏ। ବିଜ୍ଞାପନଟି ଅଧିକ ତେଲ ବ୍ୟବହାର ପାଇଁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଦିଗରେ

## ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ

ଉଦ୍ଦିଷ୍ଟ। ଏଥିରେ ଲେଖା ହୋଇଛି– ''ଆପଣ ଯଦି ୫୦୦ ଟଙ୍କାରେ ତେଲ କିଣିବେ ତା'ହେଲେ ଗୋଟେ ରଙ୍ଗିନ ଛତା ଉପହାର ମିଳିବ''। ଯିଏ ୨୦୦ ଟଙ୍କାର ତେଲ ପକାଇବାକୁ ଯାଉଥିବ ସେ ଏଇ ଛତା ଲୋଭରେ ୫୦୦ ଟଙ୍କାର ତେଲ ପକାଇବାକୁ ଆଗ୍ରହୀ ହେବା ସ୍ୱାଭାବିକ। ୨୦୦ ଟଙ୍କାର ତେଲ ପକାଉଥିଲେ ଯେତେଦୂର ଗାଡ଼ି ଚାଲିଥାନ୍ତା ୫୦୦ ଟଙ୍କାର ତେଲ ପକାଇଥିବାରୁ ତାକୁ ଅଧିକ ବାଟ ଯିବାକୁ ଇଚ୍ଛା ହେବ ନା ନାହିଁ? ତେଲ ବାବଦରେ ଅଧିକ ବୈଦେଶିକ ମୁଦ୍ରା ଆବଶ୍ୟକ ହେଉଛି ଏହି ଯୁକ୍ତି ଉକ୍ତ ବିଜ୍ଞାପନରେ କେଉଁଠି ପ୍ରତିଫଳିତ, ଭାବିଲେ ଥଳକୂଳ ମିଳେନା। ଭାରତର ଲୋକସଂଖ୍ୟାକୁ ବିଚାରକୁ ନେଲେ ଏ ଦେଶକୁ ଆଖପାଖର ଦେଶଗୁଡ଼ିକ ଭୟ କରିବା କଥା। କିନ୍ତୁ ସେମାନେ ଭୟ କରିବା ବଦଳରେ ଧମକାଉଛନ୍ତି। ଏହାର କାରଣ ଆଉ ଯାହା ହୋଇଥାଉନା କାହିଁକି, ଆମ ଦେଶରେ ମଣିଷର ଶକ୍ତି ଏବଂ ସାମର୍ଥ୍ୟର ଉପଯୁକ୍ତ ମୂଲ୍ୟାୟନ ହୋଇନାହିଁ କି ହେଉ ନାହିଁ। ଯେଉଁ କାରଣରୁ ୧୨୭ କୋଟି ଲୋକ ଥାଇ ସୁଦ୍ଧା ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣାରେ ମିଳୁଛି। ଖାଦ୍ୟ ଗୋଦାମରେ ଲକ୍ଷ ଲକ୍ଷ ଟନ୍ ଖାଦ୍ୟଶସ୍ୟ ନଷ୍ଟ ହେଉଛି। କିଛି ଲୋକ ଖିରିପୁରିରେ ଭାସୁଥିବା ବେଳେ ଆଉ କେତେକେ କୋଟି କୋଟି ଟନ୍ ଖାଦ୍ୟଶସ୍ୟ ଥାଇ ସୁଦ୍ଧା ଅନାହାରରେ ଶଢୁଛନ୍ତି।

ଭାରତର ୧୪ ଭାଗରୁ ଭାଗେ ଆୟତନର ଦେଶ ଭାରତକୁ ଧମକାଉଛି। କାରଣ ଆମ ଦେଶରେ ଜନସଂଖ୍ୟାକୁ ସମ୍ବଳ ବୋଲି ବିଚାର ନ କରି ତାକୁ ସମସ୍ୟା ଭାବେ ଗ୍ରହଣ କରି ତା'ର ପ୍ରତିକାର ବ୍ୟବସ୍ଥା ଆମେ ଖୋଜୁଛୁ। ମୁମ୍ବାଇର ଲୋକସଂଖ୍ୟାର ଦୁଇଗୁଣ ଲୋକ ସାଂଘାଇରେ ରୁହନ୍ତି। କିନ୍ତୁ ସାଂଘାଇ ତୁଳନାରେ ମୁମ୍ବାଇ ୧୦ଗୁଣ ଅପରିଷ୍କାର, ବିପର୍ଯ୍ୟସ୍ତ ଏବଂ ବିଶୃଙ୍ଖଳିତ। ଏହାର ଏକମାତ୍ର କାରଣ, ମଣିଷକୁ ଆମେ ସମ୍ବଳ ବୋଲି ଭାବୁନାହୁଁ। ପୃଥିବୀର ବିଶାଳ ଜନସଂଖ୍ୟାବହୁଳ ଦେଶ ଚାଇନା ଗରିବୀ ଓ ବେରୋଜଗାରୀ ସମସ୍ୟାକୁ ସଫଳ ଭାବେ ମୁକାବିଲା କରିପାରିଛି। ଭାରତ ବେରୋଜଗାରୀ, ଗରିବୀ ପରି ବଡ଼ ସମସ୍ୟା ସହ ସଂଗ୍ରାମ କରୁଥିବାବେଳେ ଜନ୍ମରୁ କୁପୋଷଣ ମଧ୍ୟ ଏକ ଉଦ୍‌ବେଗଜନକ ସମସ୍ୟା। ତେଣୁ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ। କାରଣ ଜନସଂଖ୍ୟା ବୃଦ୍ଧି ସହ ସମାନୁପାତିକ ଭାବେ ପ୍ରାକୃତିକ ସମ୍ପଦ ବଢୁନାହିଁ। ନାଇଜେରିଆ ହେଉଛି ଏପରି ଏକ ଦେଶ ଯେଉଁଠାରେ ଆଗାମୀ ୫୦ବର୍ଷ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ସବୁଠୁ ଅଧିକ ଦେଖାଯିବ। ତେଣୁ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଜଳବାୟୁ ପରିବର୍ତ୍ତନ ସହ ତାପମାନର ଉଦ୍‌ବେଗଜନକ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବେ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି।

ଦୂରସଞ୍ଚାର ଭବନ, ଲିଙ୍କରୋଡ୍, କଟକ,
ମୋ: ୯୪୩୭୦୦୪୮୮୮

## ଏଇ ଭାରତରେ

ମା'ଓ ପୁଅ ସମ୍ପର୍କ ଅତି ନିବିଡ଼। ପୁଅ ପାଇଁ ମା' ଜୀବନକୁ ବାଜି ଲଗାଇପାରେ। ମା'ର ସ୍ନେହଳ ଡାକରେ ରହିଛି ଚମତ୍କାରିତା। ମା'ଙ୍କ ବିକଳ କାନ୍ଦରେ ବ୍ରେନ୍‌ଡେଡ୍ ପୁଅ ଆଖିରୁ ବୋହିଲା ଲୁହ। ଏହାର ସଦ୍ୟତମ ଉଦାହରଣ ତେଲେଙ୍ଗାନା ସୂର୍ଯ୍ୟାପେଟ୍ ଜିଲାରେ ଦେଖିବାକୁ ମିଳିଛି। ସ୍ଥାନୀୟ ପିଲ୍ଲାଲମେରୀ ଗାଁରେ ବାସ କରୁଥିବା ୧୮ ବର୍ଷ ବୟସ୍କ ଗନ୍ଧମ୍ କିରନ୍‌ଙ୍କୁ ଜୁନ୍ ୨୬ରେ ଜ୍ୱର ହୋଇଥିଲା। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୁନ୍ ୨୮ରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ହାଇଦ୍ରାବାଦ୍‌ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଜୁଲାଇ ୩ରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ବ୍ରେନ୍‌ଡେଡ୍ ଘୋଷଣା କରି ତାଙ୍କଠାରୁ ସମସ୍ତ ଲାଇଫ୍ ସପୋର୍ଟ ଉପକରଣ ହଟାଇ ଦେଇ ଘରକୁ ପଠାଇ ଦେଇଥିଲେ। ଘରେ ପରିବାର ସଦସ୍ୟ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତ ହେଉଥିଲାବେଳେ ପୁଅ ନିକଟରେ ବସି ମା' ବିକଳରେ କାନ୍ଦିବାକୁ ଲାଗିଥିଲେ। ମା'ଙ୍କ କାନ୍ଦରେ ହଠାତ୍ ଗନ୍ଧମ୍‌ଙ୍କ ଆଖିରୁ ଲୁହ ବୋହିବା ଆରମ୍ଭ କରିଥିଲା। ଏନେଇ ପରିବାର ସଦସ୍ୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ସହିତ ଗନ୍ଧମ୍‌ଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏହାପରେ ତାଙ୍କର ସ୍ଥିତିରେ ପରିବର୍ତ୍ତନ ଘଟି ଧୀରେ ଧୀରେ ସେ ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା କୁହାଯାଉଛି।

## ଚିରନ୍ତନୀ

ଅତି ପ୍ରିୟ ପଥ ତବ ହେଲା ଯେବେ
କଣ୍ଟକେ ଆକୀର୍ଣ୍ଣ
ଦିଅ ଅନୁମତି ନିଜ ପଥ ନିଜେ
ଖୋଜୁ ହେ ନବୀନ!
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 8 | | | | | 6 | | | | | | | | |
| | 2 | 4 | 7 | | 9 | | | 0 | | A | 1 | | | |
| | | 3 | | | | B | | | | | D | E | | 0 |
| | | | 3 | A | | | | | 2 | | | | 8 | 4 |
| | A | 7 | C | B | 1 | | 9 | | | | | | | 2 |
| | 9 | | 1 | | | | 8 | | | | | | | |
| | | A | | | | C | | | | | | | 5 | E |
| | 0 | | | 6 | | 3 | | | D | | B | | 4 | A |
| | | B | D | | | | 7 | | 0 | C | | | | |
| 7 | | 2 | A | C | 3 | | D | | | 1 | 6 | | | |
| | | | 9 | 2 | 5 | | C | | | | 7 | | | D |
| 0 | C | | 8 | | | | A | | 3 | | | | | |
| E | | | | | | | 4 | | | 2 | | | 6 | 7 |
| 3 | 6 | | | | C | | | | | | 0 | | 9 | |
| | | | | 3 | | D | | | | | | 1 | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | D | 2 | E | C | 3 | 1 | 7 | 8 | 6 | 5 | B | 0 | 9 | A |
| 0 | 1 | B | 2 | 4 | 7 | 6 | 5 | E | 9 | A | 8 | D | 3 | C |
| E | C | 5 | 8 | 1 | 9 | 2 | A | B | 0 | 3 | D | 6 | 7 | 4 |
| 3 | 6 | A | 5 | 0 | D | 9 | 4 | C | 2 | E | 7 | B | 1 | 8 |
| 7 | 9 | 8 | A | 6 | B | D | 3 | 0 | 1 | C | 4 | 2 | E | 5 |
| D | A | 7 | B | 8 | 6 | 3 | C | 9 | E | 2 | 1 | 5 | 4 | 0 |
| 5 | B | 6 | 7 | 2 | A | 0 | E | 4 | D | 9 | C | 3 | 8 | 1 |
| 9 | E | 4 | 1 | 5 | C | 7 | 6 | 2 | 8 | 0 | 3 | A | D | B |
| 8 | 0 | 3 | 4 | 9 | E | 5 | D | 1 | B | 6 | A | 7 | C | 2 |
| C | 2 | 1 | D | 3 | 0 | B | 8 | A | 7 | 4 | 5 | 9 | 6 | E |
| 6 | 4 | 9 | 0 | D | 2 | C | 1 | 3 | A | B | E | 8 | 5 | 7 |
| B | 3 | C | 6 | E | 5 | A | 2 | 7 | 4 | 8 | 9 | 1 | 0 | D |
| 1 | 5 | 0 | C | 7 | 8 | 4 | B | 6 | 3 | D | 2 | E | A | 9 |
| A | 7 | E | 9 | B | 4 | 8 | 0 | D | 5 | 1 | 6 | C | 2 | 3 |
| 2 | 8 | D | 3 | A | 1 | E | 9 | 5 | C | 7 | 0 | 4 | B | 6 |

ଗତକାଲିର ଉତ୍ତର

# କୃଷି ବଜେଟରେ ନା କୃଷି ନା କୃଷକ



ବିଚିତ୍ର ବିଶ୍ୱାଳ

ଆମ ରାଜ୍ୟ ଓଡ଼ିଶାରେ ଗତ ୬ବର୍ଷ ହେବ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରାଯାଉଛି। କିନ୍ତୁ କୃଷକଙ୍କ ସମସ୍ୟାର ସମାଧାନ ଏବେ ବି ଅନେକ ଦୂର। ଚଳିତ ବର୍ଷ ୨୦୧୯–୨୦ରେ ମଧ୍ୟ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଛନ୍ତି। ଏହି କୃଷି ବଜେଟ ଓ କୃଷକଙ୍କ ଅସଲ ସମସ୍ୟା ଭିତରେ କୌଣସି ସମ୍ପର୍କ ଥିବା ପରି ମନେହେଉନାହିଁ। କୃଷକଙ୍କ ସମସ୍ୟାକୁ ଦେଖି ସେହି ହିସାବରେ ବ୍ୟୟ ଅଟକଳ ପ୍ରସ୍ତୁତ କରିବାର ଚିନ୍ତାଧାରା ଏବେ ବି ଆମ ଶାସନତନ୍ତ୍ରକୁ ଚିନ୍ତିତ କରିନାହିଁ। ଚଳିତ ବର୍ଷ ରାଜ୍ୟ ସରକାର ୨୦,୭୧୪ କୋଟି ଟଙ୍କାର କୃଷି ବଜେଟ ପ୍ରସ୍ତୁତ କରିଛନ୍ତି। ଗତବର୍ଷ ତୁଳନାରେ ଏଥିରେ ୨୩.୫% ବ୍ୟୟ ବରାଦ ବୃଦ୍ଧି କରାଯାଇଛି। ଏସବୁ ଅଙ୍କ ଯଦିଓ କାନକୁ ଭଲ ଶୁଭୁଛି କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି, କୃଷକଙ୍କ ସମସ୍ୟା ଓ ଏହି ବ୍ୟୟ ଅଟକଳ ଭିତରେ କିଛି ସମ୍ପର୍କ ଅଛି କି?

ଆଜିର ସମୟରେ ଆମ ରାଜ୍ୟର କୃଷକଙ୍କର ମୁଖ୍ୟ ସମସ୍ୟା ଉତ୍ପାଦନ ବୃଦ୍ଧି ନୁହେଁ, ଉତ୍ପାଦନର ସଂରକ୍ଷଣ ଓ ଉତ୍ପାଦନକୁ ଉପଯୁକ୍ତ ମୂଲ୍ୟ ନ ମିଳିବା। ଆମେ ବାରମ୍ବାର ଦେଖି ଆସୁଛେ ଯେ, ଅଧିକାଂଶ ଜିଲାର ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ଅନେକ ସ୍ଥାନରେ ମଣ୍ଡି ଠିକ୍ ଭାବେ ଚାଲୁନାହିଁ। ଚାଷୀମାନେ ଦଲାଲଙ୍କୁ ଅତି କମ୍ ମୂଲ୍ୟରେ ଧାନ ବିକ୍ରି କରୁଛନ୍ତି। ଅନେକ ସ୍ଥାନରେ ଚାଷୀମାନେ ମଣ୍ଡିରେ ବି ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି। ଚାଷୀଙ୍କଠାରୁ ଧାନ କିଣିବା ପାଇଁ ମଣ୍ଡି ବି ଟାଳଟୁଳ ନୀତି ଆପଣାଉଛି। ଫଳରେ ଚାଷୀମାନେ ନିଜ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି ଓ କ୍ଷତିର ଶିକାର ହେଉଛନ୍ତି। ଗତବର୍ଷ ଆମେ ଦେଖିଲେ ଯେ, ବରଗଡ଼ ଓ ବ୍ରହ୍ମପୁରର ପନିପରିବା ଚାଷୀମାନେ ଟମାଟୋ କିଲୋପ୍ରତି ଏକ ଟଙ୍କାରେ ବିକିବାକୁ ବାଧ୍ୟହେଲେ। କାରଣ ସେମାନଙ୍କ ପାଖରେ ଟମାଟୋ ସଂରକ୍ଷଣ ପାଇଁ କିଛି ବ୍ୟବସ୍ଥା ନ ଥିଲା। ସେମାନଙ୍କ ଆଖପାଖରେ ଶୀତଳ ଭଣ୍ଡାର କି ଗୋଦାମ ଘରର ବ୍ୟବସ୍ଥା ନାହିଁ। ଅନେକ କ୍ଷେତ୍ରରେ ଚାଷୀମାନେ ଟମାଟୋ ଜମିରେ ଗୋରୁ ଛାଡ଼ିଦେଉଥିବାର ଖବର ମଧ୍ୟ ମିଳିଲା। ଏପରି ସ୍ଥିତିରେ ସରକାର ଚାଷୀମାନଙ୍କର ଉତ୍ପାଦନ ବୃଦ୍ଧି କରିବା ପାଇଁ ଯୋଜନା କରିବା ଅପେକ୍ଷା ପ୍ରଥମେ ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାରର ବ୍ୟବସ୍ଥା କରିବା ଉଚିତ। ଏହାଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ସଂରକ୍ଷଣକରି ରଖିପାରିବେ ଓ ବଜାରର ଭାଉ ଦେଖି ବିକ୍ରି କରିବେ। କିନ୍ତୁ ଦୁର୍ଭାଗ୍ୟର କଥା ଯେ, କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ଜିଲା ସ୍ତରରେ ବି ଗୋଟିଏ ଶୀତଳ ଭଣ୍ଡାର ନାହିଁ। ସ୍ୱତନ୍ତ୍ର କୃଷି ବଜେଟରେ ଏଥିପାଇଁ କିଛି ବ୍ୟବସ୍ଥା ନାହିଁ। ସେହିପରି ଚାଷୀକୁ ତା' ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରାପ୍ତିକୁ ନିଶ୍ଚିତ କରେଇବା ପାଇଁ ରାଜ୍ୟର ସ୍ୱତନ୍ତ୍ର କୃଷି ବଜେଟରେ ବି କିଛି ବ୍ୟବସ୍ଥା ନାହିଁ। ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିବା ଯଦିଓ କେନ୍ଦ୍ରର ବିଷୟ, କିନ୍ତୁ ରାଜ୍ୟ ସରକାର ବି ଚାହିଁଥିଲେ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କିଛି ବୋନସ ବ୍ୟବସ୍ଥା କରିପାରନ୍ତେ; ଯାହା ଚାଷୀଙ୍କ କ୍ଷତିକୁ କମ୍ କରିବାରେ ସହାୟକ ହୁଅନ୍ତା।

ଏତଦ୍‌ବ୍ୟତୀତ ଆମ ରାଜ୍ୟର ଓ ସାରା ଦେଶର ଚାଷୀଙ୍କର ମୁଖ୍ୟ ସମସ୍ୟା ହେଉଛି, ଚାଷରେ କ୍ରମାଗତ ଭାବେ ବଢୁଥିବା ଖର୍ଚ୍ଚ। ତେଣୁ ଚାଷରେ ଖର୍ଚ୍ଚ କମ୍ କରିବାକୁ ଯୋଜନା ନ କଲେ ଚାଷୀମାନେ ଋଣଯନ୍ତାରୁ ମୁକୁଳିପାରିବେ ନାହିଁ। କୃଷି ବଜେଟରେ ହୋଇଥିବା ବ୍ୟବସ୍ଥାରେ ଚାଷୀର ଖର୍ଚ୍ଚ କମିବା ପରିବର୍ତ୍ତେ ବଢ଼ିବ। ଗୋଟିଏ ପଟେ ଚାଷୀକୁ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ମିଳୁନି ଓ ଅନ୍ୟପଟେ ଚାଷରେ ଖର୍ଚ୍ଚ ବଢୁଛି, ତେଣୁ ଏହା ଚାଷୀ ପାଇଁ ବୋଝ ଉପରେ ନଳିତାବିଡ଼ା ନୁହେଁ ତ ଆଉ କ'ଣ! କୃଷି ବଜେଟରେ ସରକାର ଚାଷୀ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣର ସୁବିଧା କରିଛନ୍ତି। ଏଥିରେ କିଛି ବି ନୂଆପଣ ନାହିଁ। ଆମେ ଦେଖି ଆସୁଛେ ଯେ, ଏହିସବୁ ଋଣର ସୁବିଧା ଛୋଟ ଓ ନାମମାତ୍ର ଚାଷୀ ଅପେକ୍ଷା ଅତ୍ୟନ୍ତ ବଡ଼ ଚାଷୀ ଓ ବ୍ୟବସାୟୀମାନେ ପାଉଛନ୍ତି। ଏହା ବ୍ୟତୀତ ଚାଷୀକୁ କିପରି ଋଣଯନ୍ତାରୁ ବାହାର କରାଯିବ ସେଥିପାଇଁ ବ୍ୟବସ୍ଥା ନ କରି ସରକାର ପୁନଶ୍ଚ ଚାଷୀକୁ ଋଣ ଆଡ଼କୁ ମୁହାଁଉଛନ୍ତି। ଧୀରେ ଧୀରେ ଆମ ରାଜ୍ୟରେ ବି ରାସାୟନିକ ସାର ଓ କୀଟନାଶକର ବ୍ୟବହାର ବଢ଼ିଲାଣି। ଏହାକୁ କମ୍ କରିବା ପାଇଁ ସରକାରଙ୍କ ପାଖରେ କିଛି ଠୋସ୍ ଯୋଜନା ଥିବା ପରି ଦେଖାଯାଉନାହିଁ। ଭୂତଳ ଜଳସ୍ତର ହ୍ରାସ ଚାଷ ପାଇଁ ଏକ ମହା ସଙ୍କଟ ଭାବେ ଉଭା ହେଲାଣି। ଯେଉଁ ଯେଉଁ ଅଞ୍ଚଳରେ ଅଧିକରୁ ଅଧିକ ପରିମାଣରେ ରାସାୟନିକ ସାର, କୀଟନାଶକ ଆଦି ବ୍ୟବହାର କରାଯାଉଛି, ସେଠି ଏହି ସମସ୍ୟା ଅଧିକ ତୀବ୍ର। ଚଳିତବର୍ଷର କୃଷି ବଜେଟ ଏ ବିଷୟରେ ବି ନୀରବ। ଆମ ରାଜ୍ୟରେ ଜଳସେଚନ ଏକ ମୁଖ୍ୟ ସମସ୍ୟା। ଯଦିଓ ଜଳସେଚନ ପାଇଁ ବଜେଟରେ ବ୍ୟୟ ବରାଦ ହୋଇଛି, କିନ୍ତୁ ସରକାର ଏପର୍ଯ୍ୟନ୍ତ ସବୁ ଜମିକୁ ଜଳ ପହଞ୍ଚେଇବା କାମକୁ ଗୁରୁତ୍ୱର ସହ ନେଇନାହାନ୍ତି। ଆମ ରାଜ୍ୟର ଚାଷୀମାନେ ଗତ କିଛିବର୍ଷ ହେବ ସୁରକ୍ଷା ଭତ୍ତା ପାଇଁ ଆନ୍ଦୋଳନ କରିଆସୁଛନ୍ତି। ଅନେକ ଥର ରାଜଧାନୀରେ ବିକ୍ଷୋଭ, ଅର୍ଥନୈତିକ ଅବରୋଧ ଆଦି ମଧ୍ୟ କରିଆସୁଛନ୍ତି, କିନ୍ତୁ ସ୍ୱତନ୍ତ୍ର କୃଷି ବଜେଟ ସେ ବିଷୟରେ ନୀରବ। କୃଷିର ବିକାଶ ନାଁରେ କାଳିଆ ଯୋଜନାରେ ବି ଯେପରି ଭାବେ ଟଙ୍କା ବଣ୍ଟାଯାଉଛି, ତାହା କୃଷି ଅପେକ୍ଷା ଅଣକୃଷି କାମରେ ଅଧିକ ବ୍ୟବହାର ହେଉଛି ବୋଲି ସମସ୍ତେ ଜାଣନ୍ତି। କେବଳ ଗୋଟିଏ ସ୍ୱତନ୍ତ୍ର କୃଷି ବଜେଟ କରି ଗତାନୁଗତିକ ଭାବେ ଯୋଜନା କଲେ କୃଷକଙ୍କ ସମସ୍ୟାର ସମାଧାନ ହେବ ନାହିଁ। କୃଷକଙ୍କ ପ୍ରକୃତ ସମସ୍ୟାକୁ ଦେଖି ତାହାର ସମାଧାନ ପାଇଁ କୃଷି ବଜେଟ ପ୍ରସ୍ତୁତ କରାଗଲେ ହିଁ ଆମ ରାଜ୍ୟର କୃଷକଙ୍କ ସମସ୍ୟାର ସମାଧାନ ହୋଇପାରିବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, ମୋ– ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଏକ ରାଷ୍ଟ୍ର, ଏକ ନିର୍ବାଚନ

ମହାଶୟ,

ଋଣଗ୍ରସ୍ତ ଭାରତବର୍ଷରେ ଖର୍ଚ୍ଚକାଟ ବା ବ୍ୟୟହ୍ରାସ ଏକ ସମୟୋଚିତ ପଦକ୍ଷେପ। ବର୍ତ୍ତମାନର ଏନ୍‌ଡିଏ ସରକାର ବ୍ୟୟ ହ୍ରାସ ପାଇଁ ଭବିଷ୍ୟତରେ ଲୋକ ସଭା ଓ ବିଧାନସଭା ପାଇଁ ଦୁଇଟି ନିର୍ବାଚ ନ କରି ଗୋଟିଏ ନିର୍ବାଚନ କରିବାକୁ ସବୁ ରାଜନୈତିକ ଦଳର ମତ ନେଇଛନ୍ତି। ମମତା ବାନାର୍ଜୀଙ୍କ ପରି କେତେକ ନେତାଙ୍କୁ ଛାଡ଼ି5ଦେଲେ ଅନ୍ୟମାନେ ଏହାକୁ ସମର୍ଥନ କରିଛନ୍ତି। ତେବେ ଦେଶର ରାଜନେତା, କର୍ମୀ, ମତଦାତାଙ୍କ ଶୃଙ୍ଖଳିତ ଆଚରଣ ହିଁ ଏପରି ନିର୍ବାଚନକୁ ସମ୍ଭବ କରାଇପାରିବ। ଆଉ ଗୋଟିଏ ମତ ହେଉଛି, ପ୍ରଶାସନ ଓ ନିର୍ବାଚନ ଆୟୋଗ କାହାର ହସ୍ତମୁଦି ମାହାଲ ନ ବନି ନିରପେକ୍ଷ, ସ୍ୱଚ୍ଛ ବିଚାରଧାରା ଆଧାରରେ ସମସ୍ତେ ଯଦି ମିଳିମିଶି ଶୃଙ୍ଖଳାରେ କାର୍ଯ୍ୟ କରିବେ, ତେବେ ସାରା ଦେଶରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଗୋଟିଏ ଦିନରେ ଅନୁଷ୍ଠିତ ହେବା ସମ୍ଭବ ହେବ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### କଠିନ ବର୍ଜ୍ୟବସ୍ତୁ ରଖିବାକୁ ଜାଗା ମିଳିବ ନାହିଁ

ଖବରକାଗଜରୁ ପଢ଼ିଥିବା ଖବର ଅନୁସାରେ ଚନ୍ଦ୍ରରେ, ମହାକାଶରେ ଓ ଏଭରେଷ୍ଟ ଶୃଙ୍ଗରେ ଅନେକ ବର୍ଜ୍ୟବସ୍ତୁ ଜମି ରହିଲାଣି। ସେହି ଅନୁସାରେ ମଣିଷ ଚଳାଚଳ କରୁଥିବା ଅଞ୍ଚଳର ବର୍ଜ୍ୟବସ୍ତୁ ସମସ୍ୟା ଗୁରୁତର। ବର୍ତ୍ତମାନ ଯଦି ବର୍ଜ୍ୟବସ୍ତୁ ପରିଚାଳନାରେ ଗୁରୁତର ସମସ୍ୟା ସୃଷ୍ଟି ହେଲାଣି ଭବିଷ୍ୟତରେ କ'ଣ ନ ହେବ, ତାହା ଏବେଠୁ ଚିନ୍ତା କରିବା ଉଚିତ। ଆମ ଜାଣିବାରେ ପ୍ଲାଷ୍ଟିକଜାତ ଦ୍ରବ୍ୟ ହିଁ ଭବିଷ୍ୟତ ବିପଦର ମୁଖ୍ୟ କାରଣ ହୋଇପାରେ। ପରିବେଶ ବିଜ୍ଞାନୀ, ସରକାର ଏହି ବିଷୟକ ସମସ୍ୟା ସମାଧାନ ସୂତ୍ର ବାହାର କରନ୍ତୁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଜି ନବମୀ ସନ୍ଧ୍ୟା ଦର୍ଶନ



ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପହଞ୍ଚିଥିବା ତିନିରଥ।

### ନାକଚଣା ଦ୍ୱାରରେ ତିନିରଥ
■ ସନ୍ଧ୍ୟା ୭ରୁ ଦର୍ଶନ ବନ୍ଦ

**ପୁରୀ ଅଫିସ,୧୦।୭**

ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପହଞ୍ଚିଛନ୍ତି ତିନିରଥ। ମଙ୍ଗଳବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ଅଣାଯାଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ ହୋଇପାରି ନ ଥିଲା। ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ନନ୍ଦିଘୋଷ ରଥକୁ ବୁଧବାର ପୂର୍ବାହ୍ନ ୮ଟା ୪୦ରେ ଟଣାଯାଇ ବଡ଼ଶଙ୍ଖଠାରେ ଦକ୍ଷିଣ ମୋଡ଼ କରାଯାଇଥିଲା। ପୂର୍ବାହ୍ନ ୯ଟା ୫୦ରେ ଏହି ରଥ ନାକଚଣା ଦ୍ୱାରରେ ଲାଗିଥିଲା। ଗୁରୁବାର ନବମୀ ସନ୍ଧ୍ୟା ଦର୍ଶନ। ଆଡ଼ପ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଇ ଚତୁର୍ଦ୍ଧାବିଗ୍ରହ ଶୁକ୍ରବାର ବାହୁଡ଼ାରେ ରଥରେ ବସି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବେ। ଗୁରୁବାର ସନ୍ଧ୍ୟା ୭ଟାରୁ ଠାକୁରଙ୍କ ଦର୍ଶନ ବନ୍ଦ ରହିବ। ଏହାପରେ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ କରାଯାଇ ବାହୁଡ଼ା ଯାତ୍ରା ପ୍ରସ୍ତୁତି ଆରମ୍ଭ ହେବ। ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାରକୁ ଯିବା ଲାଗି କେବଳ ନାକଚଣା ଦ୍ୱାର ଖୋଲା ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

### ସନ୍ଧ୍ୟା ଦର୍ଶନ ନୀତି ନିର୍ଘଣ୍ଟ

ଦ୍ୱାରଫିଟା ଭୋର ୪ଟା, ମଙ୍ଗଳ ଆଳତି-୪ଟା ୩୦, ମଇଲମ-ତଡ଼ପଲାଗି ୫ଟା, ଅବକାଶ ସକାଳ ୬ଟା, ରୋଷହୋମ ୬ଟା ୧୫, ସୂର୍ଯ୍ୟପୂଜା ୬ଟା ୩୦, ଦ୍ୱାରପାଳ ପୂଜା ୬ଟା ୪୫, ବେଶ ଶେଷ ୭ଟା, ଗୋପାଳବଲ୍ଲଭ ୭ଟା ୩୦, ସକାଳ ଧୂପ ୮ଟାରୁ ୯ଟା ୩୦, ଭୋଗମଣ୍ଡପ-୮ଟା ୩୦ରୁ ୧୦ଟା ୩୦, ମଇଲମ ପୂର୍ବାହ୍ନ ୧୦ଟା ୪୫, ଯାତ୍ରାଙ୍ଗୀ ମହାସ୍ନାନ ୧୧ଟା ୩୦, ସର୍ବାଙ୍ଗ ମଧ୍ୟାହ୍ନ ୧୨ଟା, ନୂଆଲାଗି ବେଶ ଅପରାହ୍ନ ୧ଟା, ମଧ୍ୟାହ୍ନ ଧୂପ ୧ଟା ୩୦ରୁ ୩ଟା, ୨ୟ ଭୋଗ ମଣ୍ଡପ ୨ଟାରୁ ୩ଟା ୩୦, ମଇଲମ, ବେଶ ୩ଟା ୪୫ ରୁ ୪ଟା ୪୦, ସନ୍ଧ୍ୟା ଆଳତି ୫ଟା, ସନ୍ଧ୍ୟା ଧୂପ ସାଢେ ୫ଟାରୁ ସନ୍ଧ୍ୟା ୭ଟା, ୩ୟ ଭୋଗମଣ୍ଡପ ୫ଟା୪୫ ରୁ ୭ଟା ୩୦, ରାହାସକୁ ଦିଅଁ ବିଜେ ରାତି ୮ଟା, ମଇଲମ ୮ଟା ୧୫, ଚନ୍ଦନ ଲାଗି ୮ଟା ୩୦, ବଡସିଂହାର ବେଶ ରାତ୍ର ୯ଟା, ବଡସିଂହାର ଭୋଗ ୯ଟା ୩୦, ପହୁଡ ଆଳତି ୧୦ଟା, ଶ୍ରୀମୁଖ ଖଣ୍ଡୁଆ ୧୦ଟା ୧୫, ବାହୁଟ କଣ୍ଠ ୧୦ଟା ୩୦, ଚାରବନ୍ଧା ରାତି ୧୧ଟାରୁ ୨ଟା ଏବଂ କୁସୁମିଲାଗି ୨ଟା ୩୦ରୁ ୩ଟା ୩୦।

# ବିଚାରାଧୀନ କଏଦୀ ମୃତ

■ ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭଉଣୀ
■ ପ୍ରଶାସନ ପକ୍ଷରୁ ବସିଲା ବୈଠକ

**ନୀଳଗିରି,୧୦।୭ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଜେଲରେ ପାଗୁଲୁ ଖଣ୍ଡେଇ (୨୨) ନାମକ ଜଣେ ବିଚାରାଧୀନ କଏଦୀଙ୍କ ବୁଧବାର ମୃତ୍ୟୁ ଘଟିଛି। ପୋଲିସ ମୃତଦେହକୁ ଜବତ କରିବ୍ୟବଚ୍ଛେଦ ପାଇଁପଠାଇ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୧୯) ରୁଜୁ କରିଛି। ମୃତ କଏଦୀଙ୍କ ଘର ସଜନାଗଡ଼ ଗାଁରେ। ଅବକାରୀ ବିଭାଗ ଅଧିକାରୀ ତାଙ୍କୁ ମାରଧର କରି ମାରି ଦେଇଥିବା ମୃତକଙ୍କ ଭଉଣୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୀଳଗିରିରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ସ୍ଥାନୀୟ ଡାକ୍ତରଖାନା ପରିସରରେ ବୈଠକ କରାଯାଇ ମୃତକଙ୍କ ପରିବାରଙ୍କୁ ରେଡକ୍ରସ ପକ୍ଷରୁ ୧୫ ହଜାର, ଅବକାରୀ ବିଭାଗ କର୍ମଚାରୀଙ୍କ ପକ୍ଷରୁ ୫୦ ହଜାର, ଜେଲ୍ କର୍ତ୍ତୃପକ୍ଷଙ୍କ ପକ୍ଷର ୫ ହଜାର ଏବଂ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ପକ୍ଷରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି।

ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଅବକାରୀ ବିଭାଗ କର୍ମଚାରୀ ପାଗୁଲୁଙ୍କୁ ଗତ ୮ ତାରିଖରେ ଗିରଫ କରିଥିଲା। ଏ ନେଇ ଏକ ମାମଲା (ନଂ. ୪୯/୧୯) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ମଙ୍ଗଳବାର ଅଭିଯୁକ୍ତ ହଠାତ୍ ଅସୁସ୍ଥ ହୋଇପଡିବାରୁ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣା ନେଇ ଉତ୍ତେଜନା ବୃଦ୍ଧି ପାଇବାରୁ ଏହାକୁ ପ୍ରଶମିତ କରିବା ପାଇଁ ସନ୍ଧ୍ୟା ସମୟରେ ପ୍ରଶାସନ ପକ୍ଷରୁ ବୈଠକ ବସି ମୃତକଙ୍କ ପରିବାରକୁ ସହାୟତା ଦେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବିଧାୟକ ନାୟକଙ୍କ ସମେତ ଉପଖଣ୍ଡ ଚିକିତ୍ସାଧିକାରୀ ଅଜୟ କୃଷ୍ଣ ସାମଲ, ତହସିଲଦାର ସୁସ୍ମିତା ଗୁରୁ, ସହକାରୀ ଜିଲାପାଳ ରାକେଶ କୁମାର ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ସୁଦାମ ଚରଣ ନାୟକ, ଥାନାଧିକାରୀ ନଳିତା ମୋଦୀ, ଅବକାରୀ ଉପନିରୀକ୍ଷକ ଲକ୍ଷେ ସାଧବ ପ୍ରଧାନ ଏବଂ ଜେଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଜେଟରେ ଓଡ଼ିଶାର ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର

| କ୍ର.ସଂ. | ପ୍ରକଳ୍ପର ନାମ | ବଜେଟ ମଞ୍ଜୁର (ଟଙ୍କା କୋଟିରେ) | | | |
|---|---|---|---|---|---|
| | | ୨୦୧୭-୧୮ | ୨୦୧୮-୧୯ | ୨୦୧୯-୨୦ (ଅନ୍ତରୀଣ) | ୨୦୧୯-୨୦ (ଚୂଡ଼ାନ୍ତ ମଞ୍ଜୁର) |
| | **ନୂଆ ରେଳପଥ** | | | | |
| ୧ | ଅନୁଗୋଳ-ସୁକିନ୍ଦା ରେଳପଥ (୯୮.୭ କି.ମି.) | ୨୦୦.୦୦ | ୨୦୦.୦୦ | ୨୫୦.୦୦ | ୨୫୦.୦୦ |
| ୨ | ହରିଦାସପୁର-ପାରାଦୀପ (୮୨ କି.ମି.) | ୨୦୦.୦୦ | ୨୦୦.୦୦ | ୪୦୦.୦୦ | ୪୦୦.୦୦ |
| ୩ | ଖୋର୍ଦ୍ଧା ରୋଡ-ବଲାଙ୍ଗୀର (୨୮୯ କି.ମି.) | ୭୦୦.୦୦ | ୬୨୫.୦୦ | ୩୫୦.୦୦ | ୩୫୦.୦୦ |
| ୪ | ତାଳଚେର-ବିମଳାଗଡ଼ (୧୫୪ କି.ମି.) | ୨୫୦.୦୦ | ୩୦୦.୦୦ | ୧୫୦.୦୦ | ୧୫୦.୦୦ |
| ୫ | ଜୟପୁର-ମାଲକାନଗିରି (୧୩୦ କି.ମି.) | ୭୯.୦୦ | ୯୫.୦୦ | ୭୦.୦୦ | ୭୦.୦୦ |
| ୬ | ଜୟପୁର-ନବରଙ୍ଗପୁର (୩୮ କି.ମି.) | ୨୭୫.୦୦ | ୧୫୦.୦୦ | ୧୦.୦୦ | ୧୦.୦୦ |
| ୭ | ନୌପଡ଼ା-ଗୁଣୁପୁର-ଥେରୁଭାଲି ପର୍ଯ୍ୟନ୍ତ ନୂଆ ବ୍ରଡ ଗେଜ୍ ଲାଇନ (୭୯.୧୫ କି.ମି.) | ୧.୦୦ | ୧.୦୦ | ୦.୧୦ | ୦.୧୦ |
| ୮ | ତାଳଚେର-ଅନୁଗୋଳ-ତାଳଚେରଠାରେ ୱାଇ ଲାଇନ ସଂଯୋଗ (୧୪.୪୭୫ କି.ମି.) | | | ୧.୦୦ | ୦.୧୦ |
| ୯ | ଝାରସୁଗୁଡ଼ା-ବରପାଲି ରେଳ ଲାଇନ ପାଇଁ ଇ.ବି.ଆର୍.(ପାର୍ଟନରଶିପ୍) ମାଧ୍ୟମରେ ହୋଇଥିବା ପ୍ରସ୍ତାବିତ ଖର୍ଚ୍ଚ | | | ୧୪୦୦.୦୦ | ୧୪୦୦.୦୦ |
| | **ଦୋହରୀକରଣ** | | | | |
| ୧୦ | ଝାରସୁଗୁଡ଼ା-ରେଙ୍ଗାଲୀ (୨୫.୬ କି.ମି.) | ୭.୦୦ | ୩.୦୫ | ୨.୦୫ | ୦୨.୦୫ |
| ୧୧ | ଖୋର୍ଦ୍ଧା-ବାରଙ୍ଗ-ତୃତୀୟ ଲାଇନ (୩୫ କି.ମି.) | ୫୦.୦୦ | ୧୫.୦୦ | ୮.୦୦ | ୦୮.୦୦ |
| ୧୨ | ସମ୍ବଲପୁର-ତାଳଚେର (୧୭୪.୧୧ କି.ମି.) | ୩୪୦.୩୦ | ୨୨୦.୦୦ | ୨୪୯.୦୦ | ୨୪୯.୦୦ |
| ୧୩ | ଡେଲାଙ୍ଗ-ପୁରୀ (୨୮.୭ କି.ମି.) | ୨୨.୦୦ | ୦.୪୫ | ୦.୨୦ | ୦.୨୦ |
| ୧୪ | ସମ୍ବଲପୁର-ଟିଟିଲାଗଡ଼ (୧୮୨.୧୧ କି.ମି.) | ୨୦୦.୦୦ | ୫୦.୦୦ | ୧୭୦.୦୦ | ୧୭୦.୦୦ |
| ୧୫ | ବାଂଶପାଣି-ଦୈତାରି-ଟମ୍କା-ଯଖପୁରା (୧୮୦ କି.ମି.) | ୧୪୦.୦୦ | ୮୦.୦୦ | ୮୫.୦୦ | ୮୫.୦୦ |
| ୧୬ | ବୃନ୍ଦାମାଳ-ଝାରସୁଗୁଡ଼ା-ଫ୍ଲାଏ ଓଭର ସଂଯୋଗୀକରଣ (୬.୬ କି.ମି.) | ୮.୮୦ | ୫.୩୦ | ୬.୦୦ | ୦୬.୦୦ |
| ୧୭ | ରାଜଆଠଗଡ଼-ବାରଙ୍ଗ (୨୦ କି.ମି.) | ୫୫.୦୦ | ୪.୦୦ | ୨.୦୦ | ୦୨.୦୦ |
| ୧୮ | ଭଦ୍ରକ-ନିର୍ଗୁଣ୍ଡି-ତୃତୀୟ ଲାଇନ (୮୦ କି.ମି.) | ୪୦.୦୦ | ୫୫.୦୦ | ୮୬.୦୦ | ୮୬.୦୦ |
| ୧୯ | ବିଜୟନଗରମ୍-ସମ୍ବଲପୁର ତୃତୀୟ ଲାଇନ | ୯୦.୦୦ | ୩୭୯.୦୦ | ୩୫୦.୦୦ | ୩୫୦.୦୦ |
| ୨୦ | ଝାରପଡ଼ା-ବୁଢ଼ାପଙ୍କ (ତୃତୀୟ ଓ ଚତୁର୍ଥ ଲାଇନ) | ୧୩୮.୦୦ | ୧୨୦.୦୦ | ୧୧୯.୮୭ | ୧୧୯.୮୭ |
| ୨୧ | ବୁଢ଼ାପଙ୍କ-ଶାଳଗାଁ (ତୃତୀୟ ଓ ଚତୁର୍ଥ ଲାଇନ) | ୧୯୫.୦୦ | ୨୨୦.୦୦ | ୨୧୦.୦୦ | ୨୧୦.୦୦ |
| ୨୨ | କୋରାପୁଟ-ସିଙ୍ଗାପୁର ରୋଡ | ୨୨୦.୦୦ | ୧୧୦.୦୦ | ୨୦୫.୦୦ | ୨୦୫.୦୦ |
| ୨୩ | ଖୋର୍ଦ୍ଧା-ବିଜୟନଗରମ୍ (ବାଏ ପାସ୍) | ୮.୯୫ | ୧୧.୯୧ | ୭.୦୦ | ୦୭.୦୫ |
| | **କାରଖାନା ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟ** | | | | |
| ୨୪ | ୧୦୦ରୁ ୧୫୦ ଇଞ୍ଜିନ କାପାସିଟି ବୃଦ୍ଧି ପାଇଁ ଅନୁଗୋଳ ଇଲେକ୍ଟ୍ରିକ ଲୋକୋ ଶେଡ୍-ଅଗ୍‌ମେଣ୍ଟେଶନ | ୫.୦୦ | ୯.୬୭ | ୪.୫୦ | ୦୪.୫୦ |
| ୨୫ | ମାନେଶ୍ୱର: ଭଡ଼ା ରେଳର ମରାମତି ସୁବିଧା | ୦.୦୦ | ୧୦.୭୪ | ୩.୦୦ | ୦୪.୫୦ |
| ୨୬ | କଳାହାଣ୍ଡିଠାରେ ଇଲେକ୍ଟ୍ରିକ ଇଞ୍ଜିନ ମରାମତି କାରଖାନା ସ୍ଥାପନ | ୦.୦୦ | ୦.୨୭ | ୪.୫୦ | ୧.୦୦ |



## ଜିଲା ଚିଠି ସୁନ୍ଦରଗଡ଼

# ପ୍ରଦୂଷଣ ଚିନ୍ତା

ଖଣିଜ ସମ୍ପଦରେ ପରିପୂର୍ଣ୍ଣ ସୁନ୍ଦରଗଡ଼ ଜିଲାରେ ବଢୁଛି ଶିଳ୍ପାୟନ। ରାଉରକେଲା ଇସ୍ପାତ କାରଖାନା ସମେତ ଅନେକ ଛୋଟବଡ ଇସ୍ପାତ କାରଖାନା ଓ ସ୍ପଞ୍ଜ ଆଇରନ କାରଖାନା ଆଦି ଗଢିଉଠିଛି। ଜିଲାର ରାଉରକେଲା, ବଣାଇଁ, ଲାଠିକଟା, କଳୁଙ୍ଗା, କୁଆଁରମୁଣ୍ଡା, ରାଜଗାଙ୍ଗପୁର, ବୀରମିତ୍ରପୁର ଆଦି ସ୍ଥାନରେ ରହିଛି ଶତାଧିକ କ୍ଷୁଦ୍ର ଓ ମଧ୍ୟମ ଧରଣର କଳକାରଖାନା। ସେହିପରି ରାଉରକେଲା ଓ କୋଇଡା ମାଇନିଂ ସର୍କଲ ଅଧୀନରେ ବର୍ତ୍ତମାନ ୩୩ ଟି ଉନ୍ନତମାନର ଲୁହାପଥର ମାଙ୍ଗାନିଜ୍, କ୍ରୋମାଇଟ୍, ଡ଼ୋଲମାଇଟ୍, ବକ୍ସାଇଟ୍ ଓ କୋଇଲା ଆଦି ମୂଲ୍ୟବାନ୍ ଖଣିଜ ପଦାର୍ଥର ଖଣି କାର୍ଯ୍ୟକ୍ଷମ ରହିଛି। ସେଥି ମଧ୍ୟରେ ଜିଲାର ହେମଗିର ବ୍ଲକରେ ବର୍ତ୍ତମାନ ଏମ୍‌ସିଏଲ୍‌ର ୨, ଓସିପିଏଲ୍‌ର ଓ ଏନ୍‌ଟିପିସିର ଗୋଟିଏ ଲେଖାଏ କୋଇଲା ଖଣି ରହିଛି। କୋଇଲାକୁ ଆଖି ଆଗରେ ରଖି ଏନ୍‌ଟିପିସି ଦର୍ଲିପାଲିଠାରେ ବୃହତ୍ ତାପଜ ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସବୁ ଖଣି, ଖାଦାନ ଓ ଶିଳ୍ପାୟନ ଯୋଗୁ ଅନେକ ଜଙ୍ଗଲ ସମ୍ପଦ ନଷ୍ଟ ହୋଇଥିବାବେଳେ ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେ ଏବଂ ଅନ୍ୟାନ୍ୟ ରାସ୍ତାଘାଟ ନିର୍ମାଣ ତଥା ପ୍ରଶସ୍ତୀକରଣ ଯୋଗୁ ହଜାର ହଜାର ସଂଖ୍ୟାରେ ବୃକ୍ଷ ବଳିପଡିଛି। ନଷ୍ଟ ହୋଇଥିବା ଏସବୁ ଜଙ୍ଗଲ ସମ୍ପଦ ତଥା ମୂଲ୍ୟବାନ ବୃକ୍ଷରାଜି ଭରଣା ହେବା କଷ୍ଟକର। ମାତ୍ର ଶିଳ୍ପସଂସ୍ଥା ହେଉ କିମ୍ବା ଖଣି କମ୍ପାନୀ ଭରଣା ପାଇଁ ବନୀକରଣ କାର୍ଯ୍ୟ ଆଶାନୁରୂପ ହେଉନାହିଁ। ଫଳରେ ଜିଲାରେ ଦ୍ରୁତ ଜଙ୍ଗଲ କ୍ଷୟ ସହ ପରିବେଶ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେବାରେ ଲାଗିଛି। ଖଣି ଖାଦାନରୁ କଞ୍ଚାମାଲ ପରିବହନ ବେଳେ ଏବଂ କଳକାରଖାନାରୁ ନିର୍ଗତ ଧୂଳିଧୂଆଁ ଓ ବର୍ଜ୍ୟବସ୍ତୁ ଯୋଗୁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରଦୂଷିତ ହୋଇ ଚାଲିଛି ପାଣି, ପବନ। ଶିଳ୍ପ ସଂସ୍ଥାଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଇନକୁ ଅଣଦେଖା କରି ଚାଲିଥିବା ବେଳେ ଏଥିପ୍ରତି କାହାରି ନିଘା ନାହିଁ। ପ୍ରଦୂଷଣ ସୃଷ୍ଟି କରୁଥିବା ଶିଳ୍ପସଂସ୍ଥାଗୁଡିକ ଉପରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ଅନ୍ୟପଟେ ଲୁହାପଥର ,କୋଇଲା ଆଦି ଖଣିଜ ପଦାର୍ଥ ପରିବହନ ପାଇଁ ସ୍ୱତନ୍ତ୍ର କରିଡର ନିର୍ମାଣ ହେଉ ନ ଥିବାରୁ ସାଧାରଣ ରାସ୍ତାଘାଟଗୁଡିକର ଦୟନୀୟ ଅବସ୍ଥା ସୃଷ୍ଟି ହେଉଥିବା ବେଳେ ଟ୍ରାଫିକ ସମସ୍ୟା ମଧ୍ୟ ଜଟିଳ ହେଉଛି। ଏହା ସାଙ୍ଗକୁ ଏବେ ପଡୋଶୀ ଝାରସୁଗୁଡ଼ା ଜିଲାରେ ଥିବା କଳକାରଖାନାଗୁଡ଼ିକରୁ ନିର୍ଗତ ଫ୍ଲାଏ ଆଶ୍‌କୁ କେତେଜଣ ପରିବହନ ବ୍ୟବସାୟୀ ସୁନ୍ଦରଗଡ଼ର ବିଭିନ୍ନ ଚାଷ ଜମିଗୁଡିକରେ ଆଣି ଗଦା କରି ରଖୁଥିବାରୁ ଚାଷକାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି। ଏପଟେ ବନମହୋତ୍ସବ ନାଆଁରେ ଜିଲାରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଏଥିପାଇଁ ସଭା, ସମିତି ଜରିଆରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଛି। ମାତ୍ର ଏହା କେବଳ ଉତ୍ସବରେ ସୀମିତ ରହି ଯାଉଛି। ଶିଳ୍ପସଂସ୍ଥା ଓ କମ୍ପାନୀ ବାଲାଙ୍କ ଦ୍ୱାରା ନଷ୍ଟ ହୋଇଥିବା ଜଙ୍ଗଲ ସମ୍ପଦର ଭରଣା ପାଇଁ ଦୁଇଗୁଣା ନୂତନ ବନୀକରଣ ସୃଷ୍ଟି କରିବାର ନିୟମ ରହିଛି। ଏସବୁ ନିୟମ ପାଳନ କରୁଥିବା କୁହାଯାଉଥିଲେ ହେଁ ବାସ୍ତବରେ କେତେଦୂର କାର୍ଯ୍ୟକାରୀ ହେଉଛି ସେ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

– ଜୟନାରାୟଣ ମେଣ୍ଡୁଲି

# ରାଇକିଆରୁ ଯୁବତୀ ଚାଲାଣ

### ୨ ନାବାଳିକାଙ୍କ ସମେତ ୮ ଯୁବତୀ ଉଦ୍ଧାର, ଦଲାଲ ଗିରଫ

**ରାଇକିଆ,୧୦।୭(ଡି.ଏନ୍.ଏ)**

କନ୍ଧମାଳ ଜିଲା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବୁଧବାର ରାଜ୍ୟ ବାହାରକୁ ଯୁବତୀ ଓ ନାବାଳିକା ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ଏକ ଘରୋଇ ବସ ଉପରେ ରାଇକିଆ ପୋଲିସ ଚଢାଉ କରି ୨ ନାବାଳିକା ଓ ୮ଜଣ ଯୁବତୀଙ୍କୁ ଉଦ୍ଧାର କରିଛି । ଏ ନେଇ ଏକ ମାମଲା(ନଂ. ୪୮/୧୯) ରୁଜୁ ହୋଇଛି । ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପ୍ରସନ୍ନ କୁମାର ନାୟକ ନାମକ ଜଣେ ଦଲାଲଙ୍କୁ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳ ସାଢ଼େ ୭ଟାରେ ରାଇକିଆରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍‌ରେ ଯୁବତୀମାନେ ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା । ସେଠାରୁ ୨ ନାବାଳିକାଙ୍କ ସମେତ ୮ ଜଣ ଯୁବତୀଙ୍କୁ ଥାନାକୁ ଆଣି ପଚାରା ଉଚରା କରିବାରୁ ସମସ୍ତଙ୍କୁ ସମ୍ପୃକ୍ତ ଦଲାଲ ତାମିଲନାଡୁର ଏକ ଚିଙ୍ଗୁଡ଼ି କାରଖାନାରେ କାମ କରାଇବାକୁ ନେଇ ଯାଉଥିବା ଜଣାପଡ଼ିଥିଲା। ୨ ନାବାଳିକାଙ୍କୁ ସିଡବ୍ଲୁସିକୁ ଏବଂ ଯୁବତୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନାବାଳିକା ଓ ଯୁବତୀମାନେ ରାଇକିଆ, ଜି.ଉଦୟଗିରି ଓ ସାରଙ୍ଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି।

# ରାଜ୍ୟର ଅନ୍ୟୂନ ୨ ପର୍ଯ୍ୟଟନସ୍ଥଳୀକୁ ସ୍ଥାନ ମିଳୁ

### ବିଶ୍ୱସ୍ତରୀୟ ପର୍ଯ୍ୟଟନ ତାଲିକା
■ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ୧୭ଟି ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ କରାଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ଆଶ୍ଚର୍ଯ୍ୟର ବିଷୟ ଏଥିରେ ଓଡ଼ିଶାର କୌଣସି ଗୋଟିଏ ବି ପର୍ଯ୍ୟଟନସ୍ଥଳୀ ତଥା କୀର୍ତ୍ତିରାଜି ସ୍ଥାନ ପାଇ ନ ଥିଲା। ଏହାକୁ ନେଇ ରାଜ୍ୟର ସବୁ ସ୍ତରରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେଣୁ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଏହି ପ୍ରସଙ୍ଗ ବ୍ୟତୀତ ପର୍ଯ୍ୟଟନ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅନ୍ୟୂନ ରାଜ୍ୟର ଦୁଇଟି ପର୍ଯ୍ୟଟନ କ୍ଷେତ୍ରକୁ ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀରେ ସ୍ଥାନ ଦେବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ପକ୍ଷରୁ ପରାମର୍ଶ ଦିଆଯାଇଥିବା ସ୍ଥାନଗୁଡିକ ହେଉଛି-କୋଣାର୍କର ସୂର୍ଯ୍ୟ ମନ୍ଦିର, ଚିଲିକା ହ୍ରଦ, ଭିତରକନିକା ଜାତୀୟ ଉଦ୍ୟାନ, ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ହୀରକ ବୌଦ୍ଧ ତ୍ରିଭୁଜ। ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ଏହି ୫ଟି ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ସମ୍ୟକ ସୂଚନା ମଧ୍ୟ ପ୍ରଦାନ କରିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଜପତି ଜିଲାରେ ଥିବା ରାଜ୍ୟର ଦ୍ୱିତୀୟ ବୃହତ୍ ପର୍ବତ ମହେନ୍ଦ୍ରଗିରିକୁ 'ସ୍ୱଦେଶ ଦର୍ଶନ ଯୋଜନା' ଅଧୀନ 'ରାମାୟଣ ସର୍କିଟ'ରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ହେଲେ ବିଶ୍ୱସ୍ତରୀୟ କରାଯିବାକୁ ଥିବା ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀରେ ରାଜ୍ୟର ୨ଟି କ୍ଷେତ୍ରକୁ ସ୍ଥାନ ଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)କୁ ପର୍ଯ୍ୟଟନ କ୍ଷେତ୍ରର ପ୍ରାୟ ୧୩ ପ୍ରତିଶତ ଅବଦାନ ରହୁଛି। ତେଣୁ ପର୍ଯ୍ୟଟନ ଭିତ୍ତିଭୂମିର ବ୍ୟାପକ ଉନ୍ନୟନର ଆବଶ୍ୟକତା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

# କୋଟିପତି ସରପଞ୍ଚଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

■ ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ମିଳିଲା
■ ବନ୍ଧୁକ,୬ ଗୁଳି ଜବତ, ସରପଞ୍ଚ ଅଟକ







ନୀଳାଦ୍ରି ବିହାରସ୍ଥିତ ବାସଭବନ, ସରପଞ୍ଚ ଉଷାନ୍ତ କୁମାର ସାହୁ, ଜବତ ମାଉଜର ଓ ଗୁଳି।

**ଦିଗପହଣ୍ଡି,୧୦।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ଏନ୍‌ଏସି ୧ ନଂ. ୱାର୍ଡ ନୀଳାଦ୍ରି ବିହାରରେ ରହୁଥିବା ବିଜେଡି ନେତା ତଥା ଆଙ୍କୋରଡା ସରପଞ୍ଚ ଉଷାନ୍ତ କୁମାର ସାହୁଙ୍କ ବାସଭବନରେ ବୁଧବାର ଭୋର ପ୍ରାୟ ୫ଟାରେ ବ୍ରହ୍ମପୁର ଭିଜିଲାନ୍ସ ଟିମ ପକ୍ଷରୁ ଚଢ଼ାଉ କରାଯାଇଛି। ତାଙ୍କ ଘରୁ ଏକ ବନ୍ଧୁକ, ୬ ଗୁଳି,ସୁନା, ରୁପା ଅଳଙ୍କାର ୪ଟି ଘର, ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ୩ ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା, ୧୫ ଲକ୍ଷ ଟଙ୍କା ମୂଲ୍ୟର ୧୪ଟି ପ୍ଲଟ, ୩୦ ଲକ୍ଷ ଟଙ୍କାର ୨ଟି ୪ ଚକିଆ ଗାଡ଼ି, ୨ଟି ବାଇକ୍, ଏଲ୍‌ଆଇସି ଓ ବିଭିନ୍ନ ବ୍ୟାଙ୍କରେ ଥିବା ଫିକ୍ସଡ ଡିପୋଜିଟ ନଥିପତ୍ର, ନଗଦ ୪୪ ହଜାର ୬୦୦ ଟଙ୍କା ଆଦି ପ୍ରାୟ ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ କହିଛନ୍ତି ।

ସରପଞ୍ଚ ଆୟ ବହିର୍ଭୂକ୍ତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟକୁ ଭିତ୍ତିକରି ନଂ.୧/୧୯ରେ ମାମଲା ରୁଜୁ କରାଯାଇଥିଲା । ଏହି ଚଢ଼ାଉ କରାଯାଇଥିବା ବେଳେ ସରପଞ୍ଚଙ୍କୁ ଅଟକ ରଖାଯାଇଥିବା ଏସ୍‌ପି କହିଛନ୍ତି। ବ୍ରହ୍ମପୁର ଭିଜିଲାନ୍ସ ଡିଏସ୍‌ପି ଏସ୍.ଏନ୍. ପାଣିଗ୍ରାହୀ, ଇନ୍ସପେକ୍ଟର କୁମୁଦିନି ସାହୁ, ସୋମନାଥ ବାରିକ ପ୍ରମୁଖ ସରପଞ୍ଚଙ୍କ ନବରଙ୍ଗପୁର ଗ୍ରାମର ପୈତୃକ ଘର, ରାଜପୁରରେ ଥିବା ୧ ମହଲା ଘର, ଆଙ୍କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଆଦି ୬ ଜାଗାରେ ଚଢ଼ାଉ କରିଥିଲେ। ୨୦୦୭ରୁ ୨୦୧୨ ସମିତିସଭ୍ୟ ଥିବା ଉଷାନ୍ତଙ୍କ ସ୍ତ୍ରୀ ସୁକାନ୍ତ ସାହୁ ୨୦୧୨ରୁ ୨୦୧୭ ସରପଞ୍ଚ ଥିଲେ। ୨୦୧୭ରେ ଉଷାନ୍ତ ପୁଣିଥରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ଦିଗପହଣ୍ଡି ନିକଟ ନିମପଲ୍ଲୀ ସରକାରୀ ଦେଶୀମଦ ଭାଟିରେ ସେ ପ୍ରମୁଖ ଅଂଶୀଦାର ଥିବା ଭିଜିଲାନ୍ସ ଟିମ ପ୍ରାରମ୍ଭିକ ତଦନ୍ତରୁ ଜାଣିପାରିଛି ।

## ବିମାନ ଯାତ୍ରୀଙ୍କଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଜବତ

**ଭୁବନେଶ୍ୱର, ୧୦।୭ (ବ୍ୟୁରୋ):** ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଯାଞ୍ଚବେଳେ କଷ୍ଟମ ବିଭାଗ ଅଧିକାରୀମାନେ ଜଣେ ଯାତ୍ରୀଙ୍କଠାରୁ ୧୫୦.୯୨୦ ଗ୍ରାମ୍‌ର ଦୁଇଟି ସୁନା ଚେନ୍ ଜବତ କରିଛନ୍ତି। ଏହାର ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ସୁନା ଚାଲାଣ ନେଇ ଏୟାର ଇଣ୍ଟେଲିଜେନ୍‌ସିକୁ ଖବର ମିଳିଥିଲା। ଏ ନେଇ କଷ୍ଟମ ଓ ଏୟାର ଇଣ୍ଟେଲିଜେନ୍ସ ବିଭାଗର ମିଳିତ ଟିମ୍ ଭୁବନେଶ୍ୱର ବିମାନ ବନ୍ଦରରେ ସଜାଗ ରହିଥିଲା। ମଙ୍ଗଳବାର ରାତିରେ ବ୍ୟାଙ୍କକ୍‌ରୁ ଏୟାର ଏସିଆ ବିମାନ ଏଫ୍‌ଡି-୧୧୨ ବିମାନ ବନ୍ଦରରେ ପହଞ୍ଚିବା ପରେ ଯାଞ୍ଚ ଆରମ୍ଭ ହୋଇଥିଲା। ଜଣେ ଯାତ୍ରୀଙ୍କୁ ଅଧିକାରୀମାନେ ଯାଞ୍ଚ କରିବାରୁ ତାଙ୍କ ଶାର୍ଟ କାଲର ଭିତରୁ ଦୁଇଟି ସୁନା ଚେନ୍ ମିଳିଥିଲା। ଯାତ୍ରୀ ଜଣକ ଉକ୍ତ ସୁନା ଅଳଙ୍କାରର କାଗଜପତ୍ର ଦେଖାଇ ନ ପାରିବାରୁ ତାହାକୁ ଜବତ କରାଯାଇଥିଲା। ସମ୍ପୃକ୍ତ ଯାତ୍ରୀଙ୍କ ଘର ଉତ୍ତର ପ୍ରଦେଶର ବୋଲି ଜଣାପଡିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**କୁଳିଅଣା,୧୦।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ୧୮ ନଂ. ଜାତୀୟ ରାଜପଥର କୁଳିଅଣା ଛକଠାରୁ ୫ଶହ ମିଟର ଦୂର କାମତାଠାରେ ବୁଧବାର ମଧ୍ୟାହ୍ନରେ ଏକ କାର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀ ଜଣକ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବୁଢାମରା ଗ୍ରାମର ବିନୋଦ ସାହୁ ବୋଲି ଜଣାପଡିଛି। ସେ ଏକ ପଲସର ବାଇକରେ ନିଜ ଗ୍ରାମକୁ ଫେରୁଥିବା ବେଳେ କମତା ଛକଠାରେ ଏକ ଅଲଟୋ କାର ପଛ ପଟୁ ତାଙ୍କୁ ଧକ୍କା ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। କୁଳିଅଣା ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ହନୁମାନ ଜୀଉଙ୍କ ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ

**ଉଦଳା,୧୦।୭ (ଡି.ଏନ.ଏ.):** ଉଦଳା କଲେଜରୋଡ ମାଉସୀମା ମନ୍ଦିର ନିକଟରେ ଥିବା ହନୁମାନ ଜୀଉଙ୍କ ମନ୍ଦିରର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ନାମ ସଂକୀର୍ତ୍ତନ ସହିତ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ପରମେଶ୍ୱର ମିଶ୍ରଙ୍କ ପୌରହିତ୍ୟରେ ମୁଖ୍ୟକର୍ତ୍ତା ଭାବେ ଉଦଳା ଓକିଲ ସଂଘର ସଭାପତି ଆଇନଜୀବୀ ଲମ୍ବୋଦର ବେହେରା, ସହଧର୍ମିଣୀ ଅନୁସୟା ବେହେରା ପୂଜା କର୍ମରେ କର୍ତ୍ତା ଭାବେ କର୍ମ ସମ୍ପନ୍ନ କରିଥିଲେ। ତାପସ ତ୍ରିପାଠୀ, ସିଦ୍ଧେଶ୍ୱର ମିଶ୍ର, ଅଭୟ କୁମାର ପଣ୍ଡା, ପ୍ରଶାନ୍ତ ମିଶ୍ର ପ୍ରମୁଖ ହନୁମାନ ଜୀଉଙ୍କର ରୀତିନୀତି ପୂଜାର୍ଚ୍ଚନା ସଂପନ୍ନ କରିବା ସହିତ ଘୃତଯଜ୍ଞ, ନାମଯଜ୍ଞ ଆଦି ସମାପନ କରିଥିଲେ।

### ୨ କାଠ ବୋଝେଇ ଗାଡ଼ି ଜବତ, ଜଣେ ଗିରଫ




ଜବତ ଗାଡ଼ି ଓ ଗିରଫ ଅଭିଯୁକ୍ତ।

**ବାରିପଦା ଅଫିସ,୧୦।୭:** ବେଆଇନ କାଠ ଚୋରା ଚାଲାଣ ବେଳେ ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ପିଠାବଟା ବନାଞ୍ଚଳ କର୍ମଚାରୀମାନେ ବୁଧବାର ସକାଳେ ୨ଟି କାଠ ବୋଝେଇ ଗାଡି ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ୩ ଜଣ ଖସି ଯାଇଥିବା ଜଣାପଡିଛି। ପିଠାବଟା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସୂଚନା ମୁତାବକ ବେଆଇନ କାଠ ଚାଲାଣ ସମ୍ପର୍କରେ ଖବର ମିଳିବା ପରେ ବୁଧବାର ସକାଳେ ଆଇଏଫଏସ ପ୍ରୋବେସନର ମଗର ଧନାଜୀ ରାଉସୁଙ୍କ ନେତୃତ୍ୱରେ ବନାଞ୍ଚଳର ବିଭିନ୍ନ ସ୍ଥାନରେ ବ୍ଲକିଂ କରାଯାଇଥିଲା। ବୁଢ଼େଇରଣାଠାରେ ଏକ ନମ୍ବର ବିହିନ କାଠ ବୋଝେଇ ଗାଡିକୁ ଅଟକା ଯାଇଥିଲା। ଗାଡ଼ି ଚାଳକ ଶତ୍ରୁଘନ ରଣାଙ୍କୁ ଗିରଫ କରାଯାଇଥିବା ବେଳେ ୩ ଅଭିଯୁକ୍ତ ଖସି ପଳାଇଥିଲେ। ଶତ୍ରୁଘନଙ୍କ ଘର ବାଲେଶ୍ୱର ସଦର ଥାନା ଅଧୀନ ବାଙ୍କଶିରା ଗ୍ରାମରେ। ଏହି ଗାଡିରେ ୨୭ ଟି କାଠ ଗଣ୍ଡି ରହିଥିଲା। ଯାହାର ଅନୁମାନିକ ମୂଲ୍ୟ ୧ ଲକ୍ଷ ୩୦ ହଜାର ଟଙ୍କା ହେବ। ଏନେଇ ଏକ ମାମଲା (ନଂ.୨୩/୨୦୧୯-୨୦) ରୁଜୁ କରାଯାଇଛି। ସେହିପରି କିଛି ସମୟ ପରେ ଧନଶୋଳ ରାସ୍ତାରେ ଏହି ଟିମ ପାଟ୍ରୋଲିଂ କରୁଥିବା ବେଳେ ରାସ୍ତା କଡ଼ରେ ଏକ କାଠ ବୋଝେଇ ଗାଡି (ନଂ.ଡବ୍ଲୁବି୩୩ଏ-୦୩୭୧) ଅଟକି ରହିଥିବା ଦେଖିବାକୁ ପାଇଥିଲେ। ଏଥିରେ କୌଣସି ବ୍ୟକ୍ତି ନ ଥିଲେ। ଏହି ଗାଡ଼ିରେ ଶାଳ, ମହିଳ ଓ ଆକାଶିଆ ଆଦି କାଠ ଥିଲା। ଯାହାର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ପିଠାବଟା ବନାଞ୍ଚଳ ଅଧିକାରୀ ବେହେରା କହିଛନ୍ତି। ଏହି ଚଢ଼ଉ ବେଳେ ପିଠାବଟା ବନାଞ୍ଚଳ ଅଧିକାରୀ ବେହେରା, ଫରେଷ୍ଟର ଦୀପକ ପାତ୍ର, ଫରେଷ୍ଟ ଗାର୍ଡ ଅନିଲ କୁମାର ମହାନ୍ତ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ତେବେ ଏହା ଜଙ୍ଗଲ କାଠ ନୁହେଁ ଘରବାଡ଼ି କାଠ ବୋଲି ବନାଞ୍ଚଳ ଅଧିକାରୀ ବେହେରା କହିଛନ୍ତି।



ବାରିପଦା ମାଉସୀମା ମନ୍ଦିରରେ ବୁଧବାର ଠାକୁରମାନଙ୍କ ବାମନ ଓ ପର୍ଶୁରାମ ବେଶ।

## ପୋଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ ନେଇ ଚର୍ଚ୍ଚା

**ବାରିପଦା ଅଫିସ,୧୦।୭:** ମୟୂରଭଞ୍ଜ ଜିଲା ପୋଲିସ ବିଭିନ୍ନ ଘଟଣା ନେଇ କିଛି ଦିନ ହେବ ବିବାଦୀୟ ହୋଇ ପଡିଛି। ପୋଲିସ ହେପାଜତରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା ବୁଧବାର ପୁଣି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ ଜିଲା ପୋଲିସର ଏକ ଟିମ ଜଣେ ଫେରାର ଅଭିଯୁକ୍ତଙ୍କୁ ଆଣିବାକୁ ମଙ୍ଗଳବାର ସମ୍ବଲପୁର ଯାଇଥିଲା। ସନ୍ଧ୍ୟାରେ ସମ୍ବଲପୁରରୁ ବାହାରିଥିଲା। ସେହି ରାତିରେ ପୋଲିସ ଟିମ କଏଦୀଙ୍କୁ କଡ଼ା ସୁରକ୍ଷା ବଳୟରେ ଆଣି ଆସୁଥିବା ବେଳେ କେନ୍ଦୁଝର ନିକଟରେ କିଛି ସମୟ ପାଇଁ ଅଟକି ଥିଲା। ଏତିକି ବେଳେ ସୁଯୋଗ ଦେଖି ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବା ଖବର ଜିଲା ପୋଲିସ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଘଟଣାର ସତ୍ୟାସତ୍ୟ ଜଣାପଡି ନାହିଁ। ଏ ନେଇ ଏଏସପି ଜୟରାମ ଶତପଥୀଙ୍କୁ ପଚାରିବାରୁ ସେ ତୁରନ୍ତ ଜଣେ ଅଧିକାରୀଙ୍କୁ ଫୋନ ଯୋଗେ ପଚାରିବା ସହ କଥାରେ କିଛି ସତ୍ୟତା ଥିବା କହିଥିଲେ। ସେହିପରି ଏସପି ଅବିନାଶ କୁମାରଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ବୁଝିବେ ଓ କ'ଣ ସତ୍ୟତା ରହିଛି ତଦନ୍ତ କରିବେ ବୋଲି କହିଛନ୍ତି।

# ହନୁମାନ ପଇସା ଲୋଭରେ ଡକାୟତି

## ମୁଖାପିନ୍ଧା ଲୁଟେରା ମାରଣାସ୍ତ୍ର ଦେଖାଇ ଲୁଟିନେଲେ ସୁନା ଅଳଙ୍କାର ସହ ନଗଦ ଟଙ୍କା

**ଉଦଳା,୧୦।୭(ଡି.ଏନ୍.ଏ)**

ହନୁମାନ ପଇସା ଲୋଭରେ ମଙ୍ଗଳବାର ବିଳମ୍ବିତ ରାତିରେ ମୁଖାପିନ୍ଧା ଲୁଟେରାମାନେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମାରଣାସ୍ତ୍ର ଦେଖାଇ ଘରେ ଥିବା ସୁନା ଅଳଙ୍କାର, ନଗଦ ଟଙ୍କା ସହିତ ୫ ଗୋଟି ମୋବାଇଲ୍ ଲୁଟି ନେଇଛନ୍ତି। ଏଭଳି ଘଟଣା ଘଟିଛି ଉଦଳା ଥାନା ଅଧିନ ବଡଖମଣ ପଞ୍ଚାୟତ ଝରଣାସାହି ଗ୍ରାମରେ। ଲୁଟ୍‌ର ଶିକାର ହୋଇଥିବା ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଝରଣାସାହି ଗ୍ରାମର ବୀର ହେମ୍ବ୍ରମ୍‌ଙ୍କ ପରିବାର ସଦସ୍ୟ ମଙ୍ଗଳବାର ରାତିରେ ଖାଇସାରି ଶୋଇଥିଲେ। ବିଳମ୍ବିତ ରାତିରେ ୧୦ରୁ ଅଧିକ ଲୁଟେରା ମୁଖାପିନ୍ଧି ଏବଂ ହାତରେ ମାରଣାସ୍ତ୍ର ଧରି ବୀରଙ୍କ ଘର ଭିତରେ ପଶିଥିଲେ। ପ୍ରଥମେ ସେମାନେ ବୀରଙ୍କ ପୁଅ ପ୍ରସନ୍ନଙ୍କୁ କାବୁ କରି ନେବା ସହିତ ତାଙ୍କୁ ବାନ୍ଧି ଦେଇଥିଲେ। ପରେ ମାରଣାସ୍ତ୍ର ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ହନୁମାନ ପଇସା କେଉଁଠି ଅଛି ବୋଲି ପଚାରିଥିଲେ। ପ୍ରସନ୍ନ ହନୁମାନ ପଇସା ନାହିଁ ବୋଲି କହିଥିବା ବେଳେ ତାଙ୍କ ଛାତିରେ ଛୁରୀ ଲଗାଇ ଲୁଟେରାମାନେ ଧମକାଇଥିଲେ। ପରେ ପ୍ରସନ୍ନଙ୍କ ପାଟି ଶୁଣି ପରିବାରର ଅନ୍ୟ ସଦସ୍ୟମାନେ ସେଠାରେ ପହଞ୍ଚିବାରୁ ଲୁଟେରାମାନେ ସେମାନଙ୍କୁ ମଧ୍ୟ କାବୁ କରି ନେଇଥିଲେ। ଲୁଟେରାମାନେ ହାତରେ କୁରାଢୀ, ଛୁରୀ ଭଳି ମାରଣାସ୍ତ୍ର ଧରି ସମସ୍ତଙ୍କୁ ଭୟଭୀତ କରାଇଥିଲେ। ହନୁମାନ ପଇସା ନ ପାଇବାରୁ ଲୁଟେରାମାନେ ଘରର ବିଭିନ୍ନ ସ୍ଥାନ ଖୋଜାଖୋଜି କରି ଘରେ ଥିବା ସୁନା ଅଳଙ୍କାର ସମେତ ନଗଦ ୨୦ ହଜାର ଟଙ୍କା ଏବଂ ୫ ଟି ମୋବାଇଲ୍‌କୁ ଲୁଟି ନେଇ ସେଠାରୁ ଖସିଯାଇଥିଲେ। ଲୁଟେରାମାନେ ଆଦିବାସୀ ଏବଂ ଓଡ଼ିଆ ଭାଷାରେ କଥା ହେଉଥିବା ଲୁଟ୍‌ର ଶିକାର ହୋଇଥିବା ବୀରଙ୍କ ସ୍ତ୍ରୀ ମାଟି ହେମ୍ବ୍ରମ୍ ପ୍ରକାଶ କରିଛନ୍ତି। ଲୁଟେରାମାନେ ମୁହଁରେ କଳା ମୁଖା ପିନ୍ଧିଥିବାରୁ ସେମାନଙ୍କୁ ଚିହ୍ନି ପାରି ନ ଥିବା ବୀର ପୋଲିସ୍‌କୁ କହିଛନ୍ତି।

# ମାନବିକତା ଦେଖାଇଲେ ଟ୍ରେନ୍ ଚାଳକ

## ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ

**ବାରିପଦା ଅଫିସ,୧୦।୭**

ବର୍ତ୍ତମାନ ସମୟରେ ଗାଡ଼ି ଚାଳକମାନେ ଦୁର୍ଘଟଣା ପରେ ଆହତ କିମ୍ବା ମୃତ ବ୍ୟକ୍ତିଙ୍କୁ ସହଯୋଗ କରିବା ବଦଳରେ ଘଟଣାସ୍ଥଳରୁ ଚମ୍ପଟ ମାରୁଛନ୍ତି। ମାତ୍ର ଟ୍ରେନରେ ଦୁଇ ଗୋଡ କଟି ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଟ୍ରେନ ଚାଳକ ଡାକ୍ତରଖାନାରେ ଭର୍ତ୍ତି କରିବା ଲାଗି ପଦକ୍ଷେପ ନେଇ ମାନବିକତା ଦେଖାଇଛନ୍ତି। ଏଥିନେଇ ସମ୍ପୃକ୍ତ ଟ୍ରେନ ଚାଳକଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ଜଣାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାରିପଦା ସହରରେ ଏହି ଘଟଣା ଘଟିଛି। ରାତି ପ୍ରାୟ ୩ ଟା ୧୫ ସମୟରେ ଭଞ୍ଜପୁର ରେଳ ଷ୍ଟେସନରୁ ଭଞ୍ଜପୁର-ବାଲେଶ୍ୱର ଡିଏମୟୁ ଟ୍ରେନ ଛାଡ଼ିଥିଲା। ଭଞ୍ଜପୁର ଓ ବାରିପଦା ଷ୍ଟେଶନ ମଧ୍ୟରେ ଶନି ମନ୍ଦିର ନିକଟ ରେଳ ଧାରଣାରେ ସ୍ଥାନୀୟ ଭୁଗୁଡାକଟା ଅଞ୍ଚଳର ଚିତ୍ତରଞ୍ଜନ ହାତୀ ଶୋଇ ଥିଲେ। ତାଙ୍କର ଦୁଇ ଗୋଡ ଉପରେ ଟ୍ରେନ ମାଡ଼ି ଯାଇଥିଲା। ଫଳରେ ଦୁଇ ଗୋଡ ତାଙ୍କ ଶରୀରରୁ ଲଗା ହୋଇଯାଇଥିଲା। ତେବେ ଟ୍ରେନ ଚାଳକ ଟ୍ରେନକୁ ଆଗକୁ ନ ନେଇ ବ୍ରେକ ମାରି ଅଟକାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରିବା ସହିତ ଟ୍ରେନରେ ବାରିପଦା ଷ୍ଟେଶନ ପର୍ଯ୍ୟନ୍ତ ନେଇ ଆସିଥିଲେ। ପରେ ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଚିତ୍ତଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା ଡାକ୍ତର କହିଛନ୍ତି। ତେବେ ଦୁର୍ଘଟଣାସ୍ଥଳରୁ ଚିତ୍ତଙ୍କ ଗୋଟିଏ ଗୋଡ ମିଳିଥିବା ବେଳେ ଆଉ ଗୋଟିଏ ଗୋଡ ମିଳିନାହିଁ।



ଆହତ ଚିତ୍ତଙ୍କ ଚିକିତ୍ସା ଚାଲିଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ସରଳବଣି,**
**କିଏ ଲୋଡ଼ିଲେ ନ ପାଏ କାକର ପାଣି।**

ଭୋଗବିଳାସରେ ବୁଡ଼ିରହିଥିବା ଧନୀ ବ୍ୟକ୍ତି ଖାଇବା ପାଇଁ ଅରୁଚି ପ୍ରକାଶ କରୁଥିବା ବେଳେ ଦୁଃଖୀ ରଙ୍କି ବ୍ୟକ୍ତି ସାମାନ୍ୟ ଆହାର ମୁଠାଏ ପାଇଁ ଡହଳବିକଳ ହେଉଥିବା ଲକ୍ଷ୍ୟ କରାଯାଇଥାଏ। ମଣିଷ କାଳ ଓ ଭାଗ୍ୟର ଅଧୀନ। କେଉଁଠି କିଏ ରାଜଭୋଗ କରୁଥିବା ବେଳେ ଆଉ କେଉଁଠି କେହି ଦାରୁଣ ଦୁଃଖକଷ୍ଟରେ ପଡ଼ି ଜୀବନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କି ଗୁଣ ବାହୁନିବି, ଖଜୁରି ଗଛର;**
**ସେ ତ ମୂଳରୁ ପାହାଚ ପାହାଚ।**

ଖଜୁରି ଗଛର ବାହୁଙ୍ଗା ଏପରି କଟାଯାଇଥାଏ ଯେ ତା'ର ଗର ବା ଗଣ୍ଡି ମୂଳରୁ ଶେଷଯାଏ ପାହାଚିଆ ପାହାଚିଆ ହୋଇ ରହିଥାଏ। ସେହିପରି ଜଣଜଣଙ୍କର ଖରାପ ଗୁଣ ମୂଳରୁ ଶେଷଯାଏ ସମାନ ରହିଥାଏ। ବହୁ ଦୋଷଦୁର୍ଗୁଣରେ ପରିପୂର୍ଣ୍ଣ ହୋଇଥିବା ବ୍ୟକ୍ତିର ଗୋଟିଏ ଦୋଷଦୁର୍ବଳତା ପ୍ରତି ଟିପ୍ପଣୀ ଦେବା ବା ଅଙ୍ଗୁଳି ଦେଖାଇବା ନିରର୍ଥକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## TENDER CALL NOTICE

**OFFICE OF THE CSO-CUM-DISTRICT MANAGER,**
**ODISHA STATE CIVIL SUPPLIES CORPORATION LTD., MAYURBHANJ, BARIPADA**
**www.mayurbhanj.nic.in**

**No. 3955** **Date: 10.07.19**

The CSO-cum-District Manager, OSCSC Ltd., Mayurbhanj, Baripada invites sealed tenders from reputed firms/companies/persons for appointment as Level-II Transport Contractor for transportation of foodgrains from Rice Receiving Centre-Cum-Departmental Storage Centre (RRC-cum-DSC) to retail centres of Saraskana Block, Kuliana Block, Betnoti Block, Rairangpur Municipality, Udala NA,C, Thakurmunda Block, Raruan Block, Karanjia Block, Karanjia NAC, Sukruli Block Unit tagged.

The Level-II Transport Contractor shall perform all operations for transportation of foodgrains from RRC-cum-DSC to retail centres & delivreing the foodgrains at retail centres of Unit tagged.

Interested firms/companies/persons may obtain tender document from the office of the CSO-cum-District Manager, OSCSC Ltd., Mayurbhanj from 11.07.2019 to 25.07.19 upto 3.00 PM. The interested firms/companies / persons may also download the tender document from the district website **www.mayurbhanj.nic.in.**

Interested firms/ companies/ persons wil have to submit their tender documents **through registered post/ speed post/ courier service** only as per the procedure prescribe in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal/ courier delay. Tender paper received after the scheduled date & time shall not be considered.**

**Address for submission of Tender document**
District Manager, OSCSC Ltd., Mayurbhanj,
At/Po: Bhanjpur, Dist: Mayurbhanj, Pin: 757002

| Important Datelines | |
|---|---|
| Issue of advertisement as district level | By 11.07.2019 |
| Sale of Tender Papers | From 11.07.19 to 25.07.19 |
| Receipt of tender papers | By 25.07.19 upto 5.00 PM |
| Opening of Technical Bid for Level-II Transport Contractor | On 26.07.2019 at 11.00 AM |
| Opening of Price Bid for Level-II Transport Contractor | On 26.07.19 at 04.00 PM |
| Execution of Agreement | By 30.07.19 |

**Sd./- CSO-cum-District Manager, OSCSC Ltd., Mayurbhanj**

# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

FINANCE

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲି଼
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

BUSINESS

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office
G-79 Aadrsh Nagar Karol Bagh
9078842412

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ୱେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

DHARITRI Career appointment Every Wednesday and Saturday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ରାମ, ପର୍ଶୁରାମ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



ନୀଳଗିରି, ୧୦।୭ (ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ମାଉସୀ ମା' ମନ୍ଦିରରେ ବିଜେ ଶ୍ରୀଜୀଉ ବୁଧବାର ରାମ ଓ ପର୍ଶୁରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥଲେ। ଅପରାହ୍ନରେ ସହକାରୀ ପୂଜକ ହରିବନ୍ଧୁ କରଙ୍କ ସମେତ ସେବାୟତମାନେ ଶ୍ରୀଜୀଉଙ୍କୁ ଏହି ବେଶ କରାଇଥିଲେ। ସନ୍ଧ୍ୟାରେ ଶ୍ରୀଜୀଉଙ୍କ ନିକଟରେ ଧୂପ,ଝୁଣା ,ଆଳତୀ କରାଯାଇ ମନ୍ଦିର ପହଡ ଖୋଲାଯାଇଥିଲା। ହରିବୋଲ, ଜୟଧ୍ୱନି ,ଭଜନକୀର୍ତ୍ତନ ଓ ଶଙ୍ଖନାଦରେ ମନ୍ଦିର ପରିସର ଉଚ୍ଛୁଳି ପଡିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ମୂତୟନ କରାଯାଇଥିଲା। ଗୁରୁବାର କଳ୍କୀ ଅବତାରରେ ଜୟା ଓ ବଜୟା ବେଶରେ ଶଆଜୀଉ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ସହକାରୀ ପୂଜକ କହିଛନ୍ତି।

### ବିଧାୟକଙ୍କ ଦ୍ୱାରା ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

ବାଲିଆପାଳ,୧୦।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ବୁଧବାର କୁମ୍ଭାରୀ ପଞ୍ଚାୟତ ଗୁଆପଡା ଗ୍ରାମରେ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ଉଦ୍ଘାଟନ କରିଛନ୍ତି। ଏହି କେନ୍ଦ୍ର ନିର୍ମାଣରେ ୬ଲକ୍ଷ ୫୦ହଜାର ଟଙ୍କା ବିନିଯୋଗ ହୋଇଛି। ପରେ ବିଧାୟକ ସେହି ପଞ୍ଚାୟତର ସୁନାକଣିଆ ଗ୍ରାମର ପ୍ରାଥମିକ ବିଦ୍ୟାଳୟର ନବନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ଏବଂ ତାପୁଣ୍ଡିଆ ଗ୍ରାମରେ ନବନିର୍ମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଉଦ୍ଘାଟନ କରିଥିଲେ। ଉତ୍ସବରେ ସରପଞ୍ଚ ଜୟନାରାୟଣ ମହାପାତ୍ର, ସିଡିପିଓ ପୁଷ୍ପଲତାପାତ୍ର, ବିଇଓ ନାରାୟଣ ଦାସ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଭାଗରଥୀ ମୁର୍ମୁ, ଗୋପନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ସୋର ବ୍ଲକ କଂଗ୍ରେସ ସଭାପତି ବିଜେଡିରେ ମିଶିଲେ

ସୋର, ୧୦।୭(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର କଂଗ୍ରେସ ବ୍ଲକ ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ସରୋଜ କୁମାର ମହାପାତ୍ର ଦଳ ଛାଡି ବୁଧବାର ସନ୍ଧ୍ୟାରେ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ବିଧାୟକ ପର୍ଶୁରାମ ଧଡାଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ପ୍ରଭାବିତ ହୋଇ ସେ ବିଜେଡିରେ ମିଶିଥିବା କହିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ବିଜେଡି ବ୍ଲକ ସଭାପତି କମଳାକାନ୍ତ ଘଡାଇଙ୍କ ଅଧକ୍ଷତାରେ ବିଧାୟକ ଧଡାଙ୍କ ବାସଭବନରେ ସଭା ଅନୁଷ୍ଠିତ ହୋଇଥିଲା। ସରୋଜଙ୍କୁ ଫୁଲତୋଡା ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସନ୍ଧ୍ୟାରାଣୀ ପଣ୍ଡା, ଗୌତମ ଦ୍ୱାରୀ, ପ୍ରଦୀପ ମିଶ୍ର, ଯତୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବଳକା ଧାନର ଅଭାବୀ ବିକ୍ରି

- ସମବାୟ ସମିତି ପକ୍ଷରୁ ଧାନକିଣା ବନ୍ଦ ପରେ ଚାଷୀ ହତାଶ
- ପରିସ୍ଥିତିର ଫାଇଦା ନେଉଛନ୍ତି ଆନ୍ଧ୍ର, ପଶ୍ଚିମବଙ୍ଗ ବେପାରୀ
- ଚାଷ ଛାଡ଼ି ଦେବାକୁ କ୍ଷତିଗ୍ରସ୍ତ ଚାଷୀଙ୍କ ଚେତାବନୀ

ବାଲିଆପାଳ,୧୦।୭(ସ୍ୱ.ପ୍ର.)

ସେବା ସମବାୟ ସମିତି ଗତ ମାସ ୩୦ ତାରିଖରୁ ଡାଲୁଅ ଧାନ କିଣା ବନ୍ଦ କରିଦେବାରୁ ଚାଷୀମାନେ ବଳକା ଧାନ ବିକି ନ ପାରି ହଇରାଣ ହେଉଛନ୍ତି। ଏହି ସୁଯୋଗରେ ଆନ୍ଧ୍ର, ପଶ୍ଚିମବଙ୍ଗର ବେପାରୀ ଓ ଦଲାଲ ଏଠାରେ ଡେରା ପକାଇ ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣି ନେଉଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପାଇଁ ନୂଆ ନୂଆ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ଏହାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ତ୍ରୁଟିପୂର୍ଣ୍ଣ ଧାନ କିଣା ନୀତି ଓ ଉତ୍ପାଦନ ତୁଳନାରେ କମ୍ ଟାର୍ଗେଟ ଧାର୍ଯ୍ୟ କରାଯାଉ ଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ କ୍ଷତି ସହୁଥିବା କହିଛନ୍ତି।

ବାଲେଶ୍ୱର ଜିଲାର ବାଲିଆପାଳ କୃଷିପ୍ରଧାନ ଅଞ୍ଚଳ। ଜଳସେଚନ ସୁବିଧା ଥିବାରୁ ରବି ଋତୁରେ ଏଠାରେ ପ୍ରଚୁର ଅଧିକ ଅମଳକ୍ଷମ ଡାଲୁଅ ଧାନ ଚାଷ ହୋଇଥାଏ। ଚଳିତବର୍ଷ ଧାନ ଉତ୍ପାଦନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେବା ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ସିଧାସଳଖ ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଧାନ କିଣିବା ବ୍ୟବସ୍ଥା କରିଥିଲେ। ଧାନର ସର୍ବନିମ୍ନ ମୂଲ୍ୟ ରହିଥିଲା ୧୭୫୦ ଟଙ୍କା।



ଚାଷୀମାନେ ବଳକା ଧାନ ବିକ୍ରି ପାଇଁ ରଖିଛନ୍ତି।

ଧାନ ଅମଳ ପରେ ସେବା ସମବାୟ ସମିତି ଅଳ୍ପ କିଛିଦିନ ଧାନ କିଣି ଟାର୍ଗେଟ ପୂରଣ ହେଇଗଲା ଦର୍ଶାଇ ଆଉ ଧାନ କିଣୁ ନାହାନ୍ତି। ଚାଷୀମାନେ ଏହାର ପ୍ରତିବାଦ ଜଣାଇ କିଭଳି ଟାର୍ଗେଟ ପୂରଣ ହେଲା ବୋଲି ପ୍ରଶ୍ନ କରି ଧାନ କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଚାଷୀଙ୍କଠାରୁ ସମସ୍ତ ବଳକା ଧାନ କିଣିବାକୁ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବି କରିଛନ୍ତି। ଏବେ ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ଚାଷୀମାନେ ନିଜ ପାଖରେ ବଳକା ଧାନ ରଖି ନ ପାରିବା ନେଇ ଚିନ୍ତାରେ ପଡିଛନ୍ତି। ଏଭଳି ସ୍ଥିତିରେ ସେମାନେ ଆନ୍ଧ୍ର ଓ ପଶ୍ଚିମବଙ୍ଗର ବ୍ୟବସାୟୀଙ୍କୁ କୁଇଣ୍ଟାଲ ପିଛା ୧ହଜାର ଟଙ୍କାରେ ଧାନ ବିକ୍ରି କରି ଦେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବର୍ତ୍ତମାନ ବାଲିଆପାଳ ଅଞ୍ଚଳରୁ ପ୍ରତିଦିନ ଟ୍ରକରେ ରାଜ୍ୟ ବାହାରକୁ ଧାନ ଚାଲାଣ ବୃଦ୍ଧି ପାଉଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ଅଙ୍କୁଶ ଲଗାଯାଉ ନାହିଁ। ବେପାରୀମାନେ ଅଭାବୀ ବିକ୍ରିର ଶିକାର ହୋଇଥିଲେ ବି ଏହାର କୌଣସି ପ୍ରତିକାର କରାଯାଉ ନାହିଁ। ଚଳିତ ବର୍ଷ ସରକାର ଟାର୍ଗେଟ ଅନୁଯାୟୀ ଚାଷୀଙ୍କଠାରୁ ସାଢେ ୮ କୁଇଣ୍ଟାଲ ଲେଖାଏ ଧାନ କିଣିଛନ୍ତି। ଅଧିକ ଉତ୍ପାଦନ ସତ୍ତ୍ୱେ କମ୍ ଧାନ କିଣା ଟାର୍ଗେଟ ଧାର୍ଯ୍ୟ ହେଉଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି ବୋଲି ଚାଷୀ ଭରତ ମହାନ୍ତି, ଜଗମୋହନ ଜେନା, ଅନନ୍ତ ରାଉତ, ଗତିକୃଷ୍ଣ ପଣ୍ଡା, ମୃତ୍ୟୁଞ୍ଜୟ ସେନାପତି, ସାବିତ୍ରୀ ସାହୁ, ବଂଶୀଧର ଜେନା, ଖଗେଶ୍ୱର ପାଢୀ ପ୍ରମୁଖ ଅଭିଯୋଗ କରିଛନ୍ତ। ରାଜ୍ୟ ସରକାର ପରିସ୍ଥିତି ଅନୁଧ୍ୟାନ କରି ସମସ୍ୟାର ପ୍ରତିକାର ନ କଲେ ଚାଷୀମାନେ ବାଧ୍ୟ ହୋଇ ଚାଷ ଛାଡିଦେବ ବୋଲି କହିଛନ୍ତି। ଏ ସମ୍ପର୍କରେ ବାଲିଆପାଳ ସେବା ସମବାୟ ସମିତି ସଭାପତି ସୁବ୍ରତ ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ସରକାରଙ୍କ ଟାର୍ଗେଟ ଅନୁସାରେ ଧାନ କିଣା ଯାଇଛି। ବଳକା ଧାନ କିଣିବା ପାଇଁ ସରକାରୀ ନିର୍ଦ୍ଦେଶ ଆସିଲେ ତୁରନ୍ତ ଏହା କାର୍ଯ୍ୟକାରୀ କରାଯିବ।



ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

## ୬ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଚୋରା ବେପାରୀ ଗିରଫ

ବାଲେଶ୍ୱର ଅଫିସ,୧୦।୭

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ବସ୍‌ଷ୍ଟାଣ୍ଡ ନିକଟରେ କଟକରୁ ଆସିଥିବା ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ ବୁଧବାର ପୂର୍ବାହ୍ନରେ ଚଢାଉ କରି ୮୦କେଜି ଗଞ୍ଜେଇ ଜବତ କରିଛି। ଏ ନେଇ ଗଞ୍ଜେଇ ନେଇ ଯାଉଥିବା ଚୋରା ବେପାରୀ ସେକ୍ ରିୟାଜୁଦ୍ଦିନ (୨୫)ଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଅଧିକ ହେବ।

ବହୁ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସୂଚନାକୁ ଆଧାର କରି କଟକ ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ-୨ ଚୋରା ବେପାରୀଙ୍କୁ ଅନୁସରଣ କରି ପଛେପଛେ ଆସିଥିଲେ। ସୋର ବସ୍‌ଷ୍ଟାଣ୍ଡ ନିକଟରେ ଧରପଗଡ କରାଯାଇ ଗଞ୍ଜେଇ ଜବତ କରାଯାଇଥିଲା। ସୋର ଓ ଏହାର ଆଖପାଖ ଅଞ୍ଚଳରେ ଏହାକୁ ବିକ୍ରି କରିବାକୁ ଅଣାଯାଉଥିଲା ବୋଲି କୁହାଯାଉଛି। ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ଼ ଏ ନେଇ ଏକ ମାମଲା (ନଂ. ୬୭/୧୯-୨୦) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ବାଲେଶ୍ୱର କୋର୍ଟରେ ହାଜର କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଥିବା ଫ୍ଲାଇଙ୍ଗ ସ୍କ୍ୱାଡ଼-୨ର ଆଇଆଇସି ଜଗଦୀଶ ଚନ୍ଦ୍ର ସାମଲ ପ୍ରକାଶ କରିଛନ୍ତି। ଚଢ଼ାଉ କାର୍ଯ୍ୟରେ ଏସ୍ଆଇ ଧନଞ୍ଜୟ ପାତ୍ର, କନଷ୍ଟେବଳ କିଶୋର ରାଉତ, ପ୍ରଦୀପ ବେହେରା, ଅଞ୍ଜନାବାଳା ନାୟକ ପ୍ରମୁଖ ସହାୟତା କରିଥିଲେ।

## 'ଓଡ଼ିଆ ଭାଷାରେ ଅଦାଲତ କାର୍ଯ୍ୟ କରାଯାଉ'

ବାଲେଶ୍ୱର ଅଫିସ,୧୦।୭

ଓଡ଼ିଆ ଭାଷାରେ ଅଦାଲତ କାର୍ଯ୍ୟ ପରିଚାଳନା କରାଯାଉ ବୋଲି ବାଲେଶ୍ୱର ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଦାବି କରାଯାଇଛି। ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ଶାଖା ସଭାପତି ପଣ୍ଡିତ ସୁରେନ୍ଦ୍ର ନାଥ କରଙ୍କ ତତ୍ତ୍ୱାବଧାନରେ ଏକ ପ୍ରତିନିଧି ଦଳ ଜିଲା ଜଜଙ୍କ ଜରିଆରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଏକ ନିବେଦନପତ୍ର ପଠାଇଛନ୍ତି। ଉଚ୍ଚ ନ୍ୟାୟାଳୟ ସମେତ ସମସ୍ତ ନିମ୍ନ ଅଦାଲତର କାର୍ଯ୍ୟ ଓଡ଼ିଆ ଭାଷାରେ କରାଯିବା ଲାଗି ନିର୍ଦ୍ଦେଶ ଦେବାକୁ ଏଥିରେ ଅନୁରୋଧ କରାଯାଇଛି।

ଓଡ଼ିଆ ଭାଷା ସାମ୍ବିଧାନିକ ସ୍ୱୀକୃତି ଓ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପରଠାରୁ ଓଡ଼ିଆ ଭାଷାରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ କରିବା ଲାଗି ଉତ୍କଳ ସମ୍ମିଳନୀ ସମେତ ବିଭିନ୍ନ ସାଂସ୍କୃତିକ ଏବଂ ଗଣସଂଗଠନ ଦାବି କରି ଆସୁଛନ୍ତି। ଏହାମଧ୍ୟରେ ରାଜ୍ୟ ସରକାର ସମସ୍ତ ବିଭାଗକୁ ମାତୃଭାଷା ଓଡ଼ିଆରେ କାର୍ଯ୍ୟ କରିବା ଏବଂ ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର ନାମଫଳକ ଓଡ଼ିଆଭାଷାରେ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଓଡ଼ିଆ ସମେତ ଅନ୍ୟ ୫ଟି ଆଞ୍ଚଳିକ ଭାଷାରେ ଅଦାଲତ କାର୍ଯ୍ୟ କରିବା ସପକ୍ଷରେ ଗତ ସପ୍ତାହରେ ଆଦେଶ ଦେଇଥିବା ସୂଚନା ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାରେ କୋର୍ଟ ପରିଚାଳନା କରିବା ଲାଗି ସାରା ରାଜ୍ୟରେ ଉତ୍କଳ ସମ୍ମିଳନୀ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି। ବୁଧବାର ନିବେଦନପତ୍ର ପ୍ରଦାନ ବେଳେ ଶାଖାର ସମ୍ପାଦକ ଦୀନବନ୍ଧୁ ଲେଙ୍କା, ବସନ୍ତଲତା ପଟ୍ଟନାୟକ, ଗୋପୀନାଥ ଶତପଥୀ, ତ୍ରିଦୀପ ନାୟକ, ସୀତାରାମ ପ୍ରଧାନ, ଅନସୂୟା ନାୟକ, ବେଣୁଧର ପାଳ, ଗୌରାଙ୍ଗ ପାଣିଗ୍ରାହୀ, ସନାତନ ଦାସ, କଲ୍ୟାଣୀ ନନ୍ଦ, ବିଧାନ ଚନ୍ଦ୍ର ରାୟ, ହେମଲତା ଦାସ, ଦେବବ୍ରତ ପାଣିଗ୍ରାହୀ, ଜ୍ଞାନରଞ୍ଜନ ପରିଡ଼ା, କ୍ଷିତୀଶ୍ୱର ଦାସ ଓ ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି**



ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା କର୍ମକର୍ତ୍ତା ନିବେଦନପତ୍ର ଦେବାକୁ ଯାଉଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବଚାଷୀଙ୍କ ମୃତ୍ୟୁ

ରେମୁଣା,୧୦।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ଗୁଡୁଦା ପଞ୍ଚାୟତର ଯୁବଚାଷୀ ହୃଷିକେଶ ଖଣ୍ଡା(୨୬) ବୁଧବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେ ଗାଁରୁ ଏକ ମୋଟରସାଇକେଲ ଯୋଗେ ପନିପରିବା ଧରି ବାଲେଶ୍ୱର ନୂଆବଜାରକୁ ବିକ୍ରି କରିବାକୁ ଯାଉଥିଲେ। ରେମୁଣା ମନ୍ଦିରଛକ ନିକଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ରେମୁଣା ପୋଲିସ ଜିଲା ଚିକିତ୍ସାଳୟକୁ ପଠାଇବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜୀବ ହତ୍ୟାକାରୀଙ୍କ ବିରୋଧରେ ମାମଲା

ବାଲେଶ୍ୱର ଅଫିସ,୧୦।୭

ବାଲେଶ୍ୱର ଜିଲା ଜୀବେ ନିଷ୍ଠୁରତା ନିରୋଧ ସମିତି ପକ୍ଷରୁ ବୁଧବାର ପୂର୍ବାହ୍ନରେ ଏକ ଭ୍ରାମ୍ୟମାଣ ଅଦାଲତ ଅନୁଷ୍ଠିତ ହୋଇଥିଲା। ସହର ଓ ଏହାର ଆଖପାଖ ଅଞ୍ଚଳରେ ବଢ଼ି ଚାଲିଥିବା ଜୀବହତ୍ୟାକୁ ରୋକିବା ଓ ଜୀବେ ନିଷ୍ଠୁରତା ନିରୋଧ ଆଇନ୍ -୧୯୬୦କୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ସବ୍-ଡିଭିଜୋନାଲ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ମୋନାଲିସା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସହରର ଜିଲା ସ୍କୁଲ ରୋଡ୍, ସହଦେବଖୁଣ୍ଟା, ଶୋଭାରାମପୁର, ଓଟି ରୋଡ୍, ଆଇଟିଆଇ ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ହେମକାପଦା, ସୁନହଟ, କଲେଜ ରୋଡ଼, ଟାଉନ ହଲ ଛକ, ଚିଡ଼ିଆପୋଲ ଓ ନୂଆବଜାର ଆଦି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ରାସ୍ତା କଡ଼ରେ ଜୀବ ହତ୍ୟା କରୁଥିବା ଅଭିଯୁକ୍ତଙ୍କ ନାଁରେ ମାମଲା କରାଯାଇ ୧୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ତଥା ଜୀବେ ନିଷ୍ଠୁରତା ନିରୋଧ ସମିତିର ଅବୈତନିକ ସମ୍ପାଦକ ଡା. ନିତ୍ୟାନନ୍ଦ ଦାସଙ୍କ ପରାମର୍ଶରେ ହୋଇଥିବା ଚଢ଼ାଉରେ ସମିତିର ନୀରିକ୍ଷକ ବିଜୟ ଷଡ଼ଙ୍ଗୀ, ଜିଲା କାର୍ଯ୍ୟାଳୟରେ ସପନ ମାନ୍ନା, ବିଚାର ବିଭାଗର ପ୍ରତାପ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## 'ଟଙ୍କା ହେରଫେର ହୋଇନି, ନାଁ ବଦଳାଯାଇଛି'

ବାଲେଶ୍ୱର ଅଫିସ,୧୦।୭

ବାଲେଶ୍ୱର ସଦର ବ୍ଲକ ବର୍ଦ୍ଧନପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦେଢ଼ କୋଟି ଟଙ୍କା ହଡ଼ପ ହେବା ଅଭିଯୋଗର ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି। ସଦର ଏବିଡ଼ିଓ ରବିନାରାୟଣ ବେହେରା ମଙ୍ଗଳବାର ଘଟଣାର ପ୍ରାଥମିକ ତଦନ୍ତ କରି ହିତାଧିକାରୀଙ୍କ ନାମରେ ଟଙ୍କା ହେରଫେର ହେବା ନେଇ ସେ କୌଣସି ପ୍ରମାଣ ପାଇ ନ ଥିବା ବେଳେ ହିତାଧିକାରୀଙ୍କ ତାଲିକାରେ କେତେଜଣଙ୍କ ନାଁ ବଦଳାଯାଇଥିବା ସେ ଜାଣିବାକୁ ପାଇଛନ୍ତି। ପଞ୍ଚାୟତର ବିଭିନ୍ନ ହିତାଧିକାରୀଙ୍କ ଘର ସେ ବୁଲି ଦେଖିବା ସହିତ ସେମାନେ ଟଙ୍କା ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ। କେତେକ ହିତାଧିକାରୀଙ୍କ ନାମ ସମାନ ଥିବାରୁ ଭ୍ରମ ସୃଷ୍ଟି ହୋଇଛି। ଯେଉଁ ହିତାଧିକାରୀମାନଙ୍କ ବଦଳରେ ଅନ୍ୟମାନଙ୍କୁ ଘର ଦିଆଯାଇଛି ସେଥିରେ ସମସ୍ତଙ୍କର ସହମତି ରହିଥିଲା। ବର୍ଷେ ପୂର୍ବରୁ ଏହି ଆବାସ ଆବଣ୍ଟନ ବେଳେ ପଞ୍ଚାୟତ ବୈଠକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ବୋଲି ସେ କହିଥିଲେ।



ଏବିଡିଓ ତଦନ୍ତ କରୁଛନ୍ତି।

## ଜନଶୁଣାଣି ଶିବିରରେ ୩୮୯ ଅଭିଯୋଗ

### ଅଧାରୁ ମନ୍ତ୍ରୀ ଭୁବନେଶ୍ୱର ଚାଲି ଯିବାରୁ ନିରାଶ ହେଲେ ଅଭିଯୋଗକାରୀ

ସିମୁଳିଆ,୧୦।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଡାକବଙ୍ଗଳା ପରିସରରେ ବୁଧବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନ, ଓଡ଼ିଆ ଭାଷା ଓ ସାହିତ୍ୟ, ସଂସ୍କୃତି ବିଭାଗର ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଥିଲେ ଏହି ଶିବିରର ଆୟୋଜକ। ବିଭିନ୍ନ ବିଭାଗରେ ମୋଟ୍ ୩୮୯ ଅଭିଯୋଗକାରୀ ନିଜର ଅଭିଯୋଗ ଦାଖଲ କରିଥିଲେ। ବିଭିନ୍ନ ଅଞ୍ଚଳର ସଡକ, ବିଦ୍ୟୁତ୍, କୃଷି ଓ ସ୍ୱାସ୍ଥ୍ୟ ଆଦି ସମସ୍ୟା ନେଇ ଅଧିକାଂଶ ଅଭିଯୋଗ ଆସିଥିଲା। ସିମୁଳିଆର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବିଡିଓ ଡ. ନରହରି ବେହେରା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମାନସ ରଞ୍ଜନ ପାଢ଼ୀ, ସିଡିଏମ୍‌ଓ ଡା. ଦୁଲାଲ ସେନ ଜଗଦେବ, ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସର୍ବେଶ୍ୱର ସିଂ, ଜିଲାପରିଷଦ ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ବାଟି ଅଞ୍ଚଳର କୃଷି ସମସ୍ୟା ସମ୍ପର୍କରେ ମନ୍ତ୍ରୀ ପାଣିଗ୍ରାହୀ ଜିଲା କୃଷି ଅଧିକାରୀ ଗୁରେନ୍ଦ୍ର ନାଥ ସିଂଙ୍କୁ ପଚାରି ବୁଝିଥିଲେ। ସେହିପରି ବିଭିନ୍ନ ଅଞ୍ଚଳରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ରାସ୍ତା ସହିତ ଡ୍ରେନ୍‌ର ବ୍ୟବସ୍ଥା କରିବା ଲାଗି ସେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ବ୍ଲକର ସଦରମହକୁମା ମାର୍କୋଣା ଗାଁର ଖେଳପଡ଼ିଆ, ରାସ୍ତା, ବିଦ୍ୟୁତ୍, ଜଳନିଷ୍କାସନ ଭଳି ସମସ୍ୟାର ପ୍ରତିକାର ଦାବି କରି ଗ୍ରାମବାସୀ ୮ଦଫା ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ୩୦ବର୍ଷ ଧରି ବାଲିଖଣ୍ଡ ଡାକ୍ତରଖାନାରେ ଡାକ୍ତର ନଥିବା ଅଭିଯୋଗ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ଶିବିର ଆରମ୍ଭ ହୋଇଥିଲା। ଭୁବନେଶ୍ୱରରୁ ଡାକରା ପାଇ ଅଧାରୁ ମନ୍ତ୍ରୀ ଚାଲିଯିବାରୁ ଉପସ୍ଥିତ ଅଭିଯୋଗକାରୀ ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ।



ସିମୁଳିଆ ବ୍ଲକର ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ଜନଶୁଣାଣି ଶିବିର।

## ଜମିଲା ପୁଷ୍ପସଜ୍ଜା ଓ ହରିନାମ ସଙ୍କୀର୍ତ୍ତନ ପ୍ରତିଯୋଗିତା

ବାଲେଶ୍ୱର ଅଫିସ,୧୦।୭

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ରଥ ଉତ୍ସବର ୬ଷ୍ଠ ଦିନରେ ବୁଧବାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରଥ ଉତ୍ସବ ଅବସରରେ ସେଠାରେ ପୁଷ୍ପସଜ୍ଜା କଳା ଓ ହରିନାମ ସଙ୍କୀର୍ତ୍ତନ ପ୍ରତିଯୋଗିତା କରାଯିବା ସାଙ୍ଗକୁ ରାସଲୀଳା ଅନୁଷ୍ଠିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଇମାମୀ ନଗରସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ବୁଧବାର ମହାପ୍ରଭୁଙ୍କର ସମସ୍ତ ପୂଜାର୍ଚ୍ଚନା କରାଯାଥିଲା। ଇମାମୀ କାଗଜକଳର ପୁରୁଷ କର୍ମଚାରୀଙ୍କ ପକ୍ଷରୁ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ସ୍ଥିତ ଭଜନ ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କୁ ବିତରଣ କରାଯାଇଥିଲା। ଇମାମୀ ଲେଡ଼ିସ୍ କ୍ଲବ ପକ୍ଷରୁ ଗୁଣ୍ଡିଚା ମନ୍ଦିର ମଣ୍ଡପରେ ଆୟୋଜିତ ବିଭିନ୍ନ କିସମର ପୁଷ୍ପସଜ୍ଜା କଳା ପ୍ରତିଯୋଗିତା ଆକର୍ଷଣ ସାଜିଥିଲା। ସନ୍ଧ୍ୟା ୫ରୁ ୭ଟା ପର୍ଯ୍ୟନ୍ତ ହରିନାମ ସଙ୍କୀର୍ତ୍ତନ ପ୍ରତିଯୋଗିତାରେ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଥିବା ଶ୍ରୀଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ, ବାଲଗୋପାଳପୁର, ଦଧିବାମନ କୀର୍ତ୍ତନମଣ୍ଡଳୀ, ଆରପଟା, ରାଧା ଗିରିଧାରୀ ସଙ୍କୀର୍ତ୍ତନ ମଣ୍ଡଳୀ, ଚକୁଳିଆ, ରସିକଜିଉ କୀର୍ତ୍ତନମଣ୍ଡଳୀ, ଧାରାଗଞ୍ଜ, ମା' ଥାନେଶ୍ୱରୀ କୀର୍ତ୍ତନମଣ୍ଡଳୀ, ସୋରିଷକୋଠାଙ୍କ ପ୍ରଦର୍ଶନ ଦର୍ଶକ ଓ ଭକ୍ତଙ୍କ ମନ ଛୁଇଁଥିଲା। ସନ୍ଧ୍ୟା ୭ରୁ ରାତ୍ର ୯ଟା ପର୍ଯ୍ୟନ୍ତ ବୃନ୍ଦାବନ ସ୍ଥିତ ଭାରତୀୟ କଳାସଂସ୍ଥାନ ପକ୍ଷରୁ ରାସଲୀଳା ପରିବେଷଣ କରାଯାଇଥିଲା। ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶିଲ୍ କୁମାର ଗୋୟେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ କାଗଜକଳର ମୁଖ୍ୟ ସଞ୍ଚାଳକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ସୁଶୀଲ୍ କୁମାର ଖୈତାନ୍, ବରିଷ୍ଠ ଉପସଭାପତି ଆଶିଷ୍ ଏ. ଗୁପ୍ତା ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।



ରଥ ଉତ୍ସବରେ ମହିଳାଙ୍କ ପୁଷ୍ପସଜ୍ଜା କାର୍ଯ୍ୟକ୍ରମ।

### ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟ ଫାଟକରେ ତାଲା

## ଧାରଣା ଦେଲେ ଛାତ୍ରୀଛାତ୍ର, ଅଭିଭାବକ

ବାହାନଗା,୧୦।୭(ଡି.ଏନ.ଏ.)

ବଲେଶ୍ୱର ଜିଲା ବାହାନଗା ବ୍ଲକ ସାହାସପୁରା ଗ୍ରାମର ଥିବା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକ ନଥିବାରୁ ପାଠ ପଢ଼ା ବାଧାପ୍ରାପ୍ତ ହେଉଛି। ଏହାର ପ୍ରତିବାଦରେ ବୁଧବାର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦୀର୍ଘ ୨ ଘଣ୍ଟା କାଳ ଧାରଣାରେ ବସିଥିଲେ। ଖବରପାଇ ବାହାନଗା ବ୍ଲକ ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ଗୁରୁବାରଠାରୁ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯିବ ବୋଲି କହିବାରୁ ଧାରଣା ପ୍ରତ୍ୟାହାର ହୋଇଥିଲା । ଉଲ୍ଲେଖନୀୟ ଯେ, ଏହି ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ସିଆର୍‌ସିସି ଭାବେ ନିଯୁକ୍ତି ଦିଆଯିବା ପରେ ସେ ବିଦ୍ୟାଳୟକୁ ପାଠ ପଢ଼ାଇବା ପାଇଁ ଆସୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଶିକ୍ଷାଧିକାରୀ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ସିଆର୍‌ସିସି ବିଦ୍ୟାଳୟରେ ୪ଟି ପିରିୟଡ଼ ପଢାଇବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ୮ଶ୍ରେଣୀ ପର୍ଯ୍ୟନ୍ତ ୨୯୩ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଆବଶ୍ୟକ ଶ୍ରେଣୀ ଗୃହ ନଥିବାରୁ ପିଲାମାନେ ବାରଣ୍ଡାରେ ବସି ପାଠ ପଢ଼ଉଛନ୍ତି। ୮ଟି ଶ୍ରେଣୀ ପାଇଁ ୧୨ ଜଣ ଶିକ୍ଷକ ରହିବା ଆବଶ୍ୟକ ଥିବା ବେଳେ ଏବେ ମାତ୍ର ୫ଜଣ ଶିକ୍ଷକ ରହିଛନ୍ତି। ବୁଧବାର ପରିଚାଳନା କମିଟିର ସଭାପତି ମନ୍ମଥ ପଣ୍ଡାଙ୍କ ନେତୃତ୍ୱରେ କମିଟି ସଭ୍ୟ ମନୋରଞ୍ଜନ ସାହୁ, ମେହବୁବ୍ ସାହା, ମନମୋହନ ସେଠୀ, ବାବୁଲା ଘଡ଼େଇ, ବକମ୍ ସାହା, ଶ୍ୟାମସୁନ୍ଦର ସାହୁ, ବୁଦ୍ଧିରାମ ବେହେରାଙ୍କ ସମେତ ପ୍ରମୁଖ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଏସବୁ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଥିଲେ। ଆଗାମୀ ଦୁଇ ମାସ ମଧ୍ୟରେ ବିଦ୍ୟାଳୟ ଶିକ୍ଷକ ସମସ୍ୟାର ସମାଧାନ କରାଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେଇଥିବା ଅଭିଭାବକମାନେ କହିଛନ୍ତି।



ଧାରଣାକାରୀଙ୍କ ସହ ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକ ଆଲୋଚନା କରୁଛନ୍ତି।

# ଭିନ୍ନ କରିବାର ପ୍ରୟାସ ଦେଇଛି ସଫଳତା

ସ୍ୱଚେଷ୍ଟାରେ ସଫଳ ଉଦ୍‌ଘୋଷକ ଭାବେ ସୃଷ୍ଟି କରିପାରିଛନ୍ତି ସ୍ୱତନ୍ତ୍ର ପରିଚୟ। ଜିଲାସ୍ତରୀୟ ହେଉ ଅଥବା ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସବୁଠି ସେ ନିଜର ଚମତ୍କାର ଉପସ୍ଥାପନା ଓ ଭାଷା ଶୈଳୀ ମାଧମରେ ହୋଇପାରିଛନ୍ତି ପ୍ରିୟପାତ୍ର। କିଛି ଭିନ୍ନ କରିବାର ପ୍ରୟାସ ତାଙ୍କୁ ଆଣିଦେଇଛି ସଫଳତା। ସେଇ ଚର୍ଚ୍ଚିତ ଚେହେରା ହେଉଛନ୍ତି ବ୍ରହ୍ମପୁର ବଡବଜାର ରଜା ସାହିର କାହ୍ନୁ ଚରଣ ରାଉତ।

ଏକ ଆଞ୍ଚଳିକ ଚ୍ୟାନେଲରେ ପ୍ରସାରିତ ଶିଶୁଙ୍କ ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମରୁ ଉପସ୍ଥାପକ ଭାବେ କ୍ୟାରିୟର ଆରମ୍ଭ କରିଥିବା କାହ୍ନୁ ଏବେ ଜିଲା ଓ ରାଜ୍ୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମରେ ଜଣେ ଉଦ୍‌ଘୋଷକ ହେବାର ସୁଯୋଗ ପାଇଛନ୍ତି। ଜିଲାପ୍ରଶାସନ ପକ୍ଷରୁ ଆୟୋଜିତ ରାହାଗିରି, ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ଆୟୋଜିତ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ, ରାଜ୍ୟ ସରକାରଙ୍କ 'ଆମ ଗାଁ ଆମ ବିକାଶ', 'ପରୀ', 'ପିଠା' ଭଳି ବିଭିନ୍ନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଗୁଡିକରେ ସେ ମଞ୍ଚ ପରିଚାଳନା ତଥା ଉପସ୍ଥାପନା କରିଛନ୍ତି। ଜିଲା ଓ ରାଜ୍ୟ ସ୍ତରୀୟ ତଥା ଆଞ୍ଚଳିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବରିଷ୍ଠ ଉପସ୍ଥାପକ ତଥା ଉଦ୍‌ଘୋଷକ ଭାବେ ସମ୍ମାନିତ ଓ ପୁରସ୍କୃତ ମଧ ହୋଇଛନ୍ତି। ନିଜର ଚମତ୍କାର ଉପସ୍ଥାପନା ଶୈଳୀ ତାଙ୍କୁ ଆଣିଦେଇଛି କ୍ରୀଷ୍ଣା ଚଳଚ୍ଛିତ୍ରରେ ଅଭିନୟର ସୁଯୋଗ।

**ଧରିତ୍ରୀ ଆଳାପ**


କାହ୍ନୁ ଚରଣ ରାଉତ

**ଉଦ୍‌ଘୋଷକ ହେବାକୁ କାହିଁକି ଇଚ୍ଛା ପ୍ରକାଶ କଲେ?**

➥ ଯେକୌଣସି କାର୍ଯ୍ୟକ୍ରମ ହେଉ ଜଣେ ଉପସ୍ଥାପକ ତଥା ଉଦ୍‌ଘୋଷକ ବିନା ତାହା ସମ୍ଭବ ନୁହେଁ। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଜଣେ ଉଦ୍‌ଘୋଷକ। ଛୋଟବେଳୁ ଦଶହରା, କାଳୀପୂଜା ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅୟୋଜିତ କାର୍ଯ୍ୟକ୍ରମକୁ ଆସୁଥିବା ଉଚ୍ଚକୋଟୀର ଉଦ୍‌ଘୋଷକଙ୍କ ଉପସ୍ଥାପନା ଶୈଳୀ ବେଶ୍ ଆକର୍ଷିତ କରିଥିଲା। ସେବେଠୁ ଉପସ୍ଥାପକ ଭାବେ ମଞ୍ଚ ପରିଚାଳନା କରିବାର ଇଚ୍ଛା ଜାଗ୍ରତ ହୋଇଥିଲା।

**ଉଦ୍‌ଘୋଷକର ପରିଚୟ ପ୍ରଥମେ କେଉଁଠୁ ପାଇଥିଲେ ?**

➥ ଯୁକ୍ତ ତିନି ସରିବା ପରେ ବିଜ୍ଞାପନ ଭିଡିଓ ଓ ସେଥିରେ ସ୍ୱରଦାନକୁ ଜୀବିକା ଭାବେ ଗ୍ରହଣ କରିଥିଲି। ସେହି ସମୟରେ ପ୍ରଥମେ ବ୍ରହ୍ମପୁର ଅଞ୍ଚଳିକ ଚ୍ୟାନେଲ ଉତ୍କଳ ଟିଭିରେ ଶିଶୁଙ୍କ ଟ୍ୟାଲେଣ୍ଟ ସର୍ଚ୍ଚ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥାପନା କରିବାର ସୁଯୋଗ ମିଳିଥିଲା। ସେହି କାର୍ଯ୍ୟକ୍ରମରୁ ଜଣେ ଉପସ୍ଥାପକର ପରିଚୟ ମିଳିଥିଲା। ମୋ ଉପସ୍ଥାପନା ଶୈଳୀ ବେଶ୍ ଆଦୃତ ହୋଇଥିଲା।

**କେଉଁ କାର୍ଯ୍ୟକ୍ରମ ଜୀବନରେ ସଫଳତା ଓ ଲୋକପ୍ରିୟତା ଆଣିଦେଇଥିବା ମନେକରନ୍ତି?**

➥ ୨୦୦୫ରେ ୟୁଟିଭିରେ ଉପସ୍ଥାପନାର ସୁଯୋଗ ମିଳିବା ପରେ ବହୁ କାର୍ଯ୍ୟକ୍ରମରେ ଉପସ୍ଥାପକ ହେବାର ସୌଭାଗ୍ୟ ଲାଭ କରିଛି। ସେଥିମଧ୍ୟରେ ୨୦୧୭ରେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ଆୟୋଜିତ ଶ୍ରେଷ୍ଠ ବ୍ରହ୍ମପୁର କାର୍ଯ୍ୟକ୍ରମ ଏକ ନୂତନ ଅନୁଭୂତି ଆଣିଦେଇଥିଲା।ଏହି ମଞ୍ଚ ମୋତେ ଲୋକପ୍ରିୟତା ମଧ ଦେଇଥିଲା। ୧୨ ଟି ରବିବାର ଲଗାତର ଭାବେ ବିଭିନ୍ନ ସଚେତନତା ବାର୍ତ୍ତାକୁ ନେଇ ଉପସ୍ଥାପନା କରିଥିଲି।

**କାହାକୁ ନିଜର ଆଇଡଲ୍ ମାନନ୍ତି ?**

➥ 'ଇଣ୍ଡିଆସ୍ ଗଟ୍ ଟାଲେଣ୍ଟ ସୋ'ର ଉପସ୍ଥାପକ ଆୟୁଷ୍ମାନ ଖୁରାନାଙ୍କୁ ନିଜର ଆଇଡଲ୍ ଭାବେ ଗହଣ କରିଛି। ତାଙ୍କର ନିଜସ୍ୱ ଉପସ୍ଥାପନା ଶୈଳୀ, କାହିବାର ଭଙ୍ଗୀ ଓ ଅନ୍ୟକୁ ଆକର୍ଷିତ କରିବାର କଳା ବେଶ୍ ଭଲ ଲାଗେ। ଖୁରାନାଙ୍କଠାରୁ ଜଣେ ଉଦ୍‌ଘୋଷକ ହେବା ପାଇଁ ପ୍ରେରଣା ମଧ୍ୱ ପାଇଛି।

**ଉପସ୍ଥାପନା କରିବା ପୂର୍ବରୁ ନିଜକୁ କିପରି ପ୍ରସ୍ତୁତ କରନ୍ତି ?**

➥ ଉପସ୍ଥାପନା କରିବା ପୂର୍ବରୁ କାର୍ଯ୍ୟକ୍ରମ ବିଷୟରେ ପ୍ରଥମେ ସବିଶେଷ ତଥ୍ୟ ଆୟୋଜକଙ୍କଠାରୁ ନେଇଥାଏ। କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ସହକଳାକାରଙ୍କ ସହ ଆଲୋଚନା କରିଥାଏ। ଏହାପରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ ନିଜକୁ ପ୍ରସ୍ତୁତ କରି ଉପସ୍ଥାପନା କରିଥାଏ।

**ଉଦ୍‌ଘୋଷକ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଥିବା ଯୁବପିଢିଙ୍କ ପାଇଁ କ'ଣ କହିବେ ?**

➥ ଗୋଟିଏ କାର୍ଯ୍ୟକ୍ରମର ସଫଳତା ଉଦ୍‌ଘୋଷକର ଉପସ୍ଥାପନା ଶୈଳୀ ଉପରେ ନିର୍ଭର କରିଥାଏ। ଉଦ୍‌ଘୋଷକ ହେବାକୁ ହେଲେ ପ୍ରଥମେ ମିଷ୍ଟଭାଷୀ ହେବା ଆବଶ୍ୟକ।ଏକ ପ୍ରଫୁଲ୍ଲିତ ଚେହେରା ସହ ଉପସ୍ଥାପନା କରିବାକୁ ପଡିବ। ସ୍ୱଳ୍ପ ସମୟ ମଧରେ ପାରିପାର୍ଶ୍ୱିକ ପରିବେଶ, ଦର୍ଶକଙ୍କ ଚାହିଦା ତଥା ସୁହାଇଲା ଭଳି ଉପସ୍ଥାପନା ଶୈଳୀ ବିକଶିତ କରିବାକୁ ହେବ। ଏଥିପାଇଁ ବରିଷ୍ଠ ଉଦ୍‌ଘୋଷକଙ୍କ ଶୈଳୀକୁ ଅନୁକରଣ କରି ନିଜସ୍ୱ ଶୈଳୀରେ ଉପସ୍ଥାପନା କରିବା ଦିଗରେ ପ୍ରୟାସ ଓ ପରିଶ୍ରମ କରିବାକୁ ହୁଏ। ସମୟ, ଜୀବନଶୈଳୀ ଅନୁସାରେ ଉପସ୍ଥାପନା ଶୈଳୀରେ ପରିବର୍ତ୍ତନ ଆଣିବାକୁ ହେବ।

**ଆଗାମୀ ଲକ୍ଷ୍ୟ କ'ଣ ?**

➥ ଉପସ୍ଥାପକ ବା ଉଦ୍‌ଘୋଷକରେ କ୍ୟାରିୟର କରିବାକୁ ମଞ୍ଚ ରହିଛି। କିନ୍ତୁ ଏହାଲାଗି ସୁଯୋଗର ଅଭାବ ରହିଛି। ନୂତନ ଯୁବ ଉପସ୍ଥାପକ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ନିଜସ୍ୱ ଏକ ୟୁଟ୍ୟୁବ୍ ଚ୍ୟାନେଲ ମାଧମରେ ଯୁବପଢିଙ୍କୁ ଉପସ୍ଥାପନା କରିବାର ସୁଯୋଗ ପ୍ରଦାନ କରିବା କୁ ଲକ୍ଷ୍ୟ ରଖିଛି।ଏହାସହ ନିଜସ୍ୱ ଅନୁଭୂତିରୁ ସେମାନଙ୍କୁ ଉପସ୍ଥାପନା କରିବାର ବିଭିନ୍ନ ଶୈଳୀ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିବାକୁ ପ୍ରୟାସ କରିବି।

ପ୍ରସ୍ତୁତି – ଦୀପକ କୁମାର ପଣ୍ଡା

# ପେଟ୍ରୋଲ ପମ୍ପରେ ରାତି କଟିଥିଲା

ଟଲିଉଡ ଚଳଚ୍ଛିତ୍ର ମ୍ୟୁଜିକ ମ୍ୟାଜିକ ମାଧମରେ ମନୋରଞ୍ଜନ ଦୁନିଆରେ ପାଦ ଥାପିଥିଲେ ପୁରୀରେ ଜନ୍ମିତ ସୁଧାଂଶୁ ନାରାୟଣ। ପରେ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଫିଲ୍ମ 'ହେଲୋ' ତାଙ୍କ ପାଇଁ ଓଡ଼ିଆ ଚଳଚ୍ଛିତ୍ର ଦୁନିଆରେ ପଦାର୍ପଣ ଥିଲା। ଲଭ ୟୁ ଜେସିକା ଚଳଚ୍ଛିତ୍ରରେ ମଧ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ସାନୁ ନାମରେ ପରିଚିତ ସୁଧାଂଶୁ ଓଡ଼ିଆ ମ୍ୟୁଜିକ ଭିଡିଓ ତଥା ୟୁଟ୍ୟୁବରେ ବେଶ ଚର୍ଚ୍ଚାରେ। ଇସ୍କ, ବାଟବଣା ହେଲା ମୋ ପ୍ରେମ, ଆଶାର ଆକାଶ ଭଳି ଅନେକ ହିଟ ଗୀତରେ ଅଭିନୟ କରିଛନ୍ତି। ଏହାଛଡ଼ା ପ୍ରଥମ ଓଡ଼ିଆ ୱେବ ସିରିଜ ରାବଣ ପୋଡ଼ିରେ ମଧ ସେ ମୁଖ୍ୟ ଭୂମିକାରେ ଥିଲେ। ଏଥର ତାଙ୍କ ଅନୁଭୂତିର କଥା...

**ମୋ ଅନୁଭୂତି**


ସୁଧାଂଶୁ

ଟାର୍ମିୟନ ଚଳଛିତ୍ରର ଶୁଟିଂ ଅଧାରୁ ଅଧିକ ସରିଯାଇଥାଏ। ଚଳଚ୍ଛିତ୍ରର ଗୋଟିଏ ରୋମାଣ୍ଟିକ ଗୀତ ହାଏରେ ଆଲ୍ଲା ବିଶାଖାପାଟଣାରେ ଶୁଟିଂ ହେବ ବୋଲି ସ୍ଥିର ହେଲା। ସୁରୁଖୁରୁରେ ସେଠାରେ ଶୁଟିଂ ଶେଷ ହେଲା। ପୂର୍ବରୁ ସାମୁଦ୍ରିକ ବାତ୍ୟା ତିତଲୀ ହେବ ବୋଲି ସୂଚନା ପାଇଥିଲୁ। ଆମର ଯୋଜନା ଥିଲା ଯେତେଶୀଘ୍ର ସମ୍ଭବ ଓଡ଼ିଶା ଫେରି ଆସିବୁ। ମାତ୍ର ଆନ୍ଧ୍ରପ୍ରଦେଶ ଅତିକ୍ରମ କରି ଓଡ଼ିଶା ସୀମାରେଖାରେ ପହଞ୍ଚିଛୁ ତ ପବନ ଏତେ ବେଗରେ ହେଉଥିଲା। ଯେ ଗାଡି ଚଳାଇବା ମୁସ୍କିଲ ହୋଇପଡ଼ିଲା। ଗୋଟିଏ କାରରେ ମୁଁ, ଅଭିନେତ୍ରୀ ଅର୍ଚ୍ଚିତା, ନିର୍ଦ୍ଦେଶକ ମୂରଲୀକ୍ରିଷ୍ଣା ଓ ପ୍ରଯୋଜକ ଥାଉ। ବାଟରେ ଗଛ ପଡ଼ିଥିବା ଶୁଣିବାରୁ ଏକ ପେଟ୍ରୋଲ ପମ୍ପ ଭିତରକୁ ଗାଡ଼ି ନେଇଥିଲୁ। ହେଲେ ସେଠାରେ ପବନର ଯେଉଁ ତାଣ୍ଡବ ଦୃଶ୍ୟ ଦେଖିଥିଲୁ ତାହା ସାରା ଜୀବନ ମନେ ରହିବ। ଏହା ହେଉଛି ଓଡ଼ିଆ ସିନେ ଜଗତର ନବାଗତ ନାୟକ ସୁଧାଂଶୁ ନାରାୟଣଙ୍କ ଅନୁଭୂତିରୁ କିଛି। ସେ କହିଥିଲେ ଯେ, କିଛି ସମୟ ପେଟ୍ରୋଲ ପମ୍ପରେ ଛିଡ଼ା ହେବା ପରେ ପମ୍ପର ଛାତ ସମ୍ପୂର୍ଣ୍ଣ ଭାବେ ଉଡ଼ି ଯାଇଥିଲା। ବୁଦ୍ଧି, ବାଟ ଦିଶୁ ନଥାଏ କଣ କରିବୁ, କୁଆଡେ ଯିବୁ। ପମ୍ପରେ ୩ଜଣ କର୍ମଚାରୀ ଥାନ୍ତି। ସେମାନେ ଗୋଟିଏ ରୁମ୍‌ରେ କବାଟ ବନ୍ଦ କରି ବସିଥାନ୍ତି। ଆମେ ସେ ରୁମ୍‌ରେ ରହିବା ବି ଅସମ୍ଭବ ଥିଲା। ଭଗବାନଙ୍କୁ ସ୍ମରଣ କରିକରି ରାତି କଟିଥିଲା। ସକାଳେ ଝଡ଼ ଥମିବା ପରେ ଓଡ଼ିଶା ଫେରିଥିଲୁ ବୋଲି ସୁଧାଂଶୁ କହିଛନ୍ତି।

ରିପୋର୍ଟ: କୁମାରଶ୍ରୀ ସାହୁ

# ଚିକେନ୍ ବେସର

**ଖାଦ୍ୟ ରୁଚି**

ଖାଦ୍ୟ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ବେଶ ପରିଚିତ ସୁବର୍ଣ୍ଣପୁର। ଗ୍ରାହକଙ୍କ ଚାହିଦା ମୁତାବକ ଖାଦ୍ୟ ପ୍ରସ୍ତୁତି ପାଇଁ ସହରରେ ଖୋଲିଛି ବିଭିନ୍ନ ରେଷ୍ଟୁରାଣ୍ଟ। ସେଥିମଧ୍ୟରୁ କସ୍ତୁରୀ ହୋଟେଲର ସ୍ୱତନ୍ତ୍ର ଡିଶ୍ ହେଉଛି ଚିକେନ୍ ବେସର। ଯାହାର ପ୍ଲେଟ୍ ପିଛା ମୂଲ୍ୟ ରହିଛି ୧୨୦ଟଙ୍କା। ଏହି ଡିଶ୍ ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ରେଷ୍ଟୁରାଣ୍ଟ ଆସିଷ୍ଟାଣ୍ଟ କୁକ୍ ଆନନ୍ଦ ସାହୁଙ୍କ ବର୍ଣ୍ଣନା..।



## ଆବଶ୍ୟକ ସାମଗ୍ରୀ

- ଚିକେନ୍ ୩୦୦ଗ୍ରାମ୍
- ଅଦା, ରସୁଣ ପେଷ୍ଟ ଦୁଇ ଚାମଚ
- କର୍ନଫ୍ଲୋର ୧୦୦ଗ୍ରାମ
- ହଳଦୀ ୨୫ ଗ୍ରାମ
- ଲଙ୍କା ଗୁଣ୍ଡ ଅଧା ଚାମଚ
- ଚାଇନା ସଲ୍ଟ ଅଧା ଚାମଚ
- ବେସର ସସ୍ ୧୦୦ଗ୍ରାମ
- ନଡିଆ ପାଉଡର ୫୦ଗ୍ରାମ
- ଜିରା ପାଉଡର ୧ ଚାମଚ
- କଟା ରସୁଣ ଏକ ଚାମଚ
- କଞ୍ଚାଲଙ୍କା ୪ଟା
- ଲେମ୍ବୁ ୧ଟା
- ଭୃର୍ସଙ୍ଗ ପତ୍ର
- ତେଲ ୫୦ମିଲି.


■ ଆସିଷ୍ଟାଣ୍ଟ କୁକ୍ ଆନନ୍ଦ ସାହୁ

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ଛୋଟ ଛୋଟ ପିସ୍ କରି କାଟି ରଖିବେ। ସେଥିରେ ଅଦା, ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲେମ୍ବୁ ରସ, କର୍ନଫ୍ଲୋର ଦେଇ ଚିକେନ୍‌କୁ ଗୋଳାଇ ରଖିବେ। ଚୁଲା ଉପରେ କଡେଇ ବସାଇ ତେଲ ପକାଇବେ। ତେଲ ଗରମ ହେବା ପରେ ଚିକେନ୍‌କୁ ଫ୍ରାଏ କରାଯିବ। ଏହା ପରେ ଫ୍ରାଇପେନ ବସାଇ ତେଲ ପକାଇବେ। ତେଲ ଗରମ ହେବା ପରେ କଟା ରସୁଣ, କଟା ଲଙ୍କା, ଭୃର୍ସୁଙ୍ଗ ପତ୍ରକୁ ଫ୍ରାଏ କରାଯିବ। ସେଥିରେ ଚିକେନ୍‌କୁ ପକାଇ ଫ୍ରାଏ କରିବେ। ବେସର ସସ୍, ଜିରା ପାଉଡର, ଲଙ୍କା ପାଉଡର, ନଡିଆ ପାଉଡର ପକାଇ ପୁଣି ଥରେ ଫ୍ରାଏ କରିବେ। ଫ୍ରାଏ ହୋଇଗଲା ପରେ ତାକୁ ଏକ ପ୍ଲେଟକୁ ବାହାର କରିବେ। କାକୁଡି, ଗାଜର, କ୍ୟାପ୍‌ସିକମ୍, ଧନିଆ ପତ୍ର ଦେଇ ପରଷିବେ।

ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ

# ସେଲ୍‌ଫି କର୍ଣ୍ଣର

**ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

balasoreselfie@gmail.com

(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


ବୀର


ଶଶୀ


ଆନନ୍ଦ


ଦିବ୍ୟ


ସଞ୍ଜୀବ


ମକ୍ରମ


ସୁରଜ


ସ୍ନେହାଶିଷ


ପବିତ୍ର


ଶ୍ରୀନୁ


ନରେଶ

# OFFICE OF THE PANCHAYAT SAMITI, CUTTACK SADAR

Letter No.: 2518 Date: 10.07.2019

## TENDER CALL NOTICE

Sealed tenders in prescribed proforma to be eventually drawn in F2 agreement are invited from Registered Contractors for the work as detailed below.

| Sl. No. | Name of the Work | Estimate Cost | E.M.D. | Paper Cost | Completion Period |
|---|---|---|---|---|---|
| 01 | Completion of School Building of Chauliaganj Nodal School (Gunadola) Chauliaganj, Cuttack | Rs.12,68,403.00 | 12684.00 | 6000.00 + GST | 90 Days |

(A) Tender papers can be obtained from the Office of the undersigned on payment of Rs.6000/- excluding GST per set in Cash (Non-refundable) at the Cuttack Sadar Block Cash Counter, Nayabazar, Cuttack during working hours from 11.07.2019 to 25.07.2019.

(B) The intending tenderers are required to furnish valid and up-to-date photocopy of Licence, GST and Stamped Money Receipt of Cuttack Sadar Block in token of Earnest Money Deposited in Cash at Cash Counter of Cuttack Sadar Block or NSC/DD should be pledged in favour of the undersigned along with the tenders.

(C) Tender papers duly filled in are to be submitted on Dt.26.07.2019 upto 1.00 P.M. in the Office of the Block Development Officer and will be opened on the same day at 3.00 P.M. Tenders submitted without valid Licence, PAN Card, GST and E.M.D. & Paper Cost shall be summarily rejected. The authority reserves the right to reject any or all tenders without assigning any reason whatsoever.

Sd./- Block Development Officer, Cuttack Sadar

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଓଡ଼ାପଡ଼ା

ବିଜ୍ଞାପନ ସଂଖ୍ୟା: ୨୩୮୩ ତାରିଖ: ୦୮।୦୭।୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଓଡ଼ାପଡ଼ା ପଞ୍ଚାୟତ ସମିତ ଅଧୀନରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏଥିରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮-୧୯ ଆର୍ଥିକ ବର୍ଷରେ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସତ୍ୟାସତ୍ୟ ତଦାରଖ ସହିତ ମଷ୍ଟରରୋଲ ଯାଞ୍ଚ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନିମ୍ନସୂଚୀ ପ୍ରକାରେ ଅନୁଷ୍ଠିତ ହେବ। ଏଥିସହ ନାମ ପଞ୍ଜୀକରଣ, ଜବ୍‌କାର୍ଡ ପ୍ରଦାନ କାର୍ଯ୍ୟ ପାଇଁ ଦରଖାସ୍ତ ଏବଂ କର୍ମ ଯୋଗାଣ, ମଜୁରି ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା କରାଯିବ। ଏଣୁ ଏହି କାର୍ଯ୍ୟକ୍ରମରେ ସମସ୍ତ ଜବ୍‌କାର୍ଡଧାରୀ, ଶ୍ରମିକ, ସମସ୍ତ ନିର୍ବାଚିତ ଲୋକପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଭିଜିଲାନ୍ସ ମନିଟରିଙ୍ଗ କମିଟିର ସଭ୍ୟ ଓ ସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ସୁଚିନ୍ତିତ ମତାମତ ଦେବା ନିମନ୍ତେ ଅନୁରୋଧ କରାଯାଇଅଛି।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରାମପଞ୍ଚାୟତ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ସାମାଜିକ ସମୀକ୍ଷା ଗ୍ରାମସଭା ସମୟ |
|---|---|---|---|---|---|
| ୧ | କୋତମ, କଳାଙ୍ଗ, ଘଟିପିରି, ଗୋବିନ୍ଦପ୍ରସାଦ, ଗୁଣ୍ଡିଚାପଡା, ବଦାଲୋ, ନିମିଧା, କୁସୁପଙ୍ଗା, ମଙ୍ଗଳପୁର ଓ କମଳାଙ୍ଗ | ୨୩।୦୭।୨୦୧୯ | ୦୬।୦୮।୨୦୧୯ | ୦୬।୦୮।୨୦୧୯ | ପୂର୍ବାହ୍ନ ୧୦.୦୦ ଘଟିକା |
| ୨ | ସିମିନଇ, ଗଦାଶିଳା, ଇନ୍ଦିପୁର, ଖୁଣ୍ଟଝରି, କାଣ୍ଡବିନ୍ଧା, ବଳରାମପୁର, କାଶିଆଡ଼ିହି, ସଦାଶିବପୁର, ଗୁଣଦେଇ ଓ ଓଡାପଡା | ୧୩।୦୮।୨୦୧୯ | ୨୭।୦୮।୨୦୧୯ | ୨୭।୦୮।୨୦୧୯ | ପୂର୍ବାହ୍ନ ୧୦.୦୦ ଘଟିକା |
| ୩ | ବାଙ୍ଗୁରସିଙ୍ଗ, ବଳରାମପ୍ରସାଦ, ନାଧେରା, ନୟାଭାଗୀରଥିପୁର, ବିଡୋ, ମୋଟଙ୍ଗା, ଶିବପୁର, ଖଡଗପ୍ରସାଦ | ୦୬।୦୯।୨୦୧୯ | ୨୦।୦୯।୨୦୧୯ | ୨୦।୦୯।୨୦୧୯ | ପୂର୍ବାହ୍ନ ୧୦.୦୦ ଘଟିକା |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଓଡ଼ାପଡ଼ା

# ବୌଦ୍ଧ କୃଷି ଜିଲ୍ଲାରେ ବିହନ ବିଶୋଧନ କାର୍ଯ୍ୟକ୍ରମ

ଚଳିତ ଖରିଫ ୨୦୧୯ଋତୁରେ ବୌଦ୍ଧ ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ଗ୍ରାମରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ରାଜ୍ୟ ଯୋଜନା ଅନ୍ତର୍ଗତ ଉନ୍ନତ ଚାଷ ପଦ୍ଧତିର ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ଋତୁରେ ୨୪ଟି ଗ୍ରାମରେ ଉକ୍ତ ବିହନ ବିଶୋଧନ ଅଭିଯାନ କରାଯାଇ ଚାଷୀଭାଇମାନଙ୍କୁ ତାଲିମ ଓ କୌଶଳ ପ୍ରଦର୍ଶନ ମାଧ୍ୟମରେ ସଚେତନ କରାଇବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗଦାନକରି ଚାଷୀଭାଇ ଓ ଭଉଣୀମାନଙ୍କୁ ସେମାନଙ୍କର ନିଜସ୍ୱ ସାଇତା ବିହନକୁ କିଭଳି ଭୌତିକ, ରାସାୟନିକ ଓ ଜୈବିକ ପଦ୍ଧତିରେ ବିଶୋଧନକରି ଫସଲକୁ ରୋଗମୁକ୍ତ ରଖିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଚାଷୀଭାଇମାନଙ୍କୁ ସେମାନଙ୍କର ବିହନକୁ ମାଗଣାରେ ରାସାୟନିକ ବିହନ ବିଶୋଧନ ଔଷଧ ଦ୍ୱାରା ବିଶୋଧନ କରିବାର ସୁବିଧା ମଧ୍ୟ ଦିଆଯାଉଛି। ଏଣୁ ଉକ୍ତ ଅଞ୍ଚଳର ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଜୁଲାଇ ୧୫ତାରିଖ ଭିତରେ ଶେଷ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମ ସୁଫଳ କରାନ୍ତୁ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ବୌଦ୍ଧ

# OFFICE OF THE COLLECTOR, NAYAGARH

(Social Welfare Section)

No.: 1211 Date: 03.07.2019

## NOTICE FOR EXPRESSION OF INTEREST

Sealed applications are invited from organizations for selection of Agency to run One Stop Centre (OSC) in Nayagarh District.

Details of eligibility criteria, selection procedure and application form is available in District website **http://nayagarh.nic.in**. Last date of application on or before 17.07.19 at 5.00 P.M. The applications received will be opened for desk appraisal on Dt.18.07.19 at 10.30 A.M. in the Office Chamber of Collector, Nayagarh in the presnece of Desk Appraisal Committee and the applicants or their authorized representatives.

Sd./- Collector & District Magistrate, Nayagarh

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଇକିଆ

ସଂଖ୍ୟା: ୧୪୫୬ ତାରିଖ: ୨୯।୦୬।୨୦୧୯

**ବିଜ୍ଞପ୍ତି-** ଏତଦ୍ୱାରା ରାଇକିଆ ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣ ଅଣକୁଶଳୀ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲାପାଳ କନ୍ଧମାଳ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କନ୍ଧମାଳଙ୍କ ନିର୍ଦ୍ଦେଶ କ୍ରମେ ନିମ୍ନ ଅଧିକାରୀଙ୍କ ଉପସ୍ଥିତି ଓ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଗ୍ରାମପଞ୍ଚାୟତରେ ଏମ୍.ଜି.ଏନ୍.ଆର୍.ଇ.ଜି.ଏ. ଏବଂ ଏନ୍.ଏସ୍.ଏ.ପି. କାର୍ଯ୍ୟର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ସାମାଜିକ ସମୀକ୍ଷା ବୈଠକରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ବିଭିନ୍ନ ବିଭାଗ ଜରିଆରେ ସମ୍ପାଦିତ ହୋଇଥିବା ୨୦୧୮-୧୯ ଆର୍ଥିକ ବର୍ଷ (୧ ଏପ୍ରିଲ ୨୦୧୮ ଠାରୁ ମାର୍ଚ୍ଚ ୨୦୧୯)ର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ନିମ୍ନୋକ୍ତ ବିଷୟରେ ଆଲୋଚନା କରାଯିବ।
୧. ମଷ୍ଟର ରୋଲ୍‌ରେ ପ୍ରଦର୍ଶିତ କାର୍ଯ୍ୟ ଦିବସ ଅନୁଯାୟୀ ପ୍ରାପ୍ୟର ସଠିକତା। ୨. ମଷ୍ଟର ରୋଲ୍‌ରେ ଦର୍ଶାଯାଇଥିବା ବିବରଣୀ କାର୍ଯ୍ୟପତ୍ରଗୁଡ଼ିକରେ ମଷ୍ଟର ରୋଲ୍ ମୁତାବକ ଦରଜର ସଠିକତା। ୩. ମଷ୍ଟର ରୋଲ୍ ଅନୁଯାୟୀ ଅଣକୁଶଳୀ ଓ କୁଶଳୀ ଶ୍ରମିକମାନଙ୍କ ମେଳ। ୪. ମଷ୍ଟର ରୋଲ/ ଭାଉଚର ସଠିକତା, କାର୍ଯ୍ୟର ପରିମାଣ ଓ ସଫଳତା, ଜବକାର୍ଡ ପ୍ରଦାନ, କାର୍ଯ୍ୟ ନିମନ୍ତେ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ତତ୍ ସମ୍ବନ୍ଧୀୟ ବିଷୟରେ ଆଲୋଚନା। ୫. ଏମ୍.ଜି.ଏନ୍.ଆର୍.ଇ.ଜି.ଏ., ଏନ୍.ଏସ୍.ଏ.ପି. ସମ୍ବନ୍ଧେ ଅନ୍ୟାନ୍ୟ ବିଷୟରେ ଆଲୋଚନା।

**ସାମାଜିକ ସମୀକ୍ଷା ପଞ୍ଜିକା-୨୦୧୮-୧୯**

**କାର୍ଯ୍ୟସୂଚୀ:- ଗ୍ରାମସଭା ହେବାର ସ୍ଥାନ- ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ ସକାଳ ୧୦ ଘଟିକା**

| ଗ୍ରା.ପ.ର ନାମ | ଗ୍ରାମ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ଗଠିତ ଦଳ ସଂଖ୍ୟା | ନଥିପତ୍ର ଯାଞ୍ଚ ଏବଂ କ୍ଷେତ୍ର ତନଖି | | | | ସମଷ୍ଟିଗତ ପ୍ରାପ୍ତ ତଥ୍ୟ ସହ ପଞ୍ଚାୟତ ସ୍ତରୀୟ ସାମାଜିକ ସମୀକ୍ଷା | ବ୍ଲକ୍ ସ୍ତରୀୟ ସାମାଜିକ ସମୀକ୍ଷାର ଜନ ଶୁଣାଣି ତାରିଖ | ସାମାଜିକ ସମୀକ୍ଷା ନିମନ୍ତେ ଉପସ୍ଥିତ କର୍ମଚାରୀ |
|---|---|---|---|---|---|---|---|---|
| | | ଏନ୍‌ଏସ୍.ଏ.ପି. ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ଏନ୍.ଏସ୍.ଏ.ପି. ସାମାଜିକ ସମୀକ୍ଷା ଶେଷ ତାରିଖ | ଏମ୍.ଜି.ଏନ୍.ଆର୍.-ଇ.ଜି.ଏ. ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ଏମ୍.ଜି.ଏନ୍.-ଆର୍.ଇ.ଜି.ଏ. ସାମାଜିକ ସମୀକ୍ଷା ଶେଷ ତାରିଖ | | | |
| ବଡ଼ବାରବା | ୦୧ | ୧୫।୦୭।୨୦୧୯ | ୧୮।୦୭।୨୦୧୯ | ୧୯।୦୭।୨୦୧୯ | ୨୮।୦୭।୧୯ | ୨୯।୦୭।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ବେରେଡ଼ାକିଆ | ୦୨ | ୧୫।୦୭।୨୦୧୯ | ୧୮।୦୭।୨୦୧୯ | ୧୯।୦୭।୨୦୧୯ | ୨୮।୦୭।୧୯ | ୨୯।୦୭।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ଡଡ଼ିଙ୍ଗିଆ | ୦୩ | ୧୫।୦୭।୨୦୧୯ | ୧୮।୦୭।୨୦୧୯ | ୧୯।୦୭।୨୦୧୯ | ୨୪।୦୭।୧୯ | ୨୫।୦୭।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ଗୁମାମାହା | ୦୪ | ୧୫।୦୭।୨୦୧୯ | ୧୮।୦୭।୨୦୧୯ | ୧୯।୦୭।୨୦୧୯ | ୨୮।୦୭।୧୯ | ୨୯।୦୭।୧୯ | ୩୦।୧୧।୨୦୧୯ | ସୋସିଆଲ୍ ଅଡିଟର, ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ଇନ୍ଦ୍ରଗଡ଼ | ୦୧ | ୩୦।୦୭।୨୦୧୯ | ୦୨।୦୮।୨୦୧୯ | ୦୩।୦୮।୨୦୧୯ | ୧୨।୦୮।୧୯ | ୧୫।୦୮।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| କରଡ଼ା | ୦୨ | ୩୦।୦୭।୨୦୧୯ | ୦୨।୦୮।୨୦୧୯ | ୦୩।୦୮।୨୦୧୯ | ୧୨।୦୮।୧୯ | ୧୫।୦୮।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ମଣ୍ଡାକିଆ | ୦୩ | ୩୦।୦୭।୨୦୧୯ | ୦୨।୦୮।୨୦୧୯ | ୦୩।୦୮।୨୦୧୯ | ୧୨।୦୮।୧୯ | ୧୫।୦୮।୧୯ | ୩୦।୧୧।୨୦୧୯ | ସୋସିଆଲ୍ ଅଡିଟର, ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ମାଣିକେଶ୍ୱର | ୦୪ | ୩୦।୦୭।୨୦୧୯ | ୦୨।୦୮।୨୦୧୯ | ୦୩।୦୮।୨୦୧୯ | ୧୨।୦୮।୧୯ | ୧୫।୦୮।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ପେଟାପାଙ୍ଗା | ୦୧ | ୧୬।୦୮।୨୦୧୯ | ୧୯।୦୮।୨୦୧୯ | ୨୦।୦୮।୨୦୧୯ | ୨୯।୦୮।୧୯ | ୩୦।୦୮।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ରାଇକିଆ | ୦୨ | ୧୬।୦୮।୨୦୧୯ | ୧୯।୦୮।୨୦୧୯ | ୨୦।୦୮।୨୦୧୯ | ୨୯।୦୮।୧୯ | ୩୦।୦୮।୧୯ | ୩୦।୧୧।୨୦୧୯ | ସୋସିଆଲ୍ ଅଡିଟର, ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ରଣବା | ୦୩ | ୧୬।୦୮।୨୦୧୯ | ୧୯।୦୮।୨୦୧୯ | ୨୦।୦୮।୨୦୧୯ | ୨୯।୦୮।୧୯ | ୩୦।୦୮।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |
| ସୁଗଡ଼ବାଡ଼ି | ୦୪ | ୧୬।୦୮।୨୦୧୯ | ୧୯।୦୮।୨୦୧୯ | ୨୦।୦୮।୨୦୧୯ | ୨୯।୦୮।୧୯ | ୩୦।୦୮।୧୯ | ୩୦।୧୧।୨୦୧୯ | ନୋଡାଲ ଅଫିସର, ଜେ.ଇ/ ଜି.ପି.ଟି.ଏ, ପି.ଇ.ଓ, ଜି.ଆର୍.ଏସ୍, ସାହାରା- ଏନ୍.ଜି.ଓ, ଭି.ଆର୍.ପି. |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟକ୍ରମ ଅଧିକାରୀ, ଏମ୍.ଜି.ଏନ୍.ଆର୍.ଇ.ଜି.ଏ./ଏନ୍.ଏସ୍.ଏ.ପି., ରାଇକିଆ ବ୍ଲକ

# OFFICE OF THE KONARK N.A.C.

e-mail - nackonark@gmail.com, Phone No.06758236826

## QUOTATION CALL NOTICE

The Executive Officer, NAC., Konark on behalf of Konark NAC inviting sealed quotation are hareby invited from the authenticated firms / Govt Civil License Holder / Agencies / Suppliers for supply of following sanitary materials for this NAC. The quotationers are essentially required to enclose the copy PAN Cad, GST Certificate. The quotationer shall be required to produce the original copy of the required documents before the undersigned at the time of opening of quotation. The quotation should reach the undersigned on or before 19.07.2019 upto 12.00 PM and the same will be opened on the same day by 3.00 P.M in presence of respective quotationers or their authorized representatives. The rate should be quoted without Tax. The validity of the quotation shall be one year from the date of publication. The authority reserves the right to reject any of all the quotations without assigning any reason thereof

| Sl. No. | Description | Quantity per each | Rate per each excluding all taxes |
|---|---|---|---|
| 1 | Bleaching Powder Grade-1 | Each | |
| 2 | Lime Powder | 50 Bag | |
| 3 | Phenyl (Black) | Each | |
| 4 | Phenyl (White) | Each | |
| 5 | 240 Ltr. Wheeled (and writing to outside of dustbin reputed make Konark NAC) | Each | |
| 6 | 50 Ltr Plastic fibre Dustbin and writing to outside dustbin | Each | |
| 7 | 20 Ltr fibre Dustbin with Blue and Green for Door to Door Collection and writing to outside of dustbin at Konark NAC | Each | |
| 8 | Tri-cycle | Each | |
| 9 | Wheel Barrow | Each | |
| 10 | Auto- Tipper | Each | |
| 11 | Fogging Machine | Each | |
| 12 | King Fog 125 ULV Chemicals for fogging machine | Each | |

Sd./- Executive Officer
Konark N.A.C.

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଉଲୁଣ୍ଡା

Email: ori-ulunda@nic.in, Phone: 06651-243501

ବିଜ୍ଞାପନ ସଂଖ୍ୟା: ୮୭୬ ତାରିଖ: ୧୦।୦୭।୨୦୧୯

ଏତଦ୍ୱାରା ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣ/ ଅଣକୁଶଳୀ ଓ କୁଶଳୀ ଶ୍ରମିକ/ ସ୍ୱୟଂ ସହାୟକ ଗୋଷ୍ଠୀ/ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ/ ତଦାରଖ ତଥା ପରିଚାଳନା କମିଟିର ସଭ୍ୟ/ସଭ୍ୟା ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଜାତୀୟ ସାମାଜିକ ନିରାପତ୍ତା ସହାୟତା (NSAP), ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଅଧୀନ ୨୦୧୮/୨୦୧୯ (୧ ଅପ୍ରେଲ ୨୦୧୮ଠାରୁ ୩୧ ମାର୍ଚ୍ଚ ୨୦୧୯) ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ତଥା ଗ୍ରାମପଞ୍ଚାୟତମାନଙ୍କ ଦ୍ୱାରା ସମ୍ପାଦିତ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଶତ ପ୍ରତିଶତ ମଷ୍ଟର ରୋଲ ତନଖି ଏବଂ ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ଦିବା ୧୦.୩୦ ଘ. ସମୟରେ ପ୍ରତ୍ୟେକ ଗ୍ରା.ପ. କାର୍ଯ୍ୟାଳୟଠାରେ ସାମାଜିକ ସମୀକ୍ଷା ବୈଠକ/ ଗ୍ରାମସଭା ମାଧ୍ୟମରେ ଅନୁଷ୍ଠିତ ହେବ।

| କ୍ର. ସଂ. | ତାରିଖ | ବ୍ଲକ ତରଫରୁ ଯାଞ୍ଚ ଅଧିକାରୀ | | | | | |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | ୩୧।୦୭।୨୦୧୯ | କୋଟସମଲାଇ | କାଦୋଦର | ଜାଲୋଏ | କଳାପଥର | ବିଶିପଡା | ମହଦା |
| | | MD Sarif, JE | SK Panda, JE | PK Sahu, APO | I. Padhan, BSA | N. Bhuyan, JE | B. Lakra, AEE |
| 2 | ୨୨।୦୮।୨୦୧୯ | ମୁଣ୍ଡୋଘାଟ | ରକସା | ନିମ୍ନା | ଲସ୍ତଲା | କ୍ଷେମାଲୋଇ | ଉଲୁଣ୍ଡା |
| | | PK Sahu, APO | I. Padhan, BSA | R. Swain, BLC | S. Behera, PA | A. Mishra, BSSO | P. Meher, ABDO |
| 3 | ୧୮।୦୯।୨୦୧୯ | ପଞ୍ଚମହଲା | ଚଡେଇପଙ୍କ | ଯଉଁରାଭଉଁରା | ସିଣ୍ଢୋଳ | ଏସ୍. ପତ୍ରାପାଲି | |
| | | P. Meher, ABDO | N. Bhuyan, JE | R. Swain, BLC | S. Banjara, AO | I. Padhan, BSA | |
| ସମୀକ୍ଷା ବୈଠକ ପାଇଁ ନିର୍ଦ୍ଧାରିତ ଦିନରେ ସମସ୍ତ ସରପଞ୍ଚ, ପିଇଓ ଏବଂ ଜିଆରଏସ ନିଜ ନିଜ ପଞ୍ଚାୟତରେ ଉପସ୍ଥିତ ରହି ଏହାର ସୁପରିଚାଳନା କରିବେ | | | | | | | |

ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମସ୍ତ ହିତାଧିକାରୀ ନିଜ ନିଜର ଜବ୍‌କାର୍ଡ ଧରି ଏବଂ ଜାତୀୟ ସାମାଜିକ ନିରାପତ୍ତା ସହାୟତା ହିତାଧିକାରୀ ନିଜ ନିଜର..... ଖାତା ଧରି ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ ଆଲୋଚନାରେ ଭାଗ ନେବା ସହ ନିଜର ବହୁମୂଲ୍ୟ ମତାମତ ଦେବା ପାଇଁ ଅନୁରୋଧ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଓଡ଼ଗାଁ

OFFICE OF THE PANCHAYAT SAMITI, ODAGAON

Tel / Fax No.06753260800
Email : ori-odagaon@nic.in

ପତ୍ରସଂଖ୍ୟା.୨୪୫୨, ତାରିଖ-୦୧।୦୭।୨୦୧୯ / ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସାମାଜିକ ସମୀକ୍ଷା ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତି (ଓସାଟ) ଦ୍ୱାରା ପଞ୍ଚାୟତ ସମିତି, ଓଡ଼ଗାଁର ୨୦୧୮-୧୯ ଆର୍ଥୀକ ବର୍ଷରେ ମହାତ୍ମାଗାନ୍ଧୀ ଚାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ.ଜି.ଏନ୍.ଆର.ଇ.ଜି.ଏସ୍) ମାଧ୍ୟମରେ (୧ ଅପ୍ରେଲ ୨୦୧୮ଠାରୁ ୩୧ ମାର୍ଚ୍ଚ ୨୦୧୯) କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP)ଗୁଡିକ ପାଇଁ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚନ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସଭ୍ୟ/ସଭ୍ୟା, ଜି.ଆର.ଏସ୍. ସରପଞ୍ଚ, ଜେ.ଇ., ଜି.ପି.ଟି.ଏ., ପି.ଇ.ଓ., ମେଟ ସ୍ୱେଚ୍ଛାସେବୀ ସଙ୍ଗଠନର ସଭ୍ୟ/ସଭ୍ୟା ଓ ଗ୍ରାମପଞ୍ଚାୟତର ଜବକାର୍ଡଧାରୀ ଶ୍ରମିକ, IGNOAP, IGNWP, IGNDP, NFBS, ଓ ଅନ୍ନପୂର୍ଣ୍ଣା ହିତାଧିକାରୀମାନେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା। ଉକ୍ତ ସଭାରେ ଓସାଟର ଗ୍ରାମ୍ୟ ସାଧନ କର୍ମୀ, ବ୍ଲକ ସାମାଜିକ ସମୀକ୍ଷକ ଓ ଜିଲ୍ଲା ସାମାଜିକ ସାମୀକ୍ଷକ ଉପସ୍ଥିତ ରହିବେ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| କ୍ର. ନଂ. | ଆରମ୍ଭ ତାରିଖ | ଗ୍ରାମସଭା ତାରିଖ | ଗ୍ରାମ ପଞ୍ଚାୟତର ନାମ |
|---|---|---|---|
| ୧ | ୧୬।୦୭।୨୦୧୯ | ୩୦।୦୭।୨୦୧୯ | ଆରଡା, ବାଣ୍ଟପୁର, ଭାଡିକିଲା, ରୋହିବାଙ୍କ, କୋରପିଠା, ଗରିଡିହିପଲ୍ଲୀ, ଗୋଡିପଡା, ପଂଚୁମୁଁ, ରାବରା, ଗୋଡିପଲ୍ଲୀ, ହରିହରପୁର, ବଡଗୋରଡା, ଗୋଡିସାହି |
| ୨ | ୦୨।୦୮।୨୦୧୯ | ୧୬।୦୮।୨୦୧୯ | ନନ୍ଦିଘୋର, ଗୌଡପୁଟ, ଶରଧାପୁର, କୋମଣ୍ଡ, ପାଣ୍ଡେରିପଡା, ସୁନାମୁହିଁ, ହରିଡାବନ୍ଧ, ଭାଲିଆଡିହି, ଆଙ୍ଗିସିଙ୍ଗି, ପି.ମାନପୁର, ଶିଖରପୁର, ସୋଲପଟା |
| ୩ | ୨୦।୦୮।୨୦୧୯ | ୦୪।୦୯।୨୦୧୯ | ରଙ୍ଗଣୀପାଟଣା, ସାକେରୀ, କୁରାଳ, ପଣ୍ଡିଖାରୀ, ରବିଗାଡିଆ, ଡିମିଶର, କଜଳାଇପଲ୍ଲୀ, ଗୋଲଗାଁ, ବରସାହି, ଶରଣକୁଳ, ମଗରବନ୍ଧ |

ସ୍ୱା./- କାର୍ଯ୍ୟକ୍ରମ ଅଧିକାରୀ ତଥା-ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଓଡ଼ଗାଁ

# ODISHA INDUSTRIAL INFRASTRUCTURE DEVELOPMENT CORPORATION

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES

(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. IDCO/HO/P&A/E-1010/11/2019/V-I/ 11750 Date. 10.07.2019

## NOTICE

Sri Jagannath Das, Watchman-cum-Mali,
IDCO, Rourkela Division,
At/PO: Haripur, PS: Sahadevkhunta,
Dist : Balasore (Odisha).

You may take notice that it is proposed to hold an enquiry against you for your un-authorisedly absence in your working place i.e. Rourkela Division since 19.01.2017 under Regulation-27 of Odisha Industrial Infrastructure Development Corporation Employees Conduct, Discipline, Appeal and Service Regulations 1996. A memorandum has been issued against you vide this Office Order No. 19160, Dtd. 09.10.2017 with a direction to submit a Written Statement of defence within 30 (thirty) days from the date of receipt of this Memorandum. No response in this regard from your end has yet been received.

Therefore, a Notice was also published through Newspaper in local dailies "The Samaj" and "The Sambad" on 02.02.2018 to inform you to join in your duty immediately and to contact the Divisional Head, IDCO, Rourkela Division to receive the memorandum along with its supporting documents. But you neither responded to receive memorandum nor join in your duty.

Smt. Hemabanti Patra, OAS-I (JB), Land Officer, IDCO, Head Office, Bhubaneswar and Sri Damodar Prusty, Asst. Manager (Finance), IDCO, Rourkela Division are appointed as the Inquiring Officer and Presenting Officer to enquire into the charges framed against you vide this Office Order No. 8410, Dtd. 24.04.2018. In spite of several reminders issued by Inquiring Officer, neither you responded nor attended before the Court of Inquiring Officer for hearing. As a result the enquiry has not been concluded.

You are further informed through Newspaper publication that you should attend before the Court of Inquiring Officer, located at IDCO Head Office, IDCO Towers, Janpath, Bhubaneswar - 751022 within seven days from the date of publication of notice for your hearing, failing which, it would be presumed that you have nothing to say against the memorandum and enquiry and orders will be passed basing on available records and evidence.

Sd/-
Chief General Manager (P&A)
IDCO

# Government of Odisha
# Higher Education Department

## Inviting Applications for Govt. of Odisha Sponsored UPSC Civil Services Coaching Scheme for the Session 2019-20 (Balance Seat)

No. 20-N: Higher Education Department, Government of Odisha has a scheme for UPSC Civil Services coaching at Bhubaneswar through M/s Dhyeya Educational Services Pvt. Ltd., New Delhi to provide coaching and guidance to students aspiring to appear for All India Civil Services examinations. The detailed admission guideline is available in Higher Education Department website and candidates have to apply online in order to get admission for this scheme.

1. **No. of balance seats available** – 46 (1 year coaching for Prelims and Mains)
2. **Non-residential coaching at Bhubaneswar:** Candidates have to make their own arrangement for boarding and lodging in Bhubaneswar.
3. Coaching will be imparted only on General Studies papers of Prelims and Mains as per UPSC syllabus.
4. Coaching will be imparted to students of Odisha State.
5. Eligibility - For details visit **www.dheodisha.gov.in**
6. **Coaching Fee :–**
   a. Total Rs. 82,600/- (Inclusive of 18% GST), out of which Higher Education Department will pay Rs 61,950/- and the students will pay Rs 20,650/-.
   b. Candidates whose parent's annual income is less than Rs. 2 lakh, the entire coaching fees of Rs. 82,600 shall be paid by the Higher Education Department.
7. **Location of Coaching Centre : Dhyeya IAS,** OEU Tower, Third Floor, KIIT Road, Patia, Bhubaneswar – 751024, Odisha
8. **Contact Person of the Coaching Institute:** Sri Samarth Satya, Mobile No.: 7656949029, E-mail ID: **dhyeyabbsr@gmail.com**
9. **Time Schedule:**

| Items | Timeline |
|---|---|
| Availability of Common Application Form (CAF) in the website | 11th July, 2019 |
| Last date of applying online (in CAF) | 18th July, 2019 (11:59 PM) |
| Publication of balance seat selection list | 20th July, 2019 (04:00 PM) |
| Last date of Admission of Selected Applicants | 24th July, 2019 |
| Commencement of Coaching Class | 25th July, 2019 |

**For more details please contact:**
**Helpdesk @ 0674 – 2531977, e-mail : sptc.hed2017@gmail.com**

11001/11/0007/1920 Sd./- Commissioner-cum-Secretary to Government

# THE ODISHA STATE COOPERATIVE BANK LTD.

Pandit Jawaharlal Nehru Marg, Bhubaneswar – 751 001

Ref. No. OSCB/HRDD/2196/2019-20 Date : 10.07.2019

No.09-LL:- **SHIFTING OF BRANCH PREMISES**

All the customers of Link Road Branch of Odisha State Cooperative Bank Ltd. and general public are hereby informed that, the Link Road Branch situated at Arunodaya Market Complex, Link Road, Cuttack will be shifted to bank's own building at Plot No.1027, Unit – 33, Link Road, Cuttack–12 from 15th July,2019.

Inconvenience caused, if any, to customers is deeply regretted. The address of the Link Road Branch of Odisha State Cooperative Bank Ltd. for all official communications will be as follows:

**The Odisha State Cooperative Bank Ltd., Link Road Branch, Plot No. 1027, Unit – 33, Link Road, Cuttack – 12**

Sd/- Managing Director
39012/11/0008/1920 Odisha State Cooperative Bank Ltd.

# Government of Odisha
# G A & P G Department

No.31-T

No. 18984 /AR Date 10.07.2019 .

## ADVERTISEMENT FOR CHIEF MINISTER'S AWARD, 2018-19

Nominations are invited, online, from intending and eligible Individuals / Groups / Organizations, as per guidelines, for the Chief Minister's Award for Excellence and Innovation in Governance and Public Service Delivery for the year 2018-19. The last date for receipt of nomination forms, online, in A R Cell is **31.08.2019**.

Other details regarding Nomination Form and Guidelines are available in our website : ***cmawardodisha.in***.

Sd/-
*Officer on Special Duty*

09001/11/0012/1920

# CSO-CUM-DISTRICT MANAGER
# ODISHA STATE CIVIL SUPPLIES CORPORATION LIMITED, JAJPUR, At- Jageswarpur, Baikuntha Bhawan, Near Andhra Bank, Jajpur

**www .jajpur.nic.in** (website of District)

## Tender Call Notice

No.2485 Dt:08.07.19

With reference to this Office Tender Call Notice No. 850 Dt. 22.02.2019 and consequent upon receipt of single Tender for Barchana Block and non-receipt of tenders for Sukinda Block and non- consideration of all Tender Paper of Danagadi Block by the Tender Committee, the CSO-cum-District Manager, OSCSC Ltd., Jajpur invites sealed tenders from reputed firms/ companies/ persons for appointment as Level-II Transport Contractor for transportation of foodgrains from Rice Receiving Centre-cum-Departmental Storage Centre (RRC-cum-DSC) to retail centres of Badchana, Sukinda and Danagadi Block.

Interested Firms/ Companies/ Persons may obtain tender documents from the office of the CSO-cum-District Manager, OSCSC Ltd., Jajpur from 10.07.2019 to 17.07.2019 up to 3.00 P.M. The interested firms/ Companies/ Persons may also download the tender document from the district website **www. jajpur.nic.in.**

Interested Firms/ Companies/ Persons will have to submit the tender documents through registered post/ speed post/ courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal/ courier delay. Tender Paper received after the schedule date & time shall not be considered.**

Address for Submission of Tender Documents:
District Manager, OSCSC Ltd., Jajpur
At:- Jageswarpur, Baikuntha Bhawan, Near Andhra Bank
Po :- Jajpur District:- Jajpur, Pin:- 755001.

**Programme of Tender Schedule-**

| | |
|---|---|
| Period of sale of Tender Document: | From 10.07.2019 to 17.07.2019 up to 3.00 P.M. |
| Last date for receipt of Tender Documents: | By 17.07.2019 up to 3.00 P.M. |
| Date of Opening of Technical Bid: | On 18.07.2019 at 11.00 A.M. |
| Date of Opening of Price Bid: | On 19.07.2019 at 11.00 A.M. |

Sd./- CSO-cum-District Manager
O.S.C.S.C. Ltd., Jajpur

# INDIRA GANDHI INSTITUTE OF TECHNOLOGY, SARANG

(An Autonomous institute of Govt. of Odisha)
Office of the Estate Manager, Sarang, Dhenkanal-759 146 (Odisha)
Phone: 06768-267058, Email-estatemanagerigit@gmail.com

Bid identification No. IGIT/EM/1781 Dt.: 10.07.2019

## Tender Call Notice

The Estate Manager, IGIT, Sarang, Dhenkanal invites percentage bid through single cover system in conformity with the terms & conditions of the detailed tender call Notice (DTCN) from contractors registered with Odisha State Govt & Contractors of equivalent grade/class registered with central Govt. having valid & up to date contractor registration certificate & experience in similar nature of work/Major Civil Construction work, as given in DTCN to be eventually drawn up for the work as detailed below.

A. The DTCN can be downloaded from the Institute website i.e. www.igitsarang.ac.in.

**Particulars of work:**

| Work | Estimated Cost (Excluding GST) | Class of Contractor equivalent grade | EMD @1% of Tender Value | Tender paper cost | Completion of period |
|---|---|---|---|---|---|
| Furnishing of 8 Nos. Computer LAB in Biju Pattnaik NEW ACADEMIC BUILDING | 1,24,12,110.00 | "B" | Rs.1,25,000.00 | Rs.10,000.00 | One calendar month |

B. **Cost of Tender Paper & EMD :** The bidders have to deposit the bid cost in shape of Demand Draft & EMD in Shape of Demand Draft NSC / KVP / POTD / BanK Guaranty duly pledged in favour of Principal IGIT Sarang and drawn in SBI Sarang.

C. **Additional performance security :** The additional performance security shall be obtained from bidder when the bid amount is less than the estimated cost put to tender in such an event only the successful bidder who has quoted less bid price than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as additional performance security in shape of TDR/KVP/D.D/POSC/Bank Guaranty issued by any National Bank/Post Dept. pledged in favour of Principal, IGIT, within 7 days, otherwise the bid shall be canceled & the security deposit shall be forfeited.

D. **Mode of submission of Tender :** Tender shall be submitted in the office of Estate Manager, IGIT, Sarang through Regd. / Speed Post only on or before 14.08.2019 up to 3:00 PM.

E. **Availability of Tender Paper :**

| Procurement office | Date of Sale of Tender Paper | Date & Time of Opening of Tender | Place of Opening |
|---|---|---|---|
| Estate Manager, IGIT Sarang, Dhenkanal | 15.07.2019 to 31.07.2019 | 28.08.2019 at 10:00 AM | O/O Registrar |

F. Corrigendum, if any shall only be published in the institute website.

G. As good & service Tax (GST) has come to force with effect from 01.07.2017. The participants are requested to offer their rates including of GST. GST will be reimbursed after production of proper documentary evidence.

H. Authority reserves the right to reject any or all the tenders without assigning any reason thereof.

Estate Manager.

# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: ୧୫୬୩୬/ଭୁ.ଉ.କ., ଭୁବନେଶ୍ୱର ତା୦୧।୦୭।୨୦୧୯ରିଖ
CRB - 15/88

## ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭେଲପ୍‌ମେଣ୍ଟ ସ୍କିମ୍ ଅନ୍ତର୍ଗତ ଏଲ୍.ଆଇ.ଜି ପ୍ଲଟ୍ ନଂ.କେ୪-୧୨୭ଟକୁ ମୂଳତଃ ଶ୍ରୀମତୀ ଉକ୍ତି ପ୍ରଭା ରଥ, ସ୍ୱାମୀ-ନକୁଳ ରଥ, ଗ୍ରାମ/ପୋଅ-ନୟାଗଡ଼, ଜିଲ୍ଲା-ନୟାଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀଙ୍କ ତା ୧୨।୦୩।୨୦୧୧ରିଖରେ ମୃତ୍ୟୁପରେ ଉକ୍ତ ପ୍ଲଟ୍‌କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୫୧୪୨ ତା ୨୮।୦୫।୨୦୧୬ ଅନୁଯାୟୀ ନିମ୍ନ ଉତ୍ତରାଧିକାରୀମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ କରାଯାଇଅଛି।

୧). ପ୍ରିୟରଞ୍ଜନ ରଥ – ପୁଅ
୨). ପ୍ରଜ୍ଞାରଞ୍ଜନ ରଥ – ପୁଅ
୩). ଅୟୀ ସୂର୍ଯ୍ୟା ଆର୍ଯ୍ୟବାଳା – ଝିଅ

ବର୍ତ୍ତମାନ ଉପରୋକ୍ତ ଉତ୍ତରାଧିକାରୀ ତଥା ବର୍ତ୍ତମାନର ଆବଣ୍ଟନଗ୍ରାହୀମାନଙ୍କ ମଧ୍ୟରୁ ଶ୍ରୀ ପ୍ରଜ୍ଞାରଞ୍ଜନ ରଥ ଏବଂ ଅୟୀ ସୂର୍ଯ୍ୟା ଆର୍ଯ୍ୟବାଳା ପଞ୍ଜିକୃତ ନା ଦାବିପତ୍ର (Regd. Deed of Relinquishment)ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ମାଲିକାନା ଅଂଶ ଅଧିକାରକୁ ପ୍ରିୟରଞ୍ଜନ ରଥଙ୍କୁ ହସ୍ତାନ୍ତର କରିଛନ୍ତି। ସୁତରାଂ ଉକ୍ତ ପ୍ଲଟ ନଂ.K4-127ରେ ସମ୍ପୂର୍ଣ୍ଣ ମାଲିକାନା ଅଧିକାର କେବଳ ପ୍ରିୟରଞ୍ଜନ ରଥଙ୍କ ନାମରେ କରାଯିବାରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ସମ୍ପୂର୍ଣ୍ଣ ମାଲିକାନା ଅଧିକାର ପ୍ରିୟରଞ୍ଜନ ରଥଙ୍କ ନାମରେ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଭୁବନେଶ୍ୱର




ସୁମନପ୍ରିୟା

# ବୈଶାଳୀକୁ ଅପେକ୍ଷା

ଖୁବ୍‌ଶୀଘ୍ର ପରଦା ଉପରକୁ ଆସୁଛି ଓଡ଼ିଆ ସିନେମା 'ବୈଶାଳୀ'। ଏହି ଫିଲ୍ମରୁ ନୂଆ ଯୋଡ଼ି ଅଭିଷେକ ରଥ-ସୁମନପ୍ରିୟା ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। କାହାଣୀ ଅନୁସାରେ, ବେଳେବେଳେ ପ୍ରେମ ପାଇଁ ପ୍ରେମିକକୁ ଅନେକ କିଛି ସାମ୍ନା କରିବାକୁ ପଡ଼ିଥାଏ। ତେବେ ନିଜ ପ୍ରେମକୁ ସଫଳ କରିବାକୁ ମାନସିକସ୍ତରରେ ପ୍ରସ୍ତୁତ କରିଥିବା ଦେବ୍ ସେଥିରୁ ବା ବାଦ୍ ପଡ଼ନ୍ତା କିପରି ? ହଠାତ୍ ସେ ବୈଶାଳୀ ପ୍ରେମରେ ପଡିଯାଇଛି। ହେଲେ ପ୍ରେମର ରାସ୍ତା ଯେ ଏତେ କଣ୍ଟକିତ, ତାହା ସେ ଜାଣି ନ ଥିଲା। ତେବେ ଏଭଳି ଘଟଣାକୁ ସେ କିପରି ସାମ୍ନା କରୁଛି ଏବଂ ଏହି ପ୍ରେମରେ ସେ ସକ୍‌ସେସ୍ ହେଉଛି କି ନାହିଁ, ତାହାର ଉତ୍ତର ରହିଛି ଏହି ସିନେମାରେ। ଅଜୟ ସାମଲଙ୍କ କାହାଣୀକୁ ଆଧାରକରି ଫିଲ୍ମଟି ନିର୍ମିତ ହୋଇଛି। ବୈଶାଳୀ ପ୍ରଡକ୍ସନ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୁଧୀର କୁମାର। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଉଛନ୍ତି ଆଶୁତୋଷ (ବାବୁ ଦା')। ଖାସ୍ କଥା ହେଲା, ପ୍ରଥମ ଫିଲ୍ମରେ ସୁମନପ୍ରିୟା ଡବଲ ରୋଲ୍‌ରେ ଦେଖାଦେବେ, ଯାହାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ନବାଗତା। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ଅଭିଷେକ-ସୁମନପ୍ରିୟାଙ୍କ ବ୍ୟତୀତ ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ପୃଥ୍ୱୀରାଜ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ରବି ମିଶ୍ର, ମନୀଷା ମିଶ୍ର, ଅସୀତ୍ ପତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ଲୁଚିଛି ନା ଗୋଡ଼..

କଥାରେ ଅଛି- 'ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି'। ଦେଖୁନାହାନ୍ତି ଗୋଟିଏ କଥା ପଚାରିଲା ବେଳକୁ ଉତ୍ତର ମିଳୁଛି ଆଉ ଗୋଟିଏ କଥା। ଅସଲ କଥାକୁ ଯେତେସମ୍ଭବ ଲୁଚାଇବାକୁ ପ୍ରୟାସ କରୁଛନ୍ତି ସୁଶାନ୍ତ ସିଂ ରାଜପୁତ। ଯେହେତୁ ଏବେ ଶୁଟିଂ ନାହିଁ, ତେଣୁ ଛୁଟି କଟାଇବାକୁ ଲଦାଖରେ ସେ ଡେରା ପକାଇଛନ୍ତି। ହେଲେ ସେଠାରେ ସେ ଏକା ନାହାନ୍ତି, ତାଙ୍କ ପ୍ରେମିକା ରେହା ଚକ୍ରବର୍ତ୍ତୀ ବୁଆଡ଼େ ତାଙ୍କ ସାଥିରେ ଅଛନ୍ତି। ବର୍ତ୍ତମାନ ଦୁହେଁ ଫୁଲ୍ ରୋମାନ୍ସରେ ବ୍ୟସ୍ତ ବୋଲି ଚାରିଆଡ଼େ ଚର୍ଚ୍ଚା ହେଉଛି। ସେପଟେ ଏଭଳି ସମ୍ପର୍କକୁ ସ୍ୱୀକାର କରିବାକୁ ସୁଶାନ୍ତ ନାରାଜ। ସଫେଇ ଦେଇ ସେ କୁହନ୍ତି, 'ଏଗୁଡ଼ିକ ମିଛ କଥା। ରେହାଙ୍କ ସହ ମୋର କୌଣସି ପ୍ରେମସମ୍ପର୍କ ନାହିଁ। ଆମେ ଦୁହେଁ ଭଲ ବନ୍ଧୁ। ବାକି ରହିଲା ଲଦାଖ କଥା। ଏଠାକୁ ମୁଁ ଏକୁଟିଆ ଆସିଛି। ରେହା ମୋ ସହ ଅଛି ବୋଲି ଯାହା ପ୍ରଚାର ହେଉଛି, ତାହା ମିଛ।'



ସୁଶାନ୍ତ ସିଂ ରାଜପୁତ



ପରିଣିତି

# ଖୁସି ଅନ୍ତରାଳେ..

ପରିଣିତି ଚୋପ୍ରାଙ୍କ ଖୁସି ଏବେ ବନ୍ଧବାଡ଼ ମାନୁନି। କେମିତି ବା ମାନିବ କହୁନାହାନ୍ତି ? ଯେତେବେଳେ କଥାଟି ତାଙ୍କ କାନରେ ପଡ଼ିଲା ସେତେବେଳେ ସେ ଖୁସିରେ ଉଛୁଳି ଉଠିଥିଲେ। ଅସଲ କଥା ହେଲା ପରିଣିତି ଏବେ ଲଣ୍ଡନରେ ଡେରା ପକାଇଛନ୍ତି। ତାଙ୍କ ସହ କେତେଜଣ କଲେଜ ସାଙ୍ଗ ମଧ୍ୟ ଅଛନ୍ତି। ହେଲେ ସେ ସେଠାକୁ ବୁଲିବାକୁ ଯାଇନାହାନ୍ତି। ଏକ ଫିଲ୍ମର ଶୁଟିଂ ପାଇଁ ସେ ଲଣ୍ଡନ ଯାଇଛନ୍ତି। ହଲିଉଡ୍ ଫିଲ୍ମ 'ଦ ଗର୍ଲ ଅନ୍ ଦ ଟ୍ରେନ୍' ରିମେକ୍ ହେଉଥିବା ଏହି ଚିତ୍ରଟିର ଟାଇଟଲ ଫାଇନାଲ ହୋଇନାହିଁ। ଏ ବିଷୟରେ ପରିଣିତି କହନ୍ତି, 'ଏହି ଫିଲ୍ମରେ ମୋର କେତେଜଣ କଲେଜ ବେଳର ସାଙ୍ଗ ଅଭିନୟ କରୁଛନ୍ତି। ଏକଥା ଶୁଣିବା ପରେ ମୁଁ ନିର୍ଦ୍ଦେଶକ ରିବୁ ଦାସଗୁପ୍ତାଙ୍କୁ କେମିତି ଧନ୍ୟବାଦ ଦେବି ଜାଣିପାରି ନ ଥିଲି। ଶୁଟିଂ ତ ଚାଲିଛି, ତା' ସହ ସେଠାରେ ସାଙ୍ଗମାନଙ୍କ ସହ ବେଶ୍ ମଉଜମସ୍ତି ମଧ୍ୟ ହେଉଛି।'

# ବଦଳିଲା ଟାଇଟଲ

ଶେଷରେ ପ୍ରଯୋଜିକା ଏକତା କପୁର ନିଜ ସିନେମାର ଟାଇଟଲ ବଦଳାଇବାକୁ ବାଧ୍ୟ ହୋଇଛନ୍ତି। କାରଣ ଏହାକୁ ନେଇ ପ୍ରତିବାଦର ସ୍ୱର ଉଠିବା ପରେ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ହେଲେ ତା' ପୂର୍ବରୁ ସେ ପିତା ଜିତେନ୍ଦ୍ର, ଫିଲ୍ମର ନାୟିକା କଙ୍ଗନା ରାଣାଓ୍ୱତ, ନାୟକ ରାଜ କୁମାର ରାଓଙ୍କ ସହ ଆଲୋଚନା କରିଥିଲେ। ବାଲାଜୀ ଟେଲିଫିଲ୍ମ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ଟାଇଟଲ ଥିଲା 'ମେଣ୍ଟାଲ ହୈ କ୍ୟା'। କିନ୍ତୁ ଇଣ୍ଡିଆନ୍ ସାଇକାଟ୍ରିକ୍ ସୋସାଇଟି ପକ୍ଷରୁ ଏହି ଟାଇଟଲ ଦିବ୍ୟାଙ୍ଗଙ୍କ ମନକୁ ଆଘାତ ଦେବ ବୋଲି ସେଣ୍ଟ୍ରାଲ ବୋର୍ଡ ଅଫ ଫିଲ୍ମ ସାର୍ଟିଫିକେଶନ (ସିବିଏଫସି) ନିକଟରେ ଅଭିଯୋଗ କରାଯାଇଥିଲା। ଆଉ ଏବେ ଏହି ଟାଇଟଲ ବଦଳାଯାଇ 'ଜଜ୍ ମେଣ୍ଟାଲ ହୈ କ୍ୟା' ରଖାଯାଇଛି। ଫିଲ୍ମଟି ଚଳିତ ମାସ ୨୬ରେ ରିଲିଜ ହେବାକୁ ଯାଉଛି।



କଙ୍ଗନା

### ଅପେରା ହାଲଚାଲ

# ଚ୍ୟାଲେଞ୍ଜ ଦେବେ ମଣ୍ଟୁ

ଜଲିଉଡ୍‌ର ଅନ୍ୟତମ ପରିଚିତ ଅଭିନେତା ମଣ୍ଟୁ ଦାସ। ଦୀର୍ଘ ୧୮ବର୍ଷ ଧରି ସେ ନିଜ ଅଭିନୟ ଦକ୍ଷତାର ଅନେକ ପ୍ରମାଣ ଦେଖାଇସାରିଛନ୍ତି। ଗତ ଅପେରା ସିଜନ୍‌ରେ ଇନ୍ଦ୍ରମହଲରେ ବେଶ୍ ପ୍ରଶଂସା ସାଉଁଟିଥିଲେ ଏହି ଅଭିନେତା। ନୂଆ ଯାତ୍ରା ସିଜନରେ ତାଙ୍କୁ ଦେଖିବାକୁ ମିଳିବ 'ଯାତ୍ରା ନ୍ୟୁ ସଚ୍ଚିଦାନନ୍ଦ'ରେ। ଇତିମଧ୍ୟରେ ଏହି ପାର୍ଟିର ଆଖଡା ଆରମ୍ଭ ହୋଇଯାଇଛି ଆଉ ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ବେଶ୍ କସରତ କରୁଛନ୍ତି ମଣ୍ଟୁ। ଆଖଡା ଚାଲିଥିବା ଉକ୍ତ ପାର୍ଟିର ନୂଆ ନାଟକ 'ବାବୁ ମୋ ଚୌକିଦାର' (ରଚନା/ନିର୍ଦ୍ଦେଶନା- ହର ବାରିକ)ରେ ମିଳିଛି ଏକ ସସପେନ୍ସ ଭୂମିକା। ଚରିତ୍ରଟି ହେଲା ପ୍ରଶାନ୍ତ। ନିଜ ଭଉଣୀ ହତ୍ୟାର ରହସ୍ୟ ଉନ୍ମୋଚନ କରିବା ସହ କିପରି ସେ ପ୍ରତିଶୋଧ ନେଉଛି ତାହା ଏହି ନାଟକରେ ଦେଖିବାକୁ ମିଳିବ। ଅପରପକ୍ଷରେ ନୂଆ ଯାତ୍ରା ସିଜନ ପାଇଁ ଏହି ପାର୍ଟିର ପ୍ରସ୍ତୁତିପଥେ ଥିବା ଅନ୍ୟ ନାଟକଗୁଡିକ ହେଲା 'ସବୁ ଥାଇ କିଛି ନାହିଁ' (ରଚନା-ନିହାର ମହାନ୍ତି, ନିର୍ଦ୍ଦେଶନା-ଲାଲା ବୀରେନ୍ ରାୟ), 'ଭୁଲ୍ ଥିଲେ ଠିକ୍ କର' (ରଚନା -ମନୁ ଭାଇ, ନିର୍ଦ୍ଦେଶନା- ତାପସ ସ୍ୱାଇଁ) ଏବଂ ଜଗନ୍ନାଥ ରାଉତଙ୍କ ରଚିତ ଏବଂ ଶାନ୍ତନୁ ଓଝାଙ୍କ ନିର୍ଦ୍ଦେଶନାରେ 'ନିଜ ସ୍ୱାମୀ ଆଉ ଭଲ ଲାଗୁନି'। ଏ ସବୁ ନାଟକରେ ଚ୍ୟାଲେଞ୍ଜିଂ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି ଜଗତ୍‌ସିଂହପୁର ଜିଲା ତାଳଦଣ୍ଡାରେ ଜନ୍ମିତ ମଣ୍ଟୁ। 'ବାବା ବଳିଆଙ୍କ ଦିଗ୍‌ଦର୍ଶନରେ ଆଜି ମୁଁ ଏଠାରେ ପହଞ୍ଚିପାରିଛି ବୋଲି କହନ୍ତି ଏହି ଆଗଧାଡ଼ିର ନାୟକ। ନବଗଠିତ ଏହି ପାର୍ଟିର ପ୍ରୋପ୍ରାଇଟର ହେଉଛନ୍ତି ପର୍ଶୁରାମ ମଲ୍ଲିକ। ମଣ୍ଟୁଙ୍କ ବ୍ୟତୀତ କୁନା-ରଞ୍ଜି, ଅଶୋକ ରାଉତ, ବୁଦ୍ଧିଆନା, ବାପି, ସୁଶାନ୍ତ-ସଞ୍ଜୁ, କାଳିଆ, କୁନା (ଭିଲେନ୍) ଏବଂ ସୁକାନ୍ତଙ୍କ ଅଭିନୟ ଏଥିରେ ଦେଖିବାକୁ ମିଳିବ।



ମଣ୍ଟୁ

# ପ୍ରଯୋଜକ କେଶବ ରାଉତଙ୍କ ସ୍ମରଣେ..

ଓଡ଼ିଆ ସିନେମା ଜଗତର ପୁରୁଖା ପ୍ରଯୋଜକ କେଶବ ରାଉତ ଜଣେ ଭଲ ମଣିଷ। ଅନ୍ୟାନ୍ୟ ପ୍ରଯୋଜକ ସଂସ୍ଥାର ଅଳିଆ କାର୍ଯ୍ୟରୁ ସେ ନିଜକୁ ଦୂରରେ ରଖନ୍ତି। ଦରଦୀ ବ୍ୟକ୍ତି, ସିନେମା ଜଗତର ସାମଗ୍ରିକ ବିକାଶ ପାଇଁ ସେ ବିଶେଷ ଆଗ୍ରହୀ ଥିଲେ। ଅନେକ ବର୍ଷ ପରେ ପ୍ରଯୋଜକ ସଂଘର ସଭାପତି ଦାୟିତ୍ୱ ନେଇ କାର୍ଯ୍ୟ କରିବାକୁ ଅଗ୍ରସର ବେଳେ ତାଙ୍କର ଆକସ୍ମିକ ମୃତ୍ୟୁ ଚଳଚ୍ଚିତ୍ର ପ୍ରଯୋଜକମାନଙ୍କ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ପଷ୍ଟ କଥା ହେତୁ ତାଙ୍କୁ ସ୍ୱାର୍ଥଜଡ଼ିତ କିଛି ହାତଗଣତି ବ୍ୟକ୍ତି ଖରାପ ଭାବନ୍ତି, ହେଲେ ସେ ସମସ୍ତଙ୍କ ପାଇଁ ଆପଣାର ମଣିଷ !

ପ୍ରଯୋଜକ କେଶବ ରାଉତଙ୍କ ସଫଳ ବ୍ୟବସାୟିକ ଚଳଚ୍ଚିତ୍ରଗୁଡିକ ମଧ୍ୟରେ ସୁନା ଚଢ଼େଇ, ସୁନା ହରିଣୀ, ସୁନା ସଂସାର ଓ ଭୀଷ୍ମ ପ୍ରତିଜ୍ଞା। ଏତଦ୍ ବ୍ୟତୀତ ଟେଲି ଧାରାବାହିକ ଶ୍ରୀଜଗନ୍ନାଥ ଅନ୍ୟତମ। ଟେଲିଫିଲ୍ମ 'ବୁଢ଼ା ଶଙ୍ଖାରୀ' ମଧ୍ୟ ନିର୍ମାଣ କରିଥିଲେ। ଚଳଚ୍ଚିତ୍ର ନିର୍ମାଣ ହେଲେ ଅନେକ କଳାକାର ଓ ଟେକ୍ନିସିଆନଙ୍କ ଯେପରି ନିଜର ଜୀବନ ବଞ୍ଚିବ, ସେଇ ଚିନ୍ତାଧାରା ତାଙ୍କର ଥିଲା।

କେଶବ ବାବୁ ସତରେ ମଣିଷଙ୍କ ଭିତରେ ଥିଲେ ମଣିଷଟିଏ। ଆଜି ଯେତେବେଳେ ସମାଜରୁ ମଣିଷପଣିଆ ହଜିଯିବାକୁ ବସିଲାଣି, ସେତେବେଳେ ଏହି ମଣିଷପଣିଆ ତାଙ୍କ ଭିତରେ ଭରପୂର ଥିଲା। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ସଂଘର ଏକ ବୈଠକ ଜୟଦେବ ଭବନଠାରେ ଗତ ମାର୍ଚ୍ଚ ୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷ ପରେ ଏକତ୍ରୀକରଣ ପ୍ରଯୋଜକମାନଙ୍କୁ ଦେଖି ମୋତେ ବହୁତ ଖୁସି ଲାଗିଲା। ସଭାପତି କେଶବ ବାବୁ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନର ସମ୍ପାଦକ ହିସାବରେ ମୋତେ ଆନୁଷ୍ଠାନିକ ଭାବେ ଫୋନ୍ ଯୋଗେ ଯୋଗାଯୋଗ କରି ଓଡ଼ିଶା ସିନେମାର ଭବିଷ୍ୟତ ପାଇଁ ଆପଣ ଆମକୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବେ ତ ? ମୁଁ ତତ୍‌କ୍ଷଣାତ ତାଙ୍କ କଥାରେ ସମ୍ମତି ପ୍ରଦାନ କରିଥିଲି। ତାଙ୍କ ପରିଚାଳନାରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଏକ ସୁସ୍ଥ ବାତାବରଣ ଆସିବ ସେ ଦିଗରେ ସମସ୍ତ ସିନେ ବର୍ଗର ବ୍ୟକ୍ତିବିଶେଷଙ୍କୁ ଏକାଠି କରି, ତାଙ୍କ ମତାମତକୁ ଭିତ୍ତିକରି ସରକାରଙ୍କ ସହ ଯୋଗାଯୋଗ ରକ୍ଷା କରିଥିଲେ। ଚଳଚ୍ଚିତ୍ର ଶିଳ୍ପର ସାମଗ୍ରିକ ସମୃଦ୍ଧିର ଉଦ୍ୟମ ଦୀର୍ଘବର୍ଷ ପରେ ହେଲା ସତ, କିନ୍ତୁ ସବୁକିଛି ନୀରବୀ ଗଲାପରି ଲାଗୁଛି।



କେଶବ ରାଉତ

ଓଡ଼ିଆ ଚଳଚ୍ଚିତ୍ରରେ ଯେଉଁ କେତେଜଣ ହାତଗଣତି ପ୍ରଯୋଜକ ସମଗ୍ର ଚଳଚ୍ଚିତ୍ର ଜଗତର ପ୍ରଯୋଜକମାନଙ୍କୁ ଯେପରି ମାନସିକ ଓ ଆର୍ଥିକ ଦିଗରୁ ହଇରାଣ କରୁଥିଲେ, ସେ ସବୁ ବିରୋଧରେ ପ୍ରଯୋଜକ କେଶବ ରାଉତ ଠିକ୍ ଜବାବ ଦେଇ ପ୍ରଯୋଜକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିଥିଲେ। ସେଇ ଲଢୁଆ ପ୍ରଯୋଜକଙ୍କ ହଠାତ୍ ଆରପାରିକୁ ଚାଲିଯିବା କଥା କେହି ବିଶ୍ୱାସ କରିପାରୁନାହାନ୍ତି। ଓଡ଼ିଆ ଚଳଚ୍ଚିତ୍ର ପରିପକ୍ୱ ବୟସରେ ମଧ୍ୟ ଅପରିପକ୍ୱ ମଧ୍ୟରେ ଗତି କରୁଛି। କିଛି ନୂତନତାର ସ୍ୱାଦ ଦେବା ଓ ମହତ୍ କାର୍ଯ୍ୟକୁ ପୂରଣ କରିବା ଦିଗରେ ସେ ଦିଗ୍‌ଦର୍ଶନ ଦେଇଥିଲେ। ଭଲ ଓଡ଼ିଆ ଚଳଚ୍ଚିତ୍ର ହେଉ ଏହା ହିଁ ଥିଲା ତାଙ୍କର ଲକ୍ଷ୍ୟ।

ପ୍ରଯୋଜକ କେଶବ ରାଉତଙ୍କ 'ଭୀଷ୍ମ ପ୍ରତିଜ୍ଞା' ଚଳଚ୍ଚିତ୍ର ରାଜ୍ୟ ପୁରସ୍କାରରେ ଚାରିଗୋଟି ପୁରସ୍କାର ୧୯୯୩ ମସିହାରେ ପାଇଥିଲା। ତନ୍ମଧ୍ୟରୁ ଶ୍ରେଷ୍ଠ ଅଭିନେତା ବିଜୟ ମହାନ୍ତି, ଶ୍ରେଷ୍ଠ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଶ୍ରେଷ୍ଠ ଗୀତିକାର ଅକ୍ଷୟ ମହାନ୍ତି ଓ ଶ୍ରେଷ୍ଠ ସମ୍ପାଦନା ବିଶ୍ୱନାଥ ରାୟ ପ୍ରମୁଖ। ରାଜନୀତିରେ ରହି ସେ ସମାଜସେବା ମାଧ୍ୟମରେ ବହୁ କାର୍ଯ୍ୟ କରିଥିଲେ କିନ୍ତୁ ପ୍ରଯୋଜକ ଭାବେ ନିଜର ଖ୍ୟାତି ଅଧିକ ସାଉଣ୍ଟି ବସିଲେ। ପ୍ରଯୋଜନା କ୍ଷେତ୍ରରେ ବି ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ଆଜି କେଶବ ରାଉତ ଇହଧାମ ଛାଡ଼ି ଚାଲିଗଲେ ସତ, ହେଲେ ତାଙ୍କ ଚଳଚ୍ଚିତ୍ରଗୁଡ଼ିକ ତାଙ୍କୁ ଇତିହାସରେ ଅମର କରି ରଖିବ।

**-ଦିଲୀପ ହାଲି**
*ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ,*
ବଡ଼ଗଡ଼, ଭୁବନେଶ୍ୱର

# ସୁଯୋଗ ଅପେକ୍ଷାରେ କୀର୍ତ୍ତି

ନବାଗତ କୀର୍ତ୍ତି ବିକାଶ ବିଶ୍ୱାଳ। ମନରେ ଅସୁମାରୀ ଆଶା। ପିଲାଟିଦିନରୁ ଇଚ୍ଛା ଥିଲା କେମିତି ବଡ଼ ପରଦାରେ ମୁହଁ ଦେଖାଇବେ। ନିଜର ଅଭିନୟ ଦକ୍ଷତା ଦେଖାଇବାକୁ ସୁଯୋଗଟିଏ ଖୋଜୁଥିଲେ। ହାତୀ ମୁଣ୍ଡରେ ସୁନାକଳସ ଢାଳିବା ପରି ତାଙ୍କୁ ୨୦୧୮ରେ ସତେଯେମିତି ଖୋଜିଲା ଚିଜ ମିଳିଯାଇଥିଲା। ପ୍ରଯୋଜକ ନାରାୟଣ ଘଢ଼େଇ ଏବଂ ନିର୍ଦ୍ଦେଶକ ନିଶି କର ତାଙ୍କୁ ଆଲବମ୍‌ରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ପାଖାପାଖି ୨୦ଟି ଆଲ୍‌ବମ ଏବଂ ୧୦ଟି ଭଜନରେ ସେ ଅଭିନୟ କରିସାରିଛନ୍ତି। ଓଡ଼ିଆ ସିନେମାରେ ତାଙ୍କୁ ପ୍ରଥମେ ଅଭିନୟ କରିବାର ସୁଯୋଗ ମିଳିଥିଲା ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ 'ଦିଲ୍ କା ରାଜା'ରେ। ଏଥିରେ ଏକ ଛୋଟ ଭୂମିକା ମିଳିଥିଲେ ମଧ୍ୟ ତାହାକୁ ବେଶ୍ ସୁଚାରୁରୂପେ ତୁଲାଇ ପାରିଥିଲେ ସେ। ଏ ସମ୍ପର୍କରେ ଜଗତସିଂହପୁର ବିରିଡି ବ୍ଲକ ଅର୍ନ୍ତଗତ ରାଣୀପଡା ଗ୍ରାମରେ ଜନ୍ମିତ କୀର୍ତ୍ତି କୁହନ୍ତି, 'ମୁଁ ଓଡ଼ିଆ ସିନେମା 'ଦିଲ୍ କା ରାଜ', 'ଅଜାତଶତ୍ରୁ', 'ଧୀରେ ଧୀରେ ପ୍ରେମ ହେଲା' ଏବଂ 'ନିମକି'ରେ ଅଭିନୟ କରିସାରିଛି ଏବଂ ଯେଉଁ ଭୂମିକା ମିଳିଛି ତାହା ମୋତେ ଆତ୍ମତୃପ୍ତି ଦେଇଛି। ହେଲେ ଏକ ବଡ଼ ସୁଯୋଗ ସନ୍ଧାନରେ ମୁଁ ରହିଛି। ଆଜି ମୁଁ ଏ ପର୍ଯ୍ୟନ୍ତ ଆସିଛି, ସେଥିପାଇଁ ନାରାୟଣ ସାର୍ ଏବଂ ନିଶି ସାର୍‌ଙ୍କ ଅବଦାନକୁ କେବେ ଭୁଲିପାରିବି ନାହିଁ।'



କୀର୍ତ୍ତି ବିକାଶ ବିଶ୍ୱାଳ

"ବିଭିନ୍ନ ଯୋଜନା ଲାଗି ହେଉଥିବା ଖର୍ଚ୍ଚରେ କୌଣସି ପ୍ରଭାବ ନ ଆଣି ଧାର୍ଯ୍ୟ ବିତ୍ତୀୟ ଶୃଙ୍ଖଳା ନିୟନ୍ତ୍ରଣ ଉପରେ ଧ୍ୟାନ ରଖୁଛୁ।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



"ନିମ୍ନ ସରଚାର୍ଜ ସୁବିଧା ନେବା ଲାଗି ଏଫ୍‌ପିଆଇ କର୍ପୋରେଟ ରୁଟ୍ ବିକଳ୍ପ ବାଛି ପାରିବେ।
– ପ୍ରମୋଦ ଚନ୍ଦ୍ର ମୋଦୀ, ସିସିଡିଟି ଅଧ୍ୟକ୍ଷ



## ସଂକ୍ଷେପରେ

### ଜନଧନ ଜମା ୧ ଲକ୍ଷ କୋଟି ଟଙ୍କା ଟପିଲା




**ନୂଆଦିଲ୍ଲୀ,୧୦-୭:** ଜନଧନ ଯୋଜନାରେ ଖୋଲାଯାଇଥିବା ଆକାଉଣ୍ଟଗୁଡିକରେ ଜମା ପରିମାଣ ୧ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି ଯୋଜନା ୫ ବର୍ଷ ତଳେ ଆରମ୍ଭ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ତଥ୍ୟ ମୁତାବକ ଏହି ଜମା ୩୬.୦୬ କୋଟି ଆକାଉଣ୍ଟରେ ରହିଛି। ଉକ୍ତ ଯୋଜନାକୁ ୨୮ ଅଗଷ୍ଟ ୨୦୧୪ରେ ଆରମ୍ଭ କରାଯାଇଥିଲା। ଲୋକମାନଙ୍କୁ ସାର୍ବଜନୀନ ବ୍ୟାଙ୍କ ସେବା ଯୋଗାଣ ନେଇ ଏହାର ଶୁଭାରମ୍ଭ ହୋଇଥିଲା। ଲୋକମାନଙ୍କ ଲାଗି ବେସିସ ସେଭିଙ୍ଗସ ବ୍ୟାଙ୍କ ଡିପୋଜିଟ (ବିଏସ୍‌ବିଡି) ଦ୍ୱାରା ଓଭରଡ୍ରାଫ୍ଟ ସୁବିଧା ଏବଂ ରୁପେ ଡେବିଟ କାର୍ଡ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ଜନଧନରେ ଜିରୋ ଆକାଉଣ୍ଟ ସଂଖ୍ୟା ୨୦୧୮ ମାର୍ଚ୍ଚରେ ୫.୧୦ କୋଟି ରହିଥିବା ବେଳେ ଏହା ମାର୍ଚ୍ଚ ୨୦୧୯ରେ ୫.୦୭ କୋଟିକୁ ହ୍ରାସ ଘଟିଛି।

### ୧୦୦ କୋଟିରୁ ଉର୍ଦ୍ଧ୍ୱ ଉଠାଣ କରିଛନ୍ତି ୪୪୮ ସଂସ୍ଥା

**ନୂଆଦିଲ୍ଲୀ,୧୦-୭:** ଗତ ଗୋଟିଏ ବର୍ଷ ମଧ୍ୟରେ ଦେଶର ୪୪୮ ସଂସ୍ଥା ପ୍ରତ୍ୟେକ ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଉଠାଣ କରିଛନ୍ତି। ଏହି ସଂସ୍ଥାଗୁଡିକ ମିଳିତ ଭାବେ ୫.୫୬ ଲକ୍ଷ କୋଟି ଟଙ୍କା ଉଠାଇଥିବା ଜଣା ପଡିଛି। ଏଭଳି ଉଠାଣକୁ ନଜରରେ ରଖି ସରକାର ବାର୍ଷିକ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଉଠାଣ ଉପରେ ଟିଡିଏସ୍ ଲାଗୁ କରିବାକୁ ପଦକ୍ଷେପ ନେଇଛନ୍ତି। ୨୦୧୭-୧୮ରେ ୨ ଲକ୍ଷ ବ୍ୟକ୍ତି ଏବଂ ବାଣିଜ୍ୟ ସଂସ୍ଥା ସେମାନଙ୍କ ଆକାଉଣ୍ଟରୁ ୧ କୋଟି ଟଙ୍କାରୁ ଅଧିକ ଉଠାଣ କରିଛନ୍ତି। ଏହି ସଂସ୍ଥାଗୁଡିକ ମିଳିତ ଭାବେ ୧୧.୩୧ ଲକ୍ଷ କୋଟି ଟଙ୍କାର ଉଠାଣ କରିଛନ୍ତି। ବାଣିଜ୍ୟିକ ସଂସ୍ଥାଗୁଡିକର ନେଣଦେଣରେ କ୍ୟାଶ ବ୍ୟବହାର ପ୍ରୋତ୍ସାହିତ ନ କରିବାକୁ ୨% ଟିଡିଏସ୍ ଲାଗୁ ହୋଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟରେ କହିଛନ୍ତି। ୨୦୧୭-୧୮ରେ ୧.୦୩ ଲକ୍ଷ ସଂସ୍ଥା ୧-୨ କୋଟି ଉଠାଣ କରିଛନ୍ତି। ଏମାନେ ମିଳିତ ଭାବେ ୧.୪୩ ଲକ୍ଷ କୋଟି ଉଠାଇଛନ୍ତି। ସେହିଭଳି ୨-୫ କୋଟି ଉଠାଣ କରିଥିବା ସଂସ୍ଥାଙ୍କ ସଂଖ୍ୟା ୫୮,୧୬୦ ରହିଛି। ଏହି ସଂସ୍ଥାଗୁଡିକ ମିଳିତ ଭାବେ ୧.୭୫ ଲକ୍ଷ କୋଟି, ୫-୧୦ କୋଟି ବର୍ଗରେ ଉଠାଣ କରିଥିବା ୧୪,୫୫୨ ସଂସ୍ଥା ମୋଟ ୯୮,୯୦୦ କୋଟି ଟଙ୍କା ଉଠାଇଛନ୍ତି।

# ରେଲୱେର ହେବନି ଘରୋଇକରଣ



- ସଂସଦରେ ସ୍ପଷ୍ଟ କଲେ ରେଳ ମନ୍ତ୍ରୀ
- ଆଣୁଛି ହେଡ୍ ଅନ୍ ଟେକ୍ନୋଲୋଜି ବ୍ୟବସ୍ଥା
- ୧୮୯ ନୂଆ ଲାଇନ ଆଣିବା ନେଇ ଯୋଜନା

**ନୂଆଦିଲ୍ଲୀ,୧୦-୭**

ଭାରତୀୟ ରେଲୱେର ଘରୋଇକରଣ ହେବ ନାହିଁ। ଏ ନେଇ କୌଣସି ପ୍ରସ୍ତାବ ନାହିଁ। ଘରୋଇ ଅପରେଟରଙ୍କ ହାତରେ ଦୁଇ ଟ୍ରେନ ଦେବା ଲାଗି ରହିଥିବା ପ୍ରସ୍ତାବ ଉପରେ ପ୍ରଶ୍ନର ଉତ୍ତର ରଖି ରେଳମନ୍ତ୍ରୀ ପୀୟୂଷ ଗୋୟଲ ବୁଧବାର ଏହା କହିଛନ୍ତି। ଲୋକ ସଭାକୁ ଏକ ଲିଖିତ ଉତ୍ତରରେ ଗୋୟଲ କହିଛନ୍ତି ଯେ, ଘରୋଇ ସଂସ୍ଥା ଦ୍ୱାରା ପରିଚାଳନା ଲାଗି କୌଣସି ଯାତ୍ରୀବାହୀ ଟ୍ରେନକୁ ନିର୍ଦ୍ଧାରିତ କରାଯାଇ ନାହିଁ। ନୂଆଦିଲ୍ଲୀ–ଲକ୍ଷ୍ନୌ ତେଜସ୍ ଏକ୍ସପ୍ରେସ ଦେଶର ପ୍ରଥମ ଘରୋଇ ଟ୍ରେନ ହେବ ବୋଲି ଖବର ଆସିଥିଲା। ମାତ୍ର ରେଲୱେ ପକ୍ଷରୁ ଆନୁଷ୍ଠାନିକ ଭାବେ ଏ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇନାହିଁ।

ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗାଡି କହିଛନ୍ତି ଯେ, ଆଗାମୀ ଦିନରେ ଏଭଳି ଟ୍ରେନ ପରୀକ୍ଷାମୂଳକ ଭାବେ ଚଳାଚଳ ନେଇ ସରକାର ଚିନ୍ତା କରିବେ। ମାତ୍ର ରେଲୱେର ଘରୋଇକରଣ ନେଇ କୌଣସି ପ୍ରସ୍ତାବ ନ ଥିବା ରେଳମନ୍ତ୍ରୀ ଗୋୟଲ କହିଛନ୍ତି। ଚଳିତ ବର୍ଷ ଏପ୍ରିଲରେ ୧୮୯ ନୂଆ ଲାଇନ ଯୋଜନା କରାଯାଇଥିବା ସେ କହିଛନ୍ତି। ଏଗୁଡିକ ୨୧,୪୪୩ କିମି ବିଶିଷ୍ଟ ହୋଇଥିବା ବେଳେ ଯୋଜନା, ମଞ୍ଜୁରୀ ଏବଂ କାର୍ଯ୍ୟାନ୍ୱୟନର ବିଭିନ୍ନ ସ୍ତରରେ ରହିଛି। ରେଳ ନେଟୱର୍କ ସହ ଯୋଡି ହୋଇ ନ ଥିବା ଅଞ୍ଚଳଗୁଡିକୁ ସେବା ଯୋଗାଣ ନେଇ ସରକାର ଏଭଳି ବ୍ୟବସ୍ଥା ଆଣିଛନ୍ତି। ସମୟର ଆବଶ୍ୟକତା ଅନୁସାରେ ବର୍ଦ୍ଧିତ ଯାତ୍ରୀ ସଂଖ୍ୟାକୁ ନଜରରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିଭଳି ବାଣିଜ୍ୟିକ ଯଥାର୍ଥତା, ପରିଚାଳନାଗତ ଆବଶ୍ୟକତା, ଜ୍ଞାନକୌଶଳଗତ ଢାଞ୍ଚା ଏବଂ ସମ୍ବଳ ଉପଲବ୍ଧତା ଉପରେ ବିଚାର କରାଯାଉଥିବା ଗୋୟଲ ସ୍ପଷ୍ଟ ସ୍ପଷ୍ଟ କରିଛନ୍ତି।

### ଦୈନିକ ଅତିରିକ୍ତ ୪ ଲକ୍ଷ ସିଟ୍ ବ୍ୟବସ୍ଥା ହେବ

ଯାତ୍ରୀ ସୁବିଧାକୁ ଧ୍ୟାନରେ ରଖି ଚଳିତ ବର୍ଷ ଅକ୍ଟୋବରରୁ ଅତିରିକ୍ତ ୪ ଲକ୍ଷ ସିଟ୍ ବ୍ୟବସ୍ଥା କରିବାକୁ ରେଲୱେ ଯୋଜନା ରଖିଛି। ଏଥି ଲାଗି ରେଲୱେ ନୂଆ ଟେକ୍ନୋଲୋଜି ଆଣିବ। ପାୱାର କାର ବଦଳରେ ଇଞ୍ଜିନରୁ ଶକ୍ତି ସଂଯୋଗ କରିବା ଦିଗରେ ନୂଆ ଟେକ୍ନୋଲୋଜି ସହାୟକ ହେବ। ଲାଇଟ ଏବଂ ଏସି ଲାଗି ଏହି ଶକ୍ତି ଉପଯୋଗ ହେବ ବୋଲି ରେଲୱେର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ପ୍ରତି ଏଲ୍‌ଏଚ୍‌ବି ରେକ୍‌ରେ ଗୋଟିଏ କିମ୍ବା ୨ ପାୱାର କାର ଇଞ୍ଜିନ ବ୍ୟବହାର ହେଉଛି। ଡିଜେଲ ଜେନେରେଟର ଦ୍ୱାରା କୋଚ୍‌ଗୁଡିକୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯାଉଛି। ଏହାକୁ ଏଣ୍ଡ ଅଫ୍ ଜେନେରେଶନ କୁହାଯାଉଥିବା ବେଳେ ଆଗାମୀ ଦିନରେ ହେଡ ଅନ୍ ଜେନେରେଶନ ନାମକ ନୂଆ ଟେକ୍ନୋଲୋଜି ବ୍ୟବସ୍ଥା ଆସିବ। ଏଗୁଡିକ ଦ୍ୱାରା ଓଭରହେଡ ପାୱାରଲାଇନରୁ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯିବ। ୫ ହଜାରରୁ ଅଧିକ କୋଚରେ ଏହି ବ୍ୟବସ୍ଥା ଆସିବ। ଫଳରେ ଟ୍ରେନଗୁଡିକ ସେମାନଙ୍କ ପାୱାରକାରଗୁଡିକୁ କମ୍ କରି ଅଧିକ ସିଟ ବ୍ୟବସ୍ଥା କରିବେ। ଏହା ଦ୍ୱାରା ରେଲୱେର ବାର୍ଷିକ ୬ ହଜାର କୋଟି ଟଙ୍କାର ଫୁଏଲ ବିଲ୍ ସଞ୍ଚୟ ହେବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି।

# ସେପ୍ଟେମ୍ବରରୁ ମିଳିବ ସବୁ ଭାରତୀୟଙ୍କ ସ୍ୱିସ୍ ବ୍ୟାଙ୍କ ତଥ୍ୟ




**ନୂଆଦିଲ୍ଲୀ,୧୦-୭**

କଳାଟଙ୍କା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଭାରତ ବିଭିନ୍ନ ପଦକ୍ଷେପ ନେଉଛି। ଏହି ଧାରାରେ ସ୍ୱିସ ବ୍ୟାଙ୍କରେ ଜମା କରିଥିବା ସବୁ ଭାରତୀୟଙ୍କ ପ୍ରଥମ ପର୍ଯ୍ୟାୟ ତଥ୍ୟ ସେପ୍ଟେମ୍ବରରେ ମିଳିବ ବୋଲି ଜଣା ପଡିଛି। ସେହିଭଳି ଯେଉଁ ଆକାଉଣ୍ଟଗୁଡିକ ୨୦୧୮ରେ ବନ୍ଦ ହୋଇଛି ତାର ସୂଚନା ମଧ୍ୟ ଭାରତକୁ ସୁଇଜରଲ୍ୟାଣ୍ଡ ପ୍ରଦାନ କରିବ। ଅଟୋମେଟିକ ଏକ୍ସଚେଞ୍ଜ ଅଫ୍ ଇନଫରମେଶନ (ଏଇଓଆଇ) ନିୟମ ମୁତାବକ ଏହି ତଥ୍ୟ ସୁଇଜରଲାଣ୍ଡ ପ୍ରଦାନ କରିବ। ତଥ୍ୟ ମଧ୍ୟରେ ସ୍ୱିସ ବିତ୍ତ ପ୍ରତିଷ୍ଠାନଗୁଡିକରେ ଥିବା ଆକାଉଣ୍ଟ ନମ୍ବର, କ୍ରେଡିଟ ବାଲାନ୍ସ, କ୍ଲାଏଣ୍ଟଙ୍କ ସମସ୍ତ ପ୍ରକାରର ବିତ୍ତୀୟ ଆୟ ସାମିଲ ରହିଛି। ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ତଥ୍ୟ ପ୍ରଦାନ ପରେ ବାର୍ଷିକ ଭିତ୍ତିରେ ତଥ୍ୟ ପ୍ରଦାନ ଧାରା ଜାରି ରହିବ ବୋଲି ସୁଇଜରଲାଣ୍ଡର ଫେଡେରାଲ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସ (ଏଫ୍‌ଡିଏଫ୍) ପକ୍ଷରୁ କୁହାଯାଇଛି।

ଭାରତ ସୁଇଜରଲାଣ୍ଡ ମଧ୍ୟରେ ହୋଇଥିବା ଟିକସ ସଂକ୍ରାନ୍ତ ଦ୍ୱିପାକ୍ଷିକ ଚୁକ୍ତି ଅନୁସାରେ ଏଭଳି ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ସ୍ୱିସ କର୍ତ୍ତୃପକ୍ଷ ୧୦୦ ଭାରତୀୟ କମ୍ପାନୀ ଏବଂ ବ୍ୟକ୍ତି ବିଶେଷଙ୍କ ତଥ୍ୟ ଭାରତ ସରକାରଙ୍କୁ ପ୍ରଦାନ କରିସାରିଛନ୍ତି। ସେପ୍ଟେମ୍ବରଠାରୁ ସିଧାସଳଖ ସୂଚନା ଲାଭ କରିବା ନେଇ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.ମୁରଲୀଧରନ ଲୋକସଭାକୁ ଏକ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି। ସେହିଭଳି ତଦନ୍ତ ମାମଲା ସହ ଜଡିତ ଆକାଉଣ୍ଟ ସୂଚନା ମଧ୍ୟ ଅନୁରୋଧ ଦ୍ୱାରା ଭାରତ ଲାଭ କରିପାରିବ। ଭ୍ରଷ୍ଟାଚାରରେ ଲିପ୍ତ ଥିବା ଅଭିଯୋଗ ଆସିଥିବା ବ୍ୟକ୍ତିବିଶେଷଙ୍କ ମାମଲା କ୍ଷେତ୍ରରେ ଏଭଳି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଫୋର୍ଡ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ




**ଭୁବନେଶ୍ୱର,୧୦-୭**

ଆସୋସିଏଶନ ଫର ଓଡ଼ିଶା ରିୟଲ ଇଷ୍ଟେଟ ଡେଭଲପର୍ସ (ଆଫୋର୍ଡ) ପକ୍ଷରୁ ସ୍ଥାନୀୟ ଜୟଦେବବିହାର ସ୍ଥିତ କାର୍ଯ୍ୟାଳୟରେ ୬ଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରିୟଲ ଇଷ୍ଟେଟ କ୍ଷେତ୍ର ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଏହା ସର୍ବଦା ଅଂଶୀଦାରଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ସଂଘ ପକ୍ଷରୁ ସୂଚନା ରହିଛି। ଭିତ୍ତିଭୂମି ବିକାଶ କର୍ମଶାଳା,ରିୟଲ ଇଷ୍ଟେଟ ଉପରେ ଜିଏସ୍‌ଟି ପ୍ରଭାବ, ପ୍ରପର୍ଟି ଏକ୍ସପୋ ଭଳି କାର୍ଯ୍ୟକ୍ରମ ସଂଘ ପକ୍ଷରୁ ଆୟୋଜନ କରାଯାଇଥିବା ଏଠାରେ ସୂଚନା ଦିଆଯାଇଛି। ଏହାଦ୍ୱାରା ବିଭିନ୍ନ ବିତ୍ତ ପ୍ରତିଷ୍ଠାନ, ଅଂଶୀଦାର,ପ୍ରଡକ୍ଟ ମାନୁଫାକDଚରର ଏବଂ ଗ୍ରାହକଙ୍କୁ ଗୋଟିଏ ପ୍ଲାଟଫର୍ମକୁ ଆଣିବା ସହଜ ହେଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାବାଦ୍ ସଂଘ ବିଭିନ୍ନ ଜନହିତକର କାର୍ଯ୍ୟରେ ସାମିଲ ରହିଛି। ବାଣିଜ୍ୟରେ ସ୍ୱଚ୍ଛତା ଏବଂ ନିୟମପାଳନକୁ ଧ୍ୟାନରେ ରଖାଯାଉଥିବା ବେଳେ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଧାରା ଜାରି ରଖିବା ନେଇ ସଂଘ ପ୍ରତିଶ୍ରୁତିବଦ୍ଧ ବୋଲି ସଭାପତି ନିଶିଥ ନନ୍ଦ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଉପସଭାପତି ଅଂଶୁମାନ ଦାସ, ଶମ୍ଭୁନାଥ ପତି, ସାଧାରଣ ସମ୍ପାଦକ ଦେବକାନ୍ତ ପଟ୍ଟନାୟକ, ସହସମ୍ପାଦକ ଶୁଭେନ୍ଦୁ ତ୍ରିପାଠୀ,ବିଜୟ କେତନ ମିଶ୍ର, କୋଷାଧ୍ୟକ୍ଷ ଅଭୟ କୁମାର ସ୍ୱାଇଁ, ପରାମର୍ଶଦାତା ବିଭୂତି ଭୂଷଣ ପାତ୍ରଙ୍କ ସମେତ ସଂଘର ଅନ୍ୟ ସଦସ୍ୟାମାନେ ଏଠାରେ ଉପସ୍ଥିତ ଥିଲେ।

# ସାମ୍‌ସଙ୍ଗର ନୂଆ ଉତ୍ପାଦ ବଜାରରେ

**ନୂଆଦିଲ୍ଲୀ,୧୦-୭**

ସାମ୍‌ସଙ୍ଗ ପକ୍ଷରୁ ନୂଆ ୱେରେବଲ ବଜାରକୁ ଆସିଛି। ଏହା ମଧ୍ୟରେ ଗାଲାକ୍ସି ୱାଚ୍ ଆକ୍ଟିଭ, ଗାଲାକ୍ସି ଫିଟ୍ ଏବଂ ଫିଟ୍ ଇ ସାମିଲ ରହିଛି। ଏଗୁଡିକ ଏକ ସମୃଦ୍ଧ ଇକୋସିଷ୍ଟମରେ ପ୍ରସ୍ତୁତ ହୋଇଛି। ଏହା ୟୁଜରଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ଅନୁଧ୍ୟାନ କରିଥାଏ। ଗାଲାକ୍ସି ୱାଚ୍ ଆକ୍ଟିଭର ଓଜନ ମାତ୍ର ୨୫ ଗ୍ରାମ। ଏହା ମିଲିଟାରୀ ଗ୍ରେଡ ଡ୍ୟୁରେବିଲିଟି ସହ ଆସୁଛି। ସେହିଭଳି ଗାଲାକ୍ସି ଫିଟ୍‌ରେ ସ୍ପୋର୍ଟସ୍ ଫୁଲ କଲ୍‌ର ଆମୋଲେଡ ଡିସ୍‌ପ୍ଲେ ରହିଛି। ଏହା ଆକ୍ଟିଭ ତଥ୍ୟକୁ ସବିଶେଷ ଭାବରେ ପ୍ରଦାନ କରିଥାଏ। ଗ୍ରାହକଙ୍କୁ ଏକ ନୂତନ ଅନୁଭୂତି ଏବଂ ସେମାନଙ୍କ ଯାତ୍ରାକୁ ମଜାଦାର କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇ ଥିବା ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସ ନିର୍ଦ୍ଦେଶକ ଆଦିତ୍ୟ ବବର କହିଛନ୍ତି।

# ପାସେଞ୍ଜର ଯାନ ବିକ୍ରି ୧୮% କମିଲା



**ନୂଆଦିଲ୍ଲୀ,୧୦-୭**

ଚଳିତ ବର୍ଷ ଜୁନମାସରେ ପାସେଞ୍ଜର ଯାନ ବିକ୍ରି ୧୭.୫୪% ହ୍ରାସ ଘଟି ୨.୨୫ ଲକ୍ଷ ୟୁନିଟ ରହିଛି। ଏହା ଗତବର୍ଷ ସମାନ ସମୟରେ ୨.୭୩ ଲକ୍ଷ ୟୁନିଟ ରହିଥିଲା। ଦେଶ ମଧ୍ୟରେ କାର ବିକ୍ରି ୨୪.୯୭% ହ୍ରାସ ଘଟି ୧.୩୯ ଲକ୍ଷ ୟୁନିଟ ରହିଛି। ଏହା ୨୦୧୮ ଜୁନରେ ୧.୮୩ ଲକ୍ଷ ୟୁନିଟ ରହିଥିଲା ବୋଲି ଭାରତୀୟ ଅଟୋମୋବାଇଲ ମାନୁଫାକ୍‌ଚରର ସଂଘ (ଏସ୍‌ଆଇଏଏମ୍) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଗତ ମାସରେ ମୋଟର ସାଇକେଲ ବିକ୍ରି ୯.୫୭% ହ୍ରାସ ଘଟି ୧୦.୮୪ ଲକ୍ଷ ୟୁନିଟ ରହିଛି। ଯାହା ପୂର୍ବବର୍ଷ ସମାନ ଅବଧିରେ ୧୧.୯୯ ଲକ୍ଷ ୟୁନିଟ ଥିଲା। ମୋଟ ୨ ଚକିଆ ଯାନ ବିକ୍ରି ଜୁନରେ ୧୧.୬୯% ହ୍ରାସ ଘଟିଛି। ସେହିଭଳି ବାଣିଜ୍ୟିକ ଯାନ ବିକ୍ରି ୧୨.୨୭% ହ୍ରାସ ହୋଇଛି। ସମସ୍ତ ବର୍ଗରେ ଯାନ ବିକ୍ରି ୧୨.୩୪% କମି ୧୯.୯୭ ଲକ୍ଷ ୟୁନିଟ ରହିଛି। ଯାହା ପୂର୍ବ ବର୍ଷରେ ୨୨.୭୯ ଲକ୍ଷ ୟୁନିଟ ଥିଲା। ଏପ୍ରିଲ–ଜୁନ ସମୟରେ ପାସେଞ୍ଜର ଯାନ ବିକ୍ରି ୧୮.୨୪% କମିଛି। ଏହି ସମୟରେ ସବୁ ବର୍ଗ ଯାନ ବିକ୍ରି ୧୨.୩୫% କମିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଫାଇନାନ୍ସ ବିକଳ୍ପ ବୃଦ୍ଧିକରୁଛି ହୋଣ୍ଡା




**ନୂଆଦିଲ୍ଲୀ,୧୦-୭**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ଗ୍ରାହକଙ୍କ ଲାଗି ଖୁଚୁରା ଫାଇନାନ୍ସ ବିକଳ୍ପକୁ ବୃଦ୍ଧି କରୁଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ଚୋଲମଣ୍ଡଳମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସ କମ୍ପାନୀ ସହ ଚୁକ୍ତିରେ ସାମିଲ ହୋଇଛି। ହୋଣ୍ଡାର ବିକ୍ରି ଓ ମାର୍କେଟିଂ ଉପସଭାପତି ୟଦ୍‌ବିନ୍ଦର ସିଂ ଗୁଲେରିଆ ଏବଂ ଚୋଲମଣ୍ଡଳମର ସଭାପତି ଓ ଭେଇକିଲ ଫାଇନାନ୍ସ ବ୍ୟବସାୟ ମୁଖ୍ୟ ରବୀନ୍ଦ୍ର କୁଣ୍ଡୁଙ୍କ ମଧ୍ୟରେ ଏହି ଚୁକ୍ତି ସମ୍ପାଦିତ ହୋଇଛି। ବୀମା ପ୍ରିମିୟମରେ ବୃଦ୍ଧି ନୂଆ ବ୍ରେକ ନିୟମ ଲାଗୁ ପରେ ଦୁଇଚକିଆ ଯାନର ମାଲିକାନା ଖର୍ଚ୍ଚ ବଢିଛି। ଅଧିକରୁ ଅଧିକ ଗ୍ରାହକ ସେମାନଙ୍କ ପସନ୍ଦର ବାଇକ କିଣିବା ଲାଗି ଫାଇନାନ୍ସ ବିକଳ୍ପକୁ ଚୟନ କରୁଥିବା ଉପସଭାପତି ଗୁଲେରିଆ କହିଛନ୍ତି।

# 'ଏଫ୍‌ପିଆଇଙ୍କୁ ଟାର୍ଗେଟ କରାଯାଇନି'

**ନୂଆଦିଲ୍ଲୀ,୧୦-୭**

ବଜେଟରେ ପ୍ରସ୍ତାବ ଦିଆଯାଇଥିବା ନୂଆ ଟିକସ ବ୍ୟବସ୍ଥାକୁ ନେଇ ଫରେନ ପୋର୍ଟଫୋଲିଓ ଇନଭେଷ୍ଟର (ଏଫ୍‌ପିଆଇ)ଙ୍କ ମଧ୍ୟରେ ବିଭିନ୍ନ ଆଶଙ୍କା ଉପୁଜିଛି। ଏହାର ପ୍ରଭାବ ଦେଶର ପୁଞ୍ଜିବଜାର ଉପରେ ମଧ୍ୟ ପରିଲକ୍ଷିତ ହୋଇଛି। ଗତ କିଛି ଦିନରେ ଶେୟାର ବଜାରର ସୂଚକାଙ୍କ ଖସି ଥିବା ବେଳେ ନିବେଶକମାନେ କ୍ଷତି ସହିଛନ୍ତି। ବିଶେଷ କରି ବିଦେଶୀ ନିବେଶକମାନେ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରି ନେଉଥିବା ଦେଖାଯାଉଛି। ବଜାରରେ ଏଭଳି ସ୍ଥିତି ଦେଖା ଦେଇଥିବା ବେଳେ ଏହାକୁ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ନୂଆ ଟିକସ ବ୍ୟବସ୍ଥାରେ ଏଫ୍‌ପିଆଇଙ୍କୁ ଟାର୍ଗେଟ କରାଯାଇ ନାହିଁ ବୋଲି ମନ୍ତ୍ରଣାଳୟ କହିଛି।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LTD.
(A Govt. of Odisha Undertaking)
OFFICE OF THE GENERAL MANAGER (ELECT), EHT (O&M) CIRCLE, JAJPUR ROAD, PHONE/FAX: (06726) 220965 (OFF), Email: ehtm.cle.jjp@optcl.co.in, CIN: U401040R2004SGC007553

No.: TECH/PO- 70/ 834 Dated: 10.07.2019

**TENDER CALL NOTICE NO.- 04/2019-20**

Sealed tenders are invited from registered manufacturers/authorized dealers/ suppliers having valid GST Registration certificate, PAN Card and Authorized Dealership Certificates (if applicable) for Supply of 80 Nos. of 200 Watt LED based Flood light in complete fitting for 400/220KV Grid S/S, New Duburi. Cost of tender paper Rs. 4,480/- (Including GST @ 12%). EMD of 1% of quoted price. Sale of tender documents from dated 12.07.2019 to dated 29.07.2019 (upto 17.30 hrs.). Last date of submission of tender dated 30.07.2019 upto 13.00 hrs. Due date of opening of tender dated 30.07.2019 at 15.00 hrs. For details visit our website www.optcl.co.in.

Corrigendum if any will be published in the OPTCL website only.

Sd./- General Manager (Elect.), EHT (O&M) Circle, Jajpur Road



**GOVERNMENT OF ODISHA** No.06-AA
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA,**
**3RD FLOOR HEADS OF DEPARTMENT BUILDING, BHUBANESWAR-751001**
**Email-secyelbo@nic.in, Phone- 0674-2394572**
**INDICATIVE ADVERTISEMENT FOR**
WORKMAN PERMIT (WIREMAN-MV, LINEMAN-MV, WORKMAN-HT)
AND
ENDORSEMENT OF CABLE JOINTING & MINING EXAMINATION-2019

No.684 Dated: 03.07.2019

Indicative advertisement inviting application for Workman Permit (Wireman-MV / Lineman-MV / Workman-HT) and Endorsement of Cable Jointing & Mining Examination-2019 as per the ELBO Regulation Odisha, 2014.

**IMPORTANT**

1. Online application will be available from 08.07.2019 till 07.08.2019 (up to 11.59 PM) in the EIC(Electricity) website: "http://eicelectricityodisha.nic.in".
2. Hard copy of application with enclosures is required to be submitted to the concerned Superintending Engineer-cum-Electrical Inspector office on or before 5:00 PM of 27.08.2019. ELBO shall not be responsible for any postal delay.
3. Candidates must ensure their eligibility before applying.
4. Candidates need to upload scanned copy of required documents during the online application process.
5. Candidates meeting the eligibility requirements shall only be shortlisted.
6. The shortlisted candidates shall be intimated by SMS and have to download the Admit Card from EIC(Electricity) website. No individual admit card will be sent to candidates by Post.
7. These candidates shall have to furnish the original documents for verification on the date of the examination.
8. In case of any discrepancy between the documents uploaded (with the online application) and the original documents submitted for verification, the applicant shall be disqualified.
9. Online applications incomplete in any shape shall be rejected.
10. Only the Regular employee working under distribution licenses shall be considered for obtaining experience certificate from the Higher Technical Authority (**not below the rank of Executive Engineer / Manager**) of Distribution Company.

**For detailed advertisement visit: - EIC(Electricity) Website: "http://eicelectricityodisha.nic.in". An examination fee of Rs.200/- for each category** is to be remitted online through Odisha Treasury Portal (e-challan) under the prescribed Head of Account: "0043-00-102-0034-01001-000".

In case of SC & ST applicants, the examination fees shall be Rs.100/- for each category subject to furnishing self-attested copy of the caste certificate issued by an officer not below the rank of **Tehsildar / Additional Tehsildar.**

**NOTE:**

This advertisement is indicative in nature and provisional. The candidates are advised to go through the detailed advertisement available in the official website of the EIC(Electricity) "http://eicelectricityodisha.nic.in". The EIC(Electricity) reserves the right to reject any application or cancel the examination without assigning any reason thereof.

Sd./-
SE-cum-Secretary, ELBO
Bhubaneswar

04004/11/0005/1920



ପତ୍ର ସଂଖ୍ୟା: ୧୦୨୪ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜମନକିରା** ତାରିଖ: ୧୦।୦୭।୧୯

ଏତଦ୍ୱାରା ଜମନକିରା ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉକ୍ତ ପଞ୍ଚାୟତ ସମିତି/ ଗ୍ରାମପଞ୍ଚାୟତ ଏବଂ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS)ରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ, ଜାତୀୟ ସାମାଜିକ ସହାୟକ ଯୋଜନା (NSAP)ର ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା କରାଯାଉଛି। ଉକ୍ତ ଗ୍ରାମସଭାରେ ସମସ୍ତ ଜନସାଧାରଣ/ ନିର୍ବାଚିତ ପ୍ରତିନିଧି/ ସ୍ୱୟଂ ସହାୟକ ଗୋଷ୍ଠୀ/ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଜବ୍‌କାର୍ଡ଼ଧାରୀ ଅଣକୁଶଳୀ ଶ୍ରମିକମାନେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁରୋଧ କରାଗଲା। ଉକ୍ତ ଗ୍ରାମସଭାକୁ ସମ୍ପୃକ୍ତ ଗ୍ରା.ପ.ର ସରପଞ୍ଚ, କନିଷ୍ଠ ଯନ୍ତ୍ରୀ/ ଜିପିଟିଏ, ଗ୍ରା.ପ. ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ମେଟ୍‌ମାନେ ଉପସ୍ଥିତ ରହିବା ପାଇଁ ସୂଚାଇ ଦିଆଗଲା। ପଞ୍ଚାୟତ ସମିତି ସାମାଜିକ ସମୀକ୍ଷାର ଜନଶୁଣାଣି ତା୧୧।୧୦।୨୦୧୯ରିଖ, ସମୟ ୧୧.୦୦ ଘଣ୍ଟା, ସ୍ଥାନ: ପଞ୍ଚାୟତ ସମିତି ପରିସରରେ ଅନୁଷ୍ଠିତ ହେବ। ଉକ୍ତ ଜନଶୁଣାଣି ସଭାରେ ସମସ୍ତ ସର୍ବସାଧାରଣଙ୍କ ଅବଗତି ଏବଂ ଯୋଗଦାନ କରିବା ପାଇଁ ଅନୁରୋଧ କରାଗଲା।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ (ଯୋଗାଯୋଗ: ସମ୍ପୃକ୍ତ ଗ୍ରାମପଞ୍ଚାୟତ)**

| କ୍ର. ନଂ. | ଗ୍ରା.ପ.ର ନାମ | NSAP ସାମାଜିକ ସମୀକ୍ଷାର ଆରମ୍ଭ ତାରିଖ | NSAP ସାମାଜିକ ସମୀକ୍ଷାର ଶେଷ ତାରିଖ | MGNREGS ସାମାଜିକ ସମୀକ୍ଷାର ଆରମ୍ଭ ତାରିଖ | MGNREGS ସାମାଜିକ ସମୀକ୍ଷାର ଶେଷ ତାରିଖ | ଗ୍ରାମପଞ୍ଚାୟତ ସ୍ତରୀୟ ସାମାଜିକ ସମୀକ୍ଷାର ଗ୍ରାମସଭାର ତାରିଖ, ସମୟ | ସମୀକ୍ଷା ସଭାରେ ଉପସ୍ଥିତ ହେବାକୁ ଥିବା ଗୋ.ଉ.ଅ. ପ୍ରତିନିଧି |
| --- | --- | --- | --- | --- | --- | --- | --- |
| ୧ | ବଡ଼ମାଲ | ୧୫।୦୭।୧୯ | ୧୮।୦୭।୧୯ | ୧୯।୦୭।୧୯ | ୨୯।୦୭।୧୯ | ୨୯।୦୭।୧୯, ୧୧.୦୦ ଘଣ୍ଟା | ଡବ୍ଲ୍ୟୁ.ଇ.ଓ. |
| ୨ | ଡିମିରିମୁଣ୍ଡା | ୧୫।୦୭।୧୯ | ୧୮।୦୭।୧୯ | ୧୯।୦୭।୧୯ | ୨୯।୦୭।୧୯ | | ଏଁ.ସି.ପି. |
| ୩ | ଟିକିବା | ୧୫।୦୭।୧୯ | ୧୮।୦୭।୧୯ | ୧୯।୦୭।୧୯ | ୨୯।୦୭।୧୯ | | ଏମ୍.ଆଇ. |
| ୪ | ସରଡ଼ା | ୧୫।୦୭।୧୯ | ୧୮।୦୭।୧୯ | ୧୯।୦୭।୧୯ | ୨୯।୦୭।୧୯ | | ଏସ୍.ଡି.ସି. |
| ୫ | ଚକୁଲିଆବାହାଲ | ୧୫।୦୭।୧୯ | ୧୮।୦୭।୧୯ | ୧୯।୦୭।୧୯ | ୨୯।୦୭।୧୯ | | ବି.ଏସ୍.ଏସ୍.ଓ. |
| ୬ | ମହଦା | ୧୫।୦୭।୧୯ | ୧୮।୦୭।୧୯ | ୧୯।୦୭।୧୯ | ୨୯।୦୭।୧୯ | | ଏ.ପି.ଓ. |
| ୭ | କୁଲୁଣ୍ଡି | ୧୫।୦୭।୧୯ | ୧୮।୦୭।୧୯ | ୧୯।୦୭।୧୯ | ୨୯।୦୭।୧୯ | | ପି.ଏ. |
| ୮ | ସିରିଡ | ୩୧।୦୭।୧୯ | ୦୩।୦୮।୧୯ | ୦୬।୦୮।୧୯ | ୧୬।୦୮।୧୯ | ୧୬।୦୮।୧୯, ୧୧.୦୦ ଘଣ୍ଟା | ବି.ପି.ଏମ୍. |
| ୯ | ଗୁଣ୍ଡୁରୁଚୁଆଁ | ୩୧।୦୭।୧୯ | ୦୩।୦୮।୧୯ | ୦୬।୦୮।୧୯ | ୧୬।୦୮।୧୯ | | ଏ.ସି.ପି. |
| ୧୦ | କସଡ଼ା | ୩୧।୦୭।୧୯ | ୦୩।୦୮।୧୯ | ୦୬।୦୮।୧୯ | ୧୬।୦୮।୧୯ | | ବି.ଏଲ.ସି.-୨ |
| ୧୧ | କେନାଡିପା | ୩୧।୦୭।୧୯ | ୦୩।୦୮।୧୯ | ୦୬।୦୮।୧୯ | ୧୬।୦୮।୧୯ | | ଏ.ପି.ଓ. |
| ୧୨ | ଧୂଡ଼ିପାଲି | ୩୧।୦୭।୧୯ | ୦୩।୦୮।୧୯ | ୦୬।୦୮।୧୯ | ୧୬।୦୮।୧୯ | | ଜେ.ଇ.-୨, RWSS |
| ୧୩ | ଜମନକିରା | ୩୧।୦୭।୧୯ | ୦୩।୦୮।୧୯ | ୦୬।୦୮।୧୯ | ୧୬।୦୮।୧୯ | | ଡବ୍ଲ୍ୟୁ.ଇ.ଓ. |
| ୧୪ | ଭୋଜପୁର | ୩୧।୦୭।୧୯ | ୦୩।୦୮।୧୯ | ୦୬।୦୮।୧୯ | ୧୬।୦୮।୧୯ | | ବି.ଏଲ.ସି.-୧ |
| ୧୫ | ଖର୍ସନମାଲ | ୧୯।୦୮।୧୯ | ୨୨।୦୮।୧୯ | ୨୬।୦୮।୧୯ | ୦୫।୦୯।୧୯ | ୦୫।୦୯।୧୯, ୧୧.୦୦ ଘଣ୍ଟା | ଜେ.ଇ.-୨, RWSS |
| ୧୬ | ମୁଣ୍ଡେନପାଲି | ୧୯।୦୮।୧୯ | ୨୨।୦୮।୧୯ | ୨୬।୦୮।୧୯ | ୦୫।୦୯।୧୯ | | ବି.ପି.ଏମ୍. |
| ୧୭ | ବଡ଼ରମା | ୧୯।୦୮।୧୯ | ୨୨।୦୮।୧୯ | ୨୬।୦୮।୧୯ | ୦୫।୦୯।୧୯ | | ଏ.ପି.ଓ. |
| ୧୮ | କଟଙ୍ଗପାଣି | ୧୯।୦୮।୧୯ | ୨୨।୦୮।୧୯ | ୨୬।୦୮।୧୯ | ୦୫।୦୯।୧୯ | | ଜେ.ଏଫ୍.ଟି.ଏ. |
| ୧୯ | ସୁବର୍ଣ୍ଣପାଲି | ୧୯।୦୮।୧୯ | ୨୨।୦୮।୧୯ | ୨୬।୦୮।୧୯ | ୦୫।୦୯।୧୯ | | ବି.ଏଲ୍.ସି.-୨ |
| ୨୦ | ଫାସିମାଲ | ୧୯।୦୮।୧୯ | ୨୨।୦୮।୧୯ | ୨୬।୦୮।୧୯ | ୦୫।୦୯।୧୯ | | ପି.ଏ. |
| ୨୧ | ଟିକିଲିପଡ଼ା | ୧୯।୦୮।୧୯ | ୨୨।୦୮।୧୯ | ୨୬।୦୮।୧୯ | ୦୫।୦୯।୧୯ | | ବି.ଏସ୍.ଏସ୍.ଓ. |

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ଜମନକିରା



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଲିଶଙ୍କରା, ଜିଲ୍ଲା- ସୁନ୍ଦରଗଡ଼**

**ବିଜ୍ଞାପନ ସଂଖ୍ୟା: ୧୧୦୪** **ତାରିଖ: ୧୦।୦୭।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆର୍ଥିକ ବର୍ଷ ୨୦୧୮-୧୯ର ୦୧।୦୪।୨୦୧୮ରୁ ୩୧।୦୩।୨୦୧୯ ମଧ୍ୟରେ ଏହି ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତପ୍ରତିଶତ ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା ଓ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟମାନଙ୍କରେ ଗ୍ରାମସଭା ମାଧ୍ୟମରେ ସମ୍ପାଦନ କରାଯିବ। ଏହି ଗ୍ରାମସଭାରେ ଉକ୍ତ ଗ୍ରା.ପ. ଶାସନ ଅନ୍ତର୍ଗତ ସମସ୍ତ ସଭ୍ୟସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନିର୍ବାଚିତ ପ୍ରତିନିଧି, ଜବ୍‌କାର୍ଡଧାରୀ ଶ୍ରମିକମାନେ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକରେ ମଷ୍ଟର ରୋଲ ଯାଞ୍ଚ କରାଯାଇ ସାମାଜିକ ସମୀକ୍ଷା କରିବେ। ଢେଙ୍ଗୁରା ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ଏହାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ସମସ୍ତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଜଣାଇ ଦିଆଗଲା। ଏହି ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ସମ୍ପୃକ୍ତ ନୋଡାଲ ଅଫିସର, ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ବୈଷୟିକ ସହାୟକ ଓ ଗ୍ରାମରୋଜଗାର ସେବକ ଗ୍ରାମ୍ୟ ସମ୍ବଳ ବ୍ୟକ୍ତିଗଣ ଉପସ୍ଥିତ ରହିବେ।

**କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷାର ଅବଧି: ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ | ସାମାଜିକ ସମୀକ୍ଷାର ଅବଧି: ଏମ୍.ଜି.ଏନ୍.-ଆର୍.ଇ.ଜି.ଏସ୍. | ପଞ୍ଚାୟତ ସ୍ତରୀୟ ଜନଶୁଣାଣି ଓ ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ ଓ ସମୟ | ବ୍ଲକ୍ ସ୍ତରୀୟ ଜନଶୁଣାଣି |
| --- | --- | --- | --- | --- | --- |
| ୧ | ଶାଗବାହାଲ, ରାମପୁର | ୧୯।୦୭।୧୯– ୨୨।୦୭।୧୯ | ୨୩।୦୭।୧୯– ୦୧।୦୮।୧୯ | ୦୨।୦୮।୨୦୧୯ ପୂ. ୧୦.୦୦ ଘଟିକା | ୨୬।୦୯।୨୦୧୯ |
| ୨ | ତିଲଡ଼େଗା, ଧୁବେନଦାଣ୍ଡ | ୨୨।୦୭।୧୯– ୨୫।୦୭।୧୯ | ୨୬।୦୭।୧୯– ୦୪।୦୮।୧୯ | ୦୫।୦୮।୨୦୧୯ ପୂ. ୧୦.୦୦ ଘଟିକା | |
| ୩ | କୁସୁମୁରା, ସଉନାମରା | ୨୫।୦୭।୧୯– ୨୮।୦୭।୧୯ | ୨୯।୦୭।୧୯– ୦୭।୦୮।୧୯ | ୦୮।୦୮।୨୦୧୯ ପୂ. ୧୦.୦୦ ଘଟିକା | |
| ୪ | ବନ୍ଧବାହାଲ, ବେହେରାହଡ଼ିହି | ୦୫।୦୮।୧୯– ୦୮।୦୮।୧୯ | ୦୯।୦୮।୧୯– ୧୮।୦୮।୧୯ | ୧୯।୦୮।୨୦୧୯ ପୂ. ୧୦.୦୦ ଘଟିକା | |
| ୫ | କିଞ୍ଜିରକେଲା, କୁରେଇ | ୦୮।୦୮।୧୯– ୧୧।୦୮।୧୯ | ୧୨।୦୮।୧୯– ୨୧।୦୮।୧୯ | ୨୨।୦୮।୨୦୧୯ ପୂ. ୧୦.୦୦ ଘଟିକା | |
| ୬ | ତୁମୁଲିଆ, ବିରକାଲଡ଼ିହି | ୧୨।୦୮।୧୯– ୧୫।୦୮।୧୯ | ୧୬।୦୮।୧୯– ୨୫।୦୮।୧୯ | ୨୬।୦୮।୨୦୧୯ ପୂ. ୧୦.୦୦ ଘଟିକା | |
| ୭ | ବନଡ଼େଗା, ତିଲେଇକାନି | ୨୨।୦୮।୧୯– ୨୫।୦୮।୧୯ | ୨୬।୦୮।୧୯– ୦୪।୦୯।୧୯ | ୦୫।୦୯।୨୦୧୯ ପୂ. ୧୦.୦୦ ଘଟିକା | |
| ୮ | ଦେଉଭୁବନପୁର, ତଳସରା | ୨୪।୦୮।୧୯– ୨୭।୦୮।୧୯ | ୨୮।୦୮।୧୯– ୦୬।୦୯।୧୯ | ୦୭।୦୯।୨୦୧୯ ପୂ. ୧୦.୦୦ ଘଟିକା | |
| ୯ | ବି. କରୁଆବାହାଲ | ୨୯।୦୮।୧୯– ୦୧।୦୯।୧୯ | ୦୨।୦୯।୧୯– ୧୧।୦୯।୧୯ | ୧୨।୦୯।୨୦୧୯ ପୂ. ୧୦.୦୦ ଘଟିକା | |
| ୧୦ | ଲୁଲକିଡ଼ିହି | ୧୩।୦୯।୧୯– ୧୬।୦୯।୧୯ | ୧୭।୦୯।୧୯– ୨୬।୦୯।୧୯ | ୨୭।୦୯।୨୦୧୯ ପୂ. ୧୦.୦୦ ଘଟିକା | |
| ୧୧ | ବାଲିଶଙ୍କରା | ୨୯।୦୮।୧୯– ୦୧।୦୯।୧୯ | ୦୨।୦୯।୧୯– ୦୮।୦୯।୧୯ | ୧୦।୦୯।୨୦୧୯ ପୂ. ୧୦.୦୦ ଘଟିକା | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲିଶଙ୍କରା




# ଭାରତର ଆଶା ଧୂଳିସାତ୍

## ଫାଇନାଲରେ ନ୍ୟୁଜିଲାଣ୍ଡ

**ମାଞ୍ଚେଷ୍ଟର,୧୦।୭(ପି.ଟି.)**

ଶେଷରେ ଭାରତ ଆଶା ଧୂଳିସାତ୍ ହୋଇଛି। କୋଟି କୋଟି ଭାରତୀୟ କ୍ରିକେଟ ପ୍ରଶଂସକ ନିରାଶ ହୋଇଛନ୍ତି। ସେମିଫାଇନାଲରେ ପରାସ୍ତ ହୋଇ ଭାରତ ଚଳିତ ଆଇସିସି ବିଶ୍ୱକପରୁ ବାଦ୍ ପଡିବା ପରେ ସାରା ଦେଶରେ ନୈରାଶ୍ୟ ଖେଳିଯାଇଛି। କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭାରତକୁ ୧୮ ରନରେ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଦମ୍‌ଦାର ବୋଲିଂ ପ୍ରଦର୍ଶନ କରି ବିଶ୍ୱକପ୍‌ର ଗତ ସଂସ୍କରଣ ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ଏଥର ମଧ୍ୟ ଫାଇନାଲ ଟିକେଟ ହାସଲ କରିଛି। ରବିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସେମିଫାଇନାଲର ବିଜେତା ଇଂଲଣ୍ଡ କିମ୍ବା ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ଗତ ସଂସ୍କରଣରେ ମଧ୍ୟ ଭାରତ ସେମିଫାଇନାଲରେ ପରାସ୍ତ ହୋଇଥିଲା। ସେମିରେ ଭାରତ ସିଡନୀରେ ଆୟୋଜକ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା। ଏଥର ଏହାର ମାତ୍ର ପୁନରାବୃତ୍ତି ଘଟିଛି। ଫାଇନାଲରେ ପ୍ରବେଶ କରିବା ପରେ ନ୍ୟୁଜିଲାଣ୍ଡକୁ ସବୁ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତୀୟ ଟପ୍ ଅର୍ଡରର ବିପର୍ଯ୍ୟୟ ପରାଜୟର ମୁଖ୍ୟ କାରଣ ସାବ୍ୟସ୍ତ ହୋଇଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ସାହସିକ ବ୍ୟାଟିଂ କରିଥିଲେ ମଧ୍ୟ ଭାରତକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ସାରା ଟୁର୍ନାମେଣ୍ଟରେ ଭାରତୀୟ ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିଥିଲା। ତେବେ ଗୋଟିଏ ମାତ୍ର ବିଫଳତା ଶେଷରେ ଦଳ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି।

ମଙ୍ଗଳବାର ପ୍ରଥମ ସେମିଫାଇନାଲ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୬.୧ ଓଭରରେ ୫ ଉଇକେଟ ହରାଇ ୨୧୧ ରନ ସଂଗ୍ରହ କରିଥିଲା। ଏହାପରେ



ଆଉଟ୍ ହେବା ପରେ ବିରାଟ କୋହଲିଙ୍କ ପ୍ରତିକ୍ରିୟା।

ବର୍ଷା ହେବା କାରଣରୁ ଖେଳ ସ୍ଥଗିତ ହୋଇଥିଲା ଓ ରିଜର୍ଭ ଡେ' ଅର୍ଥାତ ବୁଧବାର ମ୍ୟାଚ୍‌ର ଅବଶିଷ୍ଟାଂଶ ଖେଳାଯାଇଥିଲା। ନ୍ୟୁଜିଲାଣ୍ଡ ଏହି ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ବାକିଥିବା ୨୩ଟି ବଲରେ ଅଧିକ ୩ ଉଇକେଟ ହରାଇ ୨୮ ରନ ସଂଗ୍ରହ କରିଥିଲା। ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୩୯ ରନ ସଂଗ୍ରହ କରିଥିଲା। ଅପରାଜିତ ଥିବା ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ୍ ଟେଲର ୬୭ରୁ ଖେଳ ଆରମ୍ଭ କରି ୭୪ ରନ କରି ଜାଡେଜାଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ସେହିପରି ଉଇକେଟ କିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ୩ରୁ ଖେଳ ଆରମ୍ଭ କରି ୧୦ ରନ କରିଥିବାବେଳେ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ମିଡ୍ ଉଇକେଟରେ ଜାଡେଜାଙ୍କୁ କ୍ୟାଚ୍ ଦେଇଥିଲେ। ମ୍ୟାଟ ହେନରି ୧ ରନ କରି ଭୁବନେଶ୍ୱରଙ୍କ ବଲ୍‌ରେ ଲେଗ୍ ସାଇଡ୍‌ରେ କୋହଲିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମିଚେଲ ସାଣ୍ଟନର ୬ ବଲରୁ ୧ ଚୌକା ସହ ୯, ଟ୍ରେଣ୍ଟ ବୋଲ୍ଟ ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଭୁବନେଶ୍ୱର ସର୍ବାଧିକ ୩, ଯଶପ୍ରୀତ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ଜାଡେଜା ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

୨୪୦ରନର ଆଭରେଜ ଟାର୍ଗେଟ ପିଛା କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ଭାରତ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିଲା ଓ ଏହା ଭାରତକୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ଦେଇ ନ ଥିଲା। ଯଦିଓ ଜାଡେଜା ଓ ଧୋନୀ କିଛି ସମୟ ବିଜୟର ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ଏହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଟପ୍ ଅର୍ଡର ୩




ବ୍ୟାଟ୍ସମ୍ୟାନ ରୋହିତ ଶର୍ମା, ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ପ୍ରତ୍ୟେକ ୧ ରନ ଲେଖାଏ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମରେ ନୀରବତା ଛାଇ ଯାଇଥିଲା। ଓଭରକାଷ୍ଟ କଣ୍ଡିଶନ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କ ସୁଇଙ୍ଗ୍‌ର ସମ୍ମୁଖୀନ ହୋଇ ପାରି ନ ଥିଲେ। ୫ଟି ଶତକ ହାସଲ କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିବା ରୋହିତ ମ୍ୟାଟ୍ ହେନରିଙ୍କ ଏକ ଗୁଡ ଲେନ୍ଥ ବଲରେ ଚକ୍‌ମା ଖାଇଥିଲେ। ବଲ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଉଇକେଟକିପର ଲଥାମ କ୍ୟାଚ୍ ଧରିବାରେ କୌଣସି ତ୍ରୁଟି କରି ନ ଥିଲେ। ଏହାପରେ କୋହଲି ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌କୁ ଲଙ୍ଗ ଅନ୍‌ରେ ଖେଳିବାକୁ ଯାଇ ବିଟ୍ ହୋଇଥିଲେ। ବଲ୍ ଲେଗ୍ ଷ୍ଟମ୍ପ୍ ବାହାରେ ପଡି ମିଡଲ ଷ୍ଟମ୍ପ ଆଡକୁ ଯାଇଥିଲା ଓ କୋହଲିଙ୍କ ପ୍ୟାଡ୍‌ରେ ବାଜିଥିଲା। ଅମ୍ପାୟର ଏଲ୍‌ବିଡବ୍ଲ୍ୟୁ ଘୋଷିତ କରିଥିଲେ। କୋହଲି ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଲାଭ ହୋଇ ନ ଥିଲା ଓ ତାଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ଏହାପରେ ରାହୁଲ ମଧ୍ୟ ରୋହିତଙ୍କ ତ୍ରୁଟି ଦୋହାରାଇ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ଖେଳିବାକୁ ଯାଇଥିଲେ ଓ ବଲ୍ ବ୍ୟାଟ୍‌ର ଏଜ୍ ନେଇ ଲଥାମଙ୍କ ହାତରେ ଧରାପଡିଥିଲା। ଭାରତ ମାତ୍ର ୫ ରନରେ ମୂଲ୍ୟବାନ ୩ ଉଇକେଟ ହରାଇଥିଲା। ଏହାପରେ ବିଶ୍ୱକପ୍‌ରେ ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ହାସଲ କରିଥିବା ଅଭିଜ୍ଞ ଦୀନେଶ କାର୍ତ୍ତିକ କିଛି ସମୟ ପାଇଁ କ୍ରିଜ୍‌ରେ ତିଷ୍ଠି ରହିବାକୁ ପ୍ରୟାସ କରିଥିଲେ। ତେବେ ସେ ୨୫ଟି ବଲ୍ ଖେଳି ଗୋଟିଏ ଚୌକା ସହ ମାତ୍ର ୬ ରନକରିଥିବା ବେଳେ ବ୍ୟାକ୍ ୱାର୍ଡ ପଏଣ୍ଟକୁ ଶଟ୍ ଖେଳିବାକୁ ଯାଇ ଜେମ୍ସ ନିଶାମଙ୍କ ହାତରେ ଧରା ପଡିଥିଲେ। ଫଳରେ ଭାରତ ୨୪ ରନରେ ୪ ଉଇକେଟ ହରାଇଥିଲା। ଏହାପରେ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ବେଶ୍ ସଂଘର୍ଷ କରି ପଞ୍ଚମ ଉଇକେଟ ଯୋଡିରେ ୭୭ ବଲରୁ ୪୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ୫୬ଟି ବଲ୍ ଖେଳି ୪ ଚୌକା ସହ ୩୨ ରନ କରିଥିବା ବେଳେ ପନ୍ତ ଧୈର୍ଯ୍ୟହରା ହୋଇ ସ୍ପିନର ମିଚେଲ ସାଣ୍ଟନରଙ୍କ ବଲ୍‌ରେ ଛକା ମାରିବାକୁ ପ୍ରୟାସ କରିଥିଲେ। କିନ୍ତୁ ମିଡ୍ ଉଇକେଟ ବାଉଣ୍ଡାରିରେ କଲିନ୍ ଡି ଗ୍ରାଣ୍ଡହୋମ ତାଙ୍କ କ୍ୟାଚ୍ ନେଇଥିଲେ। ଫଳରେ ନିଜକୁ ପ୍ରମାଣିତ କରିବାର ଏକ ବଡ଼ ସୁଯୋଗ ପାଇଥିଲେ ମଧ୍ୟ ପନ୍ତ ତାକୁ ହାତଛଡ଼ା କରିଥିଲେ। ଏହା ପରେ ପାଣ୍ଡ୍ୟା ମଧ୍ୟ ୬୨ଟି ବଲ୍ ଖେଳି ୨ ଚୌକା ସହ ୩୨ ରନ କରିଥିବା ବେଳେ ଅନୁରୂପ ଭାବେ ଲମ୍ବା ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ସାଣ୍ଟନରଙ୍କ ବଲ୍‌କୁ ସେ ଜୋରଦାର ହିଟ୍ କରିଥିଲେ। ବଲ ବେଶ୍ ଉଚ୍ଚକୁ ଯାଇଥିଲା। ତେବେ ମିଡ ଉଇକେଟରେ ୱିଲିୟମସନ କ୍ୟାଚ ନେଇ ତାଙ୍କୁ ଆଉଟ କରିଥିଲେ।

ଏହାପରେ ସପ୍ତମ ଉଇକେଟରେ ଧୋନୀ ଓ ଜାଡେଜାଙ୍କ କ୍ୱାଲିଟି କ୍ରିକେଟ ଦେଖିବାକୁ ମିଳିଥିଲା। ୧୦୪ଟି ବଲର ସମ୍ମୁଖୀନ ହୋଇ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୧୬ ରନ କରି ଭାରତ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ସାହସିକ ବ୍ୟାଟିଂ ପ୍ରଦର୍ଶନ କରି ଜାଡେଜା ୫୯ଟି ବଲର ସମ୍ମୁଖୀନ ହୋଇ ୪ଟି ଲେଖାଏ ଚୌକା ଓ ଛକା ସହ ୭୭ ରନକରି ଜମିଆସୁଥିବା ବେଳେ ରନ ହାରରେ ଉନ୍ନତି ପାଇଁ ଲମ୍ବା ଶଟ୍ ଖେଳିଥିଲେ। ବୋଲ୍ଟଙ୍କ ବଲ୍‌ରେ ୱିଲିୟମସନ ତାଙ୍କ କ୍ୟାଚ୍ ନେଇଥିଲେ। ଫଳରେ ଭାରତର ବିଜୟ ଆଶା ମଉଳି ଯାଇଥିଲା। ଏଥି ସହିତ ଜାଡେଜା ୮ ନମ୍ବରରେ ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ୧୯୯୯ ବିଶ୍ୱକପ୍‌ରେ ଜିମ୍ବାୱେ ବିପକ୍ଷରେ ନୟନ ମୋଙ୍ଗିଆ ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲେ। ଏହାପରେ ଧୋନୀଙ୍କ ପାଳି ପଡିଥିଲା। ୭୨ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏ ଚୌକା ଓ ଛକା ସହ ଧୋନୀ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତେବେ ସେ ଦୁଇରନ୍ ନେବାକୁ ଯାଇ ମାର୍ଟିନ ଗୁପ୍ଟିଲଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ ଓ ଏହା ପରେ ଭାରତର ବିଜୟ ଆଶା ଏକ ପ୍ରକାର ଧୂଳିସାତ୍ ହୋଇଥିଲା। ଭୁବନେଶ୍ୱର ଲୋକି ଫର୍ଗୁସନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ଚହଲ ୫ ରନ କରି ନିଶାମଙ୍କ ବଲ୍‌ରେ ଲାଥମ କ୍ୟାଚ୍ ଦେଇଥିଲେ ଓ ଏଥିସହ ଭାରତୀୟ ଇନିଂସର ପରିସମାପ୍ତି ଘଟିଥିଲା। ବୁମ୍‌ରା ବିନାସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ହେନରି ୩, ବୋଲ୍ଟ ଓ ସାଣ୍ଟନର ୨ଟି ଲେଖାଏ, ଫର୍ଗୁସନ ଓ ନିଶାମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


## ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**

ଗୁପ୍ଟିଲ-କ-କୋହଲି-ବୋ-ବୁମ୍‌ରା-୧
ନିକୋଲାସ-ବୋ-ଜାଡେଜା-୨୮
ୱିଲିୟମସନ-କ-ଜାଡେଜା-ବୋ-ଚହଲ-୬୭
ଟେଲର- ରନଆଉଟ-୭୪
ନିଶାମ-କ-କାର୍ତ୍ତିକ-ବୋ-ପାଣ୍ଡ୍ୟା-୧୨
ଗ୍ରାଣ୍ଡହୋମ୍-କ-ଧୋନୀ-ବୋ-ଭୁବନେଶ୍ୱର-୧୬
ଲାଥାମ-କ-ଜାଡେଜା-ବୋ-ଭୁବନେଶ୍ୱର-୧୦
ସାଣ୍ଟନର-ନଟଆଉଟ-୯
ହେନରି-କ-କୋହଲି-ବୋ-ଭୁବନେଶ୍ୱର-୧
ବୋଲ୍ଟ-ନଟଆଉଟ-୩
ଅତିରିକ୍ତ-୧୮
ମୋଟ(୮ ଉଇକେଟ, ୫୦ ଓଭର) ୨୩୯।
ଉଇକେଟ ପତନ: ୧/୧, ୨/୬୯, ୩/୧୩୪, ୪/୧୬୨, ୫/୨୦୦, ୬/୨୨୫, ୭/୨୨୫, ୮/୨୩୨।
ବୋଲିଂ(ଭାରତ)
ଭୁବନେଶ୍ୱର ୧୦-୧-୪୩-୩
ବୁମ୍‌ରା ୧୦-୧-୩୯-୧
ପାଣ୍ଡ୍ୟା ୧୦-୦-୫୫-୧
ଜାଡେଜା ୧୦-୦-୩୪-୧
ଚହଲ ୧୦-୦-୬୩-୧।

**ଭାରତ ଇନିଂସ**

ଲୋକେଶ-କ-ଲାଥାମ-ବୋ-ହେନରି-୧
ରୋହିତ-କ-ଲାଥାମ-ବୋ-ହେନରି-୧
କୋହଲି-ଏଲବିଡବଲ୍ୟୁ-ବୋଲ୍ଟ-୧
ରିଷଭ-କ-ଗ୍ରାଣ୍ଡହୋମ-ବୋ-ସାଣ୍ଟନର-୩୨
କାର୍ତ୍ତିକ-କ-ନିଶାମ-ବୋ-ହେନରି-୬
ପାଣ୍ଡ୍ୟା-କ-ୱିଲିୟମସନ-ବୋ-ସାଣ୍ଟନର-୩୨
ଧୋନୀ-ରନଆଉଟ-୫୦
ଜାଡେଜା-କ-ୱିଲିୟମସନ-ବୋ-ବୋଲ୍ଟ-୭୭
ଭୁବନେଶ୍ୱର-ବୋ-ଫର୍ଗୁସନ-୦
ଚହଲ-କ-ଲାଥାମ-ବୋ-ନିଶାମ-୫
ବୁମ୍‌ରା-ନଟଆଉଟ-୦
ଅତିରିକ୍ତ-୧୬
ମୋଟ(ଅଲଆଉଟ, ୪୯.୩ ଓଭର) ୨୨୧।
ଉଇକେଟ ପତନ: ୧/୪, ୨/୫, ୩/୫, ୪/୨୪, ୫/୭୧, ୬/୯୨, ୭/୨୦୮, ୮/୨୧୬, ୯/୨୧୭।
ବୋଲିଂ(ନ୍ୟୁଜିଲାଣ୍ଡ)
ବୋଲ୍ଟ ୧୦-୨-୪୨-୨
ହେନରି ୧୦-୧-୩୭-୩
ଫର୍ଗୁସନ ୧୦-୦-୪୩-୧
ଗ୍ରାଣ୍ଡହୋମ ୨-୦-୧୩-୦
ନିଶାମ ୭.୩-୦-୪୯-୧
ସାଣ୍ଟନର ୧୦-୨-୩୪-୨



**ନିରାଶା:** ରୋହିତ ଶର୍ମା, ରିଷଭ ପନ୍ତ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା



ଉଲ୍ଲସିତ ନ୍ୟୁଜିଲାଣ୍ଡ ଦଳ।

## ପ୍ରତିକ୍ରିୟା

### ୱାର୍ମଅପ ମ୍ୟାଚ୍‌ରୁ କିଛି ଶିଖି ପାରିଲେନି



ବିଶ୍ୱକପର ୱାର୍ମଅପ ମ୍ୟାଚ୍‌ରେ ସମାନ ଢ଼ଙ୍ଗରେ ଭାରତ ନ୍ୟୁଜିଲାଣ୍ଡଠାରୁ ହାରିଥିଲା। ସେହି ମ୍ୟାଚରେ ଭାରତ ପ୍ରଥମେ ବ୍ୟାଟିଂ କରିଥିଲେ ମଧ୍ୟ ଓପନିଂ ଅର୍ଡର ଫେଲ ମାରିଥିବା ବେଳେ ମିଡ଼ଲ ଓ ଲୋୟର ମିଡ଼ଲ ଅର୍ଡରରେ ଦଳ ରନ ସଂଗ୍ରହ କରିଥିଲା। ଭାରତୀୟ ଓପନରଙ୍କୁ ପ୍ୟାଭିଲିୟନ ଫେରାଇବା ଯୋଜନାରେ ନ୍ୟୁଜିଲାଣ୍ଡର ପେସ ବୋଲର ପୁନର୍ବାର ସଫଳ ହୋଇଛନ୍ତି। ଅତିକମରେ ୱାର୍ମଅପ ମ୍ୟାଚ୍‌ରେ ଯେଉଁ ତ୍ରୁଟି କରିଥିଲେ ସେଥିରୁ କିଛି ଶିଖିବାର ଥିଲା। ସେମାନଙ୍କ ଯୋଜନାକୁ ସଫଳ କରିବାକୁ ଦିଆଯାଇ ନ ଥାନ୍ତା।

**– ଦୀପକ ମଙ୍ଗରାଜ, ଅଧ୍ୟକ୍ଷ, ଜୁନିୟର ଚୟନ କମିଟି**

### ଧୋନୀଙ୍କ ରନଆଉଟ ଟର୍ନିଂ ପଏଣ୍ଟ

ଭାରତ ଖରାପ ଖେଳିଛି ବୋଲି କହିବା ଭୁଲ। କ୍ରିକେଟରେ ପ୍ରତି ବଲ ଓ ପ୍ରତି ମ୍ୟାଚ୍ ନୂଆ। ଏଣୁ ଲିଗରେ ଦଳ କ'ଣ ଖେଳିଥିଲା ଏହା ଗୁରୁତ୍ୱ ନ ଥିଲା। ଏହି ମ୍ୟାଚ୍‌ରେ ଓପନିଂ ଭାଗୀଦାରି ଫେଲ ମାରିଥିଲେ ମଧ୍ୟ ଦଳ ବିଜୟ ଆଡକୁ ମୁହାଁଇଥିଲା। ମହେନ୍ଦ୍ର ସିଂ ଧୋନୀ ଓ ରବୀନ୍ଦ୍ର ଜାଡେଜାଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ। ହେଲେ ଧୋନୀଙ୍କ ରନଆଉଟ ନ୍ୟୁଜିଲାଣ୍ଡ ପାଇଁ ବିଜୟ



ଆଶୀର୍ବାଦ ପାଲଟି ଗଲା। ଅନ୍ୟପକ୍ଷରେ ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ନିଜ ଦାୟିତ୍ୱ ଠିକ ଭାବେ ତୁଲାଇ ନାହାନ୍ତି ବୋଲି ମୋର ମତ। ଯେଉଁ ସମୟରେ ଦଳ ସେମାନଙ୍କ ଉପସ୍ଥିତିରୁ କିଛି ଆଶା କରୁଥିଲା ସେ ସମୟରେ ଉଭୟ ଖରାପ ଶଟ ଖେଳି ଆଉଟ ହୋଇଥିଲେ।

**– ସୌରଜିତ ମହାପାତ୍ର, କୋଚ୍**

### ଆଉଟଫିଲ୍ଡର ଫାଇଦା ପାଇଲା ନ୍ୟୁଜିଲାଣ୍ଡ



ଭଲ ବୋଲିଂ କରି ନ୍ୟୁଜିଲାଣ୍ଡ ଏହି ମ୍ୟାଚ ଜିତିଥିଲେ ମଧ୍ୟ ଓଦା ଆଉଟଫିଲ୍ଡର ଭରପୂର ଫାଇଦା ପାଇଛି ନ୍ୟୁଜିଲାଣ୍ଡ। ସେମାନେ ଚମତ୍କାର ଫିଲ୍ଡିଂ କରି ରନ ବଞ୍ଚାଇଥିଲେ। ହେଲେ ଆଉଟଫିଲ୍ଡ ଧିମା ଥିବା ଯୋଗୁ ସେମାନଙ୍କ ପାଇଁ ଏହା ଆହୁରି ସହଜ ହୋଇ ଯାଇଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଖରାପ ବ୍ୟାଟିଂ ପ୍ରଦର୍ଶନ ଯୋଗୁ ଭାରତ ହାରିଛି।

**– ବିଷ୍ଣୁଦେବ ମହାନ୍ତି, ଅଧ୍ୟକ୍ଷ, ରାଜ୍ୟ ସିନିୟର ଦଳ ଚୟନ କମିଟି**

### ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ

୧୯୭୫- ସେମିଫାଇନାଲ
୧୯୭୯- ସେମିଫାଇନାଲ
୧୯୮୩- ଗ୍ରୁପ୍ ପର୍ଯ୍ୟାୟ
୧୯୮୭- ଗ୍ରୁପ୍ ପର୍ଯ୍ୟାୟ
୧୯୯୨- ସେମିଫାଇନାଲ
୧୯୯୬- କ୍ୱାର୍ଟର ଫାଇନାଲ
୧୯୯୯- ସେମିଫାଇନାଲ
୨୦୦୩- ସୁପର୍ ସିକ୍ସ
୨୦୦୭- ସେମିଫାଇନାଲ
୨୦୧୧- ସେମିଫାଇନାଲ
୨୦୧୫- ଫାଇନାଲ (ରନର୍ସଅପ୍)
୨୦୧୯- ଫାଇନାଲ

### ସେମିଫାଇନାଲରେ ପରାଜୟ

**କେଉଁଦଳ କେତେଥର**

୬: ନ୍ୟୁଜିଲାଣ୍ଡ
୪: ଭାରତ, ପାକିସ୍ତାନ
୩: ଦକ୍ଷିଣ ଆଫ୍ରିକା
୨: ଇଂଲଣ୍ଡ
୧: ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, କେନିୟା

# ଭାରତ ପରାଜୟରେ ମୋଦି ନିରାଶ

**ନୂଆଦିଲ୍ଲୀ, ୧୦।୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ହାଇଭୋଲଟେଜ ସେମିଫାଇନାଲ ମ୍ୟାଚ୍‌ରେ ବୁଧବାର ଭାରତୀୟ ଦଳ ୧୮ ରନରେ ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛି। ଭାରତୀୟ ଦଳର ପରାଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିରାଶବ୍ୟକ୍ତ କରିଛନ୍ତି। କିନ୍ତୁ ବିରାଟ ବାହିନୀର ଦଳର ଲଢୁଆ ମନୋବୃତିରେ ପ୍ରଭାବିତ ହୋଇଥିବା ମୋଦି ତାଙ୍କ ଟୁଇଟର ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। 'ନିରାଶଜନକ ଫଳାଫଳ। କିନ୍ତୁ ମ୍ୟାଚ୍‌ର ଶେଷ ପର୍ଯ୍ୟନ୍ତ ଭାରତୀୟ ଦଳର ଲଢୁଆ ମନୋବୃତି ଦେଖିବାକୁ ଭଲ ଲାଗିଥିଲା। ଟୁର୍ନାମେଣ୍ଟ ସାରା ଭାରତ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ବହୁତ ଭଲ ପ୍ରଦର୍ଶନ କରିଥିଲା, ଯାହା ଆମକୁ ଗର୍ବିତ କରିଛି। ଜୟ ଓ ପରାଜୟ ଜୀବନର ଏକ ଅଂଶ। ଭବିଷ୍ୟତ ଲାଗି ଶୁଭକାମନା' ବୋଲି ମୋଦି ଭାରତ ଓ ନ୍ୟୁଜିଲଣ୍ଡ ସେମିଫାଇନାଲ ମ୍ୟାଚ୍ ପରେ ତାଙ୍କ ଟୁଇଟର୍ ପୃଷ୍ଠାରେ ଲେଖିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୪୦ ରନର ଲକ୍ଷ୍ୟକୁ ପିଛା କରି ଭାରତ ୪୯.୩ ଓଭରରେ ୨୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲ। ପୂର୍ବରୁ ଭାରତ ଲିଗ୍ ପର୍ଯ୍ୟାୟରେ ୯ ମ୍ୟାଚ୍‌ରୁ ୭ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ବିନା ଫଳାଫଳ ସହ ୧୫ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଥିଲା।

# ଅବସର ନେବେ ନାହିଁ ହାଫିଜ୍

**କରାଚୀ, ୧୦।୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରି ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲେ ମଧ୍ୟ ପାକିସ୍ତାନ ଭେଟେରାନ ଅଲ୍‌ରାଉଣ୍ଡର ମହମ୍ମଦ ହାଫିଜ ବର୍ତ୍ତମାନ ସୀମିତ ଓଭର କ୍ରିକେଟ୍‌ରୁ ଅବସର ନେବାର କୌଣସି ପ୍ଲାନ ନାହିଁ ବୋଲି ଜଣାପଡ଼ିଛି। ନିକଟରେ ପ୍ରାକ୍ତନ ଅଧିନାୟକ ତଥା ମୁଖ୍ୟ କୋଚ୍ ୱାକର ୟୁନିସ ହାଫିଜଙ୍କୁ ଅବସର ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ହାଫିଜଙ୍କ ନିକଟତମ ସୂତ୍ରରୁ ଜଣାପଡ଼ିଛି, ୱାକର ଅବସର ପରାମର୍ଶ ଦେଇଥିଲେ ମଧ୍ୟ ସେ ଆଉ କିଛି ବର୍ଷ ଖେଳ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଅକ୍ଟୋବରରେ ୩୯ ବର୍ଷରେ ପାଦ ରଖିବାକୁ ଯାଉଥିବା ହାଫିଜ ମଧ୍ୟ ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟକୁ ଅବସର ନେବାର କୌଣସି ଯୋଜନା ନ ଥିବା ଜଣାଇବା ସହ ସେ ଦିନିକିଆ ଓ ଟି୨୦ ଖେଳିବା ପାଇଁ ଫିଟ୍ ରହିଥିବା ଜଣାଇ ଦେଇଛନ୍ତି। ଏହି ସ୍ପିନ ବୋଲିଂ ଅଲ୍‌ରାଉଣ୍ଡର ୨୧୮ ଦିନିକିଆ ଓ ୮୯ ଟି୨୦ ମ୍ୟାଚ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି।

“ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିବାର ଅଭିଜ୍ଞତା ରଖିଥିବା ଯୋଗୁ ବର୍ତ୍ତମାନର ଇଂଲଣ୍ଡ କ୍ରିକେଟର୍‌ମାନେ ଚାପକୁ ମୁକାବିଲା କରିବାରେ ସଫଳ ହେଉଛନ୍ତି ।

–ଲିଆମ ପ୍ଲଙ୍କେଟ୍, ଇଂଲଣ୍ଡ ଦ୍ରୁତ ବୋଲର



“ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ମ୍ୟାଚ୍‌ର ପିଚ୍ ଭଲ ଜଣାପଡୁନାହିଁ। ପିଚ୍ ବହୁତ ସ୍ଲୋ ରହିଛି ଏବଂ ସ୍ପିନରଙ୍କୁ ଟର୍ନ ପାଇଁ ସହାୟତା କରୁଛି ।

–ମାର୍କ ୱ, ପ୍ରାକ୍ତନ ଅଷ୍ଟ୍ରେଲୀୟ କ୍ରିକେଟର୍



# ଚାପ ସ୍ଥିତିରେ ସର୍ବଦା ଭଲ ପ୍ରଦର୍ଶନ କରି ଆସିଛି: ଦୂତୀ

**ଭୁବନେଶ୍ୱର, ୧୦।୭(କ୍ରୀଡ଼ା ପ୍ରତିନିଧି)**

“ଇଟାଲି ପ୍ରତିଯୋଗିତାରେ ୧୦୦ ମିଟର ପ୍ରତିଦ୍ୱନ୍ଦ୍ୱିତା ବହୁତ ଟପ୍ ଥିଲା। ଟାଇମିଂ ଅନୁସାରେ ମୁଁ ୫ ନମ୍ବରରେ ଥିଲି। ୩ ପ୍ରତିଯୋଗୀ ୧୧ ସେକେଣ୍ଡ, ୧୧.୦୩ ଓ ୧୧.୧୫ ଥିଲେ। ତେଣୁ ପଦକ ଜିତିବା ଆଶା ନ ଥିଲା। ତେବେ ଭଲ ଟାଇମିଂ ଦେବି ବୋଲି ଆଶା ରଖିଥିଲି। ସେହି ଅନୁସାରେ ମୁଁ ହିଟ୍ସରୁ ସେମିଫାଇନାଲରେ ଭଲ ଏବଂ ସେମିଫାଇନାଲରୁ ଫାଇନାଲରେ ଭଲ ଟାଇମିଂ ଦେଇ ସଫଳ ହେଲି। ଖେଳ ଜୀବନର ୧୫ ବର୍ଷର କ୍ୟାରିୟରରେ ପ୍ରଥମଥର ପାଇଁ ଏପରି ଏକ ସଫଳତା ପାଇ ମୁଁ ବହୁତ ଖୁସି। ସ୍ୱର୍ଣ୍ଣ ପଦକ ପାଇଲି ଏବଂ ବିଶ୍ୱର ନମ୍ବରୱାନ ହୋଇ ପାରିଲି। ଏହା ମୋ ପାଇଁ ବହୁତ ବଡ଼ ସଫଳତା” ବୋଲି ନାପୋଲିଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର ଦୂତୀ ଚାନ୍ଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସ୍ପ୍ରିଣ୍ଟ କୁଇନ୍ ଦୂତୀ ୧୦୦ ମିଟର ହିଟ୍ସରେ ୧୧.୪୮, ସେମିଫାଇନାଲରେ ୧୧.୪୧ ଓ ଫାଇନାଲରେ ୧୧.୩୨ ସେକେଣ୍ଡ ସମୟ ନେଇଥିଲେ। କିଛିଦିନ ତଳେ ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଥିଲେ ଏହି ଓଡ଼ିଆ ସ୍ପ୍ରିଣ୍ଟର। ମାତ୍ର ଏହା ତାଙ୍କ ପଦର୍ଶନକୁ ପ୍ରଭାବିତ କରିପାରି ନାହିଁ ବୋଲି ସେ କହିଛନ୍ତି। “ମୋ ଜୀବନରେ ଏପରି କିଛି ନା କିଛି ଘଟଣା ଘଟି ଚାଲିଛି। ତେବେ ଚାପ ପରିସ୍ଥିତିରେ ମୁଁ ସବିବେଳେ ଭଲ ପ୍ରଦର୍ଶନ ଦେଇ ଆସିଛି। କାରଣ ୨୦୧୪ରେ ହାଇପରଆଣ୍ଡ୍ରୋଜେନିଜମ୍‌କୁ ନେଇ ବଡ଼ ବିପଦର ସମ୍ମୁଖୀନ ହୋଇଥିଲି ପରେ ୨୦୧୬ରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କଲି। ୨୦୧୭ରେ ଅନ୍ୟ ଏକ ସମସ୍ୟା ଆସିଥିଲା। ପରେ ୨୦୧୮ରେ ମୁଁ ଏସିଆନ ଗେମ୍ସରେ ୨ଟି ପଦକ ହାସଲ କଲି। ପୁଣି ଏବେ ବ୍ୟକ୍ତିଗତ କାରଣକୁ ନେଇ ମୁଁ ଚର୍ଚ୍ଚାରେ ରହିଥିଲି, ମାତ୍ର ତାକୁ



୧୦୦ ମିଟର ପଦକ ସହ ଦୂତୀ ଚାନ୍ଦ।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ପଛରେ ପକାଇ ଜୀବନରେ ଏକ ଏକ ବଡ଼ ସଫଳତା ପାଇଲି। ହଁ ସମଲିଙ୍ଗି ସମ୍ପର୍କ ଘଟଣା ବାହାରକୁ ଆସିବା ପରେ ମୁଁ ୧୦–୧୫ ଦିନ ଚାପରେ ରହିଥିଲି, ମାତ୍ର ପରେ ସବୁକିଛି ଠିକ୍ ହୋଇ ଯାଇଥିଲା। କ୍ୟାରିୟର ଉପରେ ଫୋକସ ରଖିଲେ ସବୁକିଛି ଠିକ୍ ରହିବ ବୋଲି ସମ୍ପ୍ରତି ଇଟାଲିରେ ଥିବା ଦୂତୀ ପ୍ରକାଶ କରିଛନ୍ତି।

ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ ପ୍ରଥମ ଭାରତୀୟ ମହିଳା ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୮ ଆଥଲେଟ୍‌ଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ଦୂତୀ ୪ ନମ୍ବର ଲେନ୍‌ରେ ରେସ୍ କରିଥିଲେ। ସୁଇଜରଲାଣ୍ଡର ଡେଲ୍ ପୋଣ୍ଟେଙ୍କ ନିକଟରୁ ସେ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ଶେଷରେ ୧ ସେକେଣ୍ଡ ବ୍ୟବଧାନରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପୋଣ୍ଟେ ୧୧.୩୩ ସେକେଣ୍ଡ ସହ ରୌପ୍ୟ ଏବଂ ଜର୍ମାନୀର ଲିସା କ୍ୱାୟି ୧୧.୩୯ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୧.୨୪ ସେକେଣ୍ଡ ଟାଇମିଂ ସହ ଜାତୀୟ ରେକର୍ଡର ଅଧିକାରିଣୀ ଦୂତୀ ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ଏପରି ଏକ ବିଶ୍ୱସ୍ତରୀୟ ଇଭେଣ୍ଟର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଲେ। ମୋଟ ଉପରେ ଦେଖିବାକୁଗଲେ ବିଶ୍ୱସ୍ତରୀୟ ଇଭେଣ୍ଟର ଆଥଲେଟିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ। ତାଙ୍କ ପୂର୍ବରୁ ହିମା ଦାସ ଗତବର୍ଷ ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୪୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୧୮ ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିବା ଦୂତୀ ଭାରତର ଦ୍ୱିତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍‌ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୨୦୧୫ରେ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ ଭାରତର ଇନ୍ଦରଜିତ ସିଂ ଏହି ସଫଳତ। ପାଇଥିଲେ। ୨୦୧୭ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦୂତୀ ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଭାବେ ସେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏଥର ବଡ଼ ସଫଳତା ପାଇଛନ୍ତି। ଗତ ଏପ୍ରିଲରେ ଦୂତୀ ଦୋହା ଏସିଆନ ଚାମ୍ପିୟନଶିପ୍‌ରେ ସିଜନଶ୍ରେଷ୍ଠ ୧୧.୨୬ ସେକେଣ୍ଡ ସମୟ ନେଇଥିଲେ।

## ରାଷ୍ଟ୍ରପତି, କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଏପରି ଏକ ବଡ଼ ସଫଳତା ପାଇଁ ଦୂତୀଙ୍କୁ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଓ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ଅଭିନନ୍ଦନ ଜଣାଇଛନ୍ତି। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ପାଇଁ ଦୂତୀଙ୍କୁ ଅଭିନନ୍ଦନ। ପ୍ରଥମ ଭାରତୀୟ ଭାବେ ଏପରି ସଫଳତା ଅର୍ଜନ କରି ଦୂତୀ ଦେଶକୁ ଗର୍ବିତ କରିଛନ୍ତି। ଏପରି ପ୍ରଦର୍ଶନ ଜାରି ରଖି ଅଲିମ୍ପିକ୍ସରେ ସଫଳତା ଅର୍ଜନ କର ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ଜବାବରେ ଦୂତୀ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଆଣିବାକୁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି। ଦୂତୀଙ୍କ ପ୍ରଦର୍ଶନରେ କ୍ରୀଡ଼ାମନ୍ତ୍ରୀ ଶତମୁଖ ହୋଇଛନ୍ତି। ମୁଁ ପିଲାଦିନରୁ ଏପରି ସଫଳତାର ସନ୍ଧାନରେ ଥିଲି, ମାତ୍ର ସେ କ୍ଷଣ କେବେ ଆସି ନ ଥିଲା। ପ୍ରଥମଥର ପାଇଁ ଭାରତ ଲାଗି ସ୍ୱର୍ଣ୍ଣ ପଦକ ଆଣିଥିବାରୁ ତୁମକୁ ଅଭିନନ୍ଦନ ବୋଲି ରିଜିଜୁ ଟୁଇଟ୍ କରିଛନ୍ତି।

## ୨୦୦ ମିଟର ସେମିଫାଇନାଲରେ

ଇଟାଲିର ନାପୋଲିରେ ଓଡ଼ିଆ ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିବାର ଗୋଟିଏ ଦିନପରେ ଦୂତୀ ବୁଧବାର ୨୦୦ ମିଟରର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ହିଟ୍ ନମ୍ବର ୧ରେ ରେସ୍ କରିଥିବା ଦୂତୀ ୨୪.୮ ସେକେଣ୍ଡ ସମୟ ନେଇ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ହିଟ୍‌ରେ ମେକ୍ସିକୋର ଆଗୁଲନ ରାମୋସ ଡାନିଆ ୨୪.୦୪ ସେକେଣ୍ଡ ସମୟ ସହ ଦୂତୀଙ୍କ ଉପରେ ରହି ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାର ସେମିଫାଇନାଲ ଓ ଫାଇନାଲ ଗୁରୁବାର ଅନୁଷ୍ଠିତ ହେବ। ୧୦୦ ମିଟରରେ ସ୍ୱର୍ଣ୍ଣିମ ସଫଳତା ୨୦୦ ମିଟରରେ ପଦକ ଆଶାକୁ ବଢ଼ାଇ ଦେଇଛି ବୋଲି ଦୂତୀ ପ୍ରକାଶ କରିଛନ୍ତି।

# ‘୪୫ ମିନିଟ୍ ଖରାପ କ୍ରିକେଟ୍ ଖେଳ ବଦଳାଇ ଦେଇଥିଲା’

**ମାଞ୍ଚେଷ୍ଟର, ୧୦।୭ (ପି.ଟି.)**

ଆଇସିସି ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ହୃଦୟବିଦାରକ ପରାଜୟ ପରେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ମ୍ୟାଚ୍‌ର ‘ପ୍ରଥମ ୪୫ ମିନିଟ୍ ଖରାପ କ୍ରିକେଟ୍’ ଖେଳ ବଦଳାଇ ଦେଇଥିଲା ବୋଲି କହିଛନ୍ତି। ୨୪୦ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ପ୍ରାରମ୍ଭରୁ ୨୪ ରନ ମଧ୍ୟରେ ୪ ବ୍ୟାଟ୍ସମ୍ୟାନଙ୍କୁ ହରାଇ ଘୋର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ମହେନ୍ଦ୍ର ସିଂ ଧୋନୀ (୫୦) ଓ ରବୀନ୍ଦ୍ର ଜାଡେଜା (୭୭) ୭ମ ଉଇକେଟ୍ ଯୋଡ଼ିରେ ୧୧୬ ରନର ଚମତ୍କାର ପାର୍ଟନେରଶିପ୍ କରି ପୁଣିଥରେ ଭାରତ ସପକ୍ଷକୁ ମ୍ୟାଚ୍ ଆଣିଥିଲେ। କିନ୍ତୁ ଅନ୍ତିମ ମୁହୂର୍ତ୍ତରେ ଧୋନୀଙ୍କ ରନ୍‌ଆଉଟ୍ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ସପକ୍ଷକୁ ନେଇଯାଇଥିଲା। ‘୪୫ ମିନିଟ୍‌ର ଖରାପ କ୍ରିକେଟ୍ ତୁମକୁ ଟୁର୍ନାମେଣ୍ଟରୁ ବାହାର କରିଦେଇଛି। ଯେତେବେଳେ ତୁମେ ଭଲ କ୍ରିକେଟ୍ ଖେଳୁଥାଅ ସେତେବେଳେ ଏହା ତୁମକୁ ନିରାଶ କରିଥାଏ। ଏହାକୁ ଗ୍ରହଣ କରିବା କଷ୍ଟଦାୟକ’ ବୋଲି ସେମିଫାଇନାଲ ପରାଜୟ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋହଲି ଏହା କହିଛନ୍ତି।



ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସରେ ଶଟ୍ ଖେଳୁଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍

# ୨ୟ ଦିନରେ ଭାରତକୁ ୭ ସ୍ୱର୍ଣ୍ଣ

**ଆପିଆ (ସାମୋଆ), ୧୦।୭ (ପି.ଟି.)**

ଅଷ୍ଟ୍ରେଲିଆର ଆପିଆଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ (ୟୁଥ୍, ଜୁନିୟର ଓ ସିନିୟର)ର ୨ୟ ଦିନରେ ଭାରତୀୟ ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ୭ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ସିନିୟମର ମହିଳା ବର୍ଗରେ ରାକ୍ଷୀ ହାଲଦର ଓ ଦେବିନ୍ଦର କୌର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ଅନ୍ୟ ୫ଟି ସ୍ୱର୍ଣ୍ଣ ଜୁନିୟର ଖେଳାଳିମାନେ ଭାରତ ପାଇଁ ଆଣିଛନ୍ତି।

ସିନିୟର ମହିଳା ୫୯ କିଗ୍ରା ବର୍ଗରେ ଦେବୀନ୍ଦର ସ୍ନାଚରେ ୮୦ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୦୪ କିଗ୍ରା ସହ ମୋଟ୍ ୧୮୪ କିଗ୍ରା ଭାର ଉଠାଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୬୪ କିଗ୍ରା ବର୍ଗରେ ରାକ୍ଷୀ ମୋଟ୍ ୨୧୪ (୯୪+୧୨୦) କିଗ୍ରା ଭାର ଉଠାଇ ପୋଡିୟମର ଶୀର୍ଷରେ ରହିଥିଲେ। ଏଥିପୂର୍ବରୁ ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ଦିବସରେ ଭାରତ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ଜିତିଥିଲା। ପ୍ରାକ୍ତନ ବିଶ୍ୱ ଚାମ୍ପିୟନ ମୀରାବାଈ ଚାନୁ ୪୯ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ସଫଳତା ଆଣିଥିଲେ। ସେହିଭଳି ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ୩ ଖେଳାଳି ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ମୋଟ୍ ୪ ପଦକ ପ୍ରଥମ ଦିନରେ ଜିତିଥିଲେ। ୩ ସ୍ୱର୍ଣ୍ଣ ପଦକ ମଧ୍ୟରୁ ଭକ୍ତରାମ ଦେହୁରି ୨ ଓ ଝିଲ୍ଲୀ ଦଳବେହେରା ଗୋଟିଏ ପାଇଥିଲେ। ସେହିଭଳି ସ୍ନେହା ସୋରେନଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ସମୟ ଯନ୍ତ୍ରଣାକୁ ଭୁଲାଇଦେବ

**ଜ୍ୟାକ କାଲିସ୍**

ବିଶ୍ୱକପ୍‌ରେ ଅବିଶ୍ୱସନୀୟ ଡ୍ରାମା ଦେଖିବାକୁ ମିଳିଛି। କ୍ରିକେଟପ୍ରେମୀ ଯେଭଳି ଆଶା କରୁଥିଲେ ସେୟା ମଧ୍ୟ ଘଟିଛି। ଦୁଇଦିନ ଧରି ଭାରତ–ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ୍ ନେଇ ଚାଲିଥିବାର ଚର୍ଚ୍ଚା ଓ ଆଲୋଚନାର ଅନ୍ତ ଘଟିଛି। ଶେଷ ଦୁଇ ଓଭର ପର୍ଯ୍ୟନ୍ତ କିଏ ଜିତବ ତାହା କହିବା କଷ୍ଟକର ଥିଲା। ବିଶ୍ୱକପ୍ ଇତିହାସରେ ଭାରତ ଏଥିସହିତ ନ୍ୟୁଜିଲାଣ୍ଡଠାରୁ ୫ଟିରେ ହାରିଥିବାବେଳେ ୩ଟିରେ ବିଜୟୀ ହୋଇଛି। ସେମିରେ ହାରି ବିଦାୟ ନେଇଥିଲେ ମଧ୍ୟ ବିରାଟ କୋହଲିଙ୍କ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଛି ଓ ପ୍ରଶଂସାର ପାତ୍ର ବୋଲି ଭାବୁଛି।

ଧୋନୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କାହିଁକି ୪, ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ଦିଆଗଲାନି ସେ ନେଇ ଚର୍ଚ୍ଚା ହେଉଛି। ଏଭଳି ନିଷ୍ପତ୍ତି ଅଧିନାୟକ ଓ କୋଚ୍ ନେଇଥାନ୍ତି। ତେବେ ଦଳର ଭଲ ପ୍ରଦର୍ଶନ ପାଇଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଏ ସଂକ୍ରାନ୍ତରେ ସମସ୍ତଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ରହିଛି। ତେବେ କୋହଲି ଓ ଶାସ୍ତ୍ରୀଙ୍କର ଏହି ନିଷ୍ପତ୍ତିକୁ ସମ୍ମାନ ଦିଆଯିବା ଦରକାର। ଅଧିକାଂଶ କୌଶଳ ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପଛରେ ରିସ୍କ ଥାଏ। ସବୁବେଳେ ଏଭଳି ନିଷ୍ପତ୍ତି ସଫଳ ହୋଇ ନ ଥାଏ। ଭାଷ୍ୟକାରମାନେ ଏ ସଂକ୍ରାନ୍ତରେ ଟିପ୍ପଣୀ ଦେବା ବେଳେ ସତର୍କତା ଅବଲମ୍ବନ କରିବା ଉଚିତ୍। ଉଚିତ କାରଣ ପାଇଁ ପଦପଦବୀରେ ଥିବା ବ୍ୟକ୍ତିଙ୍କୁ ଅବଶ୍ୟ ଏଭଳି ନିଷ୍ପତ୍ତି ନେବାର ଅଧିକାର ରହିଛି। ସକାରାତ୍ମକ ଦୃଷ୍ଟିରେ ଏସବୁକୁ ପରଖିବା ଅବଶ୍ୟକ।

ପ୍ରଥମ ଦିନରେ କେନ୍ ୱିଲିୟମସନ ଓ ରସ ଟେଲ ଖେଳିଥିବା ଇନିଂସକୁ ଯେତେ ପ୍ରଶଂସା କଲେ ବି କମ୍ ହେବ। ଏହି ଦୁଇ ବ୍ୟାଟ୍ସମ୍ୟାନ ଚାପର ସଫଳ ମୁକାବିଲା କରିଥିଲେ। ପରିସ୍ଥିତି ଅନୁଯାୟୀ ଭଲ ଖେଳିଥିଲେ ଓ ଧୈର୍ଯ୍ୟହରା ହୋଇ ନ ଥିଲେ। ୱିଲିୟମସନ କେବଳ ଜଣେ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନ ନୁହଁ, ଜଣେ ବିଚକ୍ଷଣ ଅଧିନାୟକ ମଧ୍ୟ। ଦଳରେ ସେ ସିନିୟର ଖେଳାଳିଙ୍କ ସହ ପରାମର୍ଶ କରିବା ସହ ସେମାନଙ୍କ ମତାମତ ନେଇଥାନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ତାଙ୍କର ନିଷ୍ପତ୍ତି ସାହସିକ ଥିଲା।

ପିଚ୍ ମଧ୍ୟ ଅଶାନୁରୂପ ହୋଇ ନ ଥିଲା। ତେବେ ଏହା ସତ୍ତ୍ୱେ ୱିଲିୟମସନ ଓ ଟେଲର ଭଲ ବ୍ୟାଟିଂ କରିଥିଲେ। ତେବେ ନିଜର ବୋଲରମାନଙ୍କ ଉପରେ ତାଙ୍କର ବିଶ୍ୱାସ ରହିଥିଲା। ପରାଜୟ ପରେ ଭାରତୀୟ ପ୍ରଶଂସକ ଓ ଖେଳାଳି ନିରାଶ ହୋଇଥିବେ ଓ ଯନ୍ତ୍ରଣା ପାଇଥିଲେ। ଏହାକୁ ଭଲ ଭାବେ ହୃଦୟଙ୍ଗମ କରୁଛି। ଏଥିରୁ ମୁକୁଳିବା ପାଇଁ ନିଶ୍ଚୟ କିଛି ସମୟ ଲାଗିବ। ସମୟ ସବୁ ଦୁଃଖ ଯନ୍ତ୍ରଣାକୁ ଭୁଲାଇ ଦେବ ବୋଲି ଭଲ ଭାବେ ଜାଣେ। ନ୍ୟୁଜିଲାଣ୍ଡକୁ ଦଳକୁ ସବୁ ଶ୍ରେୟ ଦିଆଯିବ ଉଚିତ୍। ସେମିଫାଇନାଲରେ ପହଞ୍ଚିବା ପୂର୍ବରୁ ଏହି ଦଳ କେତୋଟି ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ଦଳ ଫର୍ମ ହରାଇଥିଲା ବୋଲି କେତେକ ଭାବି ନେଇଥିଲେ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ମଧ୍ୟ ଏଭଳି ନାଟକ ତଥା ଡ୍ରାମା ଦେଖିବାକୁ ମିଳିବ ବୋଲି ଆଶା କରୁଛି।

(ଗେମ୍‌ପ୍ଲାନ୍/ଟିଭାକ ସ୍ପୋର୍ଟ୍ସ)

THE ULTIMATE INVERTER BATTERY
EXIDE INVATUBULAR

# ଇଂଲଣ୍ଡ-ଅଷ୍ଟ୍ରେଲିଆ ସେମିଫାଇନାଲ ଆଜି

**ବର୍ମିଂହାମ,୧୦।୭(ପି.ଟି.)**

ଚଳିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ଗୁରୁବାର ବର୍ମିଂହାମର ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ହାଇଭୋଲ୍‌ଟେଜ ତଥା ହାଇପ୍ରୋଫାଇଲ ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି। କ୍ରିକେଟର ଜନକ କୁହାଯାଉଥିବା ଇଂଲଣ୍ଡ ଏପର୍ଯ୍ୟନ୍ତ ଟାଇଟଲ ହାସଲ କରିବାରେ ସଫଳ ହୋଇନାହିଁ। ବିଶ୍ୱକପ୍ ଇତିହାସରେ ୩ଥର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଇଂଲଣ୍ଡ ସବୁଥିରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ତେବେ ଏଥର ଘରୋଇ ପରିବେଶରେ ମିଳିଥିବା ସୁଯୋଗକୁ ଇଂଲଣ୍ଡ ହାତଛଡ଼ା କରିବ ନାହିଁ। ୫ ଥର ଟାଇଟଲ ହାସଲକରିଥିବା ଅଷ୍ଟ୍ରେଲିଆ ମଧ୍ୟ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିବାକୁ ପ୍ରୟାସ କରିବ।

୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ଖରାପ୍ ପ୍ରଦର୍ଶନ କରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ତେବେ ଏହା ପରେ ଇଂଲଣ୍ଡ ନିଜ ପ୍ରଦର୍ଶନରେ ସୁଧାର ଆଣି ଏବେ ବିଶ୍ୱର ୧ ନମ୍ବର ଦଳରେ ପରିଣତ ହୋଇଛି। ପ୍ରଦର୍ଶନ ଓ ଫର୍ମକୁ ଦୃଷ୍ଟିରେ ରଖି ବହୁ ପୂର୍ବତନ ଓ ଏବେକାର ଖେଳାଳି ଇଂଲଣ୍ଡ ସପକ୍ଷରେ ମତ ପ୍ରକାଶ କରିଛନ୍ତି। ଇଂଲଣ୍ଡ ୧୯୭୯, ୧୯୮୭ ଓ ୧୯୯୨ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟ୍ରଫି ଜିତିବାରେ ବିଫଳ ହୋଇଥିଲା। ଅନ୍ୟପଟେ ମେଗା ଇଭେଣ୍ଟଗୁଡିକରେ ସ୍ଥିର ଓ ଜବରଦସ୍ତ ପ୍ରଦର୍ଶନ କରୁଥିବା ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ବିଶ୍ୱକପ୍‌ର ସେମିଫାଇନାଲରେ ପରାସ୍ତ ହୋଇ ନାହିଁ। ଏପର୍ଯ୍ୟନ୍ତ ୬ଥର ବିଶ୍ୱକପ୍ ଇତିହାସରେ ସେମିଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆ ସବୁଥର ବିଜୟୀ ହୋଇଛି। ୧୯୯୯ ବିଶ୍ୱକପ୍ ସେମିଫାଇନାଲରେ ଅଷ୍ଟ୍ରେଲିଆ ନାଟକୀୟ ଢ଼ଙ୍ଗରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲକୁ ଉଠିଥିଲା।

କିଛି ମାସ ପୂର୍ବରୁ ଅଷ୍ଟ୍ରେଲିଆକୁ ଫେଭରାଇଟ ବୋଲି ବିବେଚନା କରାଯାଉ ନ ଥିଲା। ତେବେ ଅଳ୍ପ ସମୟ ମଧ୍ୟରେ ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦୃଷ୍ଟାନ୍ତମୂଳକ ପ୍ରତ୍ୟାବର୍ତ୍ତନ କରି ସମାଲୋଚକଙ୍କୁ ଚୁପ୍ କରିବା ସହିତ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଭାବେ ବିବେଚିତ ହୋଇଛି। ଗତ ମାର୍ଚ୍ଚରେ ଘରୋଇ ଭାରତ ବିପକ୍ଷ ସିରିଜରେ ବିଜୟୀ ହେବାଠାରୁ ଅଷ୍ଟ୍ରେଲିଆ ଦିନିକିଆ ଦଳରେ ବହୁ ସକାରାତ୍ମକ ପରିବର୍ତ୍ତନ ହୋଇଛି। ଯଦିଓ ଅଷ୍ଟ୍ରେଲିଆର ଏବେକାର ଦଳ ପୂର୍ବର ଚାମ୍ପିୟନ ଦଳ ସହିତ ତୁଳନୀୟ ନୁହଁ। ଠିକ୍ ସମୟରେ ଅଷ୍ଟ୍ରେଲିଆ ଲୟକୁ ଫେରି ସହଜରେ ସେମିଫାଇନାଲରେ ପ୍ରବେଶ କରିଛି। ୧୨ ମାସ ତଳେ ଅଷ୍ଟ୍ରେଲୀୟ କ୍ରିକେଟରେ ସବୁକିଛି ଠିକ୍ ନ ଥିଲା। ଏକଥା ସ୍ୱୀକାର କରିଛନ୍ତି କୋଚ୍ ଜଷ୍ଟିନ ଲାଙ୍ଗର । ସେତେବେଳେ ଆମ କ୍ରିକେଟ ବିପର୍ଯ୍ୟୟ ଦେଇ ଗତି କରୁଥିଲା। ଏଥିରେ ସାରା ଦେଶ ମଧ୍ୟ ପ୍ରଭାବିତ ହୋଇଥିଲା। ସେତେବେଳେ ଆଚରଣରେ ପରିବର୍ତ୍ତନ ଆଣି ଆମେ ଭଲ କ୍ରିକେଟ ଖେଳିବା ଉପରେ ଗୁରୁତ୍ୱ ଦେଉଥିଲୁ। ସେତେବେଳେ ଇଂଲଣ୍ଡର କ୍ରିକେଟ ପ୍ରଶଂସକମାନେ ଆମକୁ ପରିହାସ କରିବାକୁ ଭୁଲି ନ ଥିଲେ। ତେବେ ପରିସ୍ଥିତି ମଧ୍ୟ ତାହା ଥିଲା ବୋଲି ଲାଙ୍ଗର କହିଛନ୍ତି। ଆମକୁ ସେତେବେଳେ କଠିନ ପରିଶ୍ରମ କରିବାକୁ ପଡିଥିଲା। ଭଲ ଖେଳାଳିମାନେ ମଧ୍ୟ ଦଳରେ ଥିଲେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଦଳର ଦୁଇ ବରିଷ୍ଠ ଖେଳାଳି ଷ୍ଟିଭେନ୍ ସ୍ମିଥ୍ ଓ ଡେଭିଡ ୱାର୍ନର ଗୋଟିଏ ବର୍ଷ ବାସନ୍ଦ ହେବାପରେ ଦଳର ସ୍ଥିତି ଆହୁରି ଖରାପ ହୋଇଯାଇଥିଲା।



ଅଭ୍ୟାସ ପାଇଁ ଯିବା ଅବସରରେ ଅଷ୍ଟ୍ରେଲିଆ ଅଧିନାୟକ ଆରୋନ ଫିଞ୍ଚ।

**ଅଷ୍ଟ୍ରେଲିଆ ଦଳ**

ଆରୋନ ଫିଞ୍ଚ୍ (ଅଧିନାୟକ), ଜାସନ ବେହରେନଡୋର୍ଫ, ଆଲେକ୍ସ କାରେ, ନାଥନ କୁଲ୍ଟର- ନାଇଲ, ପ୍ୟାଟ କୁମିନ୍ସ, ପିଟର ହ୍ୟାଣ୍ଡ୍ସକମ୍ବ, ଉସ୍‌ମାନ ଖ୍ୱାଜା, ନାଥାନ ଲିୟନ, ଗ୍ଲେନ ମ୍ୟାକ୍ସୱେଲ, କେନ୍ ରିଚାର୍ଡସନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ୍, ଡେଭିଡ ୱାର୍ନର ଓ ଆଡାମ ଜାମ୍ପା। ଷ୍ଟାଣ୍ଡବାଇ- ମାଥ୍ୟୁ ୱେଡ ଓ ମିଚେଲ ମାର୍ଶ।

**ଇଂଲଣ୍ଡ ଦଳ**

ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ଜୋସ୍ ବଟଲର, ଟମ୍ କୁରାନ, ଲିୟମ ଡସନ, ଲିୟମ ପ୍ଲଙ୍କେଟ, ଆଡିଲ ରସିଦ, ଜୋ ରୁଟ, ଜାସନ ରୟ, ବେନ୍ ଷ୍ଟୋକ୍ସ, ଜେମ୍ସ ଭିନ୍ସ, କ୍ରିସ୍ ୱୋକ୍ସ ଓ ମାର୍କ ଉଡ।

ଅଷ୍ଟ୍ରେଲିଆ ବିପକ୍ଷ ଗତ ୧୨ଟି ମ୍ୟାଚ୍‌ରେ ଇଂଲଣ୍ଡ ୧୦ଟିରେ ବିଜୟୀ ହୋଇଛି। ଫଳରେ ରେକର୍ଡ ଇଂଲଣ୍ଡ ସପକ୍ଷରେ ରହିଛି। ତେବେ ଲିଗ୍ ମ୍ୟାଚ୍ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ ଇଂଲଣ୍ଡକୁ ୬୪ ରନରେ ପରାସ୍ତ କରି ଅଷ୍ଟ୍ରେଲିଆ ଦମ୍ ଦେଖାଇଛି। ତେଣୁ ଇଂଲଣ୍ଡ ଏନେଇ ବେଶ୍ ସତର୍କ ଥିବ ବୋଲି ଆଶା କରାଯାଉଛି। ତେବେ ଏହି ପରାଜୟ ପରେ ଇଂଲଣ୍ଡ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଶେଷ ଦୁଇଟି ଲିଗ୍ ମ୍ୟାଚ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଓପନର ଜନି ବେୟାରଷ୍ଟୋ ଓ ଜାସନ ରୟ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ସେମିଫାଇନାଲରେ ପୁଣିଥରେ ଏହି ଦୁଇ ଓପନର ଧୂଆଁଧାର ଆରମ୍ଭ କରିବେ ବୋଲି ଆଶା କରାଯାଉଛି।

ଇଂଲଣ୍ଡ ଦ୍ରୁତ ବୋଲର ଲିୟମ ପ୍ଲଙ୍କେଟ ଦଳ ଟାଇଟଲ ଫେଭରାଇଟ ବୋଲି କହିଛନ୍ତି। ଅଷ୍ଟ୍ରେଲିଆ ମଧ୍ୟ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇ ନିଜର ଦୁର୍ବଳତା ପଦାରେ ପକାଇଥିଲା। ଗତ ୪ ବର୍ଷ ହେବ ଆମେ ଭଲ ପ୍ରଦର୍ଶନ କରିଆସିଛୁ ଓ ଏବେ ବିଶ୍ୱର ୧ ନମ୍ବର ଦଳରେ ପରିଣତ ହୋଇଛୁ। ଏକ ନିର୍ଦ୍ଦିଷ୍ଟ ଦିନରେ ଆମେ ଯେକୌଣସି ଦଳକୁ ହରାଇପାରିବୁ ବୋଲି ପ୍ଲଙ୍କେଟ କହିଛନ୍ତି। ଉଭୟ ଦଳର ଦ୍ରୁତ ବୋଲିଂ ବେଶ୍ ଉଚ୍ଚକୋଟୀର। ତେଣୁ ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ହେବା ନିଶ୍ଚିତ ବୋଲି ମନେହୁଏ। ଇଂଲଣ୍ଡ ଦଳରେ କୌଣସି ଆଘାତ ସମସ୍ୟା ନାହିଁ। ତେବେ ପିଟର ହ୍ୟାଣ୍ଡ୍ସକମ୍ବ ଆହତ ଉସ୍‌ମାନ ଖ୍ୱାଜାଙ୍କ ବଦଳରେ ଦଳରେ ସ୍ଥାନ ପାଇବେ ବୋଲି କୋଚ୍ ଲାଙ୍ଗର ସୂଚନା ଦେଇଛନ୍ତି। ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ସାଇଡ ଷ୍ଟ୍ରେନ୍‌ର ଶିକାର ହୋଇଥିଲେ। ତେବେ ସେ ଏଥିରୁ ମୁକୁଳିବାରେ ସଫଳ ହୋଇଛନ୍ତି। ଫଳରେ ସେମିଫାଇନାଲ ଖେଳିବା ଆଶା କରାଯାଉଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/18-20. | ବାଲେଶ୍ୱର, ଗୁରୁବାର, ଜୁଲାଇ ୧୧/୨୦୧୯ | Balasore, Thursday, July 11/2019


## ମିକ୍ସର ବୋଝେଇ ଗାଡ଼ି ଓଲଟି ୨ଶ୍ରମିକ ମୃତ, ୫ ଗୁରୁତର

**ନୀଳଗିରି/ସଜନାଗଡ଼, ୧୦।୭(ଡି.ଏନ.ଏ.)**

ରାଜ୍ୟ ରାଜପଥ ନୀଳଗିରି-ଉଦଳା ରାସ୍ତାରେ ଶ୍ରମିକଙ୍କୁ ନେଇ ଆସୁଥିବା ଏକ ଟାଟା ଏସି ଗାଡ଼ି ବୁଧବାର ସ୍ଥାନୀୟ ଏନ୍‌ଏସି ଘାଟଘରସାହି ଗାଁ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗାଡିରେ ଏକ ମିକ୍ସର ମେଶିନ ବୋଝେଇ କରି ନିର୍ମାଣ କାର୍ଯ୍ୟ ଲାଗି ନିଆଯାଉଥିଲା। ରାସ୍ତାରେ ଅନ୍ୟ ଏକ ଗାଡିକୁ ଓଭରଟେକ୍ କରିବା ବେଳେ ଟାଟା ଏସି ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡିବାରୁ ମିକ୍ସର ମେଶିନ ତଳେ ୨ ଶ୍ରମିକ ଚାପି ହୋଇ ରହିଯାଇଥିଲେ। ମୃତକ ଦ୍ୱୟ ହେଲେ ସ୍ଥାନୀୟ ଥାନା ଅଧୀନ ତେଣ୍ଡା ଗାଁର ଗୁରୁବାରି ସିଂ (୨୨) ଓ ମିନତି ସିଂ(୩୫)। ଏଭଳି ରାସ୍ତା ଦୁର୍ଘଟଣାକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରି ଆହତଙ୍କୁ ଚିକିତ୍ସା ଲାଗି ପଠାଇଥିଲା। ଡାକ୍ତରଖାନାର ୨ ଶ୍ରମିକଙ୍କୁ ମୃତ ଘୋଷଣା କରାଯାଇଥିଲା। ପୋଲିସ ଏହି ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଯାଇ ଥାନାରେ ଏକ ମାମଲା (ନଂ. ୧୫୩/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନଳିତା ମୋଦି କହିଛନ୍ତି। ଟାଟା ଏସି ଗାଡି ମିକ୍ସର ମେଶିନ ସହିତ ଶ୍ରମିକଙ୍କୁ ନେଇ ନୀଳଗିରି ଅଭିମୁଖେ ଆସୁଥିଲା ବୋଲି ପୋଲିସ କହିଛି। ଆହତ ଶ୍ରମିକମାନେ ହେଲେ ତେଣ୍ଡା ଗାଁର ନୁଣ୍ଡିମଣି ସିଂ, ଲୁଧା ସିଂ, ମିନତି ସିଂ, ପାନମଣି ସିଂ, ସୋମବାରି ସିଂ।

## ସାପ କାମୁଡ଼ାରେ ଶିଶୁ ମୃତ

**ଝୁମ୍ପୁରା, ୧୦।୭(ଡି.ଏନ.ଏ.)**

ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ଜାମୁଦାପାଳ ଗ୍ରାମରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ସାପ କାମୁଡାରେ ଦୀପକ ବେହେରା ନାମକ ଜଣେ ଶିଶୁଙ୍କର ମୃତ୍ୟୁ ଘଟିଛି। ରାତିରେ ଶିଶୁଟି ତାଙ୍କ ମା' ସହିତ ଶୋଇଥିବା ବେଳେ ଏକ ଚିତି ସାପ କାମୁଡି ଦେଇଥିଲା। ଶିଶୁଟି କାନ୍ଦିବାରୁ ତାଙ୍କ ମା'ଙ୍କ ନିଦ ଭାଙ୍ଗିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଝୁମ୍ପୁରା ପୋଲିସ ଏକ ମାମଲା(ନଂ୧୨/୨୦୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ବିକ୍ଷୋଭ

**ଭୋଗରାଇ, ୧୦।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନାରାଣମହାନ୍ତିପଡ଼ିଆ ଅଞ୍ଚଳର ଏକ ଚିଙ୍ଗୁଡ଼ିଝିଲି ମାଲିକ ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭୋଗରାଇ ନେସ୍କୋ ବିଦ୍ୟୁତ୍ ବିଭାଗର ୩ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ବୁଧବାର ଭୋଗରାଇ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସମସ୍ତ ବିଦ୍ୟୁତ୍ କର୍ମଚାରୀ ଗୁରୁବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଏହି ଅବସରରେ କର୍ମଚାରୀ ସଂଘ ପକ୍ଷରୁ ପ୍ରଶାସନକୁ ଚେତାବନୀ ଦିଆଯାଇଥିଲା। ସଂଘ ପକ୍ଷରୁ କୁହାଯାଇଥିଲା ଯେ, ଚନ୍ଦନେଶ୍ୱର ବିଦ୍ୟୁତ୍ ସେକ୍ସନର ଜଣେ ଅଧିକାରୀଙ୍କ ସମେତ କର୍ମଚାରୀଙ୍କୁ ଆକ୍ରମଣ କରାଯିବା ଘଟଣା ନେଇ ଭୋଗରାଇ ଥାନାରେ ଅଭିଯୋଗ ଦିଆଯାଇଥିଲା। ପୋଲିସ ମକଦ୍ଦମା ରୁଜୁ କରିଥିଲେ ମଧ୍ୟ କାହାକୁ ଏଯାଏ ଗିରଫ କରିନାହିଁ। ବିକ୍ଷୋଭ ପ୍ରଦର୍ଶନ ବେଳେ ବିଦ୍ୟୁତ୍ ବିଭାଗ ନିର୍ବାହୀ ସହକାରୀ ଯନ୍ତ୍ରୀ ହରିଶ କୁମାର ପଣ୍ଡା, ଏସ୍‌ଡିଓ ଭୁବନ କୁମାର ସାହୁ, କନିଷ୍ଠଯନ୍ତ୍ରୀ ବିଶ୍ୱଜିତ୍ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୋଗରାଇ ଥାନା ଆଇଆଇସି ନରେନ୍ଦ୍ର ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଭୋଗରାଇ ଥାନାରେ ବିଦ୍ୟୁତ୍ କର୍ମଚାରୀ।

## ବିଷ ପିଇ ୨ ମୃତ

**ବନ୍ତ, ୧୦।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଦୁଇଟି ସ୍ଥାନରେ ବିଷପିଇ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏ ନେଇ ବନ୍ତ ଥାନାରେ ୨ଟି ଅପମୃତ୍ୟୁ ମାମଲା(ନଂ. ୭/୧୯ ଓ ୮/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ନିଳୋକ ପଞ୍ଚାୟତ ଦୋଳପଦୀ ଗ୍ରାମର ଯମୁନା ମୁଣ୍ଡା ନାମ୍ନୀ ଜଣେ ମହିଳା ମଙ୍ଗଳବାର ପାରିବାରିକ କଳହରୁ ବିଷ ପିଇ ଦେଇଥିଲେ। ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ରାମଚନ୍ଦ୍ରପୁର ପଞ୍ଚାୟତ ସାନବର୍ଣ୍ଣିକୟାଁ ଗ୍ରାମର ସନାତନ ମଲ୍ଲିକ ନାମକ ଜଣେ ବୃଦ୍ଧ କୌଣସି କାରଣରୁ ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଆଗରପଡ଼ା ଓ ପରେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ କଟକ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ଜୀବନଗଲା

**ବିଶୋଇ, ୧୦।୭(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ମଣଦା ଛକରେ ବୁଧବାର ଏକ ଟ୍ରକ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡ଼ମଣଦା ପଞ୍ଚାୟତ ଅନ୍ତର୍ଗତ ବୁଡାମରା ଗ୍ରାମ ଡୁଙ୍ଗୁରିସାହିର ଅନ୍ତର୍ଯ୍ୟାମୀ ଗିରି (୬୫)। ବୁଧବାର ଦିବା ୧୧ଟା ୧୫ ମିନିଟ ସମୟରେ ଅନ୍ତର୍ଯ୍ୟାମୀ ନିଜର ସାଇକେଲ ଯୋଗେ ୪୯ ନଂ. ଜାତୀୟ ରାଜପଥରେ ଯାଉଥିବା ବେଳେ ଏକ ଟ୍ରକ (ଡ଼ବ୍ଲୁବି-୩୩ ସି-୨୯୩୬) ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଘଟଣାସ୍ଥଳରେ ଟ୍ରକ ଛାଡି ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଅଞ୍ଚଳରେ ଭିଡ଼ ଜମିବା ସାଙ୍ଗକୁ ରାଜପଥରେ ମୃତଦେହ ପଡି ରହିବା କାରଣରୁ ଦିନ ୧ଟା ୩୦ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପରେ ମଣଦା ଫାଣ୍ଡି ଅଧିକାରୀ ଓ ବିଶୋଇ ଥାନା ଆଇଆଇସି କୁନି ବେଶ୍ରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁରକୁ ପଠାଇଥିଲେ। ଏଥିନେଇ ଥାନାରେ ଏକ ମାମଲା (ନଂ. ୫୧/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କାର୍ ଧକ୍କାରେ ବୃଦ୍ଧ ଗୁରୁତର

**ଢେଙ୍କିକୋଟ, ୧୦।୭(ଡି.ଏନ.ଏ.)-** ବୁଧବାର ସନ୍ଧ୍ୟାରେ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସାନବରବେଡ଼ା ଗାଁର ୨୦ ନଂ ଜାତୀୟ ରାଜପଥରେ ଏକ କାର ଧକ୍କାରେ ଶଙ୍କର ନାୟକ(୮୫) ନାମକ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ଶୌଚ ପାଇଁ ରାଜପଥ ପାର ହୋଇ ଯାଉଥିବାବେଳେ ଏକ ଇଣ୍ଡିଗୋ କାର ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଗୋଡ଼ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଘଟଣାସ୍ଥଳରେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ସଦଳବଳ ପହଞ୍ଚି ରୋଗୀଙ୍କୁ ହସ୍ପିଟାଲ ନେବା ବ୍ୟବସ୍ଥା କରିବା ସହିତ ଅଧିକ ତଦନ୍ତ ଜାରି ରଖିଛନ୍ତି।

### ପାଗେଳୀକୁ ନେଇ ନାକେଦମ ଚମ୍ପୁଆ ପୋଲିସ

**ଚମ୍ପୁଆ, ୧୦।୭(ଡି.ଏନ.ଏ.)-** ଚମ୍ପୁଆ ପୋଲିସ ପକ୍ଷରୁ ଏକ ପାଗେଳୀକୁ ଉଦ୍ଧାର କରାଯିବା ପରେ ପାଗଳିକୁ ନେଇ ନାକେଦମ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଚମ୍ପୁଆ ଥାନା ଅନ୍ତର୍ଗତ ବଡନଇ ଛକଠାରେ ଏକ ପାଗେଳୀ ବୁଲୁଥିବାର ଦେଖି ଯୁବକ ମାନେ ଭୁବନଶ୍ୱର ଚାଇଲ୍ଡ ହେଲ୍ପ ଲାଇନକୁ କଲ କରିଥିଲେ। କୌଣସି ଉତ୍ତର ନ ମିଳିବାରୁ ପରେ କେନ୍ଦୁଝର ଚାଇଲ୍ଡଲାଇନ ପକ୍ଷରୁ ପାଗେଳୀକୁ ଉଦ୍ଧାର କରିବା ପାଇଁ ଚମ୍ପୁଆ ପୋଲିସକୁ ସୂଚନା ଦିଆଯାଇଥିଲା। ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଅନେକ ସମୟରେ ସେ ଥାନାରୁ ପଳାଇବାକୁ ଚେଷ୍ଟା କରୁଥିବା ବେଳେ କର୍ମଚାରୀମାନେ ଅଟକାଇବାରୁ ତାଙ୍କୁ କାମୁଡିବାକୁ ଉଦ୍ୟତ ହେବା ସହିତ ପଥର ଫିଙ୍ଗିଥିଲେ। ପରେ ପୋଲିସ ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଛି। ଚିକିତ୍ସା ଅଧିକାରୀ କର୍ଣ୍ଣରାମ ମହାନ୍ତ, ଡାକ୍ତର ସୁଜିତ କୁମାର ଲେଙ୍କାଙ୍କ ପରାମର୍ଶ ଅନୁଯାୟୀ ପୋଲିସ ଓ ହେଲ୍ପ ଡେକ୍ସ ମହିଳା କର୍ମଚାରୀ ମାଧମରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ଅନୁଦାନ ମିଳୁନି

**ହାଟଡିହୀ, ୧୦।୭ (ଡି.ଏନ.ଏ.)-** ଆମ ଗାଁ ଆମ ବିକାଶ ଯୋଜନାରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତ ମୁକ୍ତେଶ୍ୱର ବଜାରରେ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଅନୁଦାନ ମିଳୁନି। ପଞ୍ଚାୟତ ଅନୁଦାନ ଅର୍ଥରେ ବଦଗଡ଼ିଆ ଠାକୁରାଣୀ ପାଚେରୀ, ବାଲିବରେଇ ନଦୀଘାଟ, କାଳିମଣ୍ଡପ ମରାମତି ଆଦି ବହୁ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଯନ୍ତ୍ରୀ ଜଣଙ୍କ ବିଲ କରୁନଥିବା ବେଳେ ପଞ୍ଚାୟତକୁ ଯାଉନଥିବା ଅଭିଯୋଗ ହେଉଛି । ଏଭଳି ପରିସ୍ଥିତିରେ ଦିନକୁ ଦିନ ଯନ୍ତ୍ରୀଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବୃଦ୍ଧି ପାଉଛି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ଜରୁରୀ ବୋଲି ଦାବି ହେଉଛି। ଏ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ ପ୍ରତିଭା ନାୟକଙ୍କୁ ପଚାରିବାରୁ ଯନ୍ତ୍ରୀ ଜଣଙ୍କ ପଞ୍ଚାୟତକୁ ଆସୁ ନ ଥିବାବେଳେ ଉନ୍ନୟନ କାର୍ଯ୍ୟ ଗୁଡ଼ିକର ବିଲ କରୁନାହାନ୍ତି ବୋଲି କହିଥିଲେ ।

### ପିଡିଏସ ଚାଉଳ ବନ୍ଦ ନେଇ ହଇଚୋଳ

**କୋଲିମାଟି, ୧୦।୭(ଡି.ଏନ.ଏ.)-** ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତରେ ବୁଧବାର ମଧାହ୍ନରେ ଚାଉଳ ବଣ୍ଟନକୁ ନେଇ ହଇଚୋଳ ହୋଇଛି। ଗୋଟିଏ ଦିନ ଚାଉଳ ଠିକ ଭାବେ ଦିଆଯାଇଥିବାବେଳେ ଦ୍ୱିତୀୟ ଦିନରେ ଏହା ବନ୍ଦ ହୋଇଛି। କୋଲିମାଟି ପଞ୍ଚାୟତ ଫଳକରେ କୁମଡ଼, ଦରଖୋଲା ନୂଆପଡ଼ା, ଟିକିରା ଲେଖାଯାଇଥିବାବେଳେ କେବଳ ଦରଖୋଲା ଓ କୁମୁଡ଼ ଗ୍ରାମକୁ ଚାଉଳ ଦିଆଯାଉଥିଲା। ଅନ୍ୟ ଗାଁ ଗୁଡ଼ିକର ନାମ ଥାଇ ମଧ ନ ଦିଆଯିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ହଇଚୋଳ ହେବାରୁ ଚାଉଳ ଦେବା ବନ୍ଦ କରିଦିଆଯାଇଥିବା କୋଲିମାଟି ସରପଞ୍ଚ ଉତ୍ତରା ଧିର କହିବା ସହ ପୁନର୍ବାର ଚାଉଳ ବଣ୍ଟନ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ବାରିପଦା ମାଉସୀମା ମନ୍ଦିରରେ ବୁଧବାର ଠାକୁରମାନଙ୍କ ବାମନ ଓ ପର୍ଶୁରାମ ବେଶ।

## ପୋଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ ନେଇ ଚର୍ଚ୍ଚା

**ବାରିପଦା ଅଫିସ,୧୦।୭:** ମୟୂରଭଞ୍ଜ ଜିଲା ପୋଲିସ ବିଭିନ୍ନ ଘଟଣା ନେଇ କିଛି ଦିନ ହେବ ବିବାଦୀୟ ହୋଇ ପଡିଛି। ପୋଲିସ ହେପାଜତରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା ବୁଧବାର ପୁଣି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ ଜିଲା ପୋଲିସର ଏକ ଟିମ ଜଣେ ଫେରାର ଅଭିଯୁକ୍ତଙ୍କୁ ଆଣିବାକୁ ମଙ୍ଗଳବାର ସମ୍ବଲପୁର ଯାଇଥିଲା। ସନ୍ଧ୍ୟାରେ ସମ୍ବଲପୁରରୁ ବାହାରିଥିଲା। ସେହି ରାତିରେ ପୋଲିସ ଟିମ କଏଦୀଙ୍କୁ କଡ଼ା ସୁରକ୍ଷା ବଳୟରେ ଆଣି ଆସୁଥିବା ବେଳେ କେନ୍ଦୁଝର ନିକଟରେ କିଛି ସମୟ ପାଇଁ ଅଟକି ଥିଲା। ଏତିକି ବେଳେ ସୁଯୋଗ ଦେଖି ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିବା ଖବର ଜିଲା ପୋଲିସ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଘଟଣାର ସତ୍ୟାସତ୍ୟ ଜଣାପଡି ନାହିଁ। ଏ ନେଇ ଏଏସପି ଜୟରାମ ଶତପଥୀଙ୍କୁ ପଚାରିବାରୁ ସେ ତୁରନ୍ତ ଜଣେ ଅଧିକାରୀଙ୍କୁ ଫୋନ ଯୋଗେ ପଚାରିବା ସହ କଥାରେ କିଛି ସତ୍ୟତା ଥିବା କହିଥିଲେ। ସେହିପରି ଏସପି ଅବିନାଶ କୁମାରଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ବୁଝିବେ ଓ କ'ଣ ସତ୍ୟତା ରହିଛି ତଦନ୍ତ କରିବେ ବୋଲି କହିଛନ୍ତି।

# ହନୁମାନ ପଇସା ଲୋଭରେ ଡକାୟତି

## ■ ମୁଖାପିନ୍ଧା ଲୁଟେରା ମାରଣାସ୍ତ୍ର ଦେଖାଇ ଲୁଟିନେଲେ ସୁନା ଅଳଙ୍କାର ସହ ନଗଦ ଟଙ୍କା

**ଉଦଳା,୧୦।୭(ଡି.ଏନ୍.ଏ)**

ହନୁମାନ ପଇସା ଲୋଭରେ ମଙ୍ଗଳବାର ବିଳମ୍ବିତ ରାତିରେ ମୁଖାପିନ୍ଧା ଲୁଟେରାମାନେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମାରଣାସ୍ତ୍ର ଦେଖାଇ ଘରେ ଥିବା ସୁନା ଅଳଙ୍କାର, ନଗଦ ଟଙ୍କା ସହିତ ୫ ଗୋଟି ମୋବାଇଲ୍ ଲୁଟି ନେଇଛନ୍ତି। ଏଭଳି ଘଟଣା ଘଟିଛି ଉଦଳା ଥାନା ଅଧିନ ବଡଖମଣ ପଞ୍ଚାୟତ ଝରଣାସାହି ଗ୍ରାମରେ। ଲୁଟ୍‌ର ଶିକାର ହୋଇଥିବା ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଝରଣାସାହି ଗ୍ରାମର ବୀର ହେମ୍ବ୍ରମ୍‌ଙ୍କ ପରିବାର ସଦସ୍ୟ ମଙ୍ଗଳବାର ରାତିରେ ଖାଇସାରି ଶୋଇଥିଲେ । ବିଳମ୍ବିତ ରାତିରେ ୧୦ରୁ ଅଧିକ ଲୁଟେରା ମୁଖାପିନ୍ଧି ଏବଂ ହାତରେ ମାରଣାସ୍ତ୍ର ଧରି ବୀରଙ୍କ ଘର ଭିତରେ ପଶିଥିଲେ। ପ୍ରଥମେ ସେମାନେ ବୀରଙ୍କ ପୁଅ ପ୍ରସନ୍ନଙ୍କୁ କାବୁ କରି ନେବା ସହିତ ତାଙ୍କୁ ବାନ୍ଧି ଦେଇଥିଲେ। ପରେ ମାରଣାସ୍ତ୍ର ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ହନୁମାନ ପଇସା କେଉଁଠି ଅଛି ବୋଲି ପଚାରିଥିଲେ। ପ୍ରସନ୍ନ ହନୁମାନ ପଇସା ନାହିଁ ବୋଲି କହିଥିବା ବେଳେ ତାଙ୍କ ଛାତିରେ ଛୁରୀ ଲଗାଇ ଲୁଟେରାମାନେ ଧମକାଇଥିଲେ। ପରେ ପ୍ରସନ୍ନଙ୍କ ପାଟି ଶୁଣି ପରିବାରର ଅନ୍ୟ ସଦସ୍ୟମାନେ ସେଠାରେ ପହଞ୍ଚିବାରୁ ଲୁଟେରାମାନେ ସେମାନଙ୍କୁ ମଧ କାବୁ କରି ନେଇଥିଲେ । ଲୁଟେରାମାନେ ହାତରେ କୁରାଢ଼ୀ, ଛୁରୀ ଭଳି ମାରଣାସ୍ତ୍ର ଧରି ସମସ୍ତଙ୍କୁ ଭୟଭୀତ କରାଇଥିଲେ । ହନୁମାନ ପଇସା ନ ପାଇବାରୁ ଲୁଟେରାମାନେ ଘରର ବିଭିନ୍ନ ସ୍ଥାନ ଖୋଜାଖୋଜି କରି ଘରେ ଥିବା ସୁନା ଅଳଙ୍କାର ସମେତ ନଗଦ ୨୦ ହଜାର ଟଙ୍କା ଏବଂ ୫ ଟି ମୋବାଇଲ୍‌କୁ ଲୁଟି ନେଇ ସେଠାରୁ ଖସିଯାଇଥିଲେ । ଲୁଟେରାମାନେ ଆଦିବାସୀ ଏବଂ ଓଡ଼ିଆ ଭାଷାରେ କଥା ହେଉଥିବା ଲୁଟ୍‌ର ଶିକାର ହୋଇଥିବା ବୀରଙ୍କ ସ୍ତ୍ରୀ ମାଟି ହେମ୍ବ୍ରମ୍ ପ୍ରକାଶ କରିଛନ୍ତି । ଲୁଟେରାମାନେ ମୁହଁରେ କଳା ମୁଖା ପିନ୍ଧିଥିବାରୁ ସେମାନଙ୍କୁ ଚିହ୍ନି ପାରି ନ ଥିବା ବୀର ପୋଲିସ୍‌କୁ କହିଛନ୍ତି।

# ଦେଢ଼ ବର୍ଷ ହେଲା ବସ୍ତ୍ର ବିତରଣ କେନ୍ଦ୍ରରେ ପଡ଼ିଛି ତାଲା

**ବଡବିଲ, ୧୦।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ତହସିଲ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ବ୍ୟବହାର ଉପଯୋଗୀ ବସ୍ତ୍ର ଓ ଆସବାବପତ୍ର ଦାତାଙ୍କ ଠାରୁ ଗ୍ରହଣ କରାଯାଇ ଗରିବ ଓ ଦୁଃଖୀ ମାନଙ୍କୁ ମାଗଣା ବସ୍ତ୍ର ଯୋଗାଇ ଦେବାକୁ 'ହେଲପିଙ୍ଗ ହ୍ୟାଣ୍ଡ' ନାମରେ ଏକ ବିତରଣ କେନ୍ଦ୍ର ୨୦୧୮ ମସିହା ଫେବୃୟାରୀ ପ୍ରଥମ ସପ୍ତାହରେ ଉଦ୍‌ଘାଟିତ ହୋଇଥିଲା। ଚମ୍ପୁଆ ଉପଜିଲାପାଳ ପାରୁଲ ପଟ୍ଟୱାରୀ ଏହାର ଉଦ୍‌ଘାଟନ କରିଥିଲାବେଳେ ଏହାପରଠାରୁ ଉକ୍ତ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ୨୦୧୮ ଫେବୃୟାରୀ ୧୨ ତାରିଖରେ ବଡବିଲ ତହସିଲଦାର ଭାବେ କ୍ଷୀରୋଦ କୁମାର ବେହେରା ଯୋଗଦେଇଥିଲେ ହେଁ ଉକ୍ତ ବିତରଣ କେନ୍ଦ୍ରକୁ ଚାଲୁ କରିବା ନେଇ ଆଦୌ ଆନ୍ତରିକତା ଦେଖାଇ ନ ଥିଲେ। ଏନେଇ ଗତ କିଛି ଦିନତଳେ ତହସିଲଦାର ବେହେରାଙ୍କୁ ପଚାରିବାରୁ ସେ କେନ୍ଦ୍ର ଚାଲୁ କରିବା ନେଇ ବ୍ୟବସ୍ଥା କରିବେ ବୋଲି କହିଥିଲେ। ତେବେ ଦେଢ ବର୍ଷ ଧରି ପ୍ରଶାସନ କାର୍ଯ୍ୟକାରୀ କରିବାରେ ଫେଲ ମାରିଲା ପରେ ବୁଧବାର ଦିନ ସ୍ଥାନୀୟ ସାମାଜିକ ସଙ୍ଗଠନ ନେଟିଭ ଭଏସର ସହାୟତାରେ ପୁଣି ଚାଲୁ କରିଥିବା ଜଣାପଡିଛି। ନେଟିଭ ଭଏସର ସଦସ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ମହାପାତ୍ର, ରସାନନ୍ଦ ବେହେରା, ପ୍ରଶାନ୍ତ ମହାନ୍ତି କେତେକ ଆଇନଜୀବୀଙ୍କ ସହ ସଙ୍ଗଠନର ସଦସ୍ୟ ଓ ମହିଳା ସମିତିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି କେନ୍ଦ୍ରର ତଦାରଖ କରିବାକୁ ସହମତି ଦେଇଥିବାବେଳେ ଦାତାଙ୍କ ନାମ ଓ ଠିକଣା ଲିପିବଦ୍ଧ କରି ରଖାଯିବ ବୋଲି ନେଟିଭ ଭଉସ ତରଫରୁ ସୂଚନା ଦିଆଯାଇଛି।



ହେଲପିଙ୍ଗ ହ୍ୟାଣ୍ଡ ପୁନଃ ଆରମ୍ଭ ବେଳେ ଉପସ୍ଥିତ ଲୋକେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ସରଳବଣି,
କିଏ ଲୋଡ଼ିଲେ ନ ପାଏ କାକର ପାଣି ।**

ଭୋଗବିଳାସରେ ବୁଡ଼ିରହୁଥିବା ଧନୀ ବ୍ୟକ୍ତି ଖାଇବା ପାଇଁ ଅରୁଚି ପ୍ରକାଶ କରୁଥିବା ବେଳେ ଦୁଃଖୀ ରଙ୍କି ବ୍ୟକ୍ତି ସାମାନ୍ୟ ଆହାର ମୁଠାଏ ପାଇଁ ଉହଳବିକଳ ହେଉଥିବା ଲକ୍ଷ୍ୟ କରାଯାଇଥାଏ। ମଣିଷ କାଳ ଓ ଭାଗ୍ୟର ଅଧୀନ। କେଉଁଠି କିଏ ରାଜଭୋଗ କରୁଥିବା ବେଳେ ଆଉ କେଉଁଠି କେହି ଦାରୁଣ ଦୁଃଖକଷ୍ଟରେ ପଡ଼ି ଜୀବନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କି ଗୁଣ ବାହୁନିବି, ଖଜୁରି ଗଛର;
ସେ ତ ମୂଳରୁ ପାହାଚ ପାହାଚ ।**

ଖଜୁରି ଗଛର ବାହୁଙ୍ଗା ଏପରି କଟାଯାଇଥାଏ ଯେ ତା'ର ଗର ବା ଗଣ୍ଡି ମୂଳରୁ ଶେଷଯାଏ ପାହାଚିଆ ପାହାଚିଆ ହୋଇ ରହିଥାଏ। ସେହିପରି ଜଣଜଣଙ୍କର ଖରାପ ଗୁଣ ମୂଳରୁ ଶେଷଯାଏ ସମାନ ରହିଥାଏ। ବହୁ ଦୋଷଦୁର୍ଗଣରେ ପରିପୂର୍ଣ୍ଣ ହୋଇଥିବା ବ୍ୟକ୍ତିର ଗୋଟିଏ ଦୋଷଦୁର୍ବଳତା ପ୍ରତି ଟିପ୍ପଣୀ ଦେବା ବା ଅଙ୍ଗୁଳି ଦେଖାଇବା ନିରର୍ଥକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## TENDER CALL NOTICE

**OFFICE OF THE CSO-CUM-DISTRICT MANAGER,
ODISHA STATE CIVIL SUPPLIES CORPORATION LTD., MAYURBHANJ, BARIPADA**
**www.mayurbhanj.nic.in**

**No. 3955** **Date: 10.07.19**

The CSO-cum-District Manager, OSCSC Ltd., Mayurbhanj, Baripada invites sealed tenders from reputed firms/companies/persons for appointment as Level-II Transport Contractor for transportation of foodgrains from Rice Receiving Centre-Cum-Departmental Storage Centre (RRC-cum-DSC) to retail centres of Saraskana Block, Kuliana Block, Betnoti Block, Rairangpur Municipality, Udala NA,C, Thakurmunda Block, Raruan Block, Karanjia Block, Karanjia NAC, Sukruli Block Unit tagged.

The Level-II Transport Contractor shall perform all operations for transportation of foodgrains from RRC-cum-DSC to retail centres & delivreing the foodgrains at retail centres of Unit tagged.

Interested firms/companies/persons may obtain tender document from the office of the CSO-cum-District Manager, OSCSC Ltd., Mayurbhanj from 11.07.2019 to 25.07.19 upto 3.00 PM. The interested firms/companies / persons may also download the tender document from the district website **www.mayurbhanj.nic.in.**

Interested firms/ companies/ persons wil have to submit their tender documents **through registered post/ speed post/ courier service** only as per the procedure prescribe in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal/ courier delay. Tender paper received after the scheduled date & time shall not be considered.**

**Address for submission of Tender document**
District Manager, OSCSC Ltd., Mayurbhanj,
At/Po: Bhanjpur, Dist: Mayurbhanj, Pin: 757002

Important Datelines

| | |
|---|---|
| Issue of advertisement as district level | By 11.07.2019 |
| Sale of Tender Papers | From 11.07.19 to 25.07.19 |
| Receipt of tender papers | By 25.07.19 upto 5.00 PM |
| Opening of Technical Bid for Level-II Transport Contractor | On 26.07.2019 at 11.00 AM |
| Opening of Price Bid for Level-II Transport Contractor | On 26.07.19 at 04.00 PM |
| Execution of Agreement | By 30.07.19 |

**Sd./- CSO-cum-District Manager, OSCSC Ltd., Mayurbhanj**



# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

FINANCE

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୪୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ASTROLOGY

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
9078842412

DHARITRI Career appointment Every Wednesday and Saturday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମହିଳାଙ୍କୁ ଛୁରି ଭୁସି ହତ୍ୟା ଘଟଣା ଜଣେ ଗିରଫ

ଯୋଡ଼ା,୧୦।୭(ଡି.ଏନ.ଏ.)- କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହାତୀମରା ଖଜୁରୀଡ଼ିହି ଗ୍ରାମରେ ଜଣେ ମହିଳାଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ପୋଲିସ ଜିତୁ ବେଣ୍ଟକାର ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ଘର ହାତୀମରା ଗାଁରେ। ମଙ୍ଗଳବାର ସନ୍ଧ୍ୟାରେ ହାତୀମରା ଖଜୁରୀଡ଼ିହି ଗାଁର ଉପଶୀ ଗୋପ (୪୦)ଙ୍କୁ ଘରୁ ଡ଼ାକି ନେଇ ୧୦୦ମିଟର ଦୂରରେ ଏକାଧିକ ବ୍ୟକ୍ତି ଛୁରି ଭୁସି ହତ୍ୟା କରିଥିଲେ। ପୋଲିସ ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟା ଘଟଣା ଘଟିଥିବା ଜାଣିବାକୁ ପାଇଥିଲା। ତେବେ ଏହି ଘଟଣାରେ ଜିତୁଙ୍କୁ ଗିରଫ ପରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଲାଗି ଅଧିକ ତଦନ୍ତ ଜାରି ରଖିଥିବା ବାମେବାରୀ ଥାନା ଓଆଇସି ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ଏନ୍‌ଏଚ୍ ୨୦, ବେଲବାହାଲି ପୋଲ ମରାମତି ଦାବି

କେନ୍ଦୁଝର, ୧୦।୭ (ସ୍ୱ.ପ୍ର.)- କେନ୍ଦୁଝର ଜିଲାର ଲାଇଫ ଲାଇନ କୁହାଯାଉଥିବା ଏନଏଚ ୨୦ ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏହି ରାସ୍ତା ନିର୍ମାଣ ଶେଷ ନ ହେଉଣୁ ଟୋଲ ଆଦାୟ କରାଯାଉଥିବାରୁ ଅସନ୍ତୋଷ ଦେଖାଦେଉଛି। ସେହିପରି କେନ୍ଦୁଝର ଠାରୁ ଆନନ୍ଦପୁର ପର୍ଯ୍ୟନ୍ତ ରାସ୍ତାରେ ବହୁ ପୋଲ ଓ ରାସ୍ତା କାମ ସରି ନ ଥିବାରୁ ଯାତାୟତ ବ୍ୟାହତ ହେବା ସହ ଦୁର୍ଘଟଣା ଘଟୁଛି। ଏନେଇ ମଙ୍ଗଳବାର କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କେନ୍ଦୁଝରର ଭାଜପା ନେତା ମାନେ ଏନଏଚଏଆଇର ଆଞ୍ଚଳିକ ଅଧିକାରୀଙ୍କୁ ଦାବିପତ୍ର ଦେଇଥିବା ଜଣାପଡିଛି। ଏହି ଦାବି ପତ୍ର ପ୍ରଦାନ ବେଳେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବ୍ରୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ନିଯୁକ୍ତି ତାଲିମ ଶିବିର

ତେଲକୋଇ, ୧୦।୭(ଡି.ଏନ.ଏ.)- ତେଲକୋଇ ବ୍ଲକ ମୁଖ୍ୟାଳୟ ଠାରେ ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ରାଜ ଓ ପାନୀୟଜଳ ବିଭାଗ ଓଡିଶା ସରକାର ପକ୍ଷରୁ ଏହି ତାଲିମ ଶିବିରରେ ୫ଶହରୁ ଉର୍ଦ୍ଧ ବେକାର ଯୁବତୀ ଯୁବକ ସାମିଲ ହୋଇ ନିଯୁକ୍ତ ଭିତ୍ତିକ ତାଲିମ ନେବା ପାଇଁ ଅବେଦନ କରିଥିଲେ। ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ ଯୋଗ ଦେଇ ବିଭିନ୍ନ ଉଦ୍ୟଗୀ କମ୍ପାନୀ ମାଧମରେ ତାଲିମ ନେବା ପାଇଁ ଆବେଦନକାରୀଙ୍କୁ ପରାମର୍ଶ ଦେଇଥିଲେ। ତାଲିମ ପାଇବା ପରେ ଛାତ୍ରୀଛାତ୍ର ନିଜ ଉଦ୍ୟମରେ ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରିବା ସହିତ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ୨୦ରୁ ଉର୍ଦ୍ଧ କମ୍ପାନୀ ସାମିଲ ହୋଇଥିବା ବେଳେ ୫ମଶ୍ରେଣୀ ଠାରୁ ଉର୍ଦ୍ଧ ଶିକ୍ଷାଗତ ଯୋଗ୍ୟତାଙ୍କୁ ସାମିଲ କରାଯାଇ ନିଜ ନିଜ କମ୍ପାନୀ ଅଧୀନରେ ତାଲିମ ଦେବା ପାଇଁ ଯୋଜନା କରାଯାଇଥିବା କୁହାଯାଉଛି। ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କ ସହିତ ବ୍ଲକ ଅଧକ୍ଷ ମମତା ଦେହୁରୀ ସମେତ ବିଭିନ୍ନ ବିଭାଗ ଅଧିକାରୀ ସାମିଲ ଥିଲେ।

### ସାହିତ୍ୟ ସଂସଦର ଆଲୋଚନାଚକ୍ର

ଆନନ୍ଦପୁର,୧୦। ୭(ସ୍ୱ.ପ୍ର.)- ଆନନ୍ଦପୁର ପୌରପରିଷଦର ଫକୀରପୁର ସାହିତ୍ୟ ସଂସଦ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ୍ ରାମଚନ୍ଦ୍ର ନାୟକଙ୍କ ୭୦ ତମ ଜନ୍ମତିଥି ଅବସରରେ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିବା ଆଲୋଚନାଚକ୍ରରେ ରଥାରୂଢ଼ ପ୍ରଭୁ ଜଗନ୍ନାଥଙ୍କ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଆଧାତ୍ମିକା ପତ୍ରିକା 'ଜଗନ୍ନାଥ କିଏ'ର ରଚୟିତା ତଥା ଶିକ୍ଷାବିତ୍ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲେଖକ ରମାକାନ୍ତ ନାୟକ, ଶିଶୁ ସାହିତ୍ୟିକ କୀର୍ତ୍ତନ ବିହାରୀ ସାହୁ , କବି ନରହରି ରାଉତ, କବି ପ୍ରଫୁଲ୍ଲ ଚକ୍ର, ଶିଶୁ ସାହିତ୍ୟିକ ରତ୍ନାକର ଦାସ ପ୍ରମୁଖ ଉପସ୍ଥିତ ରହି ରଥ ଓ ବାହୁଡା ଯାତ୍ରାର ମଧବର୍ତ୍ତୀ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଓ କାଳିଆ ସାଆନ୍ତଙ୍କ ଲୀଳା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। କବି ଗୋବର୍ଦ୍ଧନ ନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ, ଦଶରଥ ସାହୁ, ନରହରି ନାଥ, ବସନ୍ତ ସାହୁ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

■ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଉତ୍ତେଜନା

# ରୋଗୀଙ୍କୁ ଦିଆଗଲା ଏକ୍ସପାଏରି ସାଲାଇନ୍

ଚମ୍ପୁଆ, ୧୦।୭(ଡି.ଏନ.ଏ.)

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ସମସ୍ୟା ବଢ଼ିବାରେ ଲାଗିଛି। କିଛିଦିନ ତଳେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା କମି ନ ଥିବା ବେଳେ ଗତ ମଙ୍ଗଳବାର ରାତିରେ ସ୍ଥାନୀୟ ଏକ ମହିଳା ରୋଗୀଙ୍କୁ ଡାକ୍ତରଖାନା ପକ୍ଷରୁ ଏକ୍ସପାଏରି ସାଲାଇନ ଦେଇ ପୁଣି ସମସ୍ୟା ଘେରକୁ ଟାଣି ହୋଇଯାଇଛି। କର୍ମଚାରୀଙ୍କ ଅବହେଳାକୁ ଦାୟୀକରି ରୋଗୀ ସମ୍ପର୍କୀୟମାନେ ହୋହଲ୍ଲା କରିବାରୁ ଉତ୍ତେଜନା ଦେଖାଦେଇଛି। ଚମ୍ପୁଆ ଆଇଆଇସି ମନୋରଞ୍ଜନ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା କମିଥିଲା।

ସୂଚନା ଅନୁସାରେ ଚମ୍ପୁଆ ଧଳାଡିହି ଗ୍ରାମର ମହେନ୍ଦ୍ର ନାଏକଙ୍କ ସ୍ତ୍ରୀ ମାଳତି ନାଏକଙ୍କୁ ଅସୁସ୍ଥ ଅବସ୍ଥାରେ ମଙ୍ଗଳବାର ରାତି ସାଢ଼ ୧୦ଟାରେ ଉପଖଣ୍ଡ



ରୋଗୀଙ୍କୁ ଦିଆଯାଇଥିବା ଏକ୍ସପାଏରି ସାଲାଇନକୁ ତାଙ୍କ ସମ୍ପର୍କୀୟ ଦେଖାଉଛନ୍ତି।

ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡ୍ୟୁଟିରେ ଥିବା ଜଣେ ଡାକ୍ତର ମେଡିସିନ ବିଭାଗର ଅନ୍ୟ ଏକ ଡାକ୍ତରଙ୍କୁ କଲ କରିବା ପରେ ଉଭୟ ମାଳତିଙ୍କ ଚିକିତ୍ସା ପାଇଁ ଔଷଧ ଓ ସାଲାଇନ ଲେଖିଥିଲେ। ମାତ୍ର ଡ୍ୟୁଟିରେ ଥିବା ନର୍ସ ଜଣକ ଡାକ୍ତରଖାନାରେ ମିଳୁଥିବା ଏନଏସ ସାଲାଇନ ରୋଗୀଙ୍କୁ ଦେଇଥିଲେ। ସାଲାଇନ ଲାଗିବା ପରେ ରୋଗୀଙ୍କ ସମ୍ପର୍କୀୟ ସାଲାଇନର ତାରିଖ ଦେଖିବାରୁ ଏହା ଏକ୍ସପାଏରି ସାଲାଇନ ବୋଲି ଜଣାପଡିବା ପରେ ଡ୍ୟୁଟିରେ ଥିବା କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତୁରନ୍ତ ତାହା ଖୋଲିନେଇ ଦୋଷ ଲୁଚାଇବାକୁ ଯାଇ ସାଲାଇନଟିକୁ ଡଷ୍ଟବିନରେ ଫିଙ୍ଗି ଦିଆଯାଇଥିଲା। ତାଙ୍କ ଘରଲୋକ ଚିକିତ୍ସାଳୟରେ ହୋହଲ୍ଲା କରିଥିଲେ। ଫଳରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ଉତ୍ତେଜନା କମିଥିଲା। ତେବେ ସାଲାଇନର ତାରିଖକୁ ନ ଦେଖି ସାଲାଇନ ଦେବା ରୋଗୀଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳାଯାଉଥିବା ଅତ୍ୟନ୍ତ ପରିତାପର ବିଷୟ। ୩ଜଣ ରୋଗୀଙ୍କୁ ଏହି ଏକ୍ସପାଏରି ସାଲାଇନ ଦିଆଯାଇଥିଲେ ମଧ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କ ନାଁ କହିବାକୁ ଅରାଜି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. କର୍ଣ୍ଣରାମ ମହାନ୍ତଙ୍କୁ ପଚାରିବାରୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହିତ ଷ୍ଟୋର ରୁମ ଚେକ୍ କରାଯାଇ କେଉଁଠୁ ଏହା ଆସିଛି ଏବଂ କର୍ମଚାରୀ କାହିଁକି ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



କେନ୍ଦୁଝର ଆରାଧ୍ୟ ବଳଦେବଜୀଉଙ୍କ ନୃସିଂହ ଓ ବାମନ ବେଶ । (ଫଟୋ– ନରେଶ ପଟ୍ଟନାୟକ)

### ଦଧିବାମନ ଜୀଉ ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର

ଆନନ୍ଦପୁର,୧୦।୭(ସ୍ୱ.ପ୍ର.)

ଆନନ୍ଦପୁରର ଆରାଧ ଦେବତା ଦଧିବାମନ ଜୀଉଙ୍କ ନାମରେ ଏକ ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ମାର୍କେଟ କମ୍ପ୍ଲେକ୍ସ ଦୁଇ ମହଲା ବିଶିଷ୍ଟ। ଏଥିରେ ୮ ଗୋଟି ଗୃହ ନିର୍ମାଣ କରାଯାଇ ସ୍ଥାନୀୟ ବ୍ୟବସାୟୀଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା ରହିଛି। ଏଥିରୁ ଆୟ ଦଧିବାମନ ଜୀଉଙ୍କ ଉନ୍ନୟନ ନିମନ୍ତେ ଖର୍ଚ୍ଚ କରାଯିବ ବୋଲି ଜଣାପଡିଛି। ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀଙ୍କ ଦ୍ୱାରା ଏହି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ ଆନନ୍ଦପୁର ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ମୁଖ୍ୟ ରବୀନ୍ଦ୍ର କୁମାର ସାହୁ, ପୌର ଅଧିକାରୀ ହିତାଂଶୁ ଶେଖର ସାମଲ, ସୁଶୀଲ ହୋତା ପ୍ରମୁଖଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

### ମୋବାଇଲ ଦୋକାନରୁ ଚୋରି

ପାଟଣା,୧୦।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ବ୍ଲକ ନିକଟ ବଜାରର ଏକ ମୋବାଇଲ ଦୋକାନର ଅଜବେଷ୍ଟସ୍ ଭାଙ୍ଗି ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ୪୨ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ମୋବାଇଲ, ମୋବାଇଲ ଆସେସରୀ ଓ ଟର୍ଚ୍ଚ ଚୋରି କରିନେଇଥିବା ପାଟଣା ଥାନା ରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବ୍ଲକ ନିକଟ ବଜାର ରେ ସଁରାପଶି ଗ୍ରାମର ଶମ୍ଭୁନାଥ ପୃଷ୍ଟିଙ୍କ ଏକ ମୋବାଇଲ ଦୋକାନ ଅଛି। ସବୁଦିନ ଭଳି ଶମ୍ଭୁ ମଙ୍ଗଳବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳୁ ଦୋକାନ ଖୋଲିବା ପରେ କେହି ଦୁର୍ବୃତ୍ତ ପଶି ମୋବାଇଲ ସହ ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ଘଟଣା ସ୍ଥଳରେ ପାଟଣା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

■ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ପ୍ରଶିକ୍ଷଣ

# 'ପରିବେଶ ସୁରକ୍ଷା ଅଭିଯାନରେ ସମସ୍ତେ ସାମିଲ ହୁଅନ୍ତୁ'

କେନ୍ଦୁଝର, ୧୦।୭ (ସ୍ୱ.ପ୍ର.)

ସମ୍ପ୍ରତି ସମଗ୍ର ବିଶ୍ୱରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ପରିବେଶର ସୁରକ୍ଷା ଉପରେ ସମସ୍ତେ ଗୁରୁତ୍ୱରୋପ କରିଛନ୍ତି। ଏହି ଉପଲକ୍ଷେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଜଳବାୟୁ ପରିବର୍ତ୍ତନ ସେଲ୍ ଆନୁକୂଲ୍ୟରେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସହଯୋଗରେ ଦରବାର ହଲ୍‌ଠାରେ ବୁଧବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଯୋଗଦେଇ ଆଶିଷ ଠାକରେ ପରିବେଶର ସୁରକ୍ଷା ଅଭିଯାନରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଜଣାଇଛନ୍ତି। ପରିବେଶ ପ୍ରଦୂଷଣ ଯୋଗୁଁ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଘଟୁଛି ଏବଂ ପ୍ରକୃତି ଭାରସାମ୍ୟ ହରାଉଛି। ଯାହାଫଳରେ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ସଂଘଟିତ ହେବା ସହ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ୧୯୯୯ ମହାବାତ୍ୟା ଉପରେ ଆଲୋକପାତ କରିବା ସହ ଏସବୁର ପ୍ରଶମନ ପାଇଁ ପରିବେଶର ସୁରକ୍ଷା ଏକାନ୍ତ ଆବଶ୍ୟକ ବୋଲି ଜିଲାପାଳ ଉଦବୋଧନ ଦେଇଥିଲେ । ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ, ବର୍ଜ୍ୟବସ୍ତୁ ନିୟନ୍ତ୍ରଣ, ଶକ୍ତି ସଂରକ୍ଷଣ, ପରିବେଶ ସଚେତନତାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ଉପସ୍ଥିତ ଥିଲେ। ମାଇନିଂ କାର୍ଯ୍ୟକଳାପ ଏବଂ ଜଙ୍ଗଲରେ ନିଆଁ ଲାଗିବା ଫଳରେ ପରିବେଶ ପ୍ରଦୂଷଣର ମାତ୍ରା ବଢୁଛି। ଏହାକୁ ଭରଣା କରିବା ସହ ବାୟୁମଣ୍ଡଳରୁ ବିଷାକ୍ତ ଗ୍ୟାସ୍ ହ୍ରାସ ଲାଗି ବ୍ୟାପକ ବୃକ୍ଷରୋପଣ ଏକାନ୍ତ ଆବଶ୍ୟକ ବୋଲି ଯୋଶୀ କହିଛନ୍ତି। ପ୍ରଶିକ୍ଷଣ ଶିବିରରର ସଂଯୋଜନା କରି ଜଙ୍ଗଲ ଓ ପରିବେଶ ବିଭାଗର ବୈଜ୍ଞାନିକ ଡଃ କୃଷ୍ଣଚନ୍ଦ୍ର ପାଲ୍ କାର୍ଯ୍ୟକ୍ରମ ଆୟୋଜନର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

## ଦୃଷ୍ଟିହୀନଙ୍କୁ ସହାୟକ ଉପକରଣ



ଜିଲାପାଳ ଆଶିଷ ଠାକ୍‌ରେଙ୍କ ଦ୍ୱାରା ଦୃଷ୍ଟିହୀନ ଛାତ୍ରୀଙ୍କୁ ସହାୟକ ଉପକରଣ ପ୍ରଦାନ

କେନ୍ଦୁଝର, ୧୦।୭ (ସ୍ୱ.ପ୍ର.)

ସମଗ୍ର ଶିକ୍ଷା, କେନ୍ଦୁଝର ଏବଂ ସାଇଟ୍ ସେଭର୍ସ ଅନୁଷ୍ଠାନ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଦୃଷ୍ଟିହୀନ ଓ ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ଛାତ୍ରୀଛାତ୍ରୀଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି। ବୁଧବାର ଡି.ଏନ୍. ହାଇସ୍କୁଲ୍, କେନ୍ଦୁଝରଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଆଶିଷ ଠାକରେ ୪୬ ଜଣ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କରିଥିଲେ । ଏହା ଫଳରେ ଦୃଷ୍ଟିହୀନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ସହଜ ଉପାୟରେ ଏହି ଉପକରଣ ମାଧମରେ ଶିକ୍ଷା ପାଇ ପାରିବେ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଢି ପାରିବେ ବୋଲି ଜିଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣର ଉପନିର୍ଦ୍ଦେଶକ ସୁରେଖା ତରାଇ, ରାଜ୍ୟ ସଂଯୋଜକ ଅନ୍ତର୍ନିବେଶୀ ଶିକ୍ଷା ଅଶୋକ ମହାପାତ୍ର, ସାଇଟ୍ ସେଭର୍ସ ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ଆକବର ଆଲାମ୍, ସମଗ୍ର ଶିକ୍ଷା କେନ୍ଦୁଝରର ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଡି.ଏନ୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ମହାନ୍ତ ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ପାଟଣାରେ ପଞ୍ଚାୟତ ସମିତି ବୈଠକ

ପାଟଣା,୧୦।୭(ସ୍ୱ.ପ୍ର.)

ପାଟଣା ପଞ୍ଚାୟତ ସମିତିର ୨୦୧୯– ୨୦ ଆର୍ଥିକ ବର୍ଷର ସମିତି ବୈଠକ ବୁଧବାର ବ୍ଲକ ସଭାଗୃହରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବିଡିଓ ପ୍ରଫୁଲ୍ଲ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁପ୍ରକାଶ ଶତପଥୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତ, ସହକାରୀ ନିର୍ବାହୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ, ସିଡିପିଓ ତିଲୋତ୍ତମା ମହାପାତ୍ର, ଅତିରିକ୍ତ ବନାଞ୍ଚଳ ଅଧିକାରୀ ସ୍ୱରାଜ ପାତ୍ର, ଜିପିଓ ରଶ୍ମିରେଖା ମହାନ୍ତି, ଜିଲା ପରିଷଦ ସଭ୍ୟ ସୁରେଶ ଚନ୍ଦ୍ର ନାଏକ ପ୍ରମୁଖ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ବ୍ଲକର ସମସ୍ତ ସମସ୍ୟା ଉପରେ ଆଲୋଚନା ହେବା ସହ ସରକାରଙ୍କ ତରଫରୁ ବିଭିନ୍ନ ବିଭାଗର ଜନକଲ୍ୟାଣକାରୀ ଯୋଜନାଗୁଡିକ ଉପରେ ଲୋକ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ପାଟଣାର ବିଦ୍ୟୁତ ସମସ୍ୟା ଓ ଡାକ୍ତର ସମସ୍ୟା ଉପରେ ବିଧାନ ସଭାରେ ସେ ପ୍ରଶ୍ନ ଉଠାଇଛନ୍ତି ଓ ଏସବୁର ଖୁବ ଶୀଘ୍ର ସମାଧାନ ହେବ ବୋଲି ପାଟଣା ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦେଇପଶି ସମିତି ସଭ୍ୟ ମିତ୍ରଭାନୁ ମହାନ୍ତ, ଟାଙ୍ଗରପଡା ସମିତି ସଭ୍ୟ ବ୍ରହ୍ମାନନ୍ଦ ନାଏକ, ଜିଲାପରିଷଦ ସଭ୍ୟା ଡଲି ପାତ୍ର ଓ କେନ୍ଦେଇପଶି ସରପଞ୍ଚ ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆତଙ୍କ ଖେଳାଉଛି ଗୋଠଛଡା ଦନ୍ତାହାତୀ

ଝୁମ୍ପୁରା/ ଯୋଡ଼ା, ୧୦।୭ (ଡି.ଏନ.ଏ.)

କିଛିଦିନର ନୀରବତା ପରେ ଗୋଠଛଡା ଦନ୍ତା ହାତୀ ପୁଣି ଥରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ଆତଙ୍କ ସୃଷ୍ଟି କରିଛି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରି ଫରେଷ୍ଟ ସେକ୍ସନ ଅଧୀନରେ ରହିଥିବା ଗ୍ରାମଗୁଡିକର ବାସିନ୍ଦା ଭୟଭୀତ ହୋଇ ପଡିଛନ୍ତି। ଏହି ହାତୀ ପାଇଁ ବନ ବିଭାଗକୁ ମଧ ନାକେଦମ ହେବାକୁ ପଡୁଛି। ଏସବୁ ସତ୍ତ୍ୱେ ମଧ ହାତୀଟି ଗାଁ ଭିତରକୁ ପଶି ଆସୁଛି। ୨ଦିନ ହେବ ହାତୀଟି ବହୁ ଲୋକଙ୍କର ବାଡି ବଗିଚା ଫସଲ ନଷ୍ଟ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀଟି ବସନ୍ତପୁରରେ ଗୋଟିଏ ଘର, ବଳଭଦ୍ରପୁର ଗ୍ରାମରେ ଗୋଟିଏ ଘର ଭାଙ୍ଗିବା ସହିତ କାଶିଆ ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଘର ଭାଙ୍ଗି ଚାଉଳ ଖାଇ ଦେଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମ ଗୁଡିକରେ ୧୦ ଟି ହାତୀ ଉପଦ୍ରବ ଚଳାଇଥିବା ବେଳେ ଏହି ହାତୀପଲ ମଧ୍ୟରେ ଗୋଟିଏ ଦନ୍ତା ହାତୀ ରହି ଗାଁ ରେ ପଶି ଘର ଭାଙ୍ଗୁଛି । ବାମେବାରି ଫରେଷ୍ଟର ଯତୀନ୍ଦ୍ର ସାହୁ କହିଛନ୍ତି ଯେ, ଏହି ହାତୀକୁ ଘଉଡ଼ାଇବା ପାଇଁ ଆମର ସମସ୍ତ କର୍ମଚାରୀ ମଧ ନାକେଦମ ହେଲେଣି। ଗ୍ରାମବାସୀଙ୍କ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ କରାଯାଇଛି। ହାତୀଟି ବର୍ତ୍ତମାନ ଅନ୍ଧାରୀ ଖମଣ ଗ୍ରାମର ପାର୍ଶ୍ୱବର୍ତ୍ତୀ ପାହାଡରେ ରହିଛି।

## ଷଷ୍ଠ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ



କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

କେନ୍ଦୁଝର, ୧୦।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଆରାଧ ଦେବତା ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ଅବସରରେ ଷଷ୍ଠ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ମତୁଆଲା ହୋଇଛନ୍ତି। ଜିଲା ପ୍ରଶାସନ ଓ ଦେବୋତ୍ତର, କେନ୍ଦୁଝର ଆନୁକୂଲ୍ୟରେ ତଥା ସାଂସ୍କୃତିକ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦୁଝର ବଡଦାଣ୍ଡର ୩ଟି ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ଭଜନ ମଣ୍ଡପରେ ବାଲେଶ୍ୱର ଜିଲା ବାଲିଆପାଳର 'ଅନନ୍ତ ବଳିଆ ଭଜନ ପୁଷ୍ପାଞ୍ଜଳୀ' ଅନୁଷ୍ଠାନ ତରଫରୁ ଭକ୍ତି ରସାତ୍ମକ ଭଜନ ପରିବେଷଣ କରାଯାଇଥିଲା। ଦର୍ଶକ ଓ ଭକ୍ତ ରାତ୍ରି ପର୍ଯ୍ୟନ୍ତ ଉପସ୍ଥିତ ରହି ଭଜନର ଭକ୍ତି ଭାବରେ ତଲ୍ଲୀନ ହୋଇଯାଇଥିଲେ। ଘୁଙ୍ଗୁରୁ କ୍ଲବ ମଞ୍ଚରେ 'ଘୁଙ୍ଗୁରୁ କ୍ଲବ୍' ଏବଂ 'ପ୍ରଗତି କ୍ଲବ୍' କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଲେଭେନ୍ ବୁଲେଟ୍ କ୍ଲବ୍ ମଞ୍ଚରେ 'ଡାଡି ମିକ୍ସ' ଓ 'ବର୍ଷା କ୍ଲବ୍' ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା ଓ ଅତିଥି।

ଚମ୍ପୁଆ,୧୦।୭(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ପ୍ରେରଣା– ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଳଧର ସାହୁ, ମୁଖ୍ୟବକ୍ତା ଭାବେ ଯୁଗଳ କିଶୋର କର, ସମ୍ମାନିତ ଅତିଥି ଭାବେ ନାରଦ ଚନ୍ଦ୍ର ନାଏକ, ବିଦ୍ୟାଧର ପ୍ରଧାନ, ଶ୍ରୀନିବାସ ଗିରି, ପୂର୍ଣ୍ଣନନ୍ଦ ସିଂ, ସୁରେଶ ଚନ୍ଦ୍ର ମହାନ୍ତ, ରମାକାନ୍ତ ପ୍ରଧାନ, ଦେବବ୍ରତ ରାଉତ, ସୁକେଶୀ ସେଠି ଓ ମନୋରମା ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଡଃ ବୃନ୍ଦାବନ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ୧୮୮ ଜଣ ଗୁରୁଶିକ୍ଷାର୍ଥୀ ଉପସ୍ଥିତ ହୋଇଥିଲେ। ବିଦ୍ୟାଳୟର ଉନ୍ନତି ହୋଇଛି ମାତ୍ର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ଉନ୍ନତି ହୋଇପାରି ନ ଥିବା, ଶିକ୍ଷାର୍ଥୀଙ୍କ ସହ ଶିକ୍ଷକ ମାନେ ପିତାମାତା ସମ୍ପର୍କ ରଖିବା, କ୍ୱାଣ୍ଟିଟି ଶିକ୍ଷାଦାନ ଅପେକ୍ଷା କ୍ୱାଲିଟି ଶିକ୍ଷା ଆବଶ୍ୟକ ଏବଂ ଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ପ୍ରଦାନ କରିଥିଲେ। ଆବଶ୍ୟକ ଅଧାପକ ଓ ଅଧକ୍ଷ ପଦବୀ ପୂରଣ ନକରି କିପରି ଶିକ୍ଷାଦାନ କରାଯାଉଛି ତାହା ପ୍ରଶ୍ନ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ପରିଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବୈତରଣୀ ସେତୁ ବିପଦ ଟଳୁନି

ଆନନ୍ଦପୁର, ୧୦।୭(ସ୍ୱ.ପ୍ର.)

ଆନନ୍ଦପୁର ବୈତରଣୀ ସେତୁ ପ୍ରତି ବିପଦ ଟଳିବାର ନାଁ ଧରୁନି। ବର୍ଷକ ତଳେ ଏକ ପିଲାରରୁ ବିୟରିଂ ଖସି ବିପଦ ସୃଷ୍ଟି ହୋଇଥିବାବେଳେ ଜୁନ୍ ମାସ ୧୨ ତାରିଖ ମରାମତି କାର୍ଯ୍ୟ କରାଯାଇଥିଲା। ହେଲେ ଏବେ ବାଲି ମାଫିଆଙ୍କ ପାଇଁ ସେତୁ ଉପରେ ପୁଣି ବିପଦ ମାଡି ଆସିଛି। ସେତୁର ମରାମତି ସମୟରେ ନଦୀ ଗର୍ଭକୁ ହୋଇଥିବା ଅସ୍ଥାୟୀ ରାସ୍ତାର ସୁଯୋଗ ନେଇ ବାଲି ମାଫିଆମାନେ ସେତୁର ଖୁମ୍ବର ଅତି ନିକଟରୁ ବାଲି ଉଠାଣ ସେତୁ ପାଇଁ ବିପଦ ସୃଷ୍ଟି କରିଛି।

ଖୁମ୍ବ ଗୁଡିକର ଅତି ନିକଟରୁ ବାଲି ଉଠାଣ କରି ଖାଲ ସୃଷ୍ଟି କରାଯାଉଥିବାରୁ ସେତୁ ଉପରେ ବିପଦ ମାଡିଆସିଛି। ଏଠାରୁ ବେଆଇନ୍ ଭାବେ ବେଧଡକ ବାଲି ଉଠାଣ ଚାଲୁଥିଲେ ସୁଦ୍ଧା ପ୍ରଶାସନର ନିଦ ଭାଙ୍ଗୁ ନାହିଁ। ସେତୁର ଠିକ୍ ଆରମ୍ଭ ତଥା ରିଙ୍ଗ ରୋଡ ଛକ ଠାରେ ଆନନ୍ଦପୁର ପୋଲିସ ଦ୍ୱାରା ପାଟ୍ରୋଲିଂର ବ୍ୟବସ୍ଥା ଚାଲୁଥିବାବେଳେ



ବୈତରଣୀ ସେତୁ ନିକଟରୁ ବାଲି ଚାଲାଣ ହେଉଛି।

■ ହେଉଛି ବେଧଡ଼କ ବାଲି ଉଠାଣ
■ ପ୍ରଶାସନ ନୀରବଦ୍ରଷ୍ଟା

ମାତ୍ର ଶହେ ମିଟର ଦୂରରୁ ବାଲି ଉଠାଣ ପୋଲିସ ପାଇଁ ଏହା ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅନ୍ଧାରର ସୁଯୋଗରେ ଏହି ଚୋରା ବାଲି ଚାଲାଣ ନିୟମିତ ଚାଲୁଥିବାବେଳେ ଏହାକୁ ରୋକିବା ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ଦେଉନାହିଁ। ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନଦୀ ଗର୍ଭରେ ଅସ୍ଥାୟୀ ରାସ୍ତାକୁ ଖୁବ୍ ଶୀଘ୍ର ହଟାଯିବ ବୋଲି ପୂର୍ତ୍ତ ବିଭାଗ ସହକାରୀ ଅଧିକାରୀ ସମୀର ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ କହିଛନ୍ତି ଯେ, ବାଲି ଚୋରା ଚାଲାଣକୁ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି।